୧୯୩୦-୨୦୧୮

ଅଠାଅଶି ବର୍ଷର ଅଭିଯାତ୍ରା

ସାପ୍ତାହିକ

ନବୀନ

ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର ଜନ୍ମ ଶତବାର୍ଷିକୀ ବିଶେଷାଙ୍କ-୨୦୧୮

ଆୟୋଜକ : ସାପ୍ତାହିକ ନବୀନ, ନବୀନ ଭବନ, ବ୍ରହ୍ମପୁର

Source: KC Dash, Digitized by PPRACHIN, SOA

ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର

ଜନ୍ମ ଶତବାର୍ଷିକୀ ବିଶେଷାଙ୍କ-୨୦୧୮

ଆବିର୍ଭାବ : ୧୬ ଜୁନ ୧୯୧୭

ତିରୋଧାନ : ୮ ଏପ୍ରିଲ ୧୯୮୪

୧୩ ମଇ ୨୦୧୮

ଆୟୋଜକ : ସାପ୍ତାହିକ 'ନବୀନ', ନବୀନ ଭବନ, ବ୍ରହ୍ମପୁର-୭୬୦୦୧୦

ସମ୍ପାଦକ : ରବି ରଥ

Source: KC Dash, Digitized by PPRACHIN, SOA

ସୂଚିପତ୍ର

୧. ଶ୍ରୀହର୍ଷ ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ		୧୯
୨. ଶ୍ରୀହର୍ଷଥିଲେ ଅସାଧାରଣ	ଡ. ହରେକୃଷ୍ଣ ମହତାବ	୨୦
୩. ସ୍ମୃତିଚାରଣ	ବାମନ ଚରଣ ମିଶ୍ର	୨୧
୪. ଶ୍ରୀହର୍ଷ ମିଶ୍ର-ନିଷ୍ଠା ଓ ସାଧନାର ପ୍ରତୀକ	ଚନ୍ଦ୍ରଶେଖର ମହାପାତ୍ର	୨୨
୫. ବନ୍ଧୁ ଶ୍ରୀହର୍ଷ ମିଶ୍ର	ବଳରାମ ମହାନ୍ତି	୨୩
୬. ସଂଗ୍ରାମୀ ସାଥୀ ଶ୍ରୀହର୍ଷବାବୁ	ପଣ୍ଡିତ ଭୀମସେନ ପାଠୀଶର୍ମା	୨୫
୭. ନୈଷ୍ଠିକ ଓ ଦରଦୀ	ଅଧ୍ୟାପକ ମଧୁସୂଦନ ଦାସ	୨୭
୮. କାହାନ୍ତି ଶ୍ରୀହର୍ଷ ମିଶ୍ରେ ?	ସତ୍ୟନାରାୟଣ ପଟ୍ଟନାୟକ	୨୯
୯. ପଶ୍ଚିମ ଦିଗନ୍ତର ଅସ୍ତମିତ ସୂର୍ଯ୍ୟ	ସିମ୍ସନ୍ ବେହେରା	୩୧
୧୦. ସେ ତ ସେହିଦିନ ଯାଇଥାନ୍ତେ	ଯୁଗଳ କିଶୋର ପାଣିଗ୍ରାହୀ	୩୩
୧୧. ଶ୍ରୀହର୍ଷବାବୁଙ୍କ ବିୟୋଗରେ	ବଳରାମ ପାଇକରାୟ	୩୫
୧୨. ମିଶ୍ରଙ୍କ ସ୍ମରଣେ !	ବିଶ୍ୱମ୍ଭର ବେହେରା	୩୬
୧୩. ଶ୍ରୀହର୍ଷ ମିଶ୍ରଙ୍କ 'ପଶ୍ଚିମ ଦିଗନ୍ତ'	ରାଜେନ୍ଦ୍ର ପ୍ରସାଦ ଷଡଙ୍ଗୀ	୩୮
୧୪. ଭକ୍ତିପୂତ ଶ୍ରଦ୍ଧାଞ୍ଜଳି	ପ୍ରମୋଦ କୁମାର ପଣ୍ଡା	୪୧
୧୫. ଏକ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଶ୍ରୀହର୍ଷ ମିଶ୍ର	ଡ. ବିଷ୍ଣୁଚରଣ ଚୌଧୁରୀ	୪୨
୧୬. ଶ୍ରୀହର୍ଷ ମିଶ୍ରଙ୍କ ବିଦେଶ ଭ୍ରମଣ	ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ	୪୪
୧୭. ସାମ୍ବାଦିକତାର ଅନନ୍ୟ ପ୍ରତିଭୂ	ଶ୍ରୀହର୍ଷ ମିଶ୍ର ନିର୍ମଳ ମିଶ୍ର	୪୭
୧୮. ତରୁଣ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର	ଡ଼ା. ଚନ୍ଦ୍ରମଣି ସ୍ୱାଇଁ	୫୦
୧୯. ସଂଗ୍ରାମୀ ସୁପୁରୁଷ ଶ୍ରୀହର୍ଷ ସ୍ମରଣେ	କୃଷ୍ଣଚନ୍ଦ୍ର ତ୍ରିପାଠୀ	୫୨
୨୦. ଅବିସ୍ମରଣୀୟ ଶ୍ରୀହର୍ଷ ମିଶ୍ର	କୈଳାସ ଚନ୍ଦ୍ର ଦାଶ	୫୩
୨୧. ବକିଂହମ୍ ରାଜପ୍ରାସାଦ ଓ ଛାମୁଣ୍ଡା ବ୍ରାହ୍ମଣ ପୁତ୍ର	ଇଂ ମାନସ ରଂଜନ ତ୍ରିପାଠୀ	୫୬
୨୨. ମାର୍ଗଦର୍ଶକ ଶ୍ରୀହର୍ଷ ମିଶ୍ର	ନବୀନାନନ୍ଦ ଗନ୍ତାୟତ	୫୮
୨୩. ସ୍ୱାଧୀନଚେତା ଶ୍ରୀହର୍ଷ ମିଶ୍ର	ଡ. ବିମଳ ପ୍ରସାଦ ପଟ୍ଟନାୟକ	୬୦
୨୪. ଶ୍ରୀହର୍ଷମିଶ୍ରଙ୍କ ସୃଷ୍ଟିଥିଲା ଅଲୌକିକ ଓ ଜୀବନ ଅବିନଶ୍ୱର	ଉମାଶଙ୍କର ପ୍ରସାଦ	୬୩
୨୫. ନିଷ୍କାମ କର୍ମଯୋଗୀ	ଡ. ମୃଣାଳ ଚାଟାର୍ଜୀ	୬୫
26. Shreeharsa Mishra: A Freedom Fighter	Dr. P.C. Mohanty	66

Source: KC Dash, Digitized by PPRACHIN, SOA

एन. युवराज, भा. प्र. से.
N. YUVARAJ, IAS

सत्यमेव जयते

भारत के उप-राष्ट्रपति के निजी सचिव
PRIVATE SECRETARY
TO THE VICE-PRESIDENT OF INDIA
नई दिल्ली/NEW DELHI - 110011
TEL. : 23016344 / 23016422 FAX : 23018124
ps-vps@nic.in

MESSAGE

The Hon'ble Vice President of India is happy to know that Odia Weekly 'The Nabeen' is organizing the year 2017-18 as Birth Centenary Year of Late Shri Sriharsha Mishra - freedom fighter, social worker and journalist of Odisha.

The Vice President extends his greetings and congratulation to the organizers and the participants and wishes the event all success.

11/3/2018

(N. YUVARAJ)

Source: KC Dash, Digitized by PPRACHIN, SOA

प्रो. पी. जे. कुरियन
Prof. P. J. Kurien

उप सभापति, राज्य सभा
Deputy Chairman, Rajya Sabha

31, संसद भवन, नई दिल्ली
31, Parliament House, New Delhi
दूरभाष / Tel. 23017371, 23034689
फैक्स / Fax: 23012559

8th March, 2018

MESSAGE

I am extremely pleased to learn that 'The NabeerV (Odia Weekly) is observing the year 2017-18 as the Birth Centenary Year of Late Shri Sriharsha Mishra, a renowned Freedom Fighter, Social Worker and eminent Journalist.

Late Shri Sriharsha Mishra was a disciplined soldier of our freedom struggle who, responding to the clarion call of Mahatma Gandhi, joined the freedom struggle at the tender age of 13. He was a staunch follower of Mahatma Gandhi and practiced Satyagraha and Ahimsa in letter and spirit. Me was also a prolific writer and served the country in various capacities and different ways.

I take this opportunity to convey my best wishes to the organizers of the Birth Centenary Celebrations of freedom fighter Late Shri Sriharsha Mishra, for successful completion of the celebrations.

(Prof. P.J. Kurien)

Source: KC Dash, Digitized by PPRACHIN, SOA

ଦୂରଭାଷ
କାର୍ଯ୍ୟାଳୟ : ୦୬୭୪-୨୫୩୬୮୬୦
ପି.ଏ.ବି.ଏକ୍ସ : ୨୧୭୭
ଆବାସିକ : ୦୬୭୪-୨୫୩୨୨୩୭

ସଂଖ୍ୟା ..../ମପୂଇଖ

ଭୁବନେଶ୍ୱର

ତାରିଖ ୧୦-୫-୨୦୧୮

ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ
ମନ୍ତ୍ରୀ
ପୂର୍ତ୍ତ, ଇସ୍ପାତ ଓ ଖଣି
ଓଡ଼ିଶା

ବାର୍ତ୍ତା

ଶ୍ରୀହର୍ଷ ମିଶ୍ର ଜନ୍ମ ଶତବାର୍ଷିକୀ ପାଳନ ସମିତି ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ୨୦୧୭ ଜୁନ ୧୬ରୁ ୨୦୧୮ ଅପ୍ରେଲ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏବଂ ଏହି ଅବସରରେ ମଇ ୧୩ ତାରିଖ ଦିନ ଏକ ସ୍ମରଣିକା ପ୍ରକାଶ ପାଉଥିବା ଆନନ୍ଦର ବିଷୟ ।

ଶ୍ରୀହର୍ଷ ମିଶ୍ର ଖୁବ କମ ବୟସରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ । ସମାଜର ଦଳିତ ଅବହେଳିତ ଜନତାଙ୍କ ଉତ୍‌ଥାନ ପାଇଁ ତାଙ୍କ ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଜି ସ୍ୱତନ୍ତ୍ର ପରିଚୟ ଦେଇଛି । ସାମ୍ବାଦିକତା, ସାହିତ୍ୟ ସାଧନା, ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକାରପୂର୍ବକ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଏକ ପ୍ରଶଂସନୀୟ ପ୍ରୟାସ । ଏପରି ପୂଜ୍ୟପୂଜାର ପରମ୍ପରା ଉତ୍ତରପିଢ଼ିକୁ ପୂର୍ବସୂରୀମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରିବ ବୋଲି ମୋର ଆଶା ।

ମୁଁ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମ ଓ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

(ପ୍ରଫୁଲ୍ଲ କୁମାର ମଲ୍ଲିକ)

Source: KC Dash, Digitized by PPRACHIN, SOA

ଦୂରଭାଷ
କାର୍ଯ୍ୟାଳୟ : (୦୬୭୪) ୨୫୩୬୯୫୨
ପି.ଏ.ବି.ଏକ୍ସ.: ୨୩୨-୨୧୭୩
ବିଧାନ ସଭା : (୦୬୭୪) ୨୩୯୨୩୦୭
E-mail . surjyapatro@rediffmail com

ସଂଖ୍ୟା........................../ମଖାଯୋଖାକସ

ଭୁବନେଶ୍ୱର

ତାରିଖ ୧୩.୦୩.୨୦୧୮

ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ
ସମବାୟ, ଓଡ଼ିଶା

ବାର୍ତ୍ତା

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ୨୦୧୭ ଜୁନ ୧୬ରୁ ୨୦୧୮ ଅପ୍ରେଲ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ତାଙ୍କ ଶ୍ରାଦ୍ଧଦିବସ ମଇ ୧୩ ତାରିଖରେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଶ୍ରୀହର୍ଷ ମିଶ୍ର ଜନ୍ମ ଶତବାର୍ଷିକୀ ପାଳନ ସମିତି ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, ସାହିତ୍ୟ ସାଧକ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ ଏକ ଅଭିନନ୍ଦନୀୟ ପ୍ରୟାସ । ଅହିଂସାରେ ବିଶ୍ୱାସ ରଖିଥିବା ଶ୍ରୀହର୍ଷ ମିଶ୍ର ଜାତୀୟ କଂଗ୍ରେସରେ ଯୋଗଦେଇ ମହାତ୍ମା ଗାନ୍ଧୀ, ଜବାହରଲାଲ, ସର୍ଦ୍ଦାର ପଟେଲଙ୍କ ପରି ମହାପୁରୁଷଙ୍କ ସଂସ୍ପର୍ଶରେ ଆସିଥିଲେ । ଏହା ତାଙ୍କ ଜୀବନର ଗତିପଥକୁ ଏକ ନୂତନ ମାର୍ଗ ପ୍ରଦାନ କରିଥିଲା । ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ କାରାବରଣ କରିଥିଲେ । ଆଶା, ସମାଜ, ପ୍ରଜାତନ୍ତ୍ର, ଜନଶକ୍ତି ଆଦି ସମ୍ବାଦପତ୍ରରେ ଉପ-ସମ୍ପାଦକ/ସମ୍ପାଦକ ଭାବରେ କାର୍ଯ୍ୟ କରିବା ସହ ସେ ସ୍ତମ୍ଭକାର ଭାବେ ଅନେକ ଖବରକାଗଜରେ କାର୍ଯ୍ୟ କରିଥିଲେ । ଜଣେ ସାହିତ୍ୟରସିକ ଭାବରେ ପଶ୍ଚିମ ଦିଗନ୍ତ, ବିପୁଳାଚ ପୃଥିବୀ, ସ୍ୱାଧୀନତାର ଜୟଯାତ୍ରା ଭଳି ପୁସ୍ତକ ରଚନା କରିଯାଇଛନ୍ତି । ସମାଜସେବା କ୍ଷେତ୍ରରେ ତାଙ୍କର ନିଷ୍ଠା ଓ ତ୍ୟାଗ ତାଙ୍କୁ ଚିର ଅମର କରି ରଖିବ । ଏପରି ଜଣେ ମହୀୟାନ ବ୍ୟକ୍ତିଙ୍କ ଜୀବନୀ ଉପରେ ଆଧାରିତ ଲେଖାରେ ସ୍ମରଣିକାଟି ରୁଦ୍ଧିମନ୍ତ ହୋଇ ଉତ୍ତରପିଢ଼ି ପାଇଁ ପ୍ରେରଣାଦାୟକ ହେବ ବୋଲି ମୋର ଆଶା ।

ମୁଁ ଆୟୋଜକମାନଙ୍କ ସାଧୁ ଉଦ୍ୟମର ପ୍ରଶଂସା କରିବା ସହିତ ସମସ୍ତ କାର୍ଯ୍ୟକ୍ରମ ଓ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

(ସୂର୍ଯ୍ୟନାରାୟଣ ପାତ୍ର)

Source: KC Dash, Digitized by PPRACHIN, SOA

ଦୂରଭାଷ
କାର୍ଯ୍ୟାଳୟ : (୦୬୭୪) ୨୫୩୬୯୩୦
୨୩୨୨୧୮୫
ବାସଗୃହ : ୨୫୩୬୭୯୫
ବିଧାନସଭା : ୨୫୩୯୦୨୪

ଅ.ସ.ପ.ନଂ. ....

ଭୁବନେଶ୍ୱର

ତାରିଖ..............................

ଶ୍ରୀ ବିକ୍ରମ କେଶରୀ ଆରୁଖ

ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ
ବ୍ୟାପାର, ସରକାରୀ ଉଦ୍ୟୋଗ, ଓଡ଼ିଶା

ବାର୍ତ୍ତା

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀହର୍ଷ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ୨୦୧୭ ଜୁନ୍ ୧୬ ତାରିଖ ଠାରୁ ୨୦୧୮ ଅପ୍ରେଲ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ସାପ୍ତାହିକୀ ସମ୍ବାଦପତ୍ର 'ନବୀନ' ଆନୁକୂଲ୍ୟରେ ପାଳନ କରାଯାଉଥିବା ଓ ମଇ ୧୩ ତାରିଖରେ ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ବ୍ରହ୍ମପୁର ଠାରେ ଏକ ରାଜ୍ୟସ୍ତରୀୟ ସ୍ମୃତିସଭା ଆୟୋଜିତ ହେଉଥିବା ଏବଂ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଶ୍ରୀହର୍ଷ ମିଶ୍ର ଥିଲେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ । ଗଞ୍ଜାମ ଜିଲ୍ଲାରେ ଭୂମିଷ୍ଠ ଏହି ଯୋଗଜନ୍ମା ସୁଯୋଗ୍ୟ ବରପୁତ୍ର ଛୋଟବେଳୁ ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ମାର୍ଗରେ ପଥଚାରଣ କରି ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମ ସହ ସାମ୍ବାଦିକତା, ସାହିତ୍ୟ ସାଧନା ଓ ସମାଜ ସେବାରେ ସେ ଥିଲେ ଆଜୀବନ ବ୍ରତୀ । ସମାଜ, ପ୍ରଜାତନ୍ତ୍ର, ଦୈନିକଆଶା ସମ୍ବାଦପତ୍ରର ସମ୍ପାଦନା ଦାୟିତ୍ୱକୁ ବହୁଦିନ ଧରି ତୁଲାଇ ଜଣେ ଆଦର୍ଶ ଓ ଉତ୍ତରଦାୟୀ ସମ୍ପାଦକ, ସତ୍ୟାନ୍ୱେଷୀ ଗ୍ରନ୍ଥକାର ଭାବେ ସେ ଅନନ୍ୟ ଦୃଷ୍ଟାନ୍ତ ଛାଡ଼ି ଯାଇଛନ୍ତି । ସ୍ୱାଧୀନତାର ଜୟଯାତ୍ରା, ଆଚାର୍ଯ୍ୟ କୃପାଳିନୀ, ପଶ୍ଚିମ ଦିଗନ୍ତ, ବିପୁଳାଚ ପୃଥିବୀ ଭଳି ଚମତ୍କାର ପୁସ୍ତକର ସେ ଥିଲେ ରଚୟିତା । ତାଙ୍କ ଜୀବନାଦର୍ଶ ଉପରେ ସ୍ମରଣିକାଟି ଆଲୋକପାତ କରିବ ଓ ବେଶ ଜନାଦୃତ ହେବ ବୋଲି ମୋର ଆଶା ।

ଶ୍ରୀହର୍ଷ ମିଶ୍ର ଜନ୍ମ ଶତବାର୍ଷିକୀ ପାଳନର ଉଦ୍ୟୋକ୍ତାମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସ୍ମରଣିକା ପ୍ରକାଶନର ସଫଳତା କାମନା କରୁଛି ।

(ବିକ୍ରମ କେଶରୀ ଆରୁଖ)

Source: KC Dash, Digitized by PPRACHIN, SOA

ଦୂରଭାଷ | କାର୍ଯ୍ୟାଳୟ : (୦୬୭୪) ୨୫୩୧୫୨୫
ଇ.ପି.ଏ.ବି.ଏକ୍ସ.: ୨୩୨-୩୦୭୭
ବାସଗୃହ : (୦୬୭୪) ୨୫୩୯୦୨୮

ସଂଖ୍ୟା ..../ମମଶିବିମିଶସାସୁଭିସଅକ୍ଷୁମଉ

ଭୁବନେଶ୍ୱର
ତାରିଖ ୨୬/୦୬/୧୮

ଶ୍ରୀ

ଶ୍ରୀ ପ୍ରଫୁଲ୍ଲ ସାମଲ

ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଣ୍ଡୁ,
କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

ବାର୍ତ୍ତା

ଶ୍ରୀହର୍ଷ ମିଶ୍ର ଜନ୍ମଶତବାର୍ଷିକୀ ପାଳନ ସମିତି ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ୨୦୧୭ ଜୁନ ୧୬ରୁ ୨୦୧୮ ଅପ୍ରେଲ ୮ ତାରିଖ ଦିନ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏବଂ ଏହି ଅବସରରେ ମଇ ୧୩ ତାରିଖରେ ତାଙ୍କ ଶ୍ରାଦ୍ଧ ଦିବସ ଦିନ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର ଏକାଧାରରେ ସମାଜସେବୀ, ସାରସ୍ୱତ ସାଧକ, ସ୍ତମ୍ଭକାର, ସାମ୍ବାଦିକ ଭାବରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ଗଞ୍ଜାମ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଯୋଗଦାନ କରି ସେ କାରାବରଣ କରିଥିଲେ । ବିଭିନ୍ନ ସମ୍ବାଦପତ୍ରରେ ସମ୍ପାଦକ/ସହ ସମ୍ପାଦକ ଭାବରେ ଜଡ଼ିତ ରହି ସେ ଜନଜାଗରଣ ଓ ସାମାଜିକ ସମସ୍ୟାର ସମାଧାନ ପାଇଁ ସତତ ଚେଷ୍ଟିତ ଥିଲେ । ଅନେକ ସାହିତ୍ୟ ସୃଷ୍ଟି କରି ସେ ଓଡ଼ିଶାର ସାରସ୍ୱତ କ୍ଷେତ୍ରକୁ ସମୃଦ୍ଧ କରିଛନ୍ତି । ତାଙ୍କ ରଚିତ ପୁସ୍ତକ 'ବିପୁଳା ଚ ପୃଥିବୀ' ଶାନ୍ତି ନିକେତନର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମରେ ସ୍ଥାନ ପାଇବା ତାଙ୍କ ସାହିତ୍ୟ ପ୍ରତିଭାର ଜ୍ୱଳନ୍ତ ନିଦର୍ଶନ ।

ମୁଁ ଆୟୋଜକମାନଙ୍କ ଏତାଦୃଶ ପ୍ରୟାସକୁ ସାଧୁବାଦ ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମ ଓ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

(ପ୍ରଫୁଲ୍ଲ ସାମଲ)

Source: KC Dash, Digitized by PPRACHIN, SOA

ଦୂରଭାଷ { କାର୍ଯ୍ୟାଳୟ : ୦୬୭୪-୨୫୩୬୯୩୧
ଆବାସିକ : ୦୬୭୪-୨୫୦୮୫୬୯

ସଂଖ୍ୟା ..../ମସ୍ୱାଓପକ,ଆ

ଭୁବନେଶ୍ୱର

ତାରିଖ ..୧୪|୩|୧୮.......

ପ୍ରତାପ ଜେନା
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ
ଓଡ଼ିଶା

ବାର୍ତ୍ତା

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କର ଜନ୍ମ ଶତବାର୍ଷିକୀ ୨୦୧୭ ଜୁନ ୧୬ରୁ ୨୦୧୮ ଅପ୍ରେଲ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଅବସରରେ ମଇ ୧୩ ତାରିଖରେ ତାଙ୍କ ପୁଣ୍ୟତିଥି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଆନନ୍ଦରବିଷୟ ।

ଗଞ୍ଜାମ ଜିଲ୍ଲାରେ ଜନ୍ମିତ ଶ୍ରୀହର୍ଷ ମିଶ୍ର ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଖୁବ୍ କମ ବୟସର କାରାବରଣ କରିବା ସହିତ ମହାତ୍ମା ଗାନ୍ଧୀଙ୍କ ଅହିଂସା ମାଗରେ ପରିଚାଳିତ ହୋଇ ସମାଜର ଦଳିତ ଓ ଅବହେଳିତ ଲୋକମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆଜୀବନ ପ୍ରଚେଷ୍ଟା ଜାରି ରଖିଥିଲେ । ଜଣେ ସମାଜସେବୀ, ସାମ୍ବାଦିକ, ସ୍ତମ୍ଭକାର, ସାହିତ୍ୟସାଧକ ଭାବରେ ସେ ତାଙ୍କର କୃତି ଓ କୀର୍ତ୍ତି ପାଇଁ ଚିର ଅମର ରହିବେ । ଦୈନିକଆଶା, ସମାଜ, ପ୍ରଜାତନ୍ତ୍ର ଭଳି ସମ୍ବାଦପତ୍ରରେ ସେ ସମ୍ପାଦକ ଭାବରେ କାର୍ଯ୍ୟ କରି ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି । ପଶ୍ଚିମ ଦିଗନ୍ତ, ବିପ୍ଳୁତାଚ ପୃଥିବୀ, ସ୍ୱାଧୀନତାର ଜୟଯାତ୍ରା, ଆଚାର୍ଯ୍ୟ କୃପାଳିନୀ ଭଳି କାଳଜୟୀ ପୁସ୍ତକ ରଚନା କରି ସେ ଓଡ଼ିଶାର ସାରସ୍ୱତ ଜଗତକୁ ସମୃଦ୍ଧ କରିବା ସହ ପାଠକ ମହଲରେ ବେଶ ଆଦୃତି ଅର୍ଜନ କରିପାରିଛନ୍ତି । ସ୍ମରଣିକାଟି ତାଙ୍କ ଜୀବନୀ ଓ ଆଦର୍ଶ ସମ୍ବଳିତ ଲେଖାରେ ସମୃଦ୍ଧ ହୋଇ ଉତ୍ତରପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ମୋର ଆଶା ।

ମୁଁ ଶ୍ରୀହର୍ଷ ମିଶ୍ର ଜନ୍ମ ଶତବାର୍ଷିକୀ ପାଳନ ସମିତିର କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମ ଓ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

ପ୍ରତାପ ଜେନା
(ପ୍ରତାପ ଜେନା)

Source: KC Dash, Digitized by PPRACHIN, SOA

ଦୂରଭାଷ | କାର୍ଯ୍ୟାଳୟ : ୦୬୭୪-୨୫୩୬୯୬୨
ଇ.ପି.ଏ.ବି.ଏକ୍ସ. : ୨୩୨-୨୧୭୮
ଆବାସିକ : ୦୬୭୪-୨୩୯୬୨୩୨

ସଂଖ୍ୟା ..../ମରାଓବିପ୍ର

ଭୁବନେଶ୍ୱର

ତାରିଖ ....

ଶ୍ରୀ ମହେଶ୍ୱର ମହାନ୍ତି

ମନ୍ତ୍ରୀ
ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ
ଓଡ଼ିଶା

ବାର୍ତ୍ତା

ଶ୍ରୀହର୍ଷ ମିଶ୍ର ଜନ୍ମଶତବାର୍ଷିକୀ ପାଳନ ସମିତି ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଓ ଖ୍ୟାତନାମା ସାମ୍ବାଦିକ ସ୍ୱର୍ଗତ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ କରାଯାଉଥିବା ଓ ଏହି ଉପଲକ୍ଷେ ସ୍ମରଣିକା ପ୍ରକାଶ ପାଉଥିବାରୁ ମୁଁ ବିଶେଷ ଆନନ୍ଦିତ ।

ମହାତ୍ମା ଗାନ୍ଧୀଙ୍କ ଡ଼ାକରାରେ ମାତ୍ର ୧୩ ବର୍ଷ ବୟସରେ ବାନର ସେନାର ଯୋଗଦେଇ ଶ୍ରୀହର୍ଷ ମିଶ୍ର ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ପ୍ରକଟ କରି ଯାଇଛନ୍ତି । ଆଇନ ଅମାନ୍ୟ ଆନ୍ଦୋଳନର ବାର୍ତ୍ତା ଗଞ୍ଜାମ ଜିଲ୍ଲାର ଘରେ ଘରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶ୍ରୀହର୍ଷ ମିଶ୍ରଙ୍କୁ ଦୀର୍ଘକାଳ କାରାବରଣ କରିବାକୁ ପଡ଼ିଥିଲା । ବନ୍ଦୀ ଜୀବନ ସମୟରେ ଇଂରାଜୀ, ହିନ୍ଦୀ, ତେଲୁଗୁ, ବଙ୍ଗଳା ଓ ସଂସ୍କୃତ ଆଦି ଭାଷା ଶିକ୍ଷା କରିବା ସହିତ ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ ସେ ଅନେକ ସାରସ୍ୱତ କୃତି ଛାଡ଼ି ଯାଇଛନ୍ତି । ପରେ ସୁବାଷେ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଫରୱାର୍ଡ ବ୍ଲକରେ ସାମିଲ ହୋଇଥିଲେ । ଆଶା, ସମାଜ, ପ୍ରଜାତନ୍ତ୍ର ପରି ପ୍ରମୁଖ ସମ୍ବାଦପତ୍ରରେ ସମ୍ପାଦକ ରୂପେ କାର୍ଯ୍ୟ କରି ସେ ଯୁବପିଢ଼ି ପାଇଁ ତାଙ୍କର ଅଲିଭା ସ୍ୱାକ୍ଷର ଛାଡ଼ିଯାଇଛନ୍ତି । ତାଙ୍କର ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ସାଧୁତା ପାଇଁ ସେ ସର୍ବଦା ଜନମାନସରେ ଅମର ହୋଇ ରହିବେ ।

ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ମୁଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଉତ୍ସବର ସର୍ବସଫଳତା କାମନା କରୁଛି ।

(ମହେଶ୍ୱର ମହାନ୍ତି)

Source: KC Dash, Digitized by PPRACHIN, SOA

Phone
Office : (0674)-2536926
EPBX (0674)-232-2192
Res. : (0674)-2530683

D. O. L. No. 354 /MSTSC

BHUBANESWAR

Date 15.3.2018

SHRI RAMESH CHANDRA MAJHI
Minister (s) (Ind. Charge)
Commerce & Transport, Odisha

Message

It is *learnt* that on the occasion of Birth Centenary Celebration of the renowned freedom fighter, Late Sriharsha Mishra to be observed on 13 May, 2018 a Souvenir is going to be published to mark the occasion.

I wish successful observation of this Birth Centenary Celebration of Late *Sriharsha Mishra as* well as successful publication of the proposed Souvenir. By the *by, I am conveying* my heartiest homage to Late Sriharsha Mishra for his. patriotic *and dedicated* temperament, which would always inspire us.

(Ramesh Chandra Majhi)

Source: KC Dash, Digitized by PPRACHIN, SOA

Room No.-08,
Odisha Secretariat
Phone Office : (0674) 2396946
Mob. : 9437412877

D. O. No. ....211../MSPB

BHUBANESWAR
Dated ...23/02/18........

RAMA CHANDRA PANDA
MEMBER
STATE PLANNING BOARD
ODISHA

MESSAGE

Late Sriharsha Mishra, was a Pioneer of the freedom movement in Odisha from his School life. He worked selflessly for the cause of freedom of motherland. From his youth days he was associated with National leaders like Motilal Nehru, Jawaharlal Nehru, Sardar Ballavbhai Patel, Acharya Kripalani, Lalbahadur Shastri, Sarojini Naidu. During 1930 he also organized Salt Movement in Ganjam District. He was a writer and journalist.

He and other supporters of Netaji comprising Dibakar Patnaik and Jagannath Mishra and others had organized a rousing reception to Netaji when he visited Berhampur before he later escaped from India to organize freedom movement from Germany. Sriharsha Mishra also got associated with Netaji Subhash Chandra Bose had worked for establishing Military base Azad Hind Fauj at Gopalpur in 1938.

After independence, he joined as Sub-Editor of the newspaper namely 'The Samaj' and later the Editor of newspaper like the Kalinga. established by Biju Babu and Janashakti. In the year 1967 he joined as Editor of 'Prajatantra' odia daily newspaper and then he joined as Editor of Odia daily newspaper 'Dainika Asha'.-During Emergency, as Editor Prajatantra he boycotted Editorials in protest against imposition of Emergency.

It is a matter of pride that his birth centenary celebration is being organized by 'The Nabeen' at Berhampur which was epi Centre of activities of the Late leader during the freedom struggle.

(Rama Chandra Panda)

Source: KC Dash, Digitized by PPRACHIN, SOA

ଭାରତୀୟ ଜନତା ପାର୍ଟି, ଓଡ଼ିଶା

BHARATIYA JANATA PARTY, ODISHA

Letter No: LD160/18 Date: 16/03/2018

Basanta Kumar Panda

Message

I am delighted to know that Late Sriharsha Mishra is being remembered by us on completion of 100 years of his birthday. I express my heartfelt thanks to the Celebration Committee for this noble work.

Sriharsha Mishra is a known figure in the field of journalism in our state. With his background as a young freedom fighter Sri Mishra learnt the lesson of hard life during his struggle in the pre-independence period and this lesson made him a literary person in later days. His contribution to Odia newspapers such as Asha, Samaj, Niakhunta, Kalinga and Jansakti are written in golden letters.

His writings are immortal and will inspire the present generation as well as the future generations too. Odia people will always remember him. I bend my head at his feet and pray his noble soul to guide us for alround growth of our state.

Om Shanti, Om Shanti, Om Shanti

Yours faithfully,

(Basanta Kumar Panda)
MLA, Nuapada,
State President,
BJP, Odisha.

Source: KC Dash, Digitized by PPRACHIN, SOA

Phone (0680) - 2281456 (O)
2292755 (R)
- 2292750 (F)
Mobile : 94371 83200
e-mail : rdcbmp@nic.in

No...

Date......................................

T. Ao, IAS
Revenue Divisional Commissioner
Southern Division, Odisha, Berhampur

MESSAGE

I am extremely happy to know that a souvenir is going to be published on the occasion of Birth Centenary celebrations of freedom fighter late Sriharsha Mishraon 13.5.2018.

I convey my best wishes for all success of the publication of the souvenir.

Revenue Divisional Commissioner,
Southern Division, Berhampur

Source: KC Dash, Digitized by PPRACHIN, SOA

Tel (O) 0680-2292000
Res : 0680-2292001
Fax : 0680-2296000
(M) +91 99374 10000
CUG +91 94389 15991
email : digsr.orpol@nic.in

D.O. No 144/Con(Sec).

Date 24.04.2018

Ashish Kumar Singh, IPS
Dy. Inspector General Police
Southern Range
Berhampur-760004, Odisha

Message

Shreeharsha Mishra was a veteran freedom fighter, having origin from Ganjam district and sewed whole life for the country. Dumins freedom movement he sentenced for imprisonment in 14th January 1931.Sri Mishra has got the chance to work with all veteran leaders of writer like pandit motial Nehuru, Jawaharal Nehru, Sardar Ballabhai Patel, Lalbahadur Shastri, Sarojini Naidu, Mahatma Gandhi etc.

Sriharsa Mishra was a prolific writer, visited variom countries like England, Bahrain, Iran, Italy, France etc. Out of vast experience he wrote two revolutionary looks named 'Pashima Diganta' and 'Bipulacha Prithvi' is now a course plece for PG students of Vishwabharati, Shantiviketam.

Sriharsha babu also evolved as editor of Three famous Odia daily news paper, like Samaj, Prajatantra, DainkAsha. He started his carrer in 'Asha' weekly of Sasibhusan Rath in 1913 from Berhampur and end his life as an editor of 'Dainik Asha' on 8 April 1984. However 'Nebeen' the primmer weekly of odisha has initiated birth Country of such a patriot of Odisha is praise wrothly. I wish all success of this program & publish a special issue on birth centenary of Sriharsha Mishra.

(Ashish Kumar Singh)
DIG of Police,
Southern Range, Brahmapur

Source: KC Dash, Digitized by PPRACHIN, SOA

Prem Chandra Chaudhary, IAS
Collector & District Magistrate,
Ganjam, Chatrapur

06811 263700(O),
06811 263800(R),
(FAX) No. 06811 263344(F),
e-Mail ID : dm-ganjam@nic.in

MESSAGE

It gives me immense pleasure to know that 'The Nabeen' (Odia Weekly) is observing the Birth Centenary Celebration of Great Freedom Fighter & Journalist Late Sriharsha Mishra in Berhampur to commemorate the life and times of this great son of Odisha on 13th May 2018.

Late Sriharsha Mishra is a household name in every nook and corner of Ganjam District owing to his exemplary contribution towards the freedom movement of India. From the age of 13 years, he dedicated his life towards the service of the nation. He was imprisoned several times by the Britishersowing to his great organizational acumen and excellent oratory which helped in strengthening the freedom movement in the grassroots level in Odisha. He worked in close quarters with Mahatma Gandhi, Jawaharlal Nehru, SardarVallabhai Patel, Subhash Chandra Bose, LalBahadurShastri and other great leaders of the Indian National Movement.

Late Sriharsha Mishra was a genius in literature which is evident from his pieces of work namely - BipulachPruthibi, PaschimaDiganta, SwadhinataraJayajatra and others which are considered as pathbreaking works in Odia Literature. He also worked as the Editor of pioneer Odia Newspapers like 'DainikAsha', 'Prajatantra', 'Samaj' and left an indelible impression in the minds of people.

I convey my heartfelt greetings to the Sriharsha Mishra Birth Centenary Celebration Committee for taking up the cause of honoring this legend on his Birth Centenary Year and extend my best wishes for the success of the event.

(Prem Chandra Chaudhary)
Collector, Ganjam.

Source: KC Dash, Digitized by PPRACHIN, SOA

Prof. S. Pasupalak
VICE CHANCELLOR

Visit us at: ouat.nic.in
Tel : (0674)2397700 (O), 2561606 (R)
FAX : 0674-2397780
Email: vcouat@gmail.com
ORISSA UNIVERSITY OF AGRICULTURE & TECHNOLOGY (OUAT)
BHUBANESWAR-751003, ODISHA

Dated the 3rd March, 2018

MESSAGE

I am glad to know that the Odia weekly "The Nabeen" is going to publish a Souvenir on the occasion of Birth Centenary of Late Shreeharsa Mishra; a noted freedom fighter, journalist and writer of Odisha. He had contributed immensely for the cause of freedom movement in India. I hope, this will be a valuable document to display the contributions and accomplishments of Late Shreeharsa Mishra.

I wish this publication all success.

3/3/18
(S. Pasupalak)

Source: KC Dash, Digitized by PPRACHIN, SOA

ସମ୍ପାଦକୀୟ ....

ଯୁଗପୁରୁଷ , ସଂଗ୍ରାମୀ ଓ ସାମ୍ବାଦିକ ଶ୍ରୀହର୍ଷ ମିଶ୍ର

ଶ୍ରୀହର୍ଷ ବାବୁଙ୍କୁ ନ ଜାଣେ କିଏ ? ୧୯୩୮ ମସିହାରୁ ୧୯୮୪ ପର୍ଯ୍ୟନ୍ତ ଦୀର୍ଘ ୪୭ ବର୍ଷ ଧରି ଓଡ଼ିଶାର ପ୍ରଧାନ ଦୈନିକ ଖବରକାଗଜ ଗୁଡ଼ିକର ସମ୍ପାଦକ ରୂପେ ଅଗଣିତ ପାଠକ ମାନଙ୍କ ନିକଟରେ ସେ ସୁପରିଚିତ । ପାଠକଙ୍କ ବିଚାରରେ ଏକଦା ସମାଜ ଓ ପ୍ରଜାତନ୍ତ୍ର କହିଲେ ଶ୍ରୀହର୍ଷ ବାବୁଙ୍କୁ ହିଁ ବୁଝାଉଥିଲା । ପ୍ରତ୍ୟେକ ପାଠକ କହନ୍ତି, ଓ! ଶ୍ରୀହର୍ଷ ବାବୁ ଯିଏ ସମାଜର ସମ୍ପାଦକ ପ୍ରଜାତନ୍ତ୍ରର ସମ୍ପାଦକ । ୧୯୩୮ ମସିହାରେ ଆଶାରେ ଆରମ୍ଭ ହୋଇଥିଲା ତାଙ୍କର ସାମ୍ବାଦିକ ଜୀବନ-ଏବଂ ଯବନିକା ମଧ ପଡ଼ିଲା ସେଇ ଆଶାର ସମ୍ପାଦକ ଭାବରେ । ଭଞ୍ଜଭୂମି ଗଞ୍ଜାମର ଜନ୍ମମାଟିରେ ଜନ୍ମ ପୁଣି ଏଇ ମାଟିରେ ବିଲୀନ ହୋଇଗଲେ । ଶ୍ରୀହର୍ଷ ବାବୁ ଏକାଧାରରେ ଥିଲେ ଭାରତ ବର୍ଷର ଜଣେ ଅପ୍ରତିଦ୍ୱନ୍ଦୀ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ସାମ୍ବାଦିକ ଓ ଓଡ଼ିଆ ଭାଷାର ଜଣେ ସୁସାହିତ୍ୟିକ । ଜୁନ ମାସ ୧୬, ୧୯୧୭ରେ ଗଞ୍ଜାମ ଜିଲା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ନିକଟବର୍ତ୍ତୀ ଛାମୁଣ୍ଡା ଗ୍ରାମରେ ସେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତା ରାମଚନ୍ଦ୍ର ମିଶ୍ର ଜଣେ ସ୍କୁଲ ଶିକ୍ଷକ ଥିଲେ। ମାତା ଜେମା ଦେବୀ । ଅଜା ଥିଲେ ପୋଲସରା ନିକଟବର୍ତ୍ତୀ ଲୁଣିଘାଟି ଗ୍ରାମବାସିନ୍ଦା ରାମଚନ୍ଦ୍ର ନନ୍ଦ । ନିଜର ଓ ମାମୁଁ ଘର ପରିବାରର ଅବସ୍ଥା ସ୍ୱଚ୍ଛଳ ନଥିଲେ ମଧ ମାମୁଁ ଘର ଦ୍ୱାରା ଲାଳନ ପାଳନ ହୋଇଥିଲେ । ରାମଚନ୍ଦ୍ର ମିଶ୍ରଙ୍କର ମୃତ୍ୟୁ ପରେ ବୋଉଙ୍କ ସହିତ ଲୁଣିଘାଟି ଚାଲି ଆସିଲେ ଏବଂ ଅଜାଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଆରମ୍ଭ କଲେ । ପୋଲସରା ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ତା ପରେ ପାରଳାଖେମୁଣ୍ଡି ନିକଟବର୍ତ୍ତୀ ଚାଙ୍ଗୁଡ଼ି ଗ୍ରାମରେ ନାମ ଲେଖାଇଲେ । କିନ୍ତୁ ଦେଶରେ ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନକୁ ଏଡ଼ାଇନପାରି ଶୈଶବାବସ୍ଥାରେ ସେ ସଂଗ୍ରାମର ନିଆଁରେ ଝାସ ଦେଲେ । ଆସ୍କାର ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ସଂଗଠନରେ ବ୍ରହ୍ମପୁରରେ ଯୋଗଦେଲେ । ୧୯୩୦ ମସିହା ଜୁନ ମାସରେ ହୁମା ଲୁଣ ଗୋଦାମରେ ଚଢ଼ାଉ ଅଭିଯୋଗରେ ସେ ଗିରଫ ହେଲେ ଏବଂ ମାନ୍ଦ୍ରାଜର ଚିଙ୍ଗଲପେଟସ୍ଥିତ ରିଫର୍ମେଟରୀ ଜେଲରେ ବନ୍ଦୀ ଜୀବନ କଟାଇଲେ । ୧୯୩୦ ଠାରୁ ଡିସେମ୍ବର ୧୯୪୫ ପର୍ଯ୍ୟନ୍ତ ୧୫ ବର୍ଷ ଭିତରେ ସେ ପ୍ରାୟ ୬ ବର୍ଷ ଜେଲ ଭିତରେ କଟାଇଛନ୍ତି । ବ୍ରହ୍ମପୁର, କଟକ, ପାଟନା ଓ କଲିକତାର ଦମ୍‌ଦମ୍ ସେଣ୍ଟ୍ରାଲ ଜେଲ ଥିଲା ତାଙ୍କ କାରାଗାର ଜୀବନର ଅସ୍ଥାୟୀ ବାସସ୍ଥଳୀ । ସ୍ୱାଧୀନତା ପରେ ମଧ କ୍ଷମତାରେ ରହିବା ପାଇଁ ତାଙ୍କର ଲାଳସା ନଥିଲା। କିମ୍ବା ସ୍ୱାଧୀନତା ସଂଗ୍ରାମୀ ହିସାବରେ ଅନ୍ୟମାନଙ୍କ ଭଳି କୌଣସି ସରକାରଙ୍କ ଠାରୁ ସେ ରାଜନୈତିକ ବା ଅର୍ଥନୈତିକ ଫାଇଦା ଉଠାଇ ନାହାନ୍ତି । ନିଜ ପାଇଁ ରାଜ୍ୟରେ କୌଣସି ସ୍ଥାନରେ ତାଙ୍କର ବାସଗୃହଟିଏ ନଥିଲା । ଖଦଡ଼ ଲୁଗାରୁ ଜୀବନ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଖଦଡ଼ ହିଁ ବ୍ୟବହାର କରୁଥିଲେ । ତମାଖୁ କିମ୍ବା ମଦ୍ୟପାନ ତାଙ୍କ ପାଇଁ ହେୟ ଓ ଘୃଣାର ବସ୍ତୁ ଥିଲେ । ତାଙ୍କ ଜୀବନ ଥିଲା ଅତି ମାତ୍ରାରେ ସରଳ ଓ ନିରାଡ଼ମ୍ବର ।

୧୯୪୮ ମସିହାରେ ଶ୍ରୀହର୍ଷ ବାବୁ ସମାଜର ସହ ସମ୍ପାଦକ ହେଲେ । ସେତେବେଳେ ଲିଙ୍ଗରାଜ ମିଶ୍ର ସମ୍ପାଦକ ଥିଲେ । ଲିଙ୍ଗରାଜ ମିଶ୍ରଙ୍କ ମୃତ୍ୟୁ ପରେ ଶ୍ରୀହର୍ଷବାବୁ ସମାଜର ସମ୍ପାଦକ ହେଲେ । ୧୯୬୪ ପର୍ଯ୍ୟନ୍ତ ରହିଲେ । ତା ପରେ ସେ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳିଙ୍ଗ, ବୀରେନ ମିତ୍ରଙ୍କର ଜନଶକ୍ତିରେ ସାମୟିକ ଭାବେ ଯୋଗଦେଲେ । ୧୯୬୭, ମାର୍ଚ୍ଚ ମାସରେ ଡ଼କ୍ଟର ହରେକୃଷ୍ଣ ମହତାବ ପ୍ରଜାତନ୍ତ୍ରର ସମ୍ପାଦକ ଭାବେ ନିଯୁକ୍ତି ଦେଲେ ଏବଂ ସେଠାରେ ଅକ୍ଟୋବର ୧୯୮୧ ମସିହା ପର୍ଯ୍ୟନ୍ତ ରହିଲେ । ବିଧିର ବିଧାନ ଶଶି ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶା ପତ୍ରିକାରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ୧୯୮୨ ଫେବ୍ରୁଆରୀ ୧୦ ତାରିଖରେ ଶ୍ରୀହର୍ଷ ବାବୁ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଦ୍ୱାରା ପୁନଃ ସଂସ୍ଥାପିତ ଦୈନିକଆଶାର ସମ୍ପାଦକ ଭାବେ ପୁଣି ଯୋଗଦେଇ ଖବରକାଗଜକୁ ସାରା ଓଡ଼ିଶାରେ ଲୋକପ୍ରିୟ କରାଇପାରିଥିଲେ । ୧୯୮୪ ମସିହା ଏପ୍ରିଲ ୮ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ସମ୍ପାଦକୀୟ ଲେଖାରେ ଶ୍ରୀହର୍ଷ ବାବୁ ଥିଲେ ନିର୍ଭୀକ ଓ ନିରପେକ୍ଷ । ସବୁବେଳେ ସେ ଗଠନମୂଳକ ସମାଲୋଚନା କରୁଥିଲେ ଏବଂ ଓଡ଼ିଶାର ପ୍ରତ୍ୟେକ ସଚେତନଶୀଳ ବ୍ୟକ୍ତି, ସରକାର ଓ ବୁଦ୍ଧିଜୀବୀଙ୍କୁ ସମାଜ ଗଠନରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରେରଣା ଦେଉଥିଲେ । ଭ୍ରମଣ ସାହିତ୍ୟ କ୍ଷେତ୍ରରେ ଶ୍ରୀହର୍ଷ ବାବୁ ଥିଲେ ଅଦ୍ୱିତୀୟ ସ୍ରଷ୍ଟା। ତାଙ୍କର ବିଦେଶ ଭ୍ରମଣ ଅନୁଭୂତି, ଐତିହାସିକ ଓ ଭୌଗୋଳିକ ତଥ୍ୟ ପରିବେଷଣ ତଥା ନିଖୁଣ ବର୍ଣ୍ଣନା ପଶ୍ଚିମ ଦିଗନ୍ତ ଓ ବିପୁଳଚ ପୃଥ୍ୱୀ ପୁସ୍ତକ ଦ୍ୱୟରେ ସୁସ୍ପଷ୍ଟ । ଅନ୍ୟାନ୍ୟ ସାହିତ୍ୟକୃତି ଭିତରେ ବ୍ରିଟିଶ ଶାସନର ଚକ୍ର ତଳେ, ସ୍ୱାଧୀନତାର ଜୟଯାତ୍ରା ଓ ଓଡ଼ିଆ ସାହିତ୍ୟରେ ସ୍ୱାଧୀନତାର ଚିତ୍ର ଅନ୍ୟତମ । ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ମଧ ହୋଇଥିଲେ । ତାଙ୍କର ସୃଷ୍ଟି ଅଲୌକିକ ଓ ଜୀବନ ଅବିନଶ୍ୱର । ନିଜର ମାତୃଭାଷା ବ୍ୟତୀତ ହିନ୍ଦୀ, ଇଂରାଜୀ ଓ ବଙ୍ଗଳା ଭାଷାର ତାଙ୍କର ଗଭୀର ପ୍ରବେଶ ଥିଲା । ବିଭିନ୍ନ ସମ୍ବାଦପତ୍ରରୁ ନିର୍ଯ୍ୟାସ କାଢ଼ି ତାହାର ସଦୁପଯୋଗ କରୁଥିଲେ । ସବୁଦିନେ ସବୁ ଭାଷାରେ ସମ୍ବାଦପତ୍ର ସେ ପଢୁଥିଲେ ।

ଏଭଳି ଜଣେ ବ୍ୟକ୍ତିତ୍ୱ ଓଡ଼ିଶା କାହିଁକି ଭାରତ ବର୍ଷରେ ବିରଳ । ଜୀବନରେ କସ୍ମିନ କାଳେ ସେ ସାଲିସ କରିନାହାନ୍ତି । ସମସ୍ତ ପ୍ରକାର ବାଧାବିଘ୍ନକୁ ଏଡ଼ାଇ ଦେଇ ନିଜ ଲକ୍ଷ୍ୟ ଓ ଆଦର୍ଶକୁ ପାଥେୟ କରି ସେ ଜୀବନରେ ସଫଳତା ହାସଲ କରିଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ଜେଲରେ ରହିଥିବା ବେଳେ ତାଙ୍କର ମୈଥିଳି ଦେବୀଙ୍କ ସାକ୍ଷାତ ହୋଇଥିଲା । ସେ ନିଜେ ନୈଷ୍ଠିକ ବ୍ରାହ୍ମଣ ହୋଇଥିଲେ ମଧ ସେତେବେଳର ଜାତିବାଦକୁ ଭ୍ରୂକ୍ଷେପ ନକରି କରଣ ଜାତିର ମୈଥିଳି ଦେବୀଙ୍କୁ ବିବାହ କରିଥିଲେ । ଏହି ବିବାହର ସୁବ୍ୟବସ୍ଥା କରିଥିଲେ ଆସିକାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ପିତା ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ । ଶ୍ରୀହର୍ଷ ବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ପାଇଁ 'ନବୀନ' ପାଠାଗର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସାରା ଓଡ଼ିଶାରେ ବର୍ଷସାରା (ଜୁନ ୨୦୧୭ ରୁ ଜୁନ ୨୦୧୮) ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ଏ ଦିଗରେ ସମସ୍ତଙ୍କ ସହଯୋଗ ଓ ସଦିଚ୍ଛା ଏକାନ୍ତ କାମ୍ୟ । ଏଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିରକ୍ଷା ପାଇଁ ସରକାରୀ ସ୍ତରରେ ମଧ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ । ରାଜଧାନୀ ଭୁବନେଶ୍ୱରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ସହିତ ରାଜ୍ୟ ସରକାର ପ୍ରତିବର୍ଷ ତାଙ୍କର ଜୟନ୍ତୀ ସରକାରୀ ସ୍ତରରେ ପାଳନ କଲେ, ତାହା ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହୋଇପାରିବ । ଏ ଦିଗରେ ବଶେଷକରି ସାମ୍ବାଦିକ, ଲେଖକ, ସାହିତ୍ୟିକ ଓ ବୁଦ୍ଧିଜୀବୀମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।

ନବୀନ ଭବନ, ବ୍ରହ୍ମପୁର-୧୦

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷ ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ

ଶ୍ରୀହର୍ଷ ବାବୁଙ୍କ ପିତା- ଶ୍ରୀ ରାମଚନ୍ଦ୍ର ମିଶ୍ର (ସ୍କୁଲ ଶିକ୍ଷକ)
ମାତା- ଶ୍ରୀମତୀ ଜେମାଦେବୀ-୮୮ ବର୍ଷ (ଜୀବିତା)
ସାନଭାଇ- ଶ୍ରୀଯୁକ୍ତ ଉଦୟନାଥ ମିଶ୍ର (ସାମ୍ବାଦିକ) ଛତ୍ରପୁର, ଗଞ୍ଜାମ
ସାନଭଉଣୀ- ଶ୍ରୀମତୀ ସତ୍ୟଭମା ମିଶ୍ର, ଶ୍ରୀମତୀ ରକ୍ମିଣୀ ମିଶ୍ର
୧୬-୬-୧୯୧୭- ଶ୍ରୀହର୍ଷ ବାବୁଙ୍କ ଜନ୍ମ (ଛାମୁଣ୍ଡା) ଜଗନ୍ନାଥ ପ୍ରସାଦ, ଗଞ୍ଜାମ
୧୯୨୪- ବାଲ୍ୟଶିକ୍ଷା ଆରମ୍ଭ
୧୯୨୭- ପିତା ରାମଚନ୍ଦ୍ର ମିଶ୍ରଙ୍କର ଦେହାନ୍ତ।
୧୯୨୯-୩୦- ପାରଳାଖେମୁଣ୍ଡିର ଚିଙ୍ଗୁଡିସ୍କୁଲରେ ଯୋଗଦାନ ।
ପଣା ସଂକ୍ରାନ୍ତି,୧୯୩୦- ଭାରତ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ ।
ଜୁନ,୧୯୩୦- ହୁମ୍ମା ଲୁଣ ଗୋଦାମ ଚଢାଉ ଅଭିଯୋଗରେ ଗିରଫ ଏବଂ ମାନ୍ଦ୍ରାଜର ଚିଙ୍ଗଲପେଟ ରିଫର୍ମମେଟରୀ ସ୍କୁଲ ଜେଲରେ ବନ୍ଦୀ ।
ଏପ୍ରିଲ,୧୯୩୧- ଜେଲରୁ ଖଲାସ ।
୧୪-୧-୧୯୩୨- ଗିରଫ ଏବଂ ବ୍ରହ୍ମପୁର ଜେଲରେ ବନ୍ଦୀ ୬ ମାସ କାରାଦଣ୍ଡ ଏବଂ ଟଙ୍କା ୨୦୦ ଅର୍ଥଦଣ୍ଡ ।
୨୬-୮-୧୯୩୨- ଗିରଫ ଓ କଟକ ଜେଲରେ ଅଟକ ପରେ ପାଟନା କେମ୍ପ ଜେଲକୁ ସ୍ଥାନାନ୍ତର ।
୨୩-୧-୧୯୩୩- ଗିରଫ ଏବଂ କଟକ ଜେଲରେ ବନ୍ଦୀ ୪ ମାସ ।
୧୯୩୮- ଦୈନିକ ଆଶାରେ ସହ ସମ୍ପାଦକକ ଭାବରେ ଯୋଗଦାନ ।
୧୯୪୦- ମୈଥିଳୀ ଦେବୀଙ୍କ ସହ ବିବାହ (ବ୍ରହ୍ମପୁର)
୧୯୪୧-୪୨- ନିଆଁ ଖୁଣ୍ଟାର ସମ୍ପାଦକ ଫରୱାର୍ଡ ବ୍ଲକର ସଭ୍ୟ ପଦ ଗ୍ରହଣ ।
୧-୩-୧୯୪୨- କଲିକତା ବହୁବଜାର ଷ୍ଟ୍ରିଟରେ ଗିରଫ ଏବଂ ଦମଦମ ସେଣ୍ଟ୍ରାଲ ଜେଲରେ ବନ୍ଦୀ ।
ଡିସେମ୍ବର,୧୯୪୫- ଦମ ଦମ ଜେଲରୁ ଖଲାସ ।
୧୯୪୮- ଲୋକସେବକ ମଣ୍ଡଳର ସଭ୍ୟପଦ ଗ୍ରହଣ ଓ ସମାଜ ର ସହ ସମ୍ପାଦକ ଭାବରେ ଯୋଗଦାନ ।
୧୯୫୮- ସମାଜ ଖବର କାଗଜର ସମ୍ପାଦକ ଦାୟିତ୍ୱ ଗ୍ରହଣ ।
ନଭେମ୍ବର,୧୯୫୯- ଇଂଲଣ୍ଡ ଭ୍ରମଣ, ରାସ୍ତାରେ ବହାରୀନ, ଇରାନ, ଇଟାଲୀ ଓ ଫ୍ରାନସ ଦର୍ଶନ ।
୧୯୬୪- ସମାଜରୁ ବିଦାୟ।
୧୯୬୫- କଳିଙ୍ଗରେ ଯୋଗଦାନ ଓ ଜନଶକ୍ତିରେ ସାମୟିକ ଭାବେ କାର୍ଯ୍ୟାଭାର ତୁଲାଇବା ।
ମାର୍ଚ୍ଚ,୧୯୬୭- ପ୍ରଜାତନ୍ତ୍ରରେ ସମ୍ପାଦକ ଭାବେ ଯୋଗଦାନ ।
ଅକ୍ଟୋବର,୧୯୮୧-ପ୍ରଜାତନ୍ତ୍ରରୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ଓ ପରିତ୍ୟାଗ ।
ଫେବୃୟାରୀ, ୧୦-୧୯୮୨-ଦୈନିକ ଆଶା (ବ୍ରହ୍ମପୁର)ରେ ସଂପାଦକ ଭାବେ ଯୋଗଦାନ ।
ଏପ୍ରିଲ, ୮-୧୯୮୪-ଦୈନିକ ଆଶାର ସଂପାଦକ ଥାଇ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ରକ୍ତଚାପ ଜନିତ ରୋଗରେ ମୃତ୍ୟୁ ବରଣ ଦିନ ୨.୩୦ ମିନିଟ ।
(ଉପରୋକ୍ତ ତଥ୍ୟ ଶ୍ରୀହର୍ଷବାବୁଙ୍କ ଅନୁଜ ଶ୍ରୀଯୁକ୍ତ ଉଦୟ ମିଶ୍ର ଏବଂ ଶ୍ରୀହର୍ଷବାବୁଙ୍କ ସହଧର୍ମିଣୀ ମୈଥଳୀ ଦେବୀଙ୍କଠାରୁ ପ୍ରାପ୍ତ)

ବି.ଦ୍ର.: ୧୯୮୬ ମସିହାରେ ଶ୍ରୀହର୍ଷବାବୁଙ୍କ ସମ୍ପର୍କରେ ଏକ ସ୍ମରଣିକା ଡ. କାର୍ତ୍ତିକ ଚନ୍ଦ୍ର ରାଉତଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା । ସେହି ସ୍ମରଣିକାର କେତେକ ଅଂଶ ଏବଂ ଅନ୍ୟ କିଛି ଲେଖକଙ୍କ ସନ୍ଦର୍ଭକୁ ନେଇ ସାପ୍ତାହିକ 'ନବୀନ'ର ୮୯ତମ ପ୍ରତିଷ୍ଠା ଦିବସରେ ଏକ ପୂର୍ଣ୍ଣାଙ୍ଗ ସ୍ମରଣିକା ପ୍ରକାଶ ପାଇଲା ।

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷ ଥିଲେ ଅସାଧାରଣ

ଡ. ହରେକୃଷ୍ଣ ମହତାବ

ବାସ୍ତବିକ ଆଜି ଯୁଗରେ ଯେ ଅସାଧାରଣ ବ୍ୟକ୍ତିତ୍ୱ ବିକାଶ ଘଟିପାରେ ଏହା ପ୍ରମାଣିତ ହୋଇଥିଲା ଶ୍ରୀହର୍ଷ ମିଶ୍ରଙ୍କ ଜୀବନରେ । ଦରିଦ୍ର ପରିବାରରେ ଜନ୍ମ । ବାଲ୍ୟ କାଳରେ ଶିକ୍ଷା ଲାଭ କରିବାର ସୁଯୋଗ ନଥିଲା। କିନ୍ତୁ ବାଳକର ଥିଲା ଅଦମ୍ୟ ଉତ୍ସାହ ଦେଶର ମୁକ୍ତି ସଂଗ୍ରାମରେ ଜଣେ ସାମାନ୍ୟ ସ୍ୱେଚ୍ଛାସେବକ ହୋଇ ଦିନରାତି କାର୍ଯ୍ୟ କରିବାରେ । ଏ ଦିଗରେ ଉତ୍ସାହ ଲାଭ କଲେ ତତକାଳୀନ ଗଞ୍ଜାମର କଂଗ୍ରେସ ନେତୃତ୍ୱଙ୍କଠାରୁ । ଦୁଃସାହସିକ କାର୍ଯ୍ୟ କରି ସେ ଚିଙ୍ଗଲପେଟ ଜେଲଠାରୁ ଆରମ୍ଭ କରି କଲିକତା ଦମଦମ ଜେଲରେ ବର୍ଷ ବର୍ଷ କାଳ କଟାଇଥିଲେ। ଇତି ମଧ୍ୟରେ ସେ ବାସ୍ତବ ଜୀବନରୁ ଯାହା ଶିକ୍ଷା କରିଥିଲେ, ତାହାକୁ ହିଁ ଯୁବକାବସ୍ଥାରେ ମାର୍ଜିତ ଓ ପରିବର୍ଦ୍ଧିତ କଲେ। କୌଣସି ସ୍କୁଲ ବା କଲେଜରେ ପାରମ୍ପାରିକ ଶିକ୍ଷା ଲାଭ ନ କରିଥିଲେ ମଧ୍ୟ ସେ ଓଡିଆ ଏବଂ ଇଂରେଜୀ ଭାଷାରେ ଜଣେ ସୁଲେଖକ ହୋଇପାରିଥିଲେ। ସେ ବିବାହ କରିଥିଲେ ମଧ୍ୟ ପାରିବାରିକ ସୁଖ ଲାଭ ଦିଗରେ ମନ ଦେଇନଥିଲେ । ପ୍ରଥମେ ସେ ସମାଜ ପତ୍ରିକାରେ ଯୋଗ ଦେଲେ । ଲୋକ ସେବକ ମଣ୍ଡଳରେ ସଭ୍ୟ ମଧ୍ୟ ହେଲେ । କିଛି କାଳ ସମାଜ ସମ୍ପାଦକ ମଧ୍ୟ ହୋଇଥିଲେ । ସାମ୍ବାଦିକ ହିସାବରେ ସେ ବିଦେଶ ଭ୍ରମଣ କରିଥିଲେ । ବିଦେଶ ଭ୍ରମଣ କାହାଣୀ ସେ ବିପୁଳାଚ ପୃଥ୍ୱୀ ନାମକ ପୁସ୍ତକରେ ପ୍ରକାଶ କଲେ । ଏ ପୁସ୍ତକ ବିଶ୍ୱବିଦ୍ୟାଳୟ ସ୍ତରରେ ପାଠ୍ୟପୁସ୍ତକ ରୂପେ ଗୃହିତ ହୋଇଥିଲା। କି କାରଣରୁ ସେ ସମାଜ ଏବଂ ଲୋକ ସେବକ ମଣ୍ଡଳରୁ ବହିଷ୍କୃତ ହେଲେ ତାହା ସେ କୌଣସିଠି ପ୍ରକାଶ କରି ନାହାନ୍ତି । କିନ୍ତୁ ତାଙ୍କ ପ୍ରତି ଯେ ଅନ୍ୟାୟ କରାଯାଇଛି ଏହା ସେ ଶେଷ ପର୍ଯ୍ୟନ୍ତ ଅନୁଭବ କରିଥିଲେ । ପରେ ସେ ପ୍ରଜାତନ୍ତ୍ରରେ ଯୋଗଦେଲେ ଓ ତାହାକୁ ବହୁବର୍ଷ ପରିଚାଳନା କଲେ । ଅସୁସ୍ଥ ଥିଲେ ମଧ୍ୟ ସେ ନିୟମିତ ରୂପେ କାର୍ଯ୍ୟରେ ଯୋଗ ଦେଉଥିଲେ । ତାପରେ ସେ ଦୈନିକ ଆଶାରେ ସମ୍ପାଦକ ହୋଇଥିଲେ । ସାମ୍ବାଦିକ ହେବା ପାଇଁ ଅଭିଳାଷ ପୋଷଣ କରୁଥିବା ଯୁବକମାନେ ଶ୍ରୀହର୍ଷଙ୍କର ଜୀବନୀ ଅନୁସରଣ କରିବା ଉଚିତ । ବିଶ୍ୱବିଦ୍ୟାଳୟରେ ଡିଗ୍ରୀଠାରୁ ବାସ୍ତବ ଜୀବନରେ ଶିକ୍ଷା ବେଶୀ ଫଳବତୀ ଏହା ସମସ୍ତେ ଶିକ୍ଷା କରିବା ଉଚିତ । ଶ୍ରୀହର୍ଷଙ୍କ ମୃତ୍ୟୁ ବାର୍ଷିକରେ ତାଙ୍କ ପ୍ରତି ମୋର ଶ୍ରଦ୍ଧା ସମ୍ମାନ ଜ୍ଞାପନ କରୁଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

ଶ୍ରୀହର୍ଷ ମିଶ୍ରଙ୍କ ସମ୍ପର୍କରେ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିମତ

ଶ୍ରୀହର୍ଷବାବୁ ଥିଲେ ଜଣେ ନୀରବ ସାଧକ । ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ବହୁ କଷ୍ଟ ଓ ତ୍ୟାଗ ସ୍ୱୀକାର କରିଥିଲେ । କିନ୍ତୁ ସ୍ୱାଧୀନତା ଲାଭ ପରେ କୌଣସି ରାଜନୈତିକ କ୍ଷମତା ବା ପଦପଦବୀ ପ୍ରତି ଲାଳାୟିତ ନ ହୋଇ ସେ ସାମ୍ବାଦିକତାକୁ ଜୀବନର ଏକ ମହାନ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ବିଭିନ୍ନ ସମୟରେ ସେ ଓଡ଼ିଶାର ପ୍ରମୁଖ ଦୈନିକ ସମ୍ବାଦପତ୍ର ସମାଜ, ପ୍ରଜାତନ୍ତ୍ର ଓ ଦୈନିକଆଶାର ସମ୍ପାଦକ ରୂପେ କାର୍ଯ୍ୟ କରି ଓଡ଼ିଆ ସାମ୍ବାଦିକତାର ମାନ ଉନ୍ନତି କରିବା ଦିଗରେ ନିରବଚ୍ଛିନ୍ନ ଉଦ୍ୟମ କରି ଆସିଥିଲେ । ଏହାଛଡ଼ା, ଓଡ଼ିଆ ସାହିତ୍ୟରେ ଜଣେ ସୁଲେଖକ ଭାବରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କ ସହିତ ମୋର ବହୁକାଳର ବ୍ୟକ୍ତିଗତ ସାନ୍ନିଧ ରହି ଆସିଥିଲା ଏବଂ ତାଙ୍କର ସରଳ ଓ ଅମାୟିକ ବ୍ୟବହାର ମୋତେ ମୁଗ୍ଧ କରିଥିଲା । ଓଡ଼ିଶାର ସମାଜସେବୀ ଓ ସାମ୍ବାଦିକ ମହଲରେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ତାଙ୍କର ମୃତ୍ୟୁରେ ମୁଁ ଅଗ୍ରଜ ପ୍ରତିମ ବନ୍ଧୁଙ୍କ ହରାଇଛି ଏବଂ ଓଡ଼ିଶା ଜଣେ ମୁକ୍ତିଯୋଦ୍ଧା ଓ ବିଶିଷ୍ଟ ସାମ୍ବାଦିକଙ୍କୁ ହରାଇଛି । ଏହି ଅବସରରେ ମୁଁ ତାଙ୍କର ପବିତ୍ର ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

Source: KC Dash, Digitized by PPRACHIN, SOA

ସ୍ମୃତିଚାରଣ

ବାମନ ଚରଣ ମିଶ୍ର

କଟକର ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସେଠାକୁ ନିମନ୍ତ୍ରଣ ହୋଇ ମୁଁ ଓ ଶ୍ରୀହର୍ଷବାବୁ ଯାଇଥାଉ । ଶ୍ରୀହର୍ଷବାବୁ ଏକେତ ମୋଠାରୁ ବୟସରେ ବଡ ଓ ପୁଣି ସେ ମୋର ପରମ ପୂଜ୍ୟ ଜ୍ୟେଷ୍ଠ ଭ୍ରାତା ରାଧାନାଥଙ୍କର ସହକର୍ମୀ । ତେଣୁ ତାଙ୍କ ପ୍ରତି ମୋର ସ୍ୱାଭାବିକ ଶ୍ରଦ୍ଧା ଓ ସମ୍ମାନ ଥାଏ । ମୁଁ ଆଗ ଓ ଠିକ ସମୟରେ ପହଞ୍ଚିଥାଏ । ସେ ଟିକିଏ ଉଛୁରରେ ପହଞ୍ଚିଲେ । ପହଞ୍ଚି ନ ପହଞ୍ଚୁଣୁ ସେ ସମସ୍ତଙ୍କୁ ନିଜର ବିଳମ୍ବ ପାଇଁ କ୍ଷମା ମାଗିନେଲେ । ବିଳମ୍ବ ପାଇଁ ସ୍ୱତଃ କଇଫଏତ ଦେଲେ । ସଙ୍ଗଠକମାନଙ୍କୁ ମୋ ବିଷୟରେ କେତେ କ'ଣ ପଚାରିଥିବାର ପରେ ଜଣାଗଲା ଏକାଠି ହେଲୁ ଜଳଯୋଗ ହେଲା । କେତେକ ବିଷୟରେ ମଧୁର ଆଳାପ ହେଲା । ସେ ଜଣେ ନିଷ୍ଠାପର ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଖ୍ୟାତ ସାମ୍ବାଦିକ ହୋଇଥିଲେ ହେଁ ସେ ତାଙ୍କ ବିନୟତା ହେତୁ ଆମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମୁଁ ଛାତ୍ରାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲି ଓ କାରାବାସକୁ ଏଡି ଏଣେ ତେଣେ ପଳାଉଥିଲି ଏ ସବୁକଥା ତାଙ୍କୁ ଜଣାଥିବାର ବୁଝି ଆଶ୍ଚର୍ଯ୍ୟ ହେଲି । ମୋ ପରି ଜଣେ ଅକିଞ୍ଚନର ହିସାବ ଓ ପ୍ରଶଂସା ତାଙ୍କ ମୁଖରୁ ଶୁଣି ମୋର ମୁଣ୍ଡ ସ୍ୱତଃ ଲଇଁଗଲା । କି ଉଦାରତା ତାଙ୍କର ସତେ !

ଉତ୍ସବ ମଣ୍ଡପକୁ ଉଭୟେ ଗଲୁ । ସେ ଅଗ୍ରଜ, ସେ ଆଗରେ ଯାଆନ୍ତୁ ମୋର ଇଚ୍ଛା । ମାତ୍ର ସେତିକ ସେ କରାଇ ଦେଲେନି । ମୁଁ ଇନିସପେକ୍ଟର ମୋ ପଦମର୍ଯ୍ୟାଦା ରକ୍ଷା ହେବା ଉଚିତ । ବାଧ୍ୟ ହୋଇ ମୁଁ ଆଗରେ ଚାଲିଲି, ଆଉ ସେ ମୋ ପଛେ ପଛେ ଚାଲିଲେ । ଉଭୟେ ସଭା ମଣ୍ଡପରେ ବସିଲୁ । ସେ ମୁଖ୍ୟ ଅତିଥି ଆଉ ମୁଁ ସଭାପତି । ତାଙ୍କୁ ପ୍ରଥମେ ଅଭିଭାଷଣ ଦେବାକୁ ପଡିଲା । ତା ପୂର୍ବରୁ ମୁଁ ତାଙ୍କର ପରିଚୟ ଦେଲି, ତାଙ୍କ ସଦଗୁଣର ଅଂଶ ମାତ୍ର ପ୍ରକାଶ କଲି, ତାଙ୍କୁ ଅଭିଭାଷଣ ପ୍ରଦାନ କରିବାକୁ ଆହ୍ୱାନ କଲି । ସେ ଚମତ୍କାର ଭାଷଣ ଦେଲେ । କହିଲେ ମୁଁ ଜଣେ ପ୍ରଖ୍ୟାତ ଶିକ୍ଷାବିତ ଓ ସୁଲେଖ ଏବଂ ମୋ ମୁଖରେ ତାଙ୍କର ପ୍ରଶଂସା ଅଯୌକ୍ତିକ ବୋଲି ସେ ଜଣାଇ ଦେଲେ । ଭାଷଣଟି ତାଙ୍କର ବଡ ଚମତ୍କାର ଥିଲା । ସମୟ, କାଳ, ପାତ୍ର ପ୍ରତି ଦୃଷ୍ଟି ରଖି ସେ ସର୍ବାଙ୍ଗସୁନ୍ଦର ଅଭିଭାଷଣ ଦେଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ସେ ବସିଲେ । ମୋ ପାଳି ପଡିଲା ଶିଶୁ ଅଭିଭାବକ ଶିକ୍ଷକ ସଙ୍ଗଠକ ଓ ଶାସନ ଏବଂ ଶାସକଙ୍କ ସମ୍ବନ୍ଧରେ ଦୁଇ ପଦ କହିଲି ଶ୍ରୀହର୍ଷବାବୁ ପ୍ରକୃତ ସ୍ୱରୂପ ଓ ସେ କିପରି ସର୍ବଗୁଣର ଆକାର ସେ ବିଷୟରେ ସୂଚନା ଦେଲି । ମୋ ବିଷୟରେ ମୁଁ କହିଲି, ଶ୍ରୀହର୍ଷ ବାବୁ ତାଙ୍କ ପ୍ରଶଂସା ନ କରିବାକୁ ମୋତେ ସଂଯତ କରି ନିଜେ ଅସଂଯତ ହୋଇ ମୋତେ ଶିକ୍ଷାବିତ କହିଲେ, ଶିକ୍ଷାଦାନ ମୋର ବୃତ୍ତି, ତୋଟା ଜଗୁଆଳ ତୋଟା ମାଲିକ ହୋଇନପାରେ । ଜଣେ ବେତନ ଭୋଗୀ ଶିକ୍ଷା କର୍ମଚାରୀ ଶିକ୍ଷାବିତ ହୋଇନପାରେ । ପଣ୍ଡିତ ଗୋଦାବରୀଶ ଓଡିଶାର ପ୍ରକୃତ ଶିକ୍ଷାବିତ ପଦବାଚ୍ୟ । ଏହିପରି ଆଉ କେତେ କ'ଣ କହିଲି ।

ପରେ ଆମେ ଦୁହେଁ ଏକାଠି ହେଲୁ । ସେ ମତେ ଅତି ସ୍ନେହରେ କହିଲେ ବାମନ ବାବୁ, ଏ ଜଗତଟାରେ ପାରସ୍ପରିକ ପ୍ରଶଂସା କରିବାର ଏକ ବିରାଟ ଯୋଜନା ଚାଲିଛି । ମିଉଚୁଆଲ ଆପ୍ରେସିଏସନର ମୂଲ୍ୟ ଲୋକେ ବୁଝୁ ନାହାନ୍ତି, ପିଲେ ପୁରସ୍କାରକୁ ଅପେକ୍ଷା କରନ୍ତି । ସାଂସ୍କୃତିକ ଅନୁଷ୍ଠାନ ପାଇଁ ସେମାନେ ଆକାଂକ୍ଷୀ । ଅଥଚ ଆମେ ଆମ ବିଦ୍ୱାନ ପଣିଆ ଦେଖାଇ ଘଣ୍ଟା ଘଣ୍ଟା ଧରି ଅଭିଭାଷଣ ଦେବାର ଅର୍ଥ ମୁଁ ବୁଝି ପାରେନା । ମୁଁ ତିରିଶ ଆଉ ଆପଣ ଚାଳିଶ ମିନିଟ କହିଲେ । ମୋ ମତରେ ଅତିବଡ ଘଣ୍ଟାକ ଭିତରେ ଆମ ଭାଷଣ ସରିବା ଉଚିତ ଥିଲା । ଆପଣ ସରକାରୀ କର୍ମଚାରୀଙ୍କ ହୋଇ ସରକାର ଅଭିଭାବକ ଓ ଶିକ୍ଷକଙ୍କୁ ଏପରି ନଗ୍ନ ସମାଲୋଚନା କରିବାଟା ହେଲାନି । ସତ୍ୟ ବୃୟାତ, ମା ବୃୟାତ୍ ସତ୍ୟମ ପ୍ରିୟମ ଏଥିପ୍ରତି ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ଆଜି ଶ୍ରୀହର୍ଷବାବୁ ନାହାନ୍ତି । ତାଙ୍କପରି ପରୋପକାରୀ ଓ ହିତାକାଂକ୍ଷୀ ବ୍ୟକ୍ତି ଏବେ ଦେଖିବାକୁ ବିରଳ ହେଲେଣି । ଆମେ ତାଙ୍କପରି ଉଚ୍ଚକୋଟୀ ବ୍ୟକ୍ତିଙ୍କର ଗୁଣରାଜି ଆଲୋଚନା କରି ତାଙ୍କଠୁ ଭଲ କଥା ଶିକ୍ଷା କଲେ ଯଥାର୍ଥରେ ତାଙ୍କର ସ୍ମୃତିରକ୍ଷା ହେବ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷ ମିଶ୍ର-ନିଷ୍ଠା ଓ ସାଧନାର ପ୍ରତୀକ

ଚନ୍ଦ୍ରଶେଖର ମହାପାତ୍ର

ଦେଶରେ ସାମ୍ବାଦିକତା ପ୍ରବୃତ୍ତିଗତ ଥିବା ବେଳେ ଶ୍ରୀହର୍ଷ ମିଶ୍ର ଓ ମୁଁ ସାମ୍ବାଦିକ ଥିଲୁ । ଆମେ ଉଭୟେ ଭାରତ ଛାଡ ଆନ୍ଦୋଳନରେ ଦୀର୍ଘ ସମୟ କାରାବରଣ କରିଥିଲୁ । ମାତ୍ର ଲେଖାଲେଖି କରିବାକୁ ଆମର ବିଶେଷ ଆଗ୍ରହ ଥିଲା । ବିଧାନସଭା ବା ଲୋକସଭାକୁ ଯିବା ପାଇଁ ରାଜନୈତିକ ସମର୍ଥନ ପାଇବାକୁ ଅସମର୍ଥ ହୋଇ ଆମେ ସାମ୍ବାଦିକତାକୁ ହିଁ ପ୍ରବୃତ୍ତିଗତ ଭାବେ ଗ୍ରହଣ କରିଥିଲୁ । ସେ ସମାଜରେ ଥିଲେ ଓ ମୁଁ ପ୍ରଜାତନ୍ତ୍ରରେ ଥିଲି । ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ଭାବେ ଭାରତୀୟ ପେଷାଦାର ସାମ୍ବାଦିକ ଫେଡେରେସନ ଗଠନ ଉଦ୍ୟମକୁ ମୁଁ ସମର୍ଥନ ଜଣାଇଥିଲି । ଏହି ଉଦ୍ଦେଶ୍ୟରେ ଦିଲ୍ଲୀରେ ପ୍ରଥମ ଅଧିବେଶନ ସ୍ୱର୍ଗତ ଚଲପତି ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆମେ ଦୁଇଜଣ ଓଡିଶାରୁ ପ୍ରତିନିଧି ଭାବେ ଏହି ସମ୍ମିଳନୀ ଯୋଗଦେଇଥିଲୁ । ସେ ପେଷାଦାର ସାମ୍ବାଦିକ ସଂଘ ସହିତ ସେହି ସମୟରୁ ସକ୍ରିୟ ସଂପର୍କ ରକ୍ଷା କରିଥିଲେ । ୧୯୫୯ ମସିହାରେ ମୁଁ କେତେ ମାସ ପାଇଁ ପ୍ରଜାତନ୍ତ୍ରରେ ସମ୍ପାଦକ ଥିଲାବେଳେ ସେ ସମାଜର ସମ୍ପାଦକ ଥିଲେ । ମାତ୍ର ପେଷାଦାର ସାମ୍ବାଦିକ ସଂଘରୁ ଆମେ ବିଚ୍ଛିନ୍ନ ହୋଇନଥିଲୁ ।

ଭାରତରେ ପେଷାଦାର ସାମ୍ବାଦିକ ସଂଘର ଦାବୀ ଅନୁସାରେ ପ୍ରଥମ ପ୍ରେସ କମିଶନ ଗଠିତ ହେଲା । ଏହି କମିଶନ ଆଗରେ ସାକ୍ଷ୍ୟ ଦେଇ ଓଡିଶାରେ ସାମ୍ବାଦିକମାନଙ୍କ ପାଇଁ ସାମ୍ବାଦିକତା ବୃତ୍ତିରେ ପରିଣତ ହୋଇନଥିବା ଆମେ ଦର୍ଶାଇଥିଲୁ । ଜିଲ୍ଲା ଓ ଗ୍ରାମାଞ୍ଚଳ ସାମ୍ବାଦିକମାନେ ଏପର୍ଯ୍ୟନ୍ତ ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିବା ସୁଯୋଗ ପାଇନାହାନ୍ତି । ସାମାଜିକ ନିରାପତ୍ତା ଅଭାବରୁ ସେମାନେ ପ୍ରବୃତ୍ତିଗତ ଭାବେ ସାମ୍ବାଦିକ ଅଛନ୍ତି । ଏହା ବିରୁଦ୍ଧରେ ପ୍ରଥମେ ପ୍ରେସ କମିଶନ ଆଗରେ ବିଭିନ୍ନ ଅଭିଯୋଗ ଜଣାଇଥିଲୁ ।

ସେତେବେଳେ ଜେନେରାଲ କାରିଆପା ଭାରତର ସେନାଧ୍ୟକ୍ଷ ଥିଲେ ।ସେ ପୁରୀ ଆସିଥିବା ବେଳେ ଓଡିଶାରୁ କେତେକ ସାମ୍ବାଦିକ ଫୋର୍ଟ ଉଇଲିୟମ ଯାଇ ସୈନ୍ୟବାହିନୀ କିପରି କାର୍ଯ୍ୟ କରୁଛନ୍ତି ଦେଖିବାକୁ କହିଥିଲେ । ଏହି ଉଦ୍ଦେଶ୍ୟରେ ସେ ସାମ୍ବାଦିକ ସଂଘକୁ ନିମନ୍ତ୍ରଣ କରିଥିଲେ ଫୋର୍ଟ ଉଇଲିୟମ ଦେଖିବା ପାଇଁ ଆମେ ପ୍ରେସ କମିଶନ ଆଗରେ ସାକ୍ଷ୍ୟ ଦେବା ପରେ ଫୋର୍ଟ ଉଇଲିୟମ ପରିଦର୍ଶନ କରି ଗୋଟିଏ ଦିନ କଟାଇଥିଲୁ । ତାପରେ ବିଶ୍ୱ ଭାରତୀ ପରିଦର୍ଶନ ପାଇଁ ଯାଇଥିଲୁ । ଶାନ୍ତି ନିକେତନରେ ଅତିଥି ଭାବେ ରହି ଆମେ ଦୁଇଦିନ ବିଶ୍ୱ ଭାରତୀରେ ନୃତ୍ୟ ସଙ୍ଗୀତ ଉପଭୋଗ କରିଥିଲୁ । ସେଠାରେ ଓଡିଆ ଭାଷା ଶିକ୍ଷା ଓ ଗବେଷଣା ଉଦ୍ୟମ ଦେଖିଥିଲୁ । ସେତେବେଳେ କୁଞ୍ଜବିହାରୀ ଦାଶ ସେଠାରେ ଓଡିଆ ଅଧ୍ୟାପକ ଥିଲେ ।

ଆମେ ସାମ୍ବାଦିକ ସଂଘର ଏକ ବାର୍ଷିକ ଅଧିବେଶନରେ ଯୋଗଦେବା ପାଇଁ ଏକତ୍ର କେରଳ ଯାଇଥିଲୁ । କେରଳରେ ପ୍ରାୟ ଏକ ସପ୍ତାହ ଆମେ ବିଭିନ୍ନ ସ୍ଥାନ ଗସ୍ତ କରିଥିଲୁ । କୁମାରିକାଠାରେ ଆମେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତି ସ୍ତମ୍ଭ ଦେଖିବା ପରେ ରାମକୃଷ୍ଣ ମିଶନର ଜନସେବା କାର୍ଯ୍ୟ ଦେଖିବାର ସୁଯୋଗ ପାଇଥିଲୁ ।

ଶେଷ ଜୀବନରେ ସେ ପ୍ରଜାତନ୍ତ୍ରର ସମ୍ପାଦକ ଥିଲେ ଓ ମୁଁ ବାର୍ତ୍ତା ସମ୍ପାଦକ ଥିଲି । ସମ୍ବାଦପତ୍ରର କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ନୀତି ଓ ନିୟମ ରକ୍ଷା କରି ସମ୍ପାଦକ ଭାବେ ନିଜର ସମ୍ମାନ ରକ୍ଷା ପାଇଁ ସେ ସର୍ବଦା ବ୍ୟଗ୍ରତା ପ୍ରକାଶ କରୁଥିଲେ । କେଉଁଠାରେ ବନ୍ୟା ଓ ବାତ୍ୟା ହେଲେ ଆମେ ଅବିଳମ୍ବେ ସାହାର୍ଯ୍ୟ ପାଇଁ ଏକତ୍ର ଯାଉଥିଲୁ । ପ୍ରେସ କାଉନସିଲରେ ମଧ୍ୟ ଆମେ ପ୍ରଜାତନ୍ତ୍ର ପକ୍ଷରୁ ଏକତ୍ର ସାକ୍ଷ୍ୟ ଦେଇଥିଲୁ । ସେ ଅବସର ନେଇ ଦୈନିକ ଆଶା ସମ୍ପାଦକ ହେବା ପରେ ମୁଁ ପ୍ରଜାତନ୍ତ୍ର ସମ୍ପାଦକ ହେଲି । ଦୈନିକ ଆଶାରେ ସମ୍ପାଦକ ଥିବାବେଳେ ତାଙ୍କର ପରଲୋକ ହେବା ପରେ ଏହାର ସଂସ୍ଥାପକ ବୃନ୍ଦାବନ ନାୟକଙ୍କ ଅନୁରୋଧ କ୍ରମେ ମୁଁ ଆସି ଦୈନିକ ଆଶାର ସମ୍ପାଦନା ଦାୟିତ୍ୱ ଗ୍ରହଣ କଲି । ଏହିପରି ଭାବେ ସାମ୍ବାଦିକତା କ୍ଷେତ୍ରରେ ଆମ୍ଭ ଦୁଇଜଣଙ୍କର ଦୀର୍ଘ ୮୦ ବର୍ଷ ଘନିଷ୍ଠ ସମ୍ପର୍କ ଥିଲା । ସାମ୍ବାଦିକତା କ୍ଷେତ୍ରରେ ଏକାଗ୍ର ସାଧନା ଓ ନିଷ୍ଠା ଯୋଗୁଁ ସେ ପେଷା ସାମ୍ବାଦିକ ଭାବେ ସମାଜ ଓ ପ୍ରଜାତନ୍ତ୍ରର ସମ୍ପାଦକ ଭାବେ ଦକ୍ଷିତା ପ୍ରଦର୍ଶନ କରିଥିଲେ ଓ ସୁନାମ ଅର୍ଜନ କରିଥିଲେ । କ୍ରମେ ସାମ୍ବାଦିକତା ବୃତ୍ତିରେ ପରିଣତ ହେଉଛି । ଜନସାଧାରଣଙ୍କଠାରୁ ଚାନ୍ଦା ସଂଗ୍ରହ କରି ଯେଉଁମାନେ ସମ୍ବାଦପତ୍ର ପ୍ରତିଷ୍ଠା କରିଛନ୍ତି ସେମାନେ କ୍ରମେ ଏହାକୁ ବ୍ୟକ୍ତିଗତ ଅନୁଷ୍ଠାନରେ ପରିଣତ କରୁଛନ୍ତି । ଏଭଳି ଅବସ୍ଥାରେ ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା ଓ ଦକ୍ଷତା ପ୍ରଦର୍ଶନ କଲେ ମଧ୍ୟ ପେଷାଦାର ସାମ୍ବାଦିକମାନଙ୍କର ଭବିଷ୍ୟତ ଅନିଶ୍ଚିତ ହେଉଛି । ଏହା ବିରୁଦ୍ଧରେ ସଂଗ୍ରାମ ପାଇଁ ଶ୍ରୀହର୍ଷ ବାବୁଙ୍କ ଅଭାବ ବିଶେଷ ଭାବେ ଅନୁଭୂତ ହେଉଛି । (୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

ସମ୍ପାଦକ, ପ୍ରଜାତନ୍ତ୍ର

◆◆◆

Source: KC Dash, Digitized by PPRACHIN, SOA

ବନ୍ଧୁ ଶ୍ରୀହର୍ଷ ମିଶ୍ର

ବଳରାମ ମହାନ୍ତି

ଓଡିଶାର ସୁପରିଚିତ ସାମ୍ବାଦିକ, ଲେଖକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ । ତାଙ୍କ ସଙ୍ଗେ ମୋର ଦୀର୍ଘ ୪୦ ବର୍ଷର ବନ୍ଧୁତା ଥିଲା। ଶ୍ରୀ ଚିନ୍ତାମଣି ମିଶ୍ରଙ୍କ ସମ୍ପାଦନାରେ ନବଭାରତ ପ୍ରେସରୁ ପ୍ରକାଶ ପାଉଥିବା ସାପ୍ତାହିକ ନବଭାରତରେ କିଛି କିଛି ଲେଖି ସାମ୍ବାଦିକତା ଶିକ୍ଷା ଆରମ୍ଭ କରିବା ପାଇଁ ଆଗ୍ରହ ପ୍ରକାଶ କରି ୧୯୪୦ ମସିହାରେ ଅନ୍ୟମାନଙ୍କ ଭିତରେ ଆମେ ଦୁହେଁ ସ୍ୱର୍ଗୀୟ ଚିନ୍ତାମଣି ମିଶ୍ରଙ୍କ ନିକଟକୁ ଯାଉଥିଲୁ । ସେଠାରେ ଶ୍ରୀହର୍ଷଙ୍କ ସହିତ ମୋର ପ୍ରଥମେ ଦେଖା ହୋଇଥିଲା । ତା'ପରେ ୧୯୪୧ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସମ୍ପାଦନାରେ କଟକରୁ ପ୍ରକାଶିତ ଓଡିଶାର ପ୍ରଥମ ପ୍ରଭାତୀ ଦୈନିକ ଜନତାରେ ଆମେ ଦୁହେଁ ସରକାରୀ ସମ୍ପାଦକ ଭାବରେ କାର୍ଯ୍ୟକଲୁ । ସ୍ୱର୍ଗୀୟ ମଧୁସୂଦନ ମହାନ୍ତିଙ୍କ ପରିଚାଳନାରେ ଅବଭର ପ୍ରେସରୁ ଦୈନିକ ଜନତା ପ୍ରକାଶ ପାଉଥିଲା । ସେଠାରେ ପଣ୍ଡିତ ରଘୁନାଥ ମିଶ୍ର, ସ୍ୱନାମ ଧନ୍ୟ କବି ଓ ଗାଳ୍ପିକ ଗୋଦାବରୀଶ ମହାପାତ୍ର ଓ ଶ୍ରୀ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଆମେ ଦୁହେଁ କାର୍ଯ୍ୟ କରୁଥିଲୁ । ଏହି ଦୈନିକ ପତ୍ରିକାଟି ବର୍ଷକରୁ କମ ସମୟ ସ୍ଥାୟୀ ହୋଇଥିଲା । ଏଠାରେ ରାତି ଗୋଟାଏ ପର୍ଯ୍ୟନ୍ତ ଆମେ କାମ କରୁଥିଲୁ ସେତେବେଳେ ସମାଜ ଏକମାତ୍ର ଦୈନିକ ପତ୍ରିକା ହୋଇଥାଏ । ଓଡିଶାର ଆଉ ଗୋଟିଏ ଦୈନିକ ପତ୍ରିକା ବିଶେଷ ଭାବରେ ଗୋଟିଏ ପ୍ରଭାତୀ ଦୈନିକ ପତ୍ରିକାରେ ସମସ୍ତ ସ୍ୱାଧୀନତା ସହ ଏକାଠି କାମ କରିବାରେ ଆମର ଉତ୍ସାହ ବର୍ଣ୍ଣନା କରି ହେବ ନାହିଁ । ତାପରେ ୧୯୪୨ ପ୍ରଥମ ଭାଗରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ଦୈନିକ ନବଭାରତ ପତ୍ରିକାରେ ପୁଣି ଆମେ ଦୁହେଁ ଏକାଠି କାର୍ଯ୍ୟକଲୁ । ସେତେବେଳକୁ ଆମେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଫରୱାର୍ଡ ବ୍ଲକ ଦଳର ଓଡିଶା ଶାଖାର ସଭ୍ୟ ହୋଇ ସାରିଥିଲୁ । ତେଣୁ ରାଜନୈତିକ କ୍ଷେତ୍ରରେ ଗୋଟିଏ ପ୍ରକାର ନୀତି, ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ଅନୁସରଣ କରି କାର୍ଯ୍ୟ କରିବା ଫଳରେ ଆମ ଦୁହିଁଙ୍କ ଭିତରେ ଘନିଷ୍ଠତା ବୃଦ୍ଧି ପାଇଥିଲା ସେତେବେଳେ ନେତାଜୀ ସୁଭାଷଚନ୍ଦ୍ରଙ୍କ ଠାରୁ ଜର୍ମାନି ଓ ଜାପାନରୁ ଯେଉଁ ସବୁ ଉତ୍ସାହ ଓ ଉତ୍ତେଜନାପୂର୍ଣ୍ଣ ଲେଖାମାନ କଲିକତା ଦେଇ ଆମ ପାଖକୁ ଗୋପନୀୟ ଭାବରେ ଆସୁଥିଲା ଆମେ ତାହା ଯୁବକ ଓ ଛାତ୍ରମାନଙ୍କ ଭିତରେ ପ୍ରଚାର କରିଥିଲୁ । ସେ ସମୟରେ ମୋର ବିପ୍ଳବୀ ସୁଭାଷ ନାମକ ଏକ ପୁସ୍ତକ ଯାହାକି ବ୍ରିଟିଶ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା । ସେହି ପୁସ୍ତକ ନବଭାରତ ପ୍ରେସରୁ ଖୋଜୁ ଖୋଜୁ ପୋଲିସ ଉପରୋକ୍ତ ଲେଖା ଭିତରୁ କେତେଖଣ୍ଡି ପଣ୍ଡିତ ନୀଳକଣ୍ଠ ରଖିଥିବା କେତେକ ପୁସ୍ତକ ଭିତରୁ ପାଇଥିଲେ । ସେତେବେଳେ ବନ୍ଧୁ ଶ୍ରୀହର୍ଷ, ମୁଁ, ଶ୍ରୀ ବିବୁଧେନ୍ଦ୍ର ଓ ସ୍ୱର୍ଗୀୟ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯେଉଁ ବନ୍ଧୁମାନେ ଦୈନିକ ନବଭାରତ ପତ୍ରିକାରେ କାର୍ଯ୍ୟ କରୁଥିଲେ ସେମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ସାଧନ ଥିଲା ପ୍ରଧାନ ଲକ୍ଷ୍ୟ । ସେତେବେଳର ମିଳିତ ମନ୍ତ୍ରୀମଣ୍ଡଳର ମୁଖପତ୍ର ରୂପେ ପ୍ରକାଶ ପାଉଥିବା ନବଭାରତ ଭିତରେ ନିରାପଦରେ ରହି ନେତାଜୀ ସୁଭାଷଚନ୍ଦ୍ରଙ୍କ ବାର୍ତ୍ତା ପ୍ରଚାର କରିବା ଓ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ନେତାଜୀ ଜାତୀୟ ସୈନ୍ୟବାହିନୀ ସହିତ ଓଡିଶା ଉପକୂଳରେ ଓହ୍ଲାଇଲେ ମିଳିତ ମନ୍ତ୍ରୀମଣ୍ଡଳ ତାଙ୍କୁ ସାହାଯ୍ୟ କରିବେ ବୋଲି ଭିତିରି ଉଦ୍ଦେଶ୍ୟ ଥିବାରୁ ହିଁ ଆମେ ସେଠାରେ ରହିଥିଲୁ । ସେଥିପାଇଁ ସରକାରୀ ସାହାର୍ଯ୍ୟରେ ପ୍ରକାଶିତ ନବଭାରତରେ କାର୍ଯ୍ୟ କରି ଆମେ ନେତାଜୀ ସୁଭାଷଚନ୍ଦ୍ରଙ୍କ ଜୀବନୀ ପ୍ରକାଶ କରି ପାରିଥିଲୁ ।

ଯାହାହେଉ ଆମେ ବାହାରେ ବେଶି ଦିନ ରହି ପାରିଲୁ ନାହିଁ । ୧୯୪୨ ଅଗଷ୍ଟ ୯ ତାରିଖ ଦିନ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ଅଗଷ୍ଟ ବିପ୍ଳବ ଆରମ୍ଭ ହେଲା ମାତ୍ରେ ଆମ ପ୍ରତି ପୋଲିସ କଡା ନଜର ରଖିଲେ । ଅଗଷ୍ଟ ମାସ ୧୨ ତାରିଖ ଦିନ ମୁଁ ଶ୍ରୀହର୍ଷଙ୍କ ଓଡିଆ ବଜାରସ୍ଥ ବାସଭବନ ଠାରେ ତାଙ୍କ ସହିତ କଥାବାର୍ତ୍ତା କରି ଫେରିବା ବାଟରେ ମୋତେ ପୋଲିସ ଗିରଫ କରି ନେଲେ ଏବଂ ତାର କିଛିଦିନ ପରେ ଶ୍ରୀହର୍ଷ କଲିକତାରେ ଗିରଫ ହେଲେ । ଆମ ଅପେକ୍ଷା ବନ୍ଧୁ

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷଙ୍କୁ କଲିକତା ଜେଲରେ ଅଧିକ ଯନ୍ତ୍ରଣା ଭୋଗିବାକୁ ହୋଇଥିଲା ।

ଜେଲରୁ ଖଲାସ ହୋଇ ଆସିବା ପରେ ମୁଁ ପ୍ରଥମେ ୧୯୪୫ ମସିହାରେ ଦୈନିକ ସମାଜ ସମ୍ପାଦକୀୟ ବିଭାଗରେ ଯୋଗଦେଲି ଏବଂ ଶ୍ରୀହର୍ଷ ପରେ ସେଠାରେ ଯୋଗଦେଲେ । ଆମେ ସେଠାରେ ୧୯୫୦ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପରେ ମୁଁ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ବ୍ୟକ୍ତିଗତ ସେକ୍ରେଟେରୀ ଭାବରେ ସମାଜରୁ ଯାଇ ଯୋଗଦେଲି ଏବଂ ଶ୍ରୀହର୍ଷ ସେହିଠାରେ ରହିଲେ । ତାପରେ ସେ ଯାଇ ପ୍ରଜାତନ୍ତ୍ର ସମ୍ପାଦକ ଭାବରେ କାର୍ଯ୍ୟ କଲେ । ସେତେବେଳେ ମୁଁ ଭୁବନେଶ୍ୱରରେ ରହୁଥିଲେ ମଧ୍ୟ କଟକ ଗଲାବେଳେ ତାଙ୍କ ସଙ୍ଗେ ଦେଖା ହୁଏ ଓ ଆଲୋଚନା ହୁଏ । ପ୍ରଜାତନ୍ତ୍ରର ସମ୍ପାଦକ ଭାବରେ କାର୍ଯ୍ୟକରିବା ପାଇଁ ସ୍ୱାଧୀନତା ମିଳିଥିଲେ ମଧ୍ୟ ସେ ସବୁବେଳେ ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ଯେ ତାଙ୍କ ମତ ପ୍ରକାଶ କରି ପାରୁଥିଲେ ତା ନୁହେଁ, ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ ସମ୍ବାଦପତ୍ରରେ ସେପରି ଆଶା କରିବା ମଧ୍ୟ ଠିକ ନୁହେଁ, ମାତ୍ର ଶ୍ରୀହର୍ଷ ମିଶ୍ର ଯେ ଜଣେ ସଚୋଟ ଓ ଦକ୍ଷ ସମ୍ପାଦକ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ ସେଥିରେ କୌଣସି ସନ୍ଦେହ ନାହିଁ । ପ୍ରଜାତନ୍ତ୍ରରୁ ଅବସର ଗ୍ରହଣ କରି ଶ୍ରୀହର୍ଷ ତାଙ୍କର ପୂର୍ବ ପରିଚିତ ଦୈନିକ ଆଶାରେ ସମ୍ପାଦକ ଭାବରେ କାର୍ଯ୍ୟ କଲାବେଳେ ମୋର ତାଙ୍କ ସହିତ ଦେଖାହୋଇ ପାରିନଥିଲା । ପ୍ରଜାତନ୍ତ୍ରରେ କାର୍ଯ୍ୟ କରୁଥିଲା ବେଳେ ସେ ଅସୁସ୍ଥ ହୋଇ ପଡିଥିଲେ, ସେଥିପାଇଁ ମୋ ପରି ତାଙ୍କର ବହୁ ବନ୍ଧୁ ତାଙ୍କୁ ଶେଷ ଜୀବନରେ ସଂପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲୁ ମଧ୍ୟ ସେ ସେଥିରେ ରାଜି ହୋଇଥିଲେ ମାତ୍ର ସାମ୍ବାଦିକତା ଯେପରି ତାଙ୍କ ପକ୍ଷରେ ଏକ ନିଶାପରି ଥିଲା । ସ୍ୱର୍ଗୀୟ ବୃନ୍ଦାବନ ନାୟକ ଦୈନିକ ଆଶାରେ ଯୋଗ ଦେବାପାଇଁ ତାଙ୍କୁ ପ୍ରସ୍ତାବ ଦେଲା ମାତ୍ରେ ସେ ସେଥିରେ ରାଜି ହୋଇ ଯାଇଥିଲେ । ମୁଁ ଜାଣେ ଯେ ଆର୍ଥିକ ଅଭାବ ପୂରଣ ପାଇଁ ନୁହେ ବା ସୁଖ୍ୟାତି ଅର୍ଜନ କରିବାପାଇଁ ନୁହେ ମୃତ୍ୟୁ ପର୍ଯ୍ୟନ୍ତ ସାମ୍ବାଦିକ ହୋଇ ରହିବା ପାଇଁ ଶ୍ରୀହର୍ଷ ଚାହିଁଥିଲେ । ସାମ୍ବାଦିକ ଭାବରେ ଅଳ୍ପ ବୟସରେ ଜୀବନ ଆରମ୍ଭ କରି ପରିଣତ ବୟସ ପର୍ଯ୍ୟନ୍ତ ସାମ୍ବାଦିକ ହୋଇ ଜୀବନ ଅତିବାହିତ କରି ସାମ୍ବାଦିକ ଭାବରେ କାର୍ଯ୍ୟ କରୁ କରୁ ମୃତ୍ୟୁବରଣ କରିବାହିଁ ତାଙ୍କ ଜୀବନରେ ସାର୍ଥକତା ଥିଲା । ଓଡିଶାର ତରୁଣ ସାମ୍ବାଦିକ ବନ୍ଧୁମାନଙ୍କ ପାଇଁ ଏହା ଅନୁକରଣୀୟ । ଶ୍ରୀହର୍ଷଙ୍କୁ ପରି ନିଷ୍କପଟ ମେଳାପି ବନ୍ଧୁ ବିରଳ । ତାଙ୍କର ପିଲାପିଲି ନଥିଲେ । ସେ ତାଙ୍କର ଝିଆରୀ ପୁତୁରାଙ୍କୁ ନିଜର ପିଲାଭଳି ସ୍ନେହରେ ଆବଦ୍ଧ କରି ଚଳୁଥିଲେ । ପିଲାପିଲି ନଥିଲେ ବହୁ କ୍ଷେତ୍ରରେ ଲୋକେ ଯେପରି ପାରିବାରିକ ଜୀବନରେ ଖାପଛଡା ହୋଇଯାଆନ୍ତି ଶ୍ରୀହର୍ଷ ତା ନଥିଲେ । ତାଙ୍କ ସଙ୍ଗେ ଯେଉଁମାନଙ୍କ ପରିଚୟ ରହିଛି ସେମାନେ ଏହା ସ୍ୱୀକାର କରିବେ । ଓଡିଶାର କେତେକ ସାମ୍ବାଦିକ ଶ୍ରୀହର୍ଷ ପରି ଉତ୍ସର୍ଗୀକୃତ ଜୀବନ ଯାପନ କରିପାରି ତାଙ୍କ ସାଧନାରେ ସଫଳ ହେବେ ଏବଂ ତାଙ୍କ ସ୍ମୃତିରକ୍ଷା ହୋଇ ପାରିବ ।

ଯେଉଁ ବନ୍ଧୁମାନେ ଶ୍ରୀହର୍ଷ ମିଶ୍ରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସ୍ମରଣିକା ପ୍ରକାଶ କରୁଛନ୍ତି ବା ଅନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରିବେ ସେମାନଙ୍କ ସହିତ ସାଧ୍ୟ ମତେ ସହଯୋଗ କରିବା ପାଇଁ ମୁଁ ପ୍ରସ୍ତୁତ ରହିଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

ସ୍ୱାଧୀନତା ସଂଗ୍ରାମୀ ତଥା ବର୍ଷୀୟାନ ସମ୍ପାଦକ
ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି

ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଜୀବନ ସଭ୍ୟ ଉତ୍କଳ ସମ୍ମିଳନୀ ଓ ନବୀନ ସାହିତ୍ୟ ପ୍ରତିଷ୍ଠାନ

Source: KC Dash, Digitized by PPRACHIN, SOA

ସଂଗ୍ରାମୀ ସାଥୀ ଶ୍ରୀହର୍ଷବାବୁ

ପଣ୍ଡିତ ଭୀମସେନ ପାଠୀଶର୍ମ୍ମା

ବନ୍ଧୁ ଶ୍ରୀହର୍ଷବାବୁ ଆଉ ନାହାନ୍ତି ସତ କିନ୍ତୁ ତାଙ୍କ ସ୍ମୃତି ମୋ ମନରୁ ଯାଇନାହିଁ । ଓଡିଶାର ଅର୍ଦ୍ଧାଧିକ ଲୋକ ତାଙ୍କୁ ଜଣେ କଂଗ୍ରେସ କର୍ମୀ, ସାମ୍ବାଦିକ ଓ ସାହିତ୍ୟିକ ବୋଲି ଜାଣନ୍ତି କିନ୍ତୁ ମୁଁ ତାଙ୍କୁ ପାଇଥିଲି ଜଣେ ସଂଗ୍ରାମୀ ସାଥୀ ରୂପେ ।

ସେ ଥିଲେ ମୋଠାରୁ କେବଳ ଚାରିଦିନରେ ବଡ, ତାଙ୍କ ମୃତ୍ୟୁ ଖବର ୮।୪।୮୪ ଦିନ ଶୁଣି ମୁଁ ବିସ୍ମିତ ଓ ମର୍ମାହତ ହେଲି । ଭଗବାନ, ଓଡିଶା ପ୍ରତି ନିଷ୍ଠୁର ହୋଇ ତାଙ୍କୁ ଆମଠାରୁ ନେଇଗଲେ କିମ୍ବା ତାଙ୍କର କିଛି ବିଶେଷ ଆବଶ୍ୟକତା ଦୃଷ୍ଟିରୁ ଆମଠାରୁ ବିଚ୍ଛିନ୍ନ କଲେ; କଥାଟା ଠିକ ବୁଝି ହେଉନାହିଁ କିନ୍ତୁ ତାଙ୍କ ପରେ ତାଙ୍କ ସ୍ଥାନ ଅପୂରଣୀୟ ରହିଲା ।

୧୯୪୨ରେ ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ ରମ୍ଭାଠାରେ, ଯେତେବେଳେ ଗଞ୍ଜାମର ତ୍ୟାଗବୀର ଦିବାକର ପଟ୍ଟନାୟକ ଜିଲ୍ଲା ବୋର୍ଡର ସଭାପତି ଥିଲେ, ଏବଂ ଗଞ୍ଜାମର ରାଜନୈତିକ ଜୀବନର ଅଧିନାୟକ ହୋଇ ନେତୃତ୍ୱ ଚଳାଉଥିଲେ । ବ୍ରିଟିଶ ଶାସନର ଅଦମ୍ୟ ରାଜତ୍ୱ ଓ ନିଷ୍ଠୁର ଶୋଷଣ ବିରୋଧରେ ଚାରିଆଡେ ସଂଗ୍ରାମ ଚାଲିଥାଏ । ଲୋକେ ହସି ହସି ଜୀବନ, ଯୌବନ ଅର୍ପଣ କରି ଦେଉଥିଲେ। ୰ ଦିବାକର ବାବୁଙ୍କ ଉଷ୍ମ ପ୍ରେରଣା ଓ ସେନାନାୟକତ୍ୱରେ ଆମେ ଶିଷ୍ୟତ୍ୱ ଗ୍ରହଣ କରି ପ୍ରଥମେ ଜନସେବା ଓ ପରେ ସମାଜସେବା ପାଇଁ ଶପଥ ନେଇ, ସ୍ୱାଧୀନତାର ସଂଗ୍ରାମ ପଥରେ ଅଗ୍ରସର ହେଲୁ । ପ୍ରାଣ ତନ୍ତ୍ରୀରେ ଉତ୍ସାହର ସ୍ୱର ଶତକଣ୍ଠରେ ଉତ୍ତୋଳିତ ହେଲା-ପ୍ରାଣ ପୁଲକ ଜାତୀୟ ସଙ୍ଗୀତ ଗାଇ ଉଠିଲା ଉନ୍ମାଦଭରି । ପାଲୁରରେ ମେଡିକାଲ ଅଫିସର ରୂପେ ମୁଁ ଚାକିରୀ କରୁଥିବାବେଳେ ଶ୍ରୀହର୍ଷବାବୁ ଥିଲେ ମୋର ପ୍ରଥମ ରାଜନୈତିକ ବନ୍ଧୁ । କଂଗ୍ରେସ କାମରେ ଯୋଗ ଦେବାପାଇଁ ତାଙ୍କଠାରୁ ପ୍ରଥମ ପ୍ରେରଣା ପାଇଥିଲି, ତା'ପରେ ଆମର ଘନିଷ୍ଠତା ବଢିଲା । ଦେଶର ଚାରିଆଡେ ଶୁଭୁଥାଏ । ବ୍ରିଟିଶ ବିରୋଧରେ ଧ୍ୱନି ଏବଂ ଭାରତ ଛାଡ ଆନ୍ଦୋଳନର ବିପ୍ଳବାତ୍ମକ ଆହ୍ୱାନ । କଂଗ୍ରେସ ସଙ୍ଗଠନକୁ ଦବାଇବାପାଇଁ, ସରକାରଙ୍କର ଦମନ ନୀତି । ଏହି ସଂଘର୍ଷ ମଧ୍ୟରେ ଆମର ଜୀବନ ବିପନ୍ନ ହୋଇ ଉଠୁଥାଏ । ଚାରିଆଡେ, ପୋଡ଼ାଜଳା, କାରାଗାର ଓ ହତ୍ୟାର ତାଣ୍ଡବଲୀଳା । ପୁରପଲ୍ଲିରେ ଲୋକେ ପୋଲିସ ଦୌରାତ୍ମ୍ୟର ନିନ୍ଦା କରି ସହସ୍ର ଧନ ଦାନ କରୁଥିଲେ, ନିସ୍ୱାର୍ଥ ମାତୃଭୂମିର ସେବାଥିଲା ସେକାଳର ଧର୍ମ । ଶିବାଜୀ, ରାଣାପ୍ରତାପ, ଝାନ୍‌ସିରାଣୀଙ୍କ ଅମର କାହାଣୀ ଗୁଡିକୁ ମନରେ ରଖି ସେହି ଆଦର୍ଶରେ ଅନୁପ୍ରାଣିତ ହେଉଥିଲେ । ଦିନକର ଘଟଣା ମନେପଡୁଛି । ମୋର କର୍ମମୟ ଜୀବନ କାଳରେ ଯେତେବେଳେ ବନ୍ଧୁ ଶ୍ରୀହର୍ଷଙ୍କ ସହିତ ମିଶି କଂଗ୍ରେସ ଆନ୍ଦୋଳନରେ ଯୋଗଦେଲି, ହଠାତ ଏକ ବୈପ୍ଳବିକ ଘଟଣାର ସମ୍ମୁଖୀନ ହୋଇ, ଗୁପ୍ତ ବ୍ୟୁହ ରଚନାରେ ସଂପୃକ୍ତ ହେଲି । ସେହି କାର୍ଯ୍ୟ ସାଧନପାଇଁ ରାତ୍ରୀସାରା ଉଜାଗର ଓ ଅକ୍ଲାନ୍ତ ପରିଶ୍ରମ । ହାତଛପା ପ୍ରଚାରପତ୍ର ଗୁଡିକ ନିକଟସ୍ଥ ମଫସଲ ଅଞ୍ଚଳରେ ବିତରଣ କରି, ସେମାନଙ୍କୁ ଜାଗ୍ରତ ସୈନିକ ରୂପେ ଗଠନ ଥିଲା ଆମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟ କେତେଦିନ ଯାଏ ଅବ୍ୟାହତ ରହିଲା । କ୍ରମେ ଆମର ଗୁପ୍ତ କାର୍ଯ୍ୟର ସନ୍ଧାନ ପୋଲିସ କାନକୁ ଗଲା । ଆମର ପ୍ରଚାର କେନ୍ଦ୍ର ଉପରେ ଆକ୍ରମଣ ଆରମ୍ଭ ହେଲା-ଅଫିସ ଘେରାଉ ହେଲା ।

ଗୁପ୍ତ ଆନ୍ଦୋଳନର ମୁଖ୍ୟ କାରପଟଦାରଙ୍କୁ ଗିରଫ କରିବା ପାଇଁ କୌଣସି ୱାରଣ୍ଟ ବା ସରକାରୀ ପରୱାନା ଆବଶ୍ୟକ ନଥିଲା, ଜାଣିବା ମାତ୍ରେ କିମ୍ବା ଦେଖିବା ମାତ୍ର କଠୋର ଦଣ୍ଡ ବିଧାନର ଆଦେଶ ଥିଲା । ତେଣୁ ଆମେମାନେ ଗୁପ୍ତକେନ୍ଦ୍ରରେ ଖୁବ୍ ସତର୍କରେ ଦିନ କାଟୁଥିଲୁ । ଜୀବନ ବିପନ୍ନ-ମନରେ ଆଶଙ୍କା-ପରିସ୍ଥିତି ଅଶାନ୍ତ ।

ବିରାଡି ଗାତ ଶୁଙ୍ଘି ଶୁଙ୍ଘି ମୂଷା ଧରିଲା ପରି ପୋଲିସ ଦଳ ଆମର ଅନୁସନ୍ଧାନ କରି ଆମ କାର୍ଯ୍ୟାଳୟଟିକୁ ଠାବ କରିଦେଲେ । ଏ ଖବର ମୁଁ ଆଗରୁ ଠଉରେଇଥିଲି, ତେଣୁ ମୁଁ ଆମ କେନ୍ଦ୍ର ଅଫିସର ସମସ୍ତେ କର୍ମୀଙ୍କୁ ସତର୍କ କରାଇଦେଲି । ସମସ୍ତେ ମିଶି ଅଧରାତିଆ ବୈଠକରେ ଠିକକଲୁ ଏ ଅଫିସ ଛାଡି ଚାଲିଯିବା ।

ପୋଲିସ ଆମ ପିଛା ଲାଗିଥାନ୍ତି, ଆମକୁ ଗିରଫ କରିବା ପାଇଁ । ତା'ପରେ ଆମେ ବାଧ୍ୟହୋଇ ସେହି କାର୍ଯ୍ୟାଳୟଟି

Source: KC Dash, Digitized by PPRACHIN, SOA

ଛାଡି ଚାଲିଆସିଲୁ । ଚାରିଦିଗ ମହାଶୂନ୍ୟ, ମୁହଁକୁ ମୁହଁ ଦିଶୁନାହିଁ । ନିସ୍ତବ୍ଧ ରାତ୍ରିର ତାରକା ଖଚିତ ଆକାଶ ତଳେ ଆମେ କେତେ ଦଳ ଚାଲିଛୁ, ଯାଯାବର ଯାତ୍ରୀ ପରି । ଇମିତି ଲୁଚି ଲୁଚି ଚାଲିଲୁ ଦୀର୍ଘ ଦଶ ମାଇଲ । ରମ୍ଭାଠାରୁ ଛତ୍ରପୁର ନିକଟସ୍ଥ ଗୋଟିଏ ଅଖ୍ୟାତ ପଲ୍ଲିରେ ଆଶ୍ରୟ ନେଲୁ । ସେ ସମୟରେ ଶ୍ରୀହର୍ଷବାବୁଙ୍କ ସାହସ, ସଂଗ୍ରାମୀ ଚେହରା, ନେତୃତ୍ୱ ମନେପଡିଲେ, ଆମେରିକା ଆବିଷ୍କାରଙ୍କ ନୌଯାତ୍ରା ମନେପଡେ । ଲକ୍ଷ୍ୟହୀନ ନୀଳ ସମୁଦ୍ର ଉପରେ, ଭାରତ ଅନୁସନ୍ଧାନରେ ଚାଲିଥିବା ନୌବାହକମାନଙ୍କ ଧୈର୍ଯ୍ୟଚ୍ୟୁତି ବେଳେ ସେନାପତି କିପରି ସହିଷ୍ଣୁତା ରକ୍ଷା କରିବାକୁ ଧୈର୍ଯ୍ୟ ଦେଉଥିଲେ ଏବଂ ଉପବାସ କଷ୍ଟ ସହ୍ୟ କରିବାକୁ ଉପଦେଶ ସେବା ସଙ୍ଗେ ସଙ୍ଗେ ସ୍ନେହ, ସାହସ ଓ ଉତ୍ସାହ ଦେଉଥିଲେ ସେ କଥା ଆଜି ମଧ୍ୟ ମନେ ପଡିଲେ ରୋମ ଟାଙ୍କୁରି ଉଠୁଛି । ଶ୍ରୀହର୍ଷବାବୁଙ୍କର ସେହି ଉଦ୍ଦୀପନା ଆମକୁ ଗୋଟିଏ ଅଚିହ୍ନା ପଲ୍ଲିରେ ରାତ୍ରିଯାପନ କରିବାକୁ ପ୍ରେରଣା ଯୋଗାଇଥିଲା ।

ଶଙ୍କିତ ପ୍ରାଣ ନେଇ ରାତ୍ରିଯାପନ ପରେ, ଅରୁଣୋଦୟ ହେଲା ସେହିଠାରେ । ମଫସଲ ବାସିନ୍ଦାଙ୍କ ଏକତା, ମିତ୍ରତା ଓ ସହାୟତା ବଳରେ ଆମେମାନେ ପୋଲିସର କଡ଼ା ଦୃଷ୍ଟିରୁ ରକ୍ଷା ପାଇଗଲୁ । କଣ୍ଟିଆଗଡ଼ପଲ୍ଲୀ କଥା ମନେ ପଡ଼ିଲେ ଆଜି ବି ହୃତକମ୍ପ ଜାତ ହୁଏ । ବନ୍ଧୁ ଶ୍ରୀହର୍ଷବାବୁ ଥିଲେ ଅତି ଉଦାର ଓ ଅମାୟିକ ଅଥଚ ନିର୍ଭୀକ ଓ କର୍ମବୀର । ସାହିତ୍ୟସେବାଠାରୁ ଆରମ୍ଭ କରି ସାମ୍ବାଦିକତା ଓ ଜାତୀୟ ମମତା ତାଙ୍କ ପ୍ରବୀଣତାର ପରିଚୟ ଦେଇଥିଲା । ସେ ଉତ୍କଳର ବହୁ ବିଶିଷ୍ଟ ଲୋକଙ୍କ ମିତ୍ର ଓ ପରିଚିତ ଥିଲେ। କର୍ମକ୍ଷେତ୍ରରେ ସମସ୍ତ ଦଳିତ ଶ୍ରେଣୀର ଗୋଷ୍ଠୀକୁ ଆଦରରେ ନିଜର କରି ନେଇଥିଲେ । ତାଙ୍କ ପ୍ରଣୀତ ପଶ୍ଚିମ ଦିଗନ୍ତ ଗ୍ରନ୍ଥରେ ନିଜ ଦେଶ ଭକ୍ତି, ମାତୃଭୂମିର ଉପାସନା ଓ ବିଦେଶ ଗମନ ଜନିତ ଅନୁଭୂତିକୁ ପୃଷ୍ଠାକ୍ରମରେ ପରିପୁଷ୍ଟ କରିଛନ୍ତି । ଏହି ଉପାଦେୟ ଗ୍ରନ୍ଥରେ ବହୁ ବିଶିଷ୍ଟ ତଥ୍ୟର ପରିପ୍ରକାଶ କରି, ସେ ଓଡିଶାର ପାଠକମାନଙ୍କୁ ଅମର ଉପହାର ଦେଇଯାଇଛନ୍ତି ।

ଆଜି ସେ ନାହାନ୍ତି କିନ୍ତୁ ତାଙ୍କର ଅଭୁଲା ସ୍ମୃତି ରହିଛି ରହିଥିବ । ତାଙ୍କ ଅଭାବରେ ତାଙ୍କର ଶୋକସନ୍ତପ୍ତ ପରିବାର ଯେଉଁ ମର୍ମନ୍ତୁଦ ଦୁଃଖ ଅନୁଭବ କରୁଛନ୍ତି ମୁଁ ସେମାନଙ୍କ ସହିତ ସମବେଦନା ଜ୍ଞାପନ କରି, ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

◆◆◆

Source: KC Dash, Digitized by PPRACHIN, SOA

ନୈଷ୍ଠିକ ଓ ଦରଦୀ

ଅଧ୍ୟାପକ ମଧୁସୂଦନ ଦାସ

ଉତ୍ତର ଓଡିଶାର ଏକ ଅତ୍ୟନ୍ତ ଦୁର୍ଯୋଗ ବେଳେ ଶ୍ରୀହର୍ଷ ବାବୁଙ୍କ ସଙ୍ଗରେ ପରିଚିତ ହେବାର ସୁଯୋଗ ଲାଭ କରିଥିଲି । ୧୯୬୭ ମସିହାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ, ଶାଳନ୍ଦୀ ଓ ବୈତରଣୀ । ସବୁ ନଦୀରେ ଏକାବେଳେକେ ପ୍ରବଳ ବନ୍ୟା ଆସି ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା । ଧନଜୀବନ କ୍ଷୟକ୍ଷତିର ଇୟତ୍ତାନଥିଲା । ମୁଁ ସେତେବେଳେ ରେଭେନସା କଲେଜରେ ଏମ.ଏ ଶ୍ରେଣୀରେ ଛାତ୍ର ଥିଲି । ବାଲେଶ୍ୱରର ବିଶିଷ୍ଟ ଓକିଲ ଓ ନେତା ଶମ୍ଭୁନାଥ ମହାନ୍ତି ଆଇନ କଲେଜର ଛାତ୍ର ଥିଲେ । ସେ, ମୁଁ ଓ ଆଉ ଦଶ ବାରଜଣ ଛାତ୍ର କଟକ ସହରରୁ ସାହାର୍ଯ୍ୟ ସଂଗ୍ରହ କରି ଉତ୍ତର ବାଲେଶ୍ୱରର ଏକ ଅଞ୍ଚଳରେ ବଣ୍ଟନ କରିବାକୁ ଯାଇଥିଲୁ । ଦରିଦ୍ର ଓ ମଧ୍ୟବିତ୍ତ ନିର୍ବିଶେଷରେ ଲୋକମାନଙ୍କ କରୁଣ ଅବସ୍ଥା ପ୍ରତ୍ୟକ୍ଷ କରିଯିବା ପରେ ଲୋକଙ୍କ ଦୂରବସ୍ଥା ବନ୍ୟାର କାରଣ, ଓ ପ୍ରତିକାରର ପ୍ରସ୍ତାବମାନ ଦେଇ ମୁଁ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲି ଉତ୍ତର ଓଡିଶାର ବନ୍ୟାପ୍ଲାବନ ଏକ ସମୀକ୍ଷା ।

ମୁଁ ସନ୍ତର୍ପଣରେ ପ୍ରଜାତନ୍ତ୍ରର ସମ୍ପାଦକଙ୍କ ଅଫିସକୁ ଗଲି । ଉପର ମହଲାରେ ଗୋଟିଏ ପଟେ ଅଫିସ ଥିଲା । ସମ୍ପାଦକ ଶ୍ରୀହର୍ଷବାବୁ ସେ ଦିନର ସମ୍ପାଦକୀୟ ଡାକି ଦେଉଥିଲେ । ମୋତେ ବସିବାପାଇଁ ଇଙ୍ଗିତ ଦେଇ ସମ୍ପାଦକୀୟ ଶେଷ କଲେ । ଈଷତ ହସି କହିଲେ, କୁହନ୍ତୁ ମୁଁ ଅତି ସଂକ୍ଷେପରେ ମୋର ପ୍ରତ୍ୟକ୍ଷ ଅନୁଭୂତି ପ୍ରକାଶ କରି ପ୍ରବନ୍ଧଟି ବଢ଼ାଇଦେଲି । ସେ ସଙ୍ଗେ ସଙ୍ଗେ ପଢ଼ିବାକୁ ଆରମ୍ଭ କଲେ । ତାଙ୍କ ମୁହଁ କ୍ରମେ ଗମ୍ଭୀର ହୋଇଗଲା । ପୂରା ପ୍ରବନ୍ଧଟି ପଢ଼ିସାରି ସାମାନ୍ୟ ଅଂଶ ପରିବର୍ତ୍ତନ କରିଦେଇ କହିଲେ, ଆଜିତ ସବୁ ଚାଲିଗଲାଣି । ଆସନ୍ତା କାଲି ଇଏ ବାହାରିବ । ମୁଁ ଏତେ ଆଶା କରି ନଥିଲି, ଭାବୁଥିଲି, ହୁଏ ତ ଗୋଟିଏ ଅଧେ ସ୍ତମ୍ଭରେ ପରିଣତ କରି ସାତଦିନ ପରେ ପ୍ରକାଶ କରିବେ । କିନ୍ତୁ ଗୋଟିଏ ଦିନ ପରେ ରାତିରେ ଖବରକାଗଜ ବିକାଳି ମୁହଁରୁ ଶୁଣିଲି-ଉତ୍ତର ଓଡିଶାର ବନ୍ୟାପ୍ଲାବନ ଦୈନିକ ପ୍ରଜାତନ୍ତ୍ର । ସ୍କୁଲ ଛାତ୍ର ଜୀବନରୁ ବହୁତ କବିତା ଲେଖୁଥିଲି । ପ୍ରକାଶ କରାଇବା ଦିଗରେ ଉଦ୍ୟମ ନଥିଲା । ବନ୍ୟା ପରିସ୍ଥିତି ସୁଧୁରିଯିବାର କିଛିଦିନ ପରେ ପ୍ରଜାତନ୍ତ୍ରର ସାହିତ୍ୟ ବିଭାଗ ପାଇଁ ଗୋଟିଏ କବିତା ନେଇ ତାଙ୍କୁ ପାଖରେ ପହଞ୍ଚିଲି । ମୋତେ ଦେଖିଲାକ୍ଷଣି କହିଲେ ଆପଣଙ୍କ ଲେଖାତ ବାହାରି ଯାଇଛି । ମୁଁ ଛୋଟ କବିତାଟି ବଢ଼ାଇଦେଲି । ସେ ସଙ୍ଗେ ସଙ୍ଗେ ପଢ଼ିଦେଇ କହିଲେ ଏମିତି କବିତା ହେଲେ ସିନା ଆଧୁନିକ ହେବ ଓ ଲୋକେ ମଧ୍ୟ ବୁଝିବେ । ସେଦିନ ଶୁକ୍ରବାର, ରବିବାରର ସାହିତ୍ୟ ବିଭାଗ ପାଇଁ ଲେଖା ନିର୍ବାଚନ ସରିଥିଲା । ସେ ଜନୈକ କର୍ମଚାରୀଙ୍କୁ ବରାଦ କଲେ, ଅମୁକ (ଜଣେ ବିଶିଷ୍ଟ ବ୍ୟକ୍ତି, ଯାହାଙ୍କ ପୁଅ ନୂତନ କବି ହେଉଥିଲେ)ଙ୍କ ପୁଅର କବିତାଟି ବାହାର କରିଦେଇ ଏଇ କବିତାଟି ଦେଇଦିଅ । ତାପରେ କେତୋଟି କବିତା ଡାକରେ ପଠାଇଦେଲି । କ୍ରମେ ଅନେକ ରବିବାସରୀୟ ସାହିତ୍ୟ ବିଭାଗରେ ମୋ କବିତା ବାହାରିଲା । ସେତେବେଳେ ସେ ସପ୍ତାହନ୍ତ ବିଚାର ଶୀର୍ଷକ ସମ୍ପାଦକୀୟ ଲେଖୁଥିଲେ । ଦୁଇ ତିନିଥର ଦେଖିବା ପରେ ଦିନେ ଯାଇ ତାଙ୍କୁ ଭେଟିଲି । ଦର୍ଶାଇଦେଲି ସେ ଶବ୍ଦଟି ସପ୍ତାହାନ୍ତ ହେବ । ସେ ହସିଦେଇ ସହଜ ଭାବରେ କହିଲେ, ସେଇଟା ଆର୍ଷ ପ୍ରୟୋଗ ହେଉଛି ପରା । ଜଣେ ଛାତ୍ର ସମ୍ପାଦକୀୟ ଶୀର୍ଷକରେ ବ୍ୟତିକ୍ରମ ଦର୍ଶାଉଥିବାରୁ ସେ ବିରକ୍ତ ପ୍ରକାଶ କରିବା ତ ଦୂରର କଥା, ବରଂ ଦେଖିଲି ପରବର୍ତ୍ତୀ ସଂଖ୍ୟାରେ ସପ୍ତାହାନ୍ତ ବିଚାର ଛପା ହୋଇଛି । ୧୯୬୯ ମସିହାରେ ଅପ୍ରତ୍ୟାଶିତ ଭାବରେ ପ୍ରଜାତନ୍ତ୍ରର କର୍ଣ୍ଣଧାର ହରେକୃଷ୍ଣ ମହତାବଙ୍କ ସ୍ୱାକ୍ଷରିତ ପତ୍ର ପାଇଲି ଯେ ବିଂଶତିତମ ବିଷୁବ ମିଳନରେ କବି ଭାବରେ ମୁଁ ପୁରସ୍କୃତ ହେବି ।

ଜଳେଶ୍ୱରରେ ଦୀନକୃଷ୍ଣ କଲେଜରେ ମୁଁ ଇଂରାଜୀ ଅଧ୍ୟାପକ ଭାବେ ଅବସ୍ଥାପିତ ହେବାର ପ୍ରାୟ ଛଅ ସାତ ବର୍ଷ ପରେ ସେ ଥରେ ସେଠାକୁ ମୁଖ୍ୟ ଅତିଥି ହୋଇ ଯାଇଥିଲେ । ମୁଁ ପହଞ୍ଚିବା ଆଗରୁ ସେ ଅଧକ୍ଷ ମୃତ୍ୟୁଞ୍ଜୟ ଭଞ୍ଜଙ୍କୁ

Source: KC Dash, Digitized by PPRACHIN, SOA

ପଚାରିଛନ୍ତି, ମଧୁବାବୁ କାହାନ୍ତି ସେ ତ ଆପଣଙ୍କର ଓଡିଆ ବିଭାଗରେ ଅଛନ୍ତି ? ମୁଁ ଓଡିଆ ବିଭାଗରେ ଅଛି ବୋଲି ସେ ଯାଏଁ ତାଙ୍କର ଧାରଣା ଥିଲା । ସେ ଯାହାହେଉ, ମୋ ପରି ଜଣେ ଅକିଞ୍ଚନ କବି ଓ ଲେଖକକୁ ସେ ମନେ ରଖିଥିଲେ ଓ ପହଞ୍ଚିବା ମାତ୍ରେ ମୋତେ ଖୋଜିଥିଲେ, ଏବେ ମଧ ମୁଁ ବିଚାରେ, ଏଇଟା ମୋର ସୌଭାଗ୍ୟ । ଗୁଣୀ, ଗୁଣଗ୍ରାହୀ ଓ ଦରଦୀ ଭାବରେ ସେ କ୍ରମେ ମୋ ମନରେ ଅଧିକରୁ ଅଧିକ ସମ୍ମାନର ଆସନରେ ପ୍ରତିଷ୍ଠିତ ହୋଇଅଛନ୍ତି ।

ଗୋଟିଏ ସାହିତ୍ୟାନୁଷ୍ଠାନର ଅତିଥି କରି ନେବାପାଇଁ ଥରେ ମୁଁ ତାଙ୍କ ବାସଭବନକୁ ଯାଇଥିଲି । ଛୋଟିଆ କୋଠରୀଟିରେ ଗୋଟିଏ କାଠ ଚେୟାରରେ ସେ ବସିଥିଲେ । ହାତ ପାଖରେ, ଖଟ ଉପରେ, ତଳେ ବହି ଗଦେଇ ହୋଇ ପଡିଥିଲା । ସେ ଖଣ୍ଡିଏ ବହି ଭିତରେ ବୁଡିଯାଇଥିଲେ । ଗଭୀର ଓ ବ୍ୟାପକ ଅଧ୍ୟୟନ ଏବଂ ତୀକ୍ଷଣ ବିଶ୍ଳେଷଣର ପରିଣତି ସ୍ୱରୂପ କଠିନ ଓ ଜଟିଳ ବିଷୟବସ୍ତୁକୁ ସେ ସାଧାରଣ ପାଠକର ବୋଧଗମ୍ୟ ଭାଷାରେ ସରଳ ଓ ସରସ ଭାବରେ ପରିବେଷଣ କରୁଥିଲେ । ବିନୋଦ କାନୁନଗୋଙ୍କ ଭଳି ଏଇ ଶୈଳୀ ତାଙ୍କର ଭାଷଣ, ସମ୍ପାଦକୀୟ ଅଗ୍ରଲେଖ ଓ ଭ୍ରମଣ କାହାଣୀର ମନୋହର ଭୂଷଣ ।

ସମ୍ଭବତଃ ୧୯୭୧ ମସିହାରେ କଟକରେ ନେତାଜୀଙ୍କ ଜନ୍ମ ସ୍ଥାନରେ ନେତାଜୀ ଜୟନ୍ତୀ ପାଳିତ ହେଉଥିଲା । ଅନ୍ୟମାନଙ୍କ ମଧରେ ବକ୍ତା ଥିଲେ ଡ. ହରେକୃଷ୍ଣ ମହତାବ ଓ ଶ୍ରୀହର୍ଷ ମିଶ୍ର । ଶ୍ରୀହର୍ଷବାବୁ ନେତାଜୀଙ୍କର ଓଡିଶା ସହିତ ସମ୍ପର୍କ ବିଷୟରେ ଏପରି କେତୋଟି ତଥ୍ୟ ପ୍ରକାଶ କଲେ ଯାହା ଡକ୍ଟର ମହତାବ ନିଜେ ଜାଣିନଥିଲେ ବୋଲି ସ୍ୱୀକାର କରି ଶ୍ରୀହର୍ଷ ବାବୁଙ୍କର ଉଚ୍ଚ ପ୍ରଶଂସା କଲେ । ଜନଗଣର ଭାଷାରେ କଥା କହି ପାରୁଥିବା ଆଦର୍ଶ ଓ ନିଷ୍ଠାପର ସାମ୍ବାଦିକ, ସଂଗ୍ରାମୀ, ସାହିତ୍ୟିକ ଓ ହୃଦୟବାନ ବ୍ୟକ୍ତିତ୍ୱ ସ୍ୱର୍ଗତ ଶ୍ରୀହର୍ଷ ମିଶ୍ରଙ୍କ ମହନୀୟ ସ୍ମୃତି ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣାମ ଜଣାଉଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

◆◆◆

'ନବୀନ'ର ୮୯ତମ ସୁନକ୍ଷତ୍ର ଦିବସ ଓ ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଆମର ଶୁଭେଚ୍ଛା ଓ ଅଭିନନ୍ଦନ

ଶୁଭେଚ୍ଛା ସହ

ପୂର୍ଣ୍ଣଚନ୍ଦ୍ର ସାହୁ, ସଭାପତି

ସନ୍ତୋଷ କୁମାର ସାହୁ, ସମ୍ପାଦକ

ପବିତ୍ର ମୋହନ ପାଣିଗ୍ରାହୀ, ସାଧାରଣ ସମ୍ପାଦକ

ଅମିତ କୁମାର ଆଚାର୍ଯ୍ୟ, ଗୌରାଙ୍ଗ ସାହୁ, ଉପସଭାପତି

କୈଳାଶ ଚନ୍ଦ୍ର ପଣ୍ଡା, ସିଦ୍ଧେଶ୍ୱର

ପି. ଷଣ୍ମୁଖେଶ୍ୱ ପାତ୍ର, ବଜ୍ରଗୁମ୍ଫା

ଗଞ୍ଜାମ ଜିଲା ଚାଉଳ କଳ ମାଲିକ ସଂଘ, ଗୋଷାଣୀ ନୂଆଗାଁ, ବ୍ରହ୍ମପୁର-୭୬୦୦୦୩

Source: KC Dash, Digitized by PPRACHIN, SOA

କାହାନ୍ତି ଶ୍ରୀହର୍ଷ ମିଶ୍ରେ ?

ସତ୍ୟନାରାୟଣ ପଟ୍ଟନାୟକ

ମୃତ୍ୟୁ ଏକ ଅବଶ୍ୟମ୍ଭାବୀ ଘଟଣା, ଯାହାକୁ କହନ୍ତି-ଜନ୍ମ ମାତ୍ରେ ମୃତ୍ୟୁ ନିଶ୍ଚିତ । ମରଣକୁ କେହି କେବେ ଏଡାଇ ଦେଇ ପାରେନା । ତା'ର ଦାରୁଣ ଆକ୍ରମଣରୁ ରକ୍ଷା ପାଇବା ଆଶାରେ ଲୋକେ ଲକ୍ଷାଧିକ ଖର୍ଚ୍ଚ କରି ବିଦେଶୀ ଡାକ୍ତର ବା ଚିକିତ୍ସାଳୟର ଆଶ୍ରୟ ନେଇଥାନ୍ତି, ଚଣ୍ଡି ପୂଜା କରାନ୍ତି, ବଗଳା ଜପନ୍ତି, ପଶୁ ବଳି ଦିଅନ୍ତି, ସହଣୀ କରନ୍ତି କିନ୍ତୁ ଏ ସମସ୍ତ କେବଳ ମନର ଆବେଗ ଆଶାର କୁହେଳିକା ମାତ୍ର । ଆଶାବାଦୀମାନେ ଏସବୁ କଥାରେ ବିଶ୍ୱାସ କରି ଶେଷରେ ମୃତ୍ୟୁ ନିକଟରେ ପରାସ୍ତ ହୁଅନ୍ତି । ମୃତ୍ୟୁକୁ ଯେଉଁମାନେ ଏକ ଦୀର୍ଘପଥ ବୋଲି ମନେ କରନ୍ତି ସେମାନଙ୍କ ହିସାବ ଏକାବେଳକେ ଭ୍ରମ ଧାରଣା ବୋଲି ପ୍ରମାଣିତ ହୁଏ । କାରଣ ମୃତ୍ୟୁ ଅତି ଅବାଧରେ ଅଚାନକ ଭାବେ ଆସି ପହଞ୍ଚିଯାଏ । କବିବର ରାଧାନାଥ ଗୋଟିଏ ଯୁଗୋପଯୋଗୀ କବିତା ଲେଖି ଆମକୁ ସତର୍କ କରାଇ ଦେଇଛନ୍ତି ।

"ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ
ହସି ହସି କାଳ ତା'ର ପଛେ ବସେ" ।

ଆମ ଆଖି ଆଗରେ, କେତେ ବିଦ୍ୱାନ, କେତେ ଦାର୍ଶନିକ, କେତେ ଦାମୀ ଓ ଦେଶପ୍ରେମୀ ଏ ପୃଥିବୀ ବକ୍ଷରୁ ବିଦାୟ ନେଇଛନ୍ତି ତା'ର ଇୟତ୍ତା ନାହିଁ । ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ ପୁନରପି ଜନମଂ ପୁନରପି ମରଣଂ ର ସତ୍ୟତା ରକ୍ଷା କରି କେତେ ପ୍ରାଣୀ ବାରମ୍ବାର ମାତୃକୋଳ ମଣ୍ଡନ କରିଛନ୍ତି ତା'ର କଳନା ନାହିଁ । ଏହି ନୂତନତା ଓ ପୁରାତନତାର ଆବର୍ତ୍ତନ ଓ ବିବର୍ତ୍ତନ ହିଁ, ସୃଷ୍ଟିର ବିଚିତ୍ର ରହସ୍ୟ । ଏହି ରହସ୍ୟମୟ ପ୍ରତିକ୍ରିୟା ହିଁ ସୃଷ୍ଟିକର୍ତ୍ତାଙ୍କର ଆନନ୍ଦ ଅଭିଳାଷର ପୂର୍ଣ୍ଣତା ପ୍ରାପ୍ତି ହୁଏ । ତେଣୁ ପ୍ରକୃତିର ଏହି ନିଷ୍ଠୁର ନିର୍ଦ୍ଦେଶ ମାନି ଆମକୁ ଇହସଂସ୍କାର ତ୍ୟାଗ କରିବାକୁ ହୁଏ । ଏଥିପାଇଁ ନିର୍ଦ୍ଦିଷ୍ଟ କାଳ ଓ ସମୟର ଧରାବନ୍ଧା ନିୟମ ନଥାଏ ।

ଜଣେ ଜ୍ଞାନୀ ସିଦ୍ଧ ଗୁରୁଙ୍କୁ ତାଙ୍କର ଶିଷ୍ୟ ପ୍ରଶ୍ନ କଲେ ଭଗବାନ ! ସ୍ୱର୍ଗ ନର୍କ କାହାକୁ କହନ୍ତି ? ଗୁରୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ପ୍ରକୃତରେ ଏପରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ କେଉଁଠାରେ ନାହିଁ । ମୃତ୍ୟୁ ବେଳେ ଯଦି କେହି ମୃତ ବ୍ୟକ୍ତିଙ୍କୁ ସ୍ମରଣ କରି ଅଶ୍ରୁମୁଞ୍ଚନ କରେ ତେବେ ସେ ନିଶ୍ଚିତ ଭାବେ ସ୍ୱର୍ଗକୁ ଯାଏ କିମ୍ବା ମୃତ ବ୍ୟକ୍ତିର ଦୁର୍ଗୁଣ ବର୍ଣ୍ଣନା କରି ଲୋକେ ଆନନ୍ଦ ଅନୁଭବ କରନ୍ତି ତେବେ ସେ ନର୍କବାସ କରେ । ତାର ତାତ୍ପର୍ଯ୍ୟ ହେଲା ମନର ଭାବ ଅନୁଯାୟୀ ପ୍ରତି ମନୁଷ୍ୟର ବା ପ୍ରାଣୀର ଭଲ ମନ୍ଦ ଗୁଣକୁ ସ୍ୱର୍ଗ, ନର୍କ ଆଖ୍ୟା ଦିଆଯାଇଥାଏ ।

ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ସାମ୍ବାଦିକ ଶ୍ରୀହର୍ଷବାବୁ ଆଜି ଆମ ଭିତରେ ନାହାନ୍ତି କିନ୍ତୁ ତାଙ୍କ ମରଣୋତ୍ତର ପ୍ରଶଂସା ହିଁ ତାଙ୍କ ପକ୍ଷେ ଏକ ମହାର୍ଘ ପ୍ରମାଣ ପତ୍ର । ସେ ଥିଲେ ଗଞ୍ଜାମର ଏକ ଅଖ୍ୟାତ ପଲ୍ଲିର ବିଖ୍ୟାତ ଜନସେବକ । ପଢାପଢି ଅଧିକ ନଥିଲା କିନ୍ତୁ ଆଧୁନିକ ଶିକ୍ଷିତ ସମାଜର ସେ ଥିଲେ ପରମ ବନ୍ଧୁ । ତାଙ୍କର ମନ୍ତ୍ରୀ ହେବା ଆଶା ନଥିଲା, କିମ୍ବା ବିଧାୟକ ହୋଇ କ୍ଷମତା ହାସଲ କରିବାର ପ୍ରବୃତ୍ତି ନଥିଲା । ଗାଁ ଗହଳର ସାଧାରଣ ଚାଟଶାଳି ପାଠ ଶେଷ କରି ସେ ଯେତେବେଳେ ଉତ୍ତର ଭାରତରେ ହିନ୍ଦୀ ବିଦ୍ୟାଳୟ ଆଶ୍ରୟ ନେଲେ ସେତେବେଳେ ସେ କମ ପରିଶ୍ରମ କରିନାହାନ୍ତି । ପାଞ୍ଚବର୍ଷ ଅଧ୍ୟୟନରେ ଦଶବର୍ଷର ଶିକ୍ଷା ଶେଷ କରି, ମହାତ୍ମାଗାନ୍ଧୀଙ୍କ ଜାତୀୟ ଆହ୍ୱାନ ଯୋଗୁଁ ଜୀବନ ଉତ୍ସର୍ଗ କରି ଦେଇଥିଲେ । ସ୍ୱାଧୀନତା ସଂଗ୍ରାମ ଶେଷ କରି କାରାମୁକ୍ତ ହେବାପରେ ପ୍ରଥମେ ଓଡିଶାର ବିଶିଷ୍ଟ ଦୈନିକ ସମ୍ବାଦପତ୍ର ଦୈନିକ ସମାଜ ତା ପରେ ପ୍ରଜାତନ୍ତ୍ର ଏବଂ ଶେଷରେ ଦୈନିକଆଶାର ସମ୍ପାଦକ ରୂପେ କାର୍ଯ୍ୟ କରି ଓଡିଶାର ଅଗଣିତ ଜନମାନବଙ୍କୁ ସେବା କରି ତୃପ୍ତ କରିଥିଲେ ।

୧୯୩୬ର କଥା । ବ୍ରହ୍ମପୁରରେ (୮ ଉମାଚରଣ ପଟ୍ଟନାୟକଙ୍କ ଚାରିଘର ପୂର୍ବକୁ) ଗଞ୍ଜାମ ଜିଲ୍ଲା କଂଗ୍ରେସ ଅଫିସ ଥାଏ । ତାକୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷାରେ ଉଦଯୋଗ ମନ୍ଦିର କହୁଥିଲେ । ଏହି କର୍ମମନ୍ଦିରରେ ବହୁ ଉଦଯୋଗୀ

Source: KC Dash, Digitized by PPRACHIN, SOA

କଂଗ୍ରେସ କର୍ମୀଙ୍କର ସମାଗମ ହେଉଥିଲା । ଶ୍ରୀହର୍ଷବାବୁଙ୍କ ସହିତ ମୋର ପ୍ରଥମ ସାକ୍ଷାତ ଏହି ପବିତ୍ର କର୍ମ ପୀଠରେ ଆମେ ଦୁହେଁ ସ୍ୱେଚ୍ଛା ସେବକ ଥିଲୁ । ସ୍ୱର୍ଗତ ଦିବାକର ପଟ୍ଟନାୟକ ଥିଲେ ଜିଲ୍ଲା ସଭାପତି ଏବଂ ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ପ୍ରାଦେଶିକ ସଭାପତି ।

ଶ୍ରୀହର୍ଷବାବୁ, ସେତେବେଳେ ହିନ୍ଦୀ ଶିକ୍ଷା କରି ଆସିଥାନ୍ତି । ତାଙ୍କୁ ଇଂରେଜ ମୋଟେ ଆସୁନଥିଲା ମୋଠାରୁ ଇଂରେଜ ଓ ତେଲୁଗୁ ଭାଷା ଶିକ୍ଷା କରି ତା ବିନିମୟରେ ସେ ମୋତେ ହିନ୍ଦୀ ଶିକ୍ଷା ଦେଉଥିଲେ । ଅଳ୍ପ କେତୋଟି ମାସ ଇଂରେଜ ଶିଖିସାରି ତେଲୁଗୁ କଥା ଆରମ୍ଭ କରିଥିଲେ । ହଠାତ କଂଗ୍ରେସ ଅଫିସର ଉପର ମହଲରୁ ନିର୍ଦ୍ଦେଶ ଆସିଲା, ମାନ୍ଦ୍ରାଜରେ ହେଉଥିବା ଏମ.ଏଲ.ସି. ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟରେ ଯିବାକୁ । ମୋତେ ବିଚ୍ଛିନ୍ନାଞ୍ଚଳ ଯିବାକୁ ପଡିଲା । ମଞ୍ଜୁଷା, ଟିକିଲି, ତରଳା, ଜଳନ୍ତରରେ ମୁଁ ରହିଲି । ସେ ମଧ୍ୟ ଅନ୍ୟ କାର୍ଯ୍ୟରେ କଂଗ୍ରେସ ଅଫିସ ଛାଡିଲେ । ତାର କେତେ ଦିନ ପରେ ସରକାରଙ୍କ କୋପଦୃଷ୍ଟି ପଡିଲା । ଘେରାଉ ହେଲା । ଅଫିସ ଭାଙ୍ଗିଲା । ତାଙ୍କ ସହିତ ମୋର ଦେଖା ସାକ୍ଷାତ ହେଲା ନାହିଁ, ଦଶବର୍ଷ ପର୍ଯ୍ୟନ୍ତ ।

୧୯୪୫ରେ ଆମର ବୈଷୟିକ କର୍ମମୟ ଜୀବନ ଆରମ୍ଭ ହେଲା । ମୁଁ ବ୍ରହ୍ମପୁରରେ ସ୍ଥାୟୀଭାବେ ଅବସ୍ଥାନ କଲି । ସେ କଟକରେ ରହି ସାମ୍ବାଦିକତା ଆରମ୍ଭ କଲେ । ସମାଜ ଅଫିସରେ ରହିବାର ସୁଯୋଗ ମିଳିଲା । ତାପରେ ଜଣେ ବିଶିଷ୍ଟ ସାହିତ୍ୟିକ ରୂପେ ଓଡିଶାରେ ପରିଚିତ ହେଲେ । ନିଜ ପ୍ରତିଭା ବଳରେ ଓଡିଶାର ବହୁ ଗଣ୍ୟମାନ ବ୍ୟକ୍ତି ବିଶେଷଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରି ପାରିଲେ । ବିଦେଶ ଯିବାର ସୌଭାଗ୍ୟ ଘଟିଲା । ତାଙ୍କର ଇଂଲଣ୍ଡ ଅନୁଭୂତିକୁ ପଶ୍ଚିମ ଦିଗନ୍ତ ଗ୍ରନ୍ଥରେ ରୂପାୟିତ କରିଛନ୍ତି ।

ଓଡିଶାର ବରେଣ୍ୟ ସାମ୍ବାଦିକ ରାଧାନାଥ ରଥଙ୍କ ତତ୍ତ୍ୱାବଧାନରେ ଓ ବିଶିଷ୍ଟ ଐତିହାସିକ ଏବଂ ସାହିତ୍ୟିକ ଡ. ହରେକୃଷ୍ଣ ମହତାବଙ୍କ ପ୍ରେରଣାରେ ସେ ଅଗାଢ଼ ପାଣ୍ଡିତ୍ୟ ଲାଭ କଲେ । ସେତେବେଳେ ଗଞ୍ଜାମରେ ଯେଉଁ ସାହିତ୍ୟ ଆସର ସୃଷ୍ଟି ହେବାକୁ ଯାଉଥିଲା ତାକୁ ଉତ୍ସାହିତ କରୁଥିଲେ । ଏଥିରେ ପଣ୍ଡିତ ଗୌରୀ କୁମାର ବ୍ରହ୍ମା (ଉତ୍କଳ ବାଚସ୍ପତି), ୰ ବିନାୟକ ଆଚାର୍ଯ୍ୟ (ମୁଖ୍ୟମନ୍ତ୍ରୀ) ଏବଂ ଦୁଃଖିଶ୍ୟାମ ପଟ୍ଟନାୟକ (ବିଦ୍ୟା ବାଚସ୍ପତି)ଙ୍କ ଅବଦାନ ଅବିସ୍ମରଣୀୟ । ଗଞ୍ଜାମର ଏହି ସାହିତ୍ୟ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ମୋତେ ସେ ବାରମ୍ବାର ସ୍ମରଣ କରାଇ ଦେଇଥିଲେ । ଅତଏବ ତାଙ୍କର ସେହି ଉତ୍ସାହ ମୋ ମନରେ ଚିର ଜାଗ୍ରତ ହୋଇ ରହିଛି ।

୧୯୮୨ରେ ଜନନାୟକ ୰ ବୃନ୍ଦାବନ ବାବୁ ଗଞ୍ଜାମରେ ଗୋଟିଏ ଦୈନିକ ଖବର କାଗଜ ଚଳାଇବା ଇଚ୍ଛା ବହୁଦିନରୁ କରିଆସୁଥିଲେ । ତେଣୁ ଦୈନିକଆଶା କୁ ପୁନସଂସ୍ଥାପନ କରି ଶ୍ରୀହର୍ଷବାବୁଙ୍କୁ ସଂପାଦକ ରୂପେ ନିଯୁକ୍ତି ଦେଇଥିଲେ । ସଂପାଦକୀୟ ମନ୍ତବ୍ୟରେ ସେ ସରକାରଙ୍କ ଆସନ ଦୋହଲାଇ । ଦେଉଥିଲେ ତାଙ୍କ ନିରପେକ୍ଷ ନୀତିରେ ପ୍ରଶାସନିକ କର୍ତ୍ତୃପକ୍ଷ ଥରହର ହେଉଥିଲେ । ଗଞ୍ଜାମର ରୟତ, କୃଷକ, ଶିକ୍ଷକ, ଶ୍ରମିକ, ଛାତ୍ର ଓ ହରିଜନ ଶ୍ରେଣୀ ବିଶେଷ ଉପକୃତ ହେଲେ । ତାଙ୍କ କର୍ମମୟ ଜୀବନରେ ଦେଶପାଇଁ ନଜର ରକ୍ତ ମାଂସ ତିଳ ତିଳ କରି ଦାନ କରିଦେଲେ; ସ୍ୱାସ୍ଥ୍ୟର ସୁରକ୍ଷା ହୋଇ ପାରିଲା ନାହିଁ । ଅନେକ ସମୟରେ ସେ ନିଜର ଆର୍ଥିକ ଦୁର୍ବିପାକ ସମ୍ବନ୍ଧେ ଚିନ୍ତିତ ହୋଇ ହତାଶ ହେଉଥିଲେ । ତେଣୁ କ୍ରମେ ହୃଦରୋଗର ଶିକାର ହୋଇପଡିଲେ । ମେଡିକାଲକୁ ଥରେ ଦୁଇଥର ଯାଇ ରୋଗମୁକ୍ତ ହୋଇ ଆସିଥିଲେ, ହେଲେ ହେଁ ନିଷ୍ଠୁର ମରଣ ତାଙ୍କ ପିଛା ଧରିଥାଏ ।

୮-୪-୧୯୮୪ ଦିନ ତାଙ୍କୁ କାଳ ପାଶ ଟାଣିନେଲା । ସେ ଦିନ ସେ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇ ଚାଲିଗଲେ । ଗଞ୍ଜାମ ଆକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡିଲା ।

ବନ୍ଧୁ ଶ୍ରୀହର୍ଷଙ୍କ ସଙ୍ଗେ ମୋର ଅଧିକାଂଶ ସମୟ କଥାବାର୍ତ୍ତା ହେଉଥିଲା କିନ୍ତୁ ଆହୁରି ବାକୀ ପଡିଗଲା । ଗଞ୍ଜାମରେ ସାହିତ୍ୟର ଉନ୍ମେଷ ପାଇଁ ଆମର ଯେତେ ଆଶା ଓ ଉଦ୍ୟମ ବ୍ୟର୍ଥ ହୋଇଗଲା । ଭଗବାନଙ୍କ ରାଜ୍ୟରେ ସେ ନିଜର ମହନୀୟ ପ୍ରତିଭାକୁ ବିକଶିତ କରି ଅମର ହୋଇ ରହନ୍ତୁ, ଆମେ ଖାଲି ତାଙ୍କରି ସ୍ମରଣ କରି ଶ୍ରାଦ୍ଧ ବାର୍ଷିକୀ ପାଳନ କରୁଥିବୁ ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ପଶ୍ଚିମ ଦିଗନ୍ତର ଅସ୍ତମିତ ସୂର୍ଯ୍ୟ

ସିମ୍ସନ୍ ବେହେରା

୧୯୮୪ ବର୍ଷର ଅପ୍ରେଲ ୮ ତାରିଖ, ଏକ ସ୍ମରଣୀୟ ଶୋକ ଦିବସ ହୋଇ ରହିଗଲା । ମନେ ହେଲା ହଠାତ ଯେପରି ଅବେଳରେ "ପଶ୍ଚିମ ଦିଗନ୍ତ'' ର ତେଜୀୟାନ ସୂର୍ଯ୍ୟ ଚିରଦିନ ପାଇଁ ଅସ୍ତମିତ ହୋଇଗଲା । ଉଜ୍ଜ୍ୱଳ ରଶ୍ମି ଲିଭି ଲିଭି ଗଲାଣି । ଆଉ କିଛି ଦେଖାଯାଉନି । ଧୀରେ ଧୀରେ ଅନ୍ଧକାର ମାଡିଆସି ଗାଢରୁ ଗାଢତର ହେଲାପରି ଜଣାଗଲା। କେବଳ ଚାହିଁ ରହିବାକୁ ହେଲା ତାଙ୍କର ପଶ୍ଚିମ ଦିଗନ୍ତକୁ । ଉଜ୍ଜ୍ୱଳ ଆଲୋକ ଏବଂ ସୂର୍ଯ୍ୟଙ୍କ ରକ୍ତିମ ଆଭା ସେଦିନ ସ୍ୱପ୍ନ ମନେ ହେଲା । ଅବେଳରେ ଦିବା କିରଣ ଅନ୍ଧକାର । ସାମ୍ବାଦିକ ଜଗତର ଅପୂରଣୀୟ କ୍ଷତି ଘଟିଲା। ଅନାକାଂକ୍ଷିତ ଘଟଣା ସର୍ବଦା ମନରେ ଭାବାନ୍ତର ସୃଷ୍ଟି କରେ । "ପଶ୍ଚିମ ଦିଗନ୍ତ''ର ସ୍ରଷ୍ଟା ଲୋକ ପ୍ରିୟ ସାହିତ୍ୟିକ ଶ୍ରୀହର୍ଷବାବୁ ଦେଖିବା ନିମନ୍ତେ ଆଉ ଜୀବନରେ ସମ୍ଭବ ହେବ ନାହିଁ । ବିଶ୍ୱନିୟନ୍ତାଙ୍କ ଆଦେଶକୁ ମର୍ଯ୍ୟାଦା ଦେବା ବ୍ୟତୀତ ମନୁଷ୍ୟର ଅନ୍ୟ ଗତି ନାହିଁ । ମନୁଷ୍ୟ ମରଣଶୀଳ ଅତୀତରେ ପଶ୍ଚିମ ଦିଗନ୍ତ ର ଏହି ଯାତ୍ରୀ ସଗୌରବରେ ଫେରିଥିଲେ । କିନ୍ତୁ ଆଜି ଭିନ୍ନ ପରିସ୍ଥିତ । ଅଫେରା ରାଇଜର ସ୍ମରଣୀୟ ଯାତ୍ରୀ ଅଫେରା ରାଇଜରେ ପହଞ୍ଚିଯାଇଛନ୍ତି । ସେଠାରୁ କେହି କେବେ ଫେରି ନାହିଁ । ଶ୍ରୀହର୍ଷବାବୁ ଚାଲିଯାଇଛନ୍ତି। କିନ୍ତୁ ରହିଯାଇଛି ତାଙ୍କର ଅମର ସାହିତ୍ୟ ସାଧନାର ଉଜ୍ଜ୍ୱଳ ପ୍ରତୀକ "ପଶ୍ଚିମ ଦିଗନ୍ତ'' ତାଙ୍କର ସ୍ପଷ୍ଟ ସାହିତ୍ୟ ସରଳ କଥୋପକଥନ ଭାଷା, ସୁପରିଚିତ ଚରିତ୍ର ଏବଂ ଘଟଣାରେ ସୁସନ୍ନିବେଶ । ତାଙ୍କ ରଚନା ଶୈଳୀରେ ଏହା ଥିଲା ବିଶେଷତ୍ୱ । ଏତଦ ବ୍ୟତୀତ ତାଙ୍କର ସୁସ୍ଥ ସାମ୍ବାଦିକତା ସୁଦୂରପ୍ରସାରୀ ଓ ପୁରୋଦୃଷ୍ଟି । ସମସାମୟିକ, ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଚେତନାର ତୀବ୍ର ଅନୁଭୂତି ସ୍ପଷ୍ଟ ପ୍ରତିଫଳିତ । ଯୁଗ ଯୁଗ ଧରି ଏହି ଶ୍ରେଣୀୟ ସାହିତ୍ୟକମାନେ ଉନ୍ନତି ତଥା ସ୍ୱତନ୍ତ୍ର ସ୍ଥାନ ଅଧିକାରୀ ହେବା ନିମନ୍ତେ ଯୋଗ୍ୟ । ଏମାନଙ୍କୁ ନେଇ ଜାତି ଦେଶ ଏବଂ ସମାଜ ଗର୍ବିତ । ଲେଖନୀ ନିସୃତ ସଦା ଆଦୃତ ଭାଷା ଯୋଗୁଁ ହିଁ ଏମାନେ ସଦା ଅମର । ଶ୍ରୀହର୍ଷବାବୁଙ୍କ ମୃତ୍ୟୁ ଓଡିଆ ସାହିତ୍ୟ କ୍ଷେତ୍ରରେ ଏକ ଅପୂରଣୀୟ ସ୍ଥାନର ସୃଷ୍ଟି କରିଛି । ସେ ଏକାଧାରରେ ଜଣେ ଉଚ୍ଚକୋଟିର ସାହିତ୍ୟକ, ସାମ୍ବାଦିକ, ସ୍ୱାଧୀନ ଚେତା ଏବଂ ବିପ୍ଳବୀ । ଏଠାରେ ସ୍ମରଣ କରାଇ ଦିଆଯାଇପାରେ, ସେ ଜଣେ ସଂଯତ ସାହିତ୍ୟିକ ଏବଂ ସାମ୍ବାଦିକ ଥିଲେ । ସାହିତ୍ୟ ଜଗତରେ ଏହି ଶ୍ରେଣୀୟ ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଅତ୍ୟନ୍ତ ମୁଷ୍ଟିମେୟ । ସେ ଶସ୍ତା ସାହିତ୍ୟ ଏବଂ ସାମ୍ବାଦିକତାର ତୀବ୍ର ବିରୋଧୀ ଥିଲେ । ତାଙ୍କ ମତରେ ଏହା ସମାଜର ଅଧୋଗତି ନିମନ୍ତେ ବହୁ ପରିମାଣରେ ଦାୟୀ । ଓଡିଆ ସାହିତ୍ୟରେ ଶ୍ରୀହର୍ଷବାବୁଙ୍କ ଶ୍ରେଷ୍ଠ ଭ୍ରମଣ କାହାଣୀ ପୁସ୍ତକ ପଶ୍ଚିମ ଦିଗନ୍ତ । ଏକ ଅଦ୍ୱିତୀୟ ସୃଷ୍ଟି । ଦୈନିକ ସମାଜର ସମ୍ପାଦକ ଥିବା ସମୟରେ ଧାରାବାହିକ ଭାବେ ସାପ୍ତାହିକ ଆଲୋଚନାରେ ତାଙ୍କର ପଶ୍ଚିମ ଦିଗନ୍ତ ପ୍ରକାଶିତ ହୋଇଥିଲା । ସଙ୍ଗେ ସଙ୍ଗେ ଏହା ତତକାଳୀନ ପାଠକ ଗୋଷ୍ଠୀ ମଧ୍ୟରେ ଏକ ନୂତନ ପ୍ରେରଣା ସୃଷ୍ଟି କରିଥିଲା। ପଶ୍ଚିମ ଦିଗନ୍ତର ବାସ୍ତବ ଏବଂ ପ୍ରାଞ୍ଜଳ ବର୍ଣ୍ଣନା ଓଡିଆ ସାହିତ୍ୟରେ କ୍ୱଚିତ ଦେଖାଯାଏ। ଏହି ପୁସ୍ତକରେ ତାଙ୍କର ଉନ୍ନତ ଏବଂ ସଂଯତ ଲେଖନୀର ପରିଚୟ ସଦାଜୀବିତ ଜାତିକୁ ଆତ୍ମମର୍ଯ୍ୟଦା ବୋଧଶୀଳ ଓ ସ୍ୱଦେଶାନୁରାଗର ପବିତ୍ର ମନ୍ତ୍ରରେ ଦୀକ୍ଷିତ କରିବା ଲାଗି ସେ ନିଜ ବାକ୍ୟ କର୍ମ ଏବଂ ସାହିତ୍ୟ ସାଧନା ମଧ୍ୟରେ ଯେଉଁ ଉଦ୍ୟମ କରିଛନ୍ତି ବାସ୍ତବରେ ତାହା ଅବିସ୍ମରଣୀୟ । ଓଡିଶାର ବାସ୍ତବ ଜୀବନ ସହିତ ତାଙ୍କର ସଂଯୋଗ ଓ ଅସହାୟ ଜନ ସମାଜ ପ୍ରତି ସହଜାତ ସହାନୁଭୂତି ହିଁ ଶ୍ରୀହର୍ଷ ବାବୁଙ୍କ ସାହିତ୍ୟ ସାଧନାରେ ସାରବର୍ତ୍ତା । ପଶ୍ଚିମ ଦିଗନ୍ତର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ହୋଇଯାଇଛି ଅନେକ ଦିନ ତଳୁ ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା, କେବଳ ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହେବା ନିମନ୍ତେ ରହିଛି । ଏହି ପରିପ୍ରେକ୍ଷୀରେ ଲେଖକଙ୍କ ଅମର ସାହିତ୍ୟ ପଶ୍ଚିମ ଦିଗନ୍ତ ର କିଛି ଅଂଶ ଉଦ୍ଧାର କରିବା ନିତାନ୍ତ ଆବଶ୍ୟକ । ପଶ୍ଚିମ ଦିଗନ୍ତର ପ୍ରାରମ୍ଭରେ ଲେଖକ କେତେକ ବାସ୍ତବ କଥା ନମ୍ରଭାବରେ ପ୍ରକାଶ କରି ନିଜର ବଳିଷ୍ଠ ନୈତିକତାର ପରିଚୟ ଦେଇଛନ୍ତି । ପଶ୍ଚିମ ଦିଗନ୍ତର ପ୍ରଥମ ଅଂଶରେ

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷବାବୁ ଲେଖନ୍ତି ଆମେରିକାର ରାଷ୍ଟ୍ରପତି ଆଇଜେନ ହାୱାରଙ୍କ ଭାରତ ଆଗମନ ହିଁ ଏକମାତ୍ର ଉଲ୍ଲେଖଯୋଗ୍ୟ ଘଟଣା ହୋଇ ରହିଥିଲା । ଦିନେ ସକାଳେ ଶ୍ରଦ୍ଧେୟ ଉଦୟନାଥ ବାବୁ ଏବଂ ସମ୍ପାଦକୀୟ ବିଭାଗର ଅନ୍ୟ ସହକର୍ମୀମାନଙ୍କ ସହିତ ଆଇଜେନ ହାୱାରଙ୍କ ଆଗମନ ଉପଲକ୍ଷେ ସମାଜ ପକ୍ଷରୁ ଏକ ବିଶେଷ କ୍ରୋଡପତ୍ର ପ୍ରକାଶ କରିବା କଥା ବିଚାର କରିଛି। କଲିକତାରୁ ଟେଲିଫୋନ ବାର୍ତ୍ତା ପାଇଲି । ବ୍ରିଟିଶ ଇନଫରମେଶନ ସର୍ଭିସର କଲିକତାସ୍ଥିତ ଆଞ୍ଚଳିକ ଅଫିସର ଷ୍ଟିରସ ସେ ମୁଣ୍ଡରୁ ସୂଚାଇଲେ ଯେ, ଯଦି ମୋର ଅସୁବିଧା ନ ହୁଏ, ତାହା ହେଲେ ସରକାର ମାସକ ପାଇଁ ଇଂଲଣ୍ଡ ପରିଦର୍ଶନରେ ଯିବା ପାଇ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି । ନିମନ୍ତ୍ରଣ ଲିପି ଡାକରେ ଦିଆହୋଇ ସାରିଲାଣି । ତାହା ପାଇଛ କି ନାହିଁ ବୋଲି ଷ୍ଟରସ ପଚାରିବା ସଙ୍ଗେ ସଙ୍ଗେ ଯଥାଶୀଘ୍ର ଉତ୍ତର ଦେବା ପାଇଁ ସବିନୟ ଅନୁରୋଧ କଲେ । ସେହିଦିନ ଦ୍ୱିତୀୟ ଡାକରେ ଚିଠି ଖଣ୍ଡିକ ମଧ ପାଇଲି । କହିବା ବାହୁଲ୍ୟ ଯେ, ଏହି ଅପ୍ରତ୍ୟାଶିତ ନିମନ୍ତ୍ରଣ ପାଇଁ ମୁଁ ଆଦୌ ଆଗରୁ ପ୍ରସ୍ତୁତ ନଥିଲି । ତେଣୁ ଚିଠି ଖଣ୍ଡିକ ଆମୂଳଚୂଳ ପଢ଼ିଯିବା ପରେ ମୋ ମନ ଆଶା ଓ ନିରାଶା ଉଭୟ ପ୍ରକାରର ଢେଉରେ ଦୋଳାୟିତ ହେବାକୁ ଲାଗିଲା । ପ୍ରଥମ କଥା, ମୋତେ ଏ ନିମନ୍ତ୍ରଣ ଗ୍ରହଣ କରିବାକୁ ହେଲେ ମୋର ପୂଜ୍ୟ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଅନୁମତି ଆବଶ୍ୟକ । ଦ୍ୱିତୀୟ କଥା, ଅନୁମତି ମିଳିବା ପରେ ପାସପୋର୍ଟ, ବୈଦେଶିକ ମୁଦ୍ରା ଆଦି କୋଡୋଟି ଅତ୍ୟାବଶ୍ୟକ ବିଷୟର ବ୍ୟବସ୍ଥା ମୋତେ ନିଜେ କରିବାକୁ ହେବ । ତାହା ହେଲେ ଯାଇ ମୋ ପକ୍ଷରେ ନିମନ୍ତ୍ରଣ ରକ୍ଷା କରିବା ସମ୍ଭବ ହେବ । ସେଥିରେ ପୁଣି ଥଣ୍ଡାଜନିତ ଜ୍ୱର ଏବଂ ତା ସାଙ୍ଗକୁ ଅଦଭୂତ ଧରଣର କାନଟଣା ଭୋଗ ଗତ କେତେ ଦିନହେଲା ମୋତେ ଟିକିଏ କଷ୍ଟ ଦେଉଛି । ସୁତରାଂ କଟକର ଶୀତ ଯାହା ପକ୍ଷରେ ଅସହ୍ୟ, ସେ ପୁଣି ଇଂଲଣ୍ଡ ଭଳି ଏକ ବରଫ ଶୀତଳ ଦେଶକୁ ଘୋର ଶୀତକାଳରେ ଯାଇ ନିରାପଦରେ କାହିଁକି ସଶରୀରରେ ବି ଫେରି ଆସିବା ସମ୍ଭବ ହେବ କି ନାହିଁ । ସେ ପ୍ରଶ୍ନ ମଧ ଅତି କଦର୍ଯ୍ୟ ଭାବରେ ମନରେ ଉଙ୍କି ମାରି ମୋତେ ବ୍ୟସ୍ତ କରି ପକାଇଲା, ଯାହା ହେଉ ଏସବୁ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ବିଦେଶ ବୁଲିବା ଆଗ୍ରହ ଓ ସେଠାରୁ କେତେକ ଅଭିଜ୍ଞତା ଅର୍ଜନ କରିବା ଆକାଂକ୍ଷା ମନରେ ଏତେ ପ୍ରବଳ ହୋଇ ଉଠିଲା ଯେ, ବ୍ରିଟିଶ ସରକାରଙ୍କ ନିୟନ୍ତ୍ରଣ ମୁଁ ଆଗ୍ରହର ସହିତ ଗ୍ରହଣ କରି ନେଲି । ସମାଜ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପୂଜ୍ୟ ବିଶ୍ୱନାଥ ବାବୁ ଆନନ୍ଦରେ ସହିତ ଅନୁମତି ଦେଲେ । ରାଧାନାଥ ବାବୁ ଶୁଣି ଖୁସି ହେଲେ ଓ ଆଶୀବାଦ କଲେ । ସହକର୍ମୀ ଓ ଅନ୍ୟ ଶୁଭାକାଂକ୍ଷୀ ବନ୍ଧୁମାନଙ୍କର ଆଗ୍ରହାତିଶଯ୍ୟ ଉତ୍ସାହ ମୋତେ ଯଥେଷ୍ଟ ବଳ ଦେଲା । ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣଟାଇମରେ ସମ୍ପାଦକ ବନ୍ଧୁବର ଜାନକୀବଲ୍ଲଭ ପଟ୍ଟନାୟକ ଗତ ଗ୍ରୀଷ୍ମକାଳରେ ଏହି ଭଳି ଇଂଲଣ୍ଡ ଯାଇଥିଲେ । ତାଙ୍କର ଅଭିଜ୍ଞତାର ସୁଯୋଗ ଗ୍ରହଣ କରିବାପାଇଁ ପରାମର୍ଶ ନେଲି । ପାସପୋଟ ବୈଦେଶିକ ମୁଦ୍ରା, ଆୟକର ଛାଡ ସାର୍ଟିଫିକେଟ, କଲେରା ଓ ବସନ୍ତଟିକା ଗ୍ରହଣ କରିଥିବା ପ୍ରମାଣପତ୍ର ଆଦି କିଭଳି ଶୀଘ୍ର ସଂଗ୍ରହ କରାଯାଇ ପାରିବ ତାହାର କେତେକ ଉପାୟ ସେ ମୋତେ ସୂଚାଇଥିଲେ । ବନ୍ଧୁମାନଙ୍କର ସାହାର୍ଯ୍ୟ ଓ ସହଯୋଗରୁ ନିର୍ଦ୍ଦିଷ୍ଟ ସମୟ ମଧରେ ଏସବୁ ଯୋଗାଡ କରିବା ମଧ ମୋ ପକ୍ଷରେ ଅସମ୍ଭବ ହୋଇନଥିଲା । ବାସ୍ତବିକ ପଶ୍ଚିମ ଦିଗନ୍ତର ଉପର ଲିଖିତ ଅଂଶ ଲେଖକଙ୍କ ଉଚ୍ଚକୋଟୀର ସାହିତ୍ୟ ସାଧନାର ଏକ ଆଦର୍ଶ ନମୁନା ସ୍ୱରୂପ । ଶ୍ରୀହର୍ଷବାବୁଙ୍କ ସାହିତ୍ୟ ସାଧନାରେ ନିରପେକ୍ଷତା ବାସ୍ତବତା ଏବଂ ସରଳତା ସଦା ବିଦ୍ୟମାନ । ଯେଉଁ ସାହିତ୍ୟ ପଡି ପାଠକଙ୍କର ମନରେ ସମାନ ଆନନ୍ଦ କିମ୍ବା କ୍ଷୋଭ ଉଦ୍ରେକ ହୋଇଥାଏ ସେହି ସାହିତ୍ୟ ନିରପେକ୍ଷ ସାହିତ୍ୟର ଏକ ମୂଲ୍ୟବାନ ଉଦାହରଣ । ସାହିତ୍ୟକୁ ସଦା ସର୍ବଦା ଦଳଗତ ବା ଗୋଷ୍ଠୀଗତ ପ୍ରଭାବରୁ ଊର୍ଦ୍ଧ୍ୱରେ ରହିବା ଉଚିତ । ଏହାଦ୍ୱାରା ଯେ କୌଣସି ସାହିତ୍ୟ ବିଶ୍ୱରେ ଏକ ଉନ୍ନତ ସ୍ଥାନ ପାଇପାରିବ । ସ୍ୱର୍ଗତଃ ଶ୍ରୀହର୍ଷବାବୁଙ୍କ ଏଥିରେ ଦୃଢ ବିଶ୍ୱାସ ଥିଲା । ଶ୍ରୀହର୍ଷବାବୁ ଆଜି ଜଗତରେ ନାହାନ୍ତି, କିନ୍ତୁ ତାଙ୍କର ଉଚ୍ଚ ଆଦର୍ଶ ସଦାଜୀବିତ । ଜୀବନରେ ସେ ଓଡିଶାର ତିନୋଟି ପ୍ରଥମ ପ୍ରକାଶିତ ଦୈନିକ ଖବର କାଗଜ (ସମାଜ, ପ୍ରଜାତନ୍ତ୍ର, ଓ ଦୈନିକଆଶା) ସମେତ ଜନଶକ୍ତି ଓ କଳିଙ୍ଗ ଖବର କାଗଜର ମଧ ସମ୍ପାଦକ ଥିଲେ । ବାସ୍ତବରେ ତାଙ୍କପରି ଜଣେ ତ୍ୟାଗୀ, ସାହିତ୍ୟିକ, ସାମ୍ବାଦିକ ଏବଂ ସ୍ୱାଧୀନତା ସଂଗ୍ରାମୀ ଖୁବ କ୍ୱଚିତ ଦେଖାଯାନ୍ତି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ସେ ତ ସେହିଦିନ ଯାଇଥାନ୍ତେ

ଯୁଗଳ କିଶୋର ପାଣିଗ୍ରାହୀ

୧୯୪୨ ମସିହା, ଭାରତ ଛାଡ଼ ଆନ୍ଦୋଳନରେ ଦେଶ ଉଛୁଳି ପଡୁଥାଏ । ଦେଶ ବାହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦହିନ୍ଦ ଫୌଜ ଦ୍ୱାରା ଭାରତ ମୁକ୍ତି ଦୁନ୍ଦୁଭିରେ ବିଶ୍ୱ କମ୍ପି ଉଠୁଥାଏ । କଲିକତାରେ ନେତାଜୀଙ୍କ ଗୁପ୍ତ ଛାଉଣୀ, ଭାରତରେ ନେତାଜୀଙ୍କ ଲକ୍ଷ୍ୟ ସାଧନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସାରିଥାନ୍ତି । ନେତାଜୀଙ୍କ ନିର୍ଦ୍ଦେଶରେ ଶ୍ରୀହର୍ଷବାବୁ ଉକ୍ତ ଗୁପ୍ତ ଛାଉଣୀର ଜଣେ ବିଶ୍ୱସ୍ତ କର୍ମୀ ରହି ଓଡିଶାରେ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ସଙ୍ଗଠନ କରୁଥାନ୍ତି । ଏହି ଲକ୍ଷ୍ୟ ସାଧନ ପାଇଁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶଙ୍କ ଉଦ୍ୟମ ଓ ପାରଳା ମହାରାଜାଙ୍କ ନେତୃତ୍ୱରେ ଓଡିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥାଏ । ଭାରତରେ ଆତ୍ମଗୋପନ କରି ରହିଥିବା ରାମନନ୍ଦନ ମିଶ୍ର, କଟକର ତତ୍‌କାଳୀନ ଜିଲ୍ଲାପାଳ ଏଲ.ପି. ସିଂଙ୍କ ଘରେ, ଗୋପନରେ ରହି, ଓଡିଶାରେ ନେତାଜୀଙ୍କ ଲକ୍ଷ୍ୟ ସାଧନ ପାଇଁ ନବଭାରତ ପ୍ରେସଠାରେ ପଣ୍ଡିତ ନୀଳକଣ୍ଠ, ଯଦୁମଣି ମଙ୍ଗରାଜ, ଦିବାକର ପଟ୍ଟନାୟକ ପ୍ରଭୃତିଙ୍କ ସହ ଗୁପ୍ତ ସାକ୍ଷାତରେ ଆଲୋଚନା କରୁଥାନ୍ତି । ଦିବାକର ପଟ୍ଟନାୟକ ମୁରାଦମଲ ସାହା, ବିବୁଧେନ୍ଦ୍ର ମିଶ୍ର, ସତ୍ୟବାଦୀ ପ୍ରଧାନ ପ୍ରଭୃତି ଫରୱାର୍ଡ ବ୍ଲକ କର୍ମୀମାନେ, ନେତାଜୀଙ୍କ ଲକ୍ଷ୍ୟ ସାଧନ ପାଇ ଗୁପ୍ତ ଆନ୍ଦୋଳନ ଚଳାଇଥାନ୍ତି ।

ଶ୍ରୀହର୍ଷବାବୁ ଆନ୍ଦୋଳନ ଆରମ୍ଭରୁ କଲିକତା ଷ୍ଟେଟସମାନ ପତ୍ରିକା ଅଫିସ ନିକଟବର୍ତ୍ତୀ ଗୋଟିଏ ଛୋଟି ଆ ହୋଟେଲରେ ରହି, ସେଠାର ନେତାଜୀଙ୍କ ଗୁପ୍ତ ଛାଉଣୀ ସଙ୍ଗେ ଓ ଓଡିଶାର ଉକ୍ତ ଫରୱାର୍ଡ ବ୍ଲକ କର୍ମୀମାନଙ୍କ ସହ ଯୋଗଯୋଗ ରଖିଥାନ୍ତି। କଲିକତା ସ୍ଥିତ ଗୁପ୍ତ ଛାଉଣୀର ନିର୍ଦ୍ଦେଶ କ୍ରମେ, ଭାରତ ବାହାରକୁ ଯାଇ ନେତାଜୀଙ୍କ ସହ ସାକ୍ଷାତ କରିବା ଆବଶ୍ୟକ ପଡିବାରୁ ଦିବାକରବାବୁଙ୍କ ସହିତ ଆଲୋଚନା କରି ବ୍ୟବସ୍ଥା କରିବା ପାଇଁ ଶ୍ରୀହର୍ଷବାବୁ ଥର ପାଇଁ ମାତ୍ର କଟକ ଆସି ଦିବାକରବାବୁଙ୍କ ସହ ଆଲୋଚନା କରି କଲିକତା ଫେରି ଯାଇଥିଲେ ।

ଦିବାକରବାବୁ ଓଡିଶାର ପ୍ରଧାନମନ୍ତ୍ରୀ ପାରଳା ମହାରାଜାଙ୍କ ସହ ଦେଖା କରି ବର୍ମା ଫେରନ୍ତା ଓଡିଆ ମାନଙ୍କର ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ତାଙ୍କୁ (ଦିବାକରବାବୁଙ୍କୁ) ବର୍ମା ସୀମାନ୍ତ ଯାଏ ଓଡିଶା ସରକାରଙ୍କ ପକ୍ଷରୁ ପଠାଯାଉ ବୋଲି ଜଣାଇଥିଲେ । ଓଡିଶାର ପ୍ରଧାନମନ୍ତ୍ରୀ ପାରଳା ମହାରାଜା ବଙ୍ଗଳାର ତତକାଳୀନ ଲାଟ ଲର୍ଡ କେସିଙ୍କୁ ଲେଖି ଜଣାଇଲେ । ବର୍ମା ଫେରନ୍ତା ଓଡିଆ ମାନଙ୍କର ନିରାପତ୍ତା ଓ ସୁରକ୍ଷା ପାଇଁ ଓଡିଶା ସରକାର ବିଧାନସଭା ସଦସ୍ୟ ଶ୍ରୀ ଦିବାକର ପଟ୍ଟନାୟକ ଓ ତାଙ୍କର ଜଣେ ସହାୟକଙ୍କୁ ବର୍ମା ସୀମାନ୍ତ ଯାଏ ପଠାଇବା ସ୍ଥିର କରିଅଛନ୍ତି । ଏଣୁ ଶ୍ରୀ ପଟ୍ଟନାୟକ ଓ ତାଙ୍କ ସହାୟକଙ୍କୁ ବର୍ମା ସୀମାନ୍ତ ଯାଏ ଯିବା ପାଇଁ ବଙ୍ଗଳା ସରକାରଙ୍କ ପକ୍ଷରୁ ତାଙ୍କୁ ସକଳ ପ୍ରକାର ସାହାଯ୍ୟ ଓ ସୁବ୍ୟବସ୍ଥା କରାଯାଉ । ବଙ୍ଗଳା ଲାଟଙ୍କ ନିର୍ଦ୍ଦେଶରେ ବଙ୍ଗଳା ଗୃହ ସେକ୍ରେଟରୀ ଦିବାକର ପଟ୍ଟନାୟକ ଓ ତାଙ୍କର ଜଣେ ସହାୟକ (ଏଟେଣ୍ଡେଣ୍ଟ)ଙ୍କୁ ବର୍ମା ସୀମାନ୍ତ ଯାଏ ଯିବା ଆସିବା ପାଇଁ ସକଳ ପ୍ରକାର ସରକାରୀ ବ୍ୟବସ୍ଥା କରାଯାଇଛି ବୋଲି ଗୋଟିଏ ପତ୍ରରେ ଶ୍ରୀ ପଟ୍ଟନାୟକଙ୍କୁ ଜଣାଇଦେଲେ। ଏଣେ ଏ ଉଭୟେ ବର୍ମା ସୀମାନ୍ତରେ ପହଞ୍ଚିବା କ୍ଷଣି, କିପରି ଓ କି ଭାବରେ, ଉଭୟେ ଭାରତ ବାହାରକୁ ଯିବେ ତାର ଗୋଟିଏ ସୂଚନା ପତ୍ର କଲିକତାସ୍ଥିତ ଗୁପ୍ତ ଛାଉଣି, ଶ୍ରୀହର୍ଷ ବାବୁଙ୍କୁ ଦେଇଥିଲେ । କଟକରୁ ଦିବାକର ବାବୁଙ୍କର ଚିଠିପାଇ, ଶ୍ରୀହର୍ଷବାବୁ ହାବଡା ଷ୍ଟେସନରେ ମାନ୍ଦ୍ରାଜ ହାବଡା ମେଲକୁ ଅପେକ୍ଷା କରିଥିଲେ, ସେତେବେଳେ ବହୁ ଗୋଇନ୍ଦା ପୋଲିସ ଶ୍ରୀହର୍ଷବାବୁ ପାଖେ ପାଖେ ଓ ଷ୍ଟେସନ ପ୍ଲାଟଫର୍ମରେ ଜମା ହୋଇଯାଇଥିଲେ। ମେଲ ଷ୍ଟେସନରେ ପହଞ୍ଚିଲା । ଦିବାକରବାବୁଙ୍କୁ ଶ୍ରୀହର୍ଷବାବୁ ଷ୍ଟେଟସମେନ କାଗଜ ବାହାରୁଥିବା ଅଫିସ ନିକଟରେ ସେ ରହୁଥିବା ହୋଟେଲକୁ ନେଇଗଲେ ।

Source: KC Dash, Digitized by PPRACHIN, SOA

ବସାରେ ଜିନିଷ ପତ୍ର ରଖିଦେଇ, ଦିବାକରବାବୁ ଶ୍ରୀହର୍ଷବାବୁ କହିଲେ, ତୁମେ ଯାଅ ଗୋଟିଏ ସାବୁନ ଓ ବ୍ଲେଡ କିଣି ନେଇଆସିବ । ଏ ଭିତରେ ମୁଁ ଝାଡା ଯିବି, ତୁମେ ତ ଜାଣ ମୁଁ ବହୁ ସମୟ ଧରି ଝାଡା ବସେ, ଏଣୁ ବାହାରେ ତାଲାଦେଇ ଚାଲିଯିବ । ଯିବା ଆଗରୁ ଶ୍ରୀହର୍ଷ ବାବୁ ଦୁଇ ତିନି କପ ଚା' ଓ ଗୁପ୍ତ ଛାଉଣିରୁ ପାଇଥିବା ସୂଚନା ପତ୍ରଟା ଦେଇ ବସା ବାହାରେ ତାଲା ବନ୍ଦ କରିଦେଇ ଚାଲିଗଲେ ।

ଶ୍ରୀହର୍ଷବାବୁ ଗୋଟିଏ ସାବୁନ ଓ ବ୍ଲେଡ କିଣିଲେ ଏବଂ ବାହାରକୁ ଯିବାକୁ ହେବ ନିଜେ ବାଳଟା କମାଇଦିଏ ଭାବି, ସେଲୁନକୁ ଯାଉଛନ୍ତି, ଚାରି ଜଣ ଗୋଇନ୍ଦା ପୋଲିସ ତାଙ୍କୁ ମାଡିଧରି ବସିଲେ ତା ଭିତରୁ ଜଣେ ତୁମ ବସାଇ ଚାବି ଦିଅ କହି ମାଗିନେଲେ । ଶ୍ରୀହର୍ଷବାବୁଙ୍କୁ ସେଠାରେ ପ୍ରସ୍ତୁତ ଥିବା ମୋଟର ଗାଡିରେ ବୋହିନେଇ ବସାଇ ନେଇଗଲେ ।

ତା ପରେ ଦୁଇଜଣ ଗୋଇନ୍ଦା ଚାବି ଖୋଲି ବସା ଭିତରେ ପଶିଲେ ପରେ ଆଉ ଦୁଇଜଣ ଗୋଇନ୍ଦା ସେଠାରେ ଆସି ପହଞ୍ଚିଲେ । ଦିବାକରବାବୁ ପାଇଖାନାରେ ଥାଇ ବର୍ମା ସୀମାନ୍ତରୁ ସେମାନେ ଭାରତ ବାହାରକୁ କିପରି ଯିବେ ସେ ବିଷୟରେ କଲିକତାସ୍ଥ ଗୁପ୍ତ ଛାଉଣିରୁ ମିଳିଥିବା ଗୁପ୍ତ ପତ୍ର ପଢୁଥାନ୍ତି । ବସାରେ ଦିବାକରବାବୁଙ୍କୁ ଟଙ୍ଗାଯାଇଥିବା ପଞ୍ଜାବୀ ପକେଟରୁ ବଙ୍ଗଳା ଚିଫ ସେକ୍ରେଟେରୀଙ୍କ ତାଙ୍କ ନିକଟକୁ ଦିଆଯାଇଥିବା ଚିଠି ପାଇ ପଡିଲେ ଏବଂ ଜଣେ ଗୋଇନ୍ଦା ଚିଫସେକ୍ରେଟେରୀଙ୍କ ଉକ୍ତ ଚିଠି ଧରି ତାଙ୍କ କେନ୍ଦ୍ର ମନ୍ତ୍ରଣାଳୟକୁ ଚାଲିଗଲା । ତାଛଡା ଦିବାକରବାବୁଙ୍କ ପେଡିରୁ ଆଉ କୌଣସି କାଗଜ ପତ୍ର ପାଇଲେ ନାହିଁ ।

ତଥାପି ଦିବାକରବାବୁ ପାଇଖାନାରୁ ନ ବାହାରିବା ଦେଖି ଗୋଇନ୍ଦାମାନେ କବାଟକୁ ଖୋଲିବା ପାଇଁ ବାଡେଇଲେ । ଦିବାକରବାବୁ ଗୋଇନ୍ଦା ପୁଲିସ ପ୍ରବେଶ କରିବା ସନ୍ଦେହ ଓ ସୂଚନା ପାଇ ପାଇଖାନା ଭିତରେ ଗୁପ୍ତ ଛାଉଣୀରୁ ପାଇଥିବା ସୂଚନା ପତ୍ରଟି ପାଟିରେ ଚୋବାଇ ଦଳିଦେବା ପରେ କବାଟ ଖୋଲିଦେଖିଲେ ଶ୍ରୀହର୍ଷ ବାବୁ ନାହାନ୍ତି । ଗୁଡାଏ ଗୋଇନ୍ଦା ପୁଲିସ ତାଙ୍କ ଆତ୍ମ ପରିଚୟ ଦେଇ ତାଙ୍କ ଠାରୁ ନାନାଖବର ବାହାର କରିବା ପାଇଁ ନାନାଧମକ ଦେଲେ । ଯନ୍ତ୍ରଣା ମଧ ଦେଇଥିଲେ । ଏତିକି ବେଳେ କେନ୍ଦ୍ର ମନ୍ତ୍ରଣାଳୟ ବଙ୍ଗଳା ଚିଫ ସେକ୍ରେଟେରୀଙ୍କ ଚିଠି ଉପରେ ତନାଘନା ତଦନ୍ତ କରି ଦିବାକରବାବୁଙ୍କୁ ବଙ୍ଗଳା ବାହାର ଆଦେଶ ଦେଇ ତାଙ୍କୁ ଗାଡିରେ ବସାଇ ବଙ୍ଗଳା ସୀମା ବାହାରେ ଛାଡିଦେଇ ଆସିବାକୁ ନିର୍ଦ୍ଦେଶ ଦେଲେ, ଦିବାକରବାବୁଙ୍କୁ ଦିଆଯାଇଥିବା ବଙ୍ଗଳା ବାହାର ଆଦେଶରେ ଗଞ୍ଜାମର ସତ୍ୟବାଦୀ ପ୍ରଧାନଙ୍କ ନାମ ମଧ ଉଲ୍ଲେଖ ଥିଲା ।

ଏହା ପରେ ପରେ ଓଡିଶାର ସୁରାଜମଲ ସାହା, ବିବୁଧେନ୍ଦ୍ର ମିଶ୍ର ଓ ହରିହର ପୂଜା ପଣ୍ଡାଙ୍କୁ ଗିରଫ କରି ଜେଲରେ ଅଟକ କରି ରଖିଲେ । ଶ୍ରୀହର୍ଷବାବୁ ବଙ୍ଗଳା ଗୋଇନ୍ଦା ବିଭାଗର କେନ୍ଦ୍ର କାର୍ଯ୍ୟାଳୟରେ ରଖି ତାଙ୍କଠାରୁ ନାନାବିଧ ଖବର ବାହାର କରିବା ପାଇଁ ବହୁ ଯନ୍ତ୍ରଣା ମଧ ଦେଇଥିଲେ । ଓଡିଶାର ସେତେବେଳର ଡିଆଇଜି ରେନେର୍ଡ ସାହେବ ଓ ଆଇଜି ପେର୍କିନ ସାହେବ ମଧ କଲିକତା ଯାଇ ଶ୍ରୀହର୍ଷ ବାବୁଙ୍କ ଠାରୁ ଗୁପ୍ତ ଖବର ବାହାର କରିବା ପାଇଁ ଉଦ୍ୟମ କରିଥିଲେ । ଯନ୍ତ୍ରଣା ମଧ ଦେଇଥିଲେ । କିନ୍ତୁ ଶ୍ରୀହର୍ଷ ବାବୁଙ୍କ ଠାରୁ ଗୁପ୍ତ ଖବରର ଅଣୁମାତ୍ର ସୂଚନା ନପାଇ, ଓଡିଶା ଡି.ଆଇ.ଜି ରେନେର୍ଡ ସାହେବ ସୁରାଜମଲ ସାହା ଓ ବିବୁଧେନ୍ଦ୍ର ମିଶ୍ରଙ୍କ ଠାରୁ ମଧ ଉଦ୍ୟମ କରି କୌଣସି ସୂଚନା ପାଇନଥିଲେ ।

ଦିବାକର ବାବୁ ପାଇଖାନା ଭିତରେ, କଲିକତାସ୍ଥ ନେତାଜୀ ଗୁପ୍ତ ମନ୍ତ୍ରଣାଳୟରୁ ଶ୍ରୀହର୍ଷ ମିଶ୍ର ପାଇଥିବା ଉପରୋକ୍ତ ସୂଚନା ପତ୍ରଟି ତୁଣ୍ଡରେ ଚୋବାଇ ଗିଳିଦେଇ ନଥାନ୍ତେ, ଶ୍ରୀହର୍ଷବାବୁ ତ ସେଦିନ ଫାସୀ ଯାଇଥାନ୍ତେ ତାଙ୍କ ସାଙ୍ଗକୁ ଦିବାକର ପଟ୍ଟନାୟକ, ସୁରାଜମଲ ସାହା, ବିବୁଧେନ୍ଦ୍ର ମିଶ୍ର ଓ ହରି ପୂଜାପଣ୍ଡା ମଧ ଫାସୀ ଯାଇଥାନ୍ତେ । ଯୁଦ୍ଧରେ ଯେଉଁମାନେ ପରାଜିତ ହୁଅନ୍ତି, ସେମାନଙ୍କର ପ୍ରତିଭା ପ୍ରକାଶିତ ବା ବିକଶିତ ହୁଏ ନାହିଁ ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷବାବୁଙ୍କ ବିୟୋଗରେ

ବଳରାମ ପାଇକରାୟ

ଆସ୍କା ବିଜ୍ଞାନ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡ. କାର୍ତ୍ତିକ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶ ନାମା ତା ୨୦ ଦୈନିକ ପ୍ରଜାତନ୍ତ୍ରରୁ ପାଠକରି ଏ ଲେଖାଟି ପଠାଇବାକୁ ଚେଷ୍ଟା କଲି । ଅଧ୍ୟାପକ ମହାଶୟଙ୍କର ସ୍ୱାଧୀନତା ସଂଗ୍ରାମୀଙ୍କ ପୂଜା ନିମିତ୍ତ ଏଭଳି ଉଦ୍ୟମକୁ ମୁଁ ଶତ ଧନ୍ୟବାଦ ଜଣାଉଛି ।

ଶ୍ରୀହର୍ଷ ମିଶ୍ର ଘରଦ୍ୱାର ଛାଡି ଚାଲିଯିବା ଫଳରେ ଓଡିଶାର ସମସ୍ତ ସାମ୍ବାଦିକ, କଂଗ୍ରେସ କର୍ମୀ ଓ ସାଧାରଣ ଲୋକେ ଘୋର ଦୁଃଖିତ । ସେ ସ୍କୁଲ ଶିକ୍ଷାର ସ୍ୱଳ୍ପ ଶିକ୍ଷିତ ହୋଇ ସମାଜ, ପ୍ରଜାତନ୍ତ୍ର ଓ ଦୈନିକଆଶାରେ ସମ୍ପାଦକତ୍ୱ କରି ଯେଉଁ ସୁନାମ ଅର୍ଜନ କରି ସାରିଛନ୍ତି ତାହା କମ ଲୋକଙ୍କ ଜୀବନରେ ଘଟୁଥିବ କି ନା ସନ୍ଦେହ । ଦ୍ୱିତୀୟତଃ ଭାରତ ବାହାରେ ବିଭିନ୍ନ ଦେଶ ଭ୍ରମଣ କରି ପଶ୍ଚିମ ଦିଗନ୍ତ ଶୀରୋନାମାରେ ଯେଉଁ ଦିଗଦର୍ଶନ ଦେଇଛନ୍ତି ଉତ୍କଳର ଯୁବ ଶ୍ରେଣୀର ତାହା ଅମୂଲ୍ୟ ସମ୍ପଦ । ଶ୍ରୀହର୍ଷ ବାବୁ ଓ ମୁଁ ଅତି ଘନିଷ୍ଠତର ସହଯୋଗୀ ବନ୍ଧୁ ଥିଲୁ । ବହୁ କାମରେ ସେ ମୋତେ ଉତ୍ସାହ ଉଦ୍ଦିପନା ଦେଇଥିଲେ । ସେ ସେତିକି ଧୈର୍ଯ୍ୟଶୀଳ, ଶାନ୍ତିକାମୀ ଓ ଗାନ୍ଧିବାଦୀ ଥିଲେ । ସେତିକି ବିପ୍ଳବୀ ଓ କଷ୍ଟ ସହିଷ୍ଣୁ ମଧ ଥିଲେ । କାଲିଭଳି ଲାଗୁଛି ୧୯୩୨ ମସିହାର ଅସହଯୋଗ ଆନ୍ଦୋଳନ ଶେଷ ପର୍ଯ୍ୟାୟର ଘଟଣା । ଦୁହେଁ ପାଟନା କ୍ୟାମ୍ପ ଜେଲରୁ ଖଲାସ ହୋଇଆସିଥାଉ । ମୁଁ ନିରାକାରପୁର ନିକଟସ୍ଥ ପଦ୍ମପୁରରେ ଥାଏ ପୋଲିସ ପହରା, ଚୌକିଦାର ଓ ଦଫାଦାରଙ୍କ ଘେରର ମଧରେ ଥାଏ । ଶ୍ରୀହର୍ଷବାବୁ କଟକ ରହି ନପାରି ରାତିରାତି ଟ୍ରେନରେ ବିନା ଟିକଟରେ ଆସି ପହଞ୍ଚିଲେ । ଆମ ଘରେ ଦୁଇଦିନ ରହିବା ପରେ ସ୍ଥାନୀୟ ପୋଲିସ ରଖାଇ ଦେଲେ ନାହିଁ । ଆମର କାମ ଗାଁ ଗାଁରେ ଅସହଯୋଗ ବାର୍ତ୍ତା ପ୍ରଚାର କରିବା ଓ କର୍ମୀ ସଂଗ୍ରହ କରିବା, ଦୁହେଁ ଗିରଫ ଭୟରେ ରାତିରେ ଲୁଚି ନିକଟସ୍ଥ ଗାଁ ପାହାଡ ଚିତ୍ରକୁଟ ପାହାଡରେ ଦୁଇଦିନ ଲୁଚି ରହିଲୁ, ବାଘତ ନଥିଲେ, କେବଳ ଭାଲୁଭୟ । ଉକ୍ତ ପାହାଡରେ ରଘୁନାଥ ଦେବଙ୍କ ମନ୍ଦିର । ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ପୂଜା ପାଉଛନ୍ତି । ସେଠାରେ ବାବାଜୀ ଥାନ୍ତି । ତାଙ୍କଠାରୁ ପ୍ରସାଦ ପାଇ ୪/୫୫ ଦିନ ରହିଲୁ । ସେଠାରେ ପାହାଡର ଉପରିଭାବରେ କୂଅଟିଏ ଅଛି। ଦୁହିଁଙ୍କର ଦୁଇଖଣ୍ଡ ଲୁଗା, ଖଣ୍ଡିଏ ଗାମୁଛା ଓ ଖଣ୍ଡେ ଲେଖାଏଁ ହାପସାଟ, ରାତି ନପାହୁଣୁ ଉଲଗ୍ନ ଅବସ୍ଥାରେ ନିତ୍ୟକର୍ମ କରି ପ୍ରସାଦ ପାଇ ନିଶ୍ଚିତରେ ଥାଉ । ଚୌକିଦାର ଦଫାଦାର ଓ ସ୍ଥାନୀୟ ଟାଙ୍ଗୀ ଥାନାର କେତେକ ସିପାହୀ ପାହାଡ ଘେରଉ କରି ଆମ୍ଭ ଦୁହିଁଙ୍କୁ ଧରିବାକୁ ଚେଷ୍ଟା କରି ବିଫଳ ହେଲେ । ଆମ୍ଭେ ଦୁହେଁ ରାତି ଗାଡିରେ ଟାଙ୍ଗୀ ଚାଲିଗଲୁ । ସେଠାର ଜଣେ ସରବରକାର (ରାୟସାହେବ ଟାଙ୍ଗୀ ବଜାରର ଆମକୁ କେହି ଜଳଖିଆ ବା ସଉଦା ନ ଦେବାପାଇଁ ମନା କରିଦେବାରୁ ଆମେ ଦୁହେଁ ବଡ ପାରି ଭ୍ରମରଙ୍କ ଦେଉଳକୁ ଯାଇ ଲୁଚି ରହିଲୁ । ଲୋକ କହନ୍ତି ବଡ ପାରି ଭ୍ରମଣବର, କୁହୁକୁହୁ ଗଲା ଦିନ ପନ୍ଦର । ଦେଉ ଦେଉ ଗଲା ମାସେ ହେଇଟି ଦେଉଚି କହି ଚାଲିଗଲା ବରଷେ । ତାଙ୍କରି ଦେଉଳରେ ଆମେ ଦୁହେଁ ରହିଲୁ । ବଡପାରି ଭ୍ରମରବର ଜଣେ ପାଇକ ବିଦ୍ରୋହର ନେତା ଥିଲେ । ତାଙ୍କର କୋଇଁ ତାପଙ୍ଗ ଗଡର ମାଧବ ରାଉତରାୟ ପାଇକ ନେତା ଥିଲେ । ଇଂରେଜଙ୍କ ଭୟରେ ଲୁଚିବାକୁ ଆସିଥିଲେ । ଭୟରେ ଶ୍ୱଶୁର ଘର ବିଲ ରଖିପାରିଲେ ନାହିଁ । ତାଙ୍କରି ଦେଉଳରେ ଆମେ ରହିଲୁ ।

ସେହିଦିନ ଠାରୁ ସେ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ସମର୍ଥକ ହେଲେ । ତାଙ୍କର ପୁଅ ଇନ୍ଦୁଭୂଷଣ ଭ୍ରମରବରରାୟ ଆଜି ସୁଦ୍ଧା କଂଗ୍ରେସ କର୍ମୀ ହୋଇଛନ୍ତି । ପ୍ରୋକ୍ତ ରାୟସାହେବଙ୍କ ସରବରକାରୀ, ତାଙ୍କ ଧମକରେ ଭ୍ରମରବର ରାୟ ଆମକୁ ଆଉ ରଖି ପାରିଲେ ନାହିଁ । ଆମେ ବାହୁଡି ଗଲୁ । କଂଗ୍ରେସ କର୍ମୀ ୰ରାଧା ମୋହନ ପାଢୀଙ୍କ ଘରେ ଗୋଟିଏ ଦିନ ରହି ସନ୍ଧ୍ୟା ଗାଡିରେ ମୁଁ ପୁରୀ ଯାଇ ଗିରଫ ହେଲି । ଶ୍ରୀହର୍ଷବାବୁ କଟକ ଯାଇ ଗିରଫ ହେଲେ ଦୁହେଁ ପୁଣି ପାଟନା କ୍ୟାମ୍ପ ଜେଲରେ ସାଥିହେଲୁ ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ମିଶ୍ରଙ୍କ ସ୍ମରଣେ !

ବିଶ୍ୱମ୍ଭର ବେହେରା

୧୯୧୭ ମସିହାରେ ଘୁମୁସରର ଛାମୁଣ୍ଡା ଗ୍ରାମରେ ଜଣେ ମଧ୍ୟବିତ ବ୍ରାହ୍ମଣ ପରିବାରରେ ସ୍ୱର୍ଗୀୟ ଶ୍ରୀହର୍ଷ ମିଶ୍ର ଜନ୍ମଗ୍ରହଣ କରିଥିଲେ। ସେ ତାଙ୍କର ଗ୍ରାମୀୟ ଶିକ୍ଷାବସ୍ଥାରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିଲା। ଗୃହର ଜ୍ୟେଷ୍ଠ ପୁଅ ଥିବା ହେତୁ ଆର୍ଥିକ ଅନଟନ ଦୃଷ୍ଟିରୁ ମା ଭାଇ କୁଟୁମ୍ବ ସହିତ ପୋଲସରା ମାତୁଳାଳୟରେ ରହି ଚଳୁଥିଲେ । ଜଣେ ଶିକ୍ଷକଙ୍କ ସାହାର୍ଯ୍ୟ ସହାନୁଭୂତି ପାଇ ଶ୍ରୀ ମିଶ୍ରେ ଉଚ୍ଚଶିକ୍ଷା ପାଇବା ଆଶାରେ ଶିକ୍ଷକଙ୍କ ଗୃହରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ । ପାରଳାଖେମୁଣ୍ଡିରେ ଶିକ୍ଷକଙ୍କ ଗୃହରେ ରହି ବିଦ୍ୟା ଅଧ୍ୟନରେ ଆର୍ଥିକ ଦୁର୍ଦ୍ଦଶାଗ୍ରସ୍ତରେ ପଡି, ସେ ବ୍ରହ୍ମପୁରକୁ ଆସି ଆଶା ପ୍ରେସରେ ସ୍ୱଳ୍ପ ବେତନ ପାଇ କାର୍ଯ୍ୟ କରୁଥିଲେ । ୧୯୩୦ ମସିହାରେ ବାପୁଜୀଙ୍କ ସ୍ୱାଧୀନତା ଆନ୍ଦୋଳନର ଲବଣ ସତ୍ୟାଗ୍ରହ ଆଇନ ଅମାନ୍ୟ ସ୍ୱର୍ଗୀୟ ନେତା ନିରଞ୍ଜନ ଏବଂ ସରଳା ଦେବୀଙ୍କ ବଳିଷ୍ଠ ଗଞ୍ଜାମ ଅଭିଯାନର ଫଳ ସ୍ୱରୂପ ଯେଉଁ ଶିକ୍ଷିତ ଯୁବକ, ବଦାନ୍ୟ ବ୍ୟକ୍ତି ଏବଂ ସଂଖ୍ୟାଧୀକ ଛାତ୍ର ଯୋଗଦାନ କରି, ମାତୃଭୂମିର ସ୍ୱାଧୀନତା ପାଇଁ, ଇଂରେଜୀ ଶାସକଙ୍କ ନିରଙ୍କୁଶ ଦମନାତ୍ମକ ତାଡନାରେ ଅତ୍ୟାଚାରୀର, ବନ୍ଧୁକ, ଲାଠି ବେତ ଓ କର୍ଯ୍ୟ । ଛାଟମାଡ ଖାଇ ଜେଲ ଜୀବନରେ ଅସଂଖ୍ୟ ଯନ୍ତଣାକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭୋଗ ବିଳାସ ବୋଲି ନିଜ ନିଜର ଜୀବନକୁ ଉତ୍ସର୍ଗ କରି, ଅମର ଆତ୍ମା ଲାଭ କରି ଯାଇଛନ୍ତି। ସେଥି ମଧ୍ୟରୁ ସ୍ୱର୍ଗୀୟ ଶ୍ରୀହର୍ଷ ମିଶ୍ର ଜଣେ ଅନ୍ୟତମ । ୧୯୩୦ ମସିହାରେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୬ଜଣ ଓଡିଆ ଛାତ୍ର ବିଭିନ୍ନ ଆଇନ ଅମାନ୍ୟ କରି ପୋଲିସ ଦ୍ୱାରା ଗିରଫ ହୋଇ ବ୍ରହ୍ମପୁର ସରକାରୀ ଡାକ୍ତରୀ ପରୀକ୍ଷାରେ କେବଳ ୧୨/୧୩ ବର୍ଷ ବୟସର ଏହି ପିଲାଙ୍କୁ ଦିଦି ବର୍ଷ ଜେଲ ସଜାରେ ମାନ୍ଦ୍ରାଜ ନିକଟସ୍ଥ ଚେଙ୍ଗଲ ହାଟଠାରେ ଅବସ୍ଥିତ ସିନିଅର ସାର୍ଟିଫାଇଡ ଜେଲରେ ରହି ବେଳାଏ ପାଠ ଏବଂ ଅନ୍ୟବେଳା କାଠ ଓ ବେତ ବୁଣା କାର୍ଯ୍ୟ ଶିକ୍ଷା ନିଆଯାଉଥିଲା । ଗାନ୍ଧୀ ଇରଉଇନ ସର୍ତ୍ତରେ ସମଗ୍ର ଦେଶର ଲକ୍ଷ୍ୟାଧିକ ସଂଗ୍ରାମୀ ଜେଲରୁ ମୁକ୍ତିଲାଭ ଭିତରେ, ଆମ୍ଭେ ୬ ଜଣ ଛାଡ ପାଇ ଆସିଲୁ ସ୍ୱର୍ଗୀୟ ଶ୍ରୀ ମିଶ୍ର, ଲେଖକ ବିଶ୍ୱମ୍ଭର ବେହେରା, ସ୍ୱର୍ଗୀୟ ଆନନ୍ଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା ଗଞ୍ଜାମର ବିଭିନ୍ନ ସହରରେ କଂଗ୍ରେସ କର୍ମୀ ରୂପେ, ସେବାଦଳ ଶିକ୍ଷା, ସହରମାନଙ୍କରେ, ଖରାତରା ବର୍ଷାରେ, ଗଞ୍ଜା, ଅଫିସ ଏବଂ ବିଦେଶୀ ବସ୍ତ୍ର ବର୍ଜନ ପିକେଟିଂ, କଂଗ୍ରେସ ବାର୍ତ୍ତା ପ୍ରଚାର ସଭାସମିତି ଗଠନ, ଜିଲ୍ଲା ବୋର୍ଡ, ପ୍ରାଦେଶିକ ଏବଂ ପାର୍ଲାମେଣ୍ଟ ଭୋଟ ପ୍ରଚାର କାମ ପାଇଁ ସ୍ୱର୍ଗୀୟ ଶ୍ରୀ ମିଶ୍ରେ ଏବଂ ଶ୍ରୀ ବେହେରା ଦୁଇଜଣ ସଦାସର୍ବଦା ୧୯୪୧ ମସିହା ଯାଏ କାମ କଲୁ ଏବଂ ଶେଷ ପର୍ଯ୍ୟାୟରେ ଓଡିଶା କଂଗ୍ରେସର ତୁଙ୍ଗ ନେତୃବୃନ୍ଦ ସପ୍ତରଥୀ ଯଥା ପଣ୍ଡିତ ନୀଳକଣ୍ଠ ଗୋଦାବରୀଶ ମିଶ୍ର, ଦିବାକର, ସାରଳା, ଯଦୁମଣୀ ମଙ୍ଗରାଜ୍, ଅଟଳବିହାରୀ ଆଚାର୍ଯ୍ୟ ଏବଂ ପ୍ୟାରୀ ଶଙ୍କର ରାଏ, ସମ୍ମିଳିତ ଉଦ୍ୟମ ଓଡିଶା ନେତାଜୀଙ୍କ ଫରୱାର୍ଡ ବ୍ଲକ ଗଠନ ନେତାଜୀଙ୍କ ବ୍ରହ୍ମପୁର ଆଗମନ ଭାରତ ସ୍ୱାଧୀନତା ହାସଲ ପାଇଁ ବୈପ୍ଲବାତ୍ମକ ସିଧାସଳଖ ଅଭିଯାନ ପନ୍ଥା ଗ୍ରହଣ କରିଥିଲୁ ଏବଂ ସମସ୍ତଙ୍କୁ ସାହାର୍ଯ୍ୟ କରିଥିଲୁ । ସ୍ୱର୍ଗୀୟ ସଂଗ୍ରାମୀ ସାଥି ଶ୍ରୀ ମିଶ୍ରେ ଗଞ୍ଜାମ କଂଗ୍ରେସ ଗଠନମୂଳକ କାର୍ଯ୍ୟରତ ଥିଲାବେଳେ, ହିନ୍ଦି ଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ନିଜେ ଶ୍ରୀ ମିଶ୍ର ଏଲାହାବାଦ ହିନ୍ଦୀ ବିଦ୍ୟାଳୟରେ ଅଧ୍ୟୟନ କରି ବ୍ରହ୍ମପୁରକୁ ଫେରିଆସି ହିନ୍ଦୀ ପତ୍ର ପତ୍ରିକାର ଓଡିଆ ଅନୁଦାନ କରି, ସାମ୍ବାଦିକ ଜୀବନ ଆରମ୍ଭ କରିଥିଲେ । ୧୯୪୫-୪୬ କଲିକତା ଜେଲରୁ ଖଲାସ ପାଇ, କଟକ ଆସି ସମାଜ ପ୍ରେସର ଜଣେ ସାମ୍ବାଦିକ ରୂପେ ଦୀର୍ଘ ୧୫ ବର୍ଷ କଳିଙ୍ଗ ଏବଂ ଜନଶକ୍ତି କାଗଜରେ ମଧ କିଛିଦିନ ସାମ୍ବାଦିକ ରୂପେ ରହି ୧୯୬୪-୬୫ ମସିହାରେ ଠାରୁ ୧୯୮୧-୮୨ ମସିହା ଯାଏଁ ପ୍ରଜାତନ୍ତ୍ର ପତ୍ରିକାରର ସମ୍ପାଦକ ରୂପେ ଥିଲେ । ୧୯୮୨ ମସିହାରେ, ସ୍ୱର୍ଗତଃ ନେତା ବୃନ୍ଦାବନ ବାବୁଙ୍କ ପୁନଃ ସଂସ୍ଥାପିତ ଓଡିଶାର ପ୍ରଥମ ପତ୍ରିକା ଦୈନିକ ଆଶାର ସମ୍ପାଦକ ଦାୟିତ୍ୱ ବହନ କରି, ସମ୍ପାଦକୀୟ ସ୍ତମ୍ଭରେ ଯେପରି ରାଜନୈତିକ ଦେଶାତ୍ମବୋଧ, ଯୁଗପୋଯୋଗୀ ଲେଖାମାନ ପ୍ରକାଶ କରି ପାଠକଙ୍କ ପାଇଁ ଗୋରାଖ ଯୋଗାଉଥିଲେ ତାହା ଅବିସ୍ମରଣୀୟ । ଶ୍ରୀ ମିଶ୍ରେ ମୋର ବାଲ୍ୟ ସ୍ୱାଧୀନତା ସଂଗ୍ରାମୀ ସାଥି । ପ୍ରତି ୩/୪ ମାସରେ ମୁଁ କଟକ ଗଲାବେଳେ ଶ୍ରୀ ମିଶ୍ରଙ୍କୁ ଦେଖା ସାକ୍ଷାତ ହୁଏ । ୧୯୪୦-୪୧ ମସିହାରେ ବ୍ରହ୍ମପୁର କଂଗ୍ରେସ କର୍ମୀ ଥିଲାବେଳେ ଶିକ୍ଷୟତ୍ରୀ ମୈଥିଳୀ ଦେବୀଙ୍କୁ ବିବାହ କରିଥିଲେ । ଶ୍ରୀ ମିଶ୍ରେ ଆଶା ପ୍ରେସର ଏକ କୋଠରୀରେ ସପରିବାର ରହିଥାନ୍ତି। ସେ ମୋତେ ପ୍ରତି ୩/୪ ଦିନରେ ଆସି କଥାବାର୍ତ୍ତା ହୋଇ ଯିବାକୁ କହନ୍ତି । ସେ ଗତ ୨୬ ବର୍ଷ ମଧ୍ୟରେ ୩/୪ଥର ଅସୁସ୍ଥତା ବୋଧକରି ଏଠା ମେଡିକଲରେ ରହି ଭଲ ହୋଇ ଫେରି ଆସିଥିଲେ । କିନ୍ତୁ, ଭଗବାନଙ୍କ ଏହି ବିଚିତ୍ର ଲୀଳା, ଶେଷଥର ପାଇଁ ଶ୍ରୀହର୍ଷ ମିଶ୍ର ୧୯୮୪ ମସିହା ଏପ୍ରେଲ ୮ ତାରିଖ ଦିନ ରୋଗାକ୍ରାନ୍ତ ହୋଇ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକଲ କଲେଜ ଗଲେ ଏବଂ ଚିରଦିନ ପାଇଁ ଶେଷ ନିଶ୍ୱାସ ତ୍ୟାଗକଲେ । ଭଗବାନଙ୍କଠାରେ ପ୍ରାର୍ଥନା ଶ୍ରୀ ମିଶ୍ରଙ୍କର ଆତ୍ମାର ସଦଗତି ହେବା ସଙ୍ଗେ ସଙ୍ଗେ ଆତ୍ମୀୟ ସ୍ୱଜନମାନଙ୍କ ଦୁଃଖ ବିଷାଦ ଦୂରୀଭୂତ ହେଉ ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷ ମିଶ୍ରଙ୍କ 'ପଶ୍ଚିମ ଦିଗନ୍ତ'

ରାଜେନ୍ଦ୍ର ପ୍ରସାଦ ଷଡଙ୍ଗୀ

"ଲଣ୍ଡନ ପ୍ରବାସର ସାମାନ୍ୟ କେତୋଟି ଦିନର ଅଭିଜ୍ଞତାକୁ କେନ୍ଦ୍ରକରି ମୁଁ ଯେଉଁ ସବୁ ବିଷୟର ସଂକଳନ କରିଥିଲି ତାକୁ ନିଜ ଭାଷାରେ କେତୋଟି ଅଧ୍ୟାୟରେ ସଜାଇବାକୁ ହିଁ ଚେଷ୍ଟା କରିଛି" । (ଭୂମିକା-ପ୍ରଥମ ସଂସ୍କରଣ)

ଇଂଲଣ୍ଡ ସରକାରଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଯେଉଁ ଚାରିଜଣ ଭାରତୀୟ ସାମ୍ବାଦିକ ୧୯୬୦ ମସିହାରେ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଆମ ଓଡ଼ିଶାର ପ୍ରଖ୍ୟାତ ସାମ୍ବାଦିକ ଂ ଶ୍ରୀହର୍ଷ ମିଶ୍ର । 'ପଶ୍ଚିମ ଦିଗନ୍ତ' ସେହି ପ୍ରବାସ ଅନୁଭୂତିର ଏକ ପୁଷ୍କଳ ପରିପ୍ରକାଶ । ସ୍ୱର୍ଗତ ମିଶ୍ର ଜାନୁଆରୀ ୧୯ ତାରିଖରେ ଦିଲ୍ଲୀରୁ ବାହାରି ୨୦ ତାରିଖ ମଧ୍ୟାହ୍ନରେ ଲଣ୍ଡନରେ ପହଞ୍ଚି ୩୧ ତାରିଖ ପର୍ଯ୍ୟନ୍ତ ୧୨ ଦିନ ସେଠାରେ ଅବସ୍ଥାନ କରିଛନ୍ତି । ଏ ସ୍ୱଳ୍ପ ସମୟ ବିଦେଶ ବାସର ବିବରଣୀକୁ ନେଇ ଏହି ବିଶାଳ ଗ୍ରନ୍ଥର ପରିକଳ୍ପନା, ଯାହାକି ସମୁଦାୟ ୩୦ଟି ଅଧ୍ୟାୟରେ ପ୍ରକାଶ ଲାଭ କରିଛି । ଯାତ୍ରାର ପ୍ରଥମ ପର୍ଯ୍ୟାୟରେ କଟକରୁ କଲିକତା, ଦିଲ୍ଲୀ, ବାହାରିନ, ବେରୁତ, ଜୁରୀକ ପର୍ଯ୍ୟନ୍ତ ଯାତ୍ରାର ଅନୁଭୂତିକୁ ନେଇ ପ୍ରଥମ ୭ଟି ଅଧ୍ୟାୟ ବ୍ୟୟିତ । ଅବଶିଷ୍ଟ ୨୩ଟି ଅଧ୍ୟାୟ ୟୁରୋପରେ ପ୍ରଥମ ପ୍ରବେଶଠାରୁ ଲଣ୍ଡନ ରହଣିକୁ ନେଇ ରଚିତ । ବିମାନ ଯାତ୍ରାର ପ୍ରଥମ ପାଦରେ ସେ କଲିକତାରୁ ଦିଲ୍ଲୀ ଯାଇଛନ୍ତି । ଦିଲ୍ଲୀ ଦର୍ଶନରେ ମୋଗଲ ଶାସନଠାରୁ ଇଂରେଜ ଶାସନ ପର୍ଯ୍ୟନ୍ତ ଆମର ପ୍ରାଚୀନ ଇତିହାସକୁ ସେ ଚୁମ୍ବକରେ ସ୍ମରଣ କରିଛନ୍ତି । ସ୍ୱାଧୀନତା ସଂଗ୍ରାମର ଜଣେ ଯୋଦ୍ଧା ଭାବରେ ଦିଲ୍ଲୀ ଦର୍ଶନରେ ତାଙ୍କର ଯେଉଁ ମନୋଭାବ ପ୍ରକାଶ ପାଇଛି ତାହା ଏଠାରେ ଉଲ୍ଲେଖ କରାଯାଇପାରେ ।

ଦିଲ୍ଲୀ ବହୁ ଉତଥାନ ପତନର ସାକ୍ଷୀ । ଭାରତ ଭୂମି ବହୁବାର ବାହ୍ୟ ଦ୍ୱାରା କବଳିତ ହୋଇଛି ।ଦିଲ୍ଲୀ ବକ୍ଷରେ ବହୁବାର ବହୁ ଶତ୍ରୁଙ୍କର ବିଜୟ ଧ୍ୱଜା ଉଡ଼ିପାରିଛି । କିନ୍ତୁ ଏ ଜାତିକୁ, ଏ ଭୂମିକୁ କେହି ଦୀର୍ଘ ସମୟ ଧରି ପରାଧୀନ କରି ରଖିନାହିଁ । ତାଙ୍କରି ଭାଷାରେ କୁହାଯାଇପାରେ। "ଦିଲ୍ଲୀ ଦିଗବଳୟରେ ଭାରତର ଭାଗ୍ୟରବି ବହୁବାର ଅସ୍ତମିତ ହୋଇ ପୁଣି ଉଦିତ ହୋଇଛନ୍ତି । ଏ ଜାତିକୁ କେହି ଚିରକାଳ ପରାଧୀନ କରି ରଖିପାରିନାହିଁ । ଇଂରେଜଙ୍କ ପତନ, ଭାରତ ଭୂମିରେ ଏହି ଐତିହାସିକ ସତ୍ୟର ପୁନରାବୃତ୍ତି ମାତ୍ର । (ପୃଷ୍ଠା-୧୩)

ଯଦିଓ ଆମେ ଇଂରେଜଙ୍କଠାରୁ ସ୍ୱାଧୀନତା ପାଇଛୁ ମନରେ କାର୍ଯ୍ୟରେ କିନ୍ତୁ ଆମେ ତଥାପି ପରାଧୀନ । ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ନିକଟରେ ଆମେ ଦାସତ୍ୱ ସ୍ୱୀକାର କରିଛୁ । ଆମର ପ୍ରାଚୀନ ପରମ୍ପରା, ଐତିହ୍ୟ ଏବଂ ସଂସ୍କୃତିକୁ ଆମେ କୁସଂସ୍କାର ନାମରେ ବର୍ଜନ କରିସାରିଲୁଣି । ଆମର ଶାସନ ପରମ୍ପରାଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ଚାଲିଚଳଣି ପର୍ଯ୍ୟନ୍ତ ଇଂରେଜ ଶିକ୍ଷା ସଂସ୍କୃତିକୁ ଆମେ ପାଦେ ପାଦେ ବରିନେଇଛୁ । ତାର ଏକ ପ୍ରାଞ୍ଜଳ ଉଦାହରଣ ହେଉଛି, ନୂଆଦିଲ୍ଲୀ ।

" ମୋଟାମୋଟି ଇଂରେଜ ଶାସନ ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ଏଭଳି ପ୍ରଭାବିତ କରିପାରିଛି, ଯାହା ସହଜରେ ଲୋପହେବା ନୁହେଁ । ତେଣୁ ନୂଆଦିଲ୍ଲୀ ଭାରତ ବର୍ଷରେ ଇଂରେଜଙ୍କ ସେହି ସାଂସ୍କୃତିକ ବିଜୟର ପ୍ରତୀକ । (ପୃଷ୍ଠା-୧୪) ପଚିଶ ବର୍ଷ ତଳେ ଲିଖିତ ଏ ବାଣୀର ସତ୍ୟତା ଆଜି ମଧ୍ୟ ଆମେ ସର୍ବତ୍ର ଲକ୍ଷ୍ୟ କରିପାରିବା ।

ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ବାହାରିନ, ବେରୁତ ଅତିକ୍ରମ କରିବା ଅବସରରେ ସେ ଏହି ସ୍ଥାନଗୁଡ଼ିକର ଅତୀତ ପୃଷ୍ଠାକୁ ଉନ୍ମୋଚନ କରିଛନ୍ତି । ଆରବର ଅତୀତ ଇତିହାସ ନୀଳନଦୀ ସଭ୍ୟତାର ବିବର୍ତ୍ତନ ଇସ୍ରାଏଲ ଓ ପାଲେଷ୍ଟାଇନରେ ଉତଥାନ ପତନର ଚିତ୍ର ଏହାର ପ୍ରମାଣ। ଇଂଲଣ୍ଡ ଅବସ୍ଥାନ ସମୟରେ ସେଠାକାର ଅଧିବାସୀଙ୍କର ଚାଲିଚଳନ, ରୀତିନୀତି, ଏହାର ପରମ୍ପରା ଐତିହ୍ୟ ଏବଂ ବର୍ତ୍ତମାନର ସାଂସ୍କୃତିକ, ରାଜନୈତିକ ଏବଂ ସାମାଜିକ ଜୀବନ

Source: KC Dash, Digitized by PPRACHIN, SOA

ପ୍ରବାହର ଚିତ୍ର ଏ ଗ୍ରନ୍ଥର ପ୍ରତି ଚିତ୍ରରେ ଆମେ ଦେଖିବାକୁ ପାଇବା ।

ସମୁଦାୟ ବର୍ଣ୍ଣନାକୁ ନିମ୍ନ ଭାବରେ ବିଭକ୍ତ କରାଯାଇପାରେ :-

(କ) ଇଂରେଜ ଜାତିର ଅତୀତ ଇତିହାସ ଓ ବର୍ତ୍ତମାନର ସ୍ଥିତି ।

(ଖ) ଇଂଲଣ୍ଡର ରାଜା, ପାର୍ଲ୍ୟାମେଣ୍ଟ, ରାଜନୈତିକ ଦଳ ଓ ଶାସନ ସମ୍ପର୍କୀୟ ସୂଚନା ।

(ଗ) ଲଣ୍ଡନ ସହର ଓ ଏହାର ଐତିହ୍ୟପୂର୍ଣ୍ଣ ସ୍ଥାନର ପରିଚିତି ।

(ଘ) ଇଂଲଣ୍ଡର ସମ୍ବାଦପତ୍ର ଓ ଏମାନଙ୍କର ପ୍ରଚାର ପ୍ରସାରର ବିବରଣୀ ।

(ଙ) ଇଂଲଣ୍ଡର ଶିକ୍ଷା ଓ ସଂସ୍କୃତି ।

(ଚ) ଇଂରେଜ ଚରିତ୍ରର ବିଭିନ୍ନ ଦିଗ ।

(ଛ) ଇଂରେଜ ଜାତି ସମ୍ପର୍କରେ ଆମ ବିଶ୍ୱାସର ବିପରୀତ ଦିଗ ।

ଏଠାରେ ଶେଷୋକ୍ତ ଦୁଇଟି ବିଭାଗ ସମ୍ପର୍କରେ କିଞ୍ଚିତ ସୂଚନା ଦିଆଯାଇପାରେ ।

ଇଂରେଜ ଜାତି ସମଗ୍ର ବିଶ୍ୱରେ ଏକ ଶ୍ରେଷ୍ଠ ଜାତି ରୂପେ ପରିଚିତ । ଏକଦା ସେମାନଙ୍କ ପୃଥିବୀରେ ସୂର୍ଯ୍ୟ କେବେ ଅସ୍ତାୟମାନ ହେଉନଥିଲେ । କିନ୍ତୁ ବର୍ତ୍ତମାନ ସେମାନଙ୍କର ସ୍ଥିତି କଣ ? ପୂର୍ବର ସମସ୍ତ ଅଧିକୃତ ସାମ୍ରାଜ୍ୟ ଆଜି ସେମାନଙ୍କ କବଳରୁ ସ୍ୱାଧୀନ ହୋଇ ଚାଲିଯାଇଛନ୍ତି । ସେମାନଙ୍କର ଅର୍ଥନୈତିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଦୋହଲି ଯାଇଛି ।

ଇଂରେଜ ଜାତିର ଚିର ଜାଜ୍ୱଲ୍ୟମାନ ଐଶ୍ୱର୍ଯ୍ୟ ସୂର୍ଯ୍ୟ ଆଜି ଅସ୍ତମିତ । ଅର୍ଥନୈତିକ ରାଜନୈତିକ ବିଲୟର ଅନ୍ଧକାର ଏହାର ଭାଗ୍ୟାକାଶକୁ ଆଚ୍ଛନ୍ନ କରି ରଖିଥିବାବେଳେ, ଏହି ଦୁର୍ଦ୍ଦିନରେ ଶତ୍ରୁର ରଣହୁଙ୍କାର । ଦ୍ୱିତୀୟ ମହାଯୁଦ୍ଧର ଘନଘଟାରେ ସମଗ୍ର ଇଂଲଣ୍ଡ ଧ୍ୱସ୍ତବିଧ୍ୱସ୍ତ । ତଥାପି ଏ ଜାତି ଟଳିନାହିଁ । କାବୁସ୍ତ ହୋଇନାହିଁ । ପରିସ୍ଥିତିର ମୁକାବିଲା କରିଛି । ସଦମ୍ଭରେ ଦଣ୍ଡାୟମାନ ହୋଇ ଦୃଢ଼ଭାବରେ ସବୁ ବିପଦର ସମ୍ମୁଖୀନ ହୋଇଛି ।

ଏ ଜାତିର ଅଟଳ ମନୋବଳର ଏ ଏକ ପରିଚିତ : ପ୍ରତ୍ୟେକ ଇଂରେଜ ନିଜ ନିଜର କର୍ମ ସମ୍ପାଦନରେ ଓସ୍ତାଦ୍ । ସେମାନେ କେବେ କେଉଁଠି କର୍ମକୁଣ୍ଠ ହୋଇ ରହନ୍ତି ନାହିଁ । ପୁଣି କର୍ମକ୍ଷେତ୍ରରେ ଯୋଗ୍ୟତା ଓ ପାହ୍ୟାର ମାପ ଦଣ୍ଡରେ ସେମାନେ ମାପି ହୁଅନ୍ତି ନାହିଁ । ପରିସ୍ଥିତି ଅନୁଯାୟୀ କର୍ମନିଯୁକ୍ତ ହେବା ସେମାନଙ୍କର ଲକ୍ଷଣ । ଏହାର ଏକ ଉଦାହରଣ -ବାମଷ୍ଟିଡ । ବାମଷ୍ଟିଡ, ଯେ କି ପ୍ରାରମ୍ଭରେ ସୈନ୍ୟ ବିଭାଗରେ ଚାକିରୀ କରିବା ପାଇଁ ଭାରତ ଯାଇଥିଲେ । ଦିଲ୍ଲୀ, ମେରେଠ, ପୁନା ଓ କାନପୁରରେ ଚାକିରୀ କରି ପରେ ପରେ ମାନ୍ଦ୍ରାଜ ପୋଲିସ ବିଭାଗରେ ଯୋଗଦେଇ ସିନିଅର ଡେପୁଟି କମିସନର ପଦକୁ ଉନ୍ନୀତ ହୋଇଥିଲେ । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ତାଙ୍କରି ପାରିବାରିକ ସୁଖସୌଷ୍ଟବକୁ ସଂପୂର୍ଣ୍ଣ ଧୂଳିସାତ କରିଦେଲା । ପଢନ୍ତା ଦୁଇ ପୁଅ ଶତ୍ରୁ ଆକ୍ରମଣରେ ପ୍ରାଣ ହରାନ୍ତି । ଏ ମଧ୍ୟରେ ସେ ଫେରିଆସନ୍ତି ଇଂଲଣ୍ଡ । ପତ୍ନୀ ବ୍ରେଟିସିଆ ପୁତ୍ରମାନଙ୍କୁ ଝୁରି ଝୁରି ବାମଷ୍ଟିଡଙ୍କୁ ନିଃସଙ୍ଗ କରି ଚାଲିଯାଆନ୍ତି । କିନ୍ତୁ ଇଂଲଣ୍ଡରେ ଜୀବନ ନାବ ଚଳାଇବା ପାଇଁ ସେ ନିଜକୁ ଭର୍ତ୍ତି କରନ୍ତି ଟାଭିଷ୍ଟକ ହୋଟେଲରେ ଧୋବୀଖାନାର ମ୍ୟାନେଜର ଭାବରେ ।

କାହିଁ? ମାନ୍ଦ୍ରାଜ ପୋଲିସ ବିଭାଗର ସିନିଅର ଡେପୁଟି କମିଶନର ପାହ୍ୟା । କାହିଁ ? ଟାଭିଷ୍ଟକ ହୋଟେଲର ଧୋବୀଖାନାର ମ୍ୟାନେଜର ପଦବୀ । ଇଂରେଜ ଚରିତ୍ରର, ଏ, ଆଉ ଏକ ଦିଗ : ଏଥିସହିତ ସେମାନଙ୍କର ସାଧୁତା, ସମୟାନୁବର୍ତ୍ତିତା, ମିତବ୍ୟୟିତା ଇତ୍ୟାଦି ସଦଗୁଣ ଗୁଡିକର ପରିଚୟ ମଧ ଏଥିରୁ ପାଇଥାଉ । ବିଜ୍ଞାନର ବ୍ୟାପକତା ଫଳରେ ଇଂରେଜ ଭଳି ସୁଶିକ୍ଷିତ ଜାତି ମଧରେ ସମସ୍ତ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଥିବ ଏହା ଆମର ପ୍ରତିଷ୍ଠିତ ବିଶ୍ୱାସ । କିନ୍ତୁ ଆଜି ମଧ ଇଂରେଜମାନେ ବହୁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଗ୍ରହଣ କରିନେଇଛନ୍ତି । ବଡଦିନରେ ମୁଣ୍ଡରେ କୋଇଲା ବୋଝେଇ ଗୃହ ପ୍ରବେଶ ଦ୍ୱାରା ମଙ୍ଗଳକାମନା, ଲଣ୍ଡନ ଟାୱାରରେ ଥିବା ଡାମରା କାଉ ସହିତ ଇଂରେଜ ଜାତିର ସୌଭାଗ୍ୟ ଜଡିତ କରାଇବା, ୧୩ ନମ୍ବର ବଦଳରେ ୧୨ ଏର ପ୍ରଚଳନ ଇତ୍ୟାଦି

Source: KC Dash, Digitized by PPRACHIN, SOA

ଏହାର ପ୍ରମାଣ ।

ଏହି କୁସଂସ୍କାର ବ୍ୟତୀତ ବର୍ଣ୍ଣବିଦ୍ୱେଷ ଚୋରୀ, ଡକାୟତି, ହତ୍ୟା, ଧର୍ଷଣ ଏବଂ ଉଶୃଙ୍ଖଳ ଯୌନ ବ୍ୟଭିଚାରର ଚିତ୍ର ମଧ ଦେଖିବାକୁ ମିଳେ । (ସଭ୍ୟତାର ଅଭିଶ୍ୟାପ ଦ୍ରଷ୍ଟବ୍ୟ)

ବହୁ ଚରିତ୍ରର ସମାବେଶ ଆମେ ଏ ଗ୍ରନ୍ଥରେ ଲକ୍ଷ୍ୟ କରିପାରିବା । ମେହେଟା. ଭାଟିଆ, ନାୟାର ପରି ସାମ୍ବାଦିକ ବନ୍ଧୁଙ୍କ ଠାରୁ ଆରମ୍ଭ କରି, ସିଂହଳୀ ଅଧ୍ୟାପକ ଜୟରାମ କାଣ୍ଡି ମୃଦଙ୍ଗ ବାଦିନୀର ପ୍ରେମିକା କୁମାରୀ ଏଲିସା, ବନ୍ଧୁ ବତ୍ସଳ ଆୟଙ୍ଗର ଦମ୍ପତି, ମିସ ରୋଜି ଓ ତାର ଛୋଟ ଭାଇ ସୁଦେଶ ଅନ୍ୟାନ୍ୟ ଭାରତୀୟ ବନ୍ଧୁ , ଓଡିଶାର ବହୁ ଛାତ୍ର ଶିକ୍ଷକ, ବହୁ ଇଂରେଜମାନଙ୍କୁ ଭେଟିବା । ଏଥିମଧ୍ୟରୁ ସିଂହଳୀ ଅଧ୍ୟାପକ ଏବଂ ମିସରୋଜି ଓ ତାର ଭାଇର ସ୍ନେହ ଏ ଉଭୟ ଚରିତ୍ର ଏକାନ୍ତ ଭାବେ ସମ୍ବେଦନଶୀଳ ଏବଂ ଆକର୍ଷଣୀୟ । ସିଂହଳ ଅଧ୍ୟାପକଙ୍କର ପାରିବାରିକ ବିଳୟ ଓ ମିସ ରୋଜିଙ୍କର ତାଙ୍କ ଭାଇ ପ୍ରତି ଐକାନ୍ତିକ ସ୍ନେହ କେବେ ଭୁଲିବାର ନୁହେଁ । ଆମ କର୍ମକୁଣ୍ଠ ଭାରତୀୟମାନଙ୍କର ଏକ ପ୍ରତୀକ ଇଣ୍ଡିଆ ହାଉସର କର୍ମଚାରୀ ସେଇ ଲୋକଟି ଏବଂ ବିଦେଶରେ ଭାରତୀୟମାନଙ୍କୁ ହେୟ ଦୃଷ୍ଟିରେ ଦେଖୁଥିବା ଟାଭିଷ୍ଟକ ହୋଟେଲ ପାନ୍ଥଶାଳାର ସେହି ଚାରିଜଣ ମଧ ଭୁଲିବାର ନୁହଁନ୍ତି । ପ୍ରବାସରେ ଭାରତକୁ ଏବଂ ଓଡିଶାକୁ ସେ ବହୁଭାବରେ ସ୍ମରଣ କରିଛନ୍ତି । ବହୁକ୍ଷେତ୍ରରେ ବିଭିନ୍ନ ପରିସ୍ଥିତିରେ । ଉଭୟ ସ୍ଥାନର ସେ ତୁଳନା କରନ୍ତି । କେଉଁଠି ଆମର ଦୟନୀୟତାକୁ ଲକ୍ଷ୍ୟ କରନ୍ତି ତ କେଉଁଠି ଆମର ମହନୀୟତାର ପ୍ରକଟନ କରିଛନ୍ତି ।

(୧) ସମ୍ବାଦପତ୍ର ଜଗତର ଶ୍ରୀକ୍ଷେତ୍ର ଫ୍ଲିଟଷ୍ଟୀଟରେ ଚାରିଘଣ୍ଟା (୨) ସଭ୍ୟତାର ଅଭିଶାପ (୩) ମୃଦଙ୍ଗବାଦିନୀର ପ୍ରେମିକା (୪) କାଫେରୟାଲରେ ରାତ୍ରୀ ଭୋଜୀ ଓ ଶ୍ରୀ ବଟଲରଙ୍କ ବାଲ୍ୟସ୍ମୃତି (୫) ଗୌରବମୟ ଓଡିଶା ଓ ଦୁର୍ଜୟ ଲଣ୍ଡନର କାହାଣୀ ଇତ୍ୟାଦି ଦ୍ରଷ୍ଟବ୍ୟ । ବର୍ଣ୍ଣନା ଅବସରରେ ଲେଖକଙ୍କ ବାଲ୍ୟସ୍ମୃତି ଓ ସଂଗ୍ରାମୀ ଜୀବନ କାହାଣୀର ଅନୁପ୍ରବେଶକୁ ଆମେ ଲକ୍ଷ୍ୟ କରିଥାଉ । ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନାନୁଭୂତିର ବର୍ଣ୍ଣନା ସମୟରେ ସେ ଆମର ଜାତୀୟ ସଙ୍ଗୀତ ସଂପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି । ତାହା ଏକାନ୍ତ ଉଲ୍ଲେଖଯୋଗ୍ୟ ।

ଭାଗ୍ୟର ବିଡମ୍ବନା ଯେ, ଚିଙ୍ଗଲପୁଟ ରିଫର୍ମେଟରୀ ସ୍କୁଲରେ ଯେଉଁ ଗୀତଟିରେ ରାଜଭକ୍ତିର ଗନ୍ଧ ବାରି ଆମେ ଦେଶଭକ୍ତ ସତ୍ୟାଗ୍ରହୀ ବୀରମାନେ ଜୀବନ ପଛେ ଦେବୁ ତାକୁ ମୁଖରେ ଉଚ୍ଚାରଣ କରିବୁ ନାହିଁ ବୋଲି ଜିଦଧରି ନିର୍ମମ ନିର୍ଯ୍ୟାତନା ଭୋଗିଥିଲୁ । ୧୯୪୭ ଅଗଷ୍ଟ ୧୫ ତାରିଖ ପରେ ସେହି ଗୀତଟି ହିଁ ସାର୍ବଭୌମ କ୍ଷମତାସମ୍ପନ୍ନ ସ୍ୱାଧୀନ ଭାରତ, ରାଷ୍ଟ୍ରର ଜାତୀୟ ସଙ୍ଗୀତ ହୋଇଛି । ବିଶ୍ୱକବି ଜନଗଣମନ ରଚନା ବେଳେ କାହାକୁ ଲକ୍ଷ୍ୟ କରିଥିଲେ, ସେ କଥା ଏବେ କିଏ କହିବ । (ପୃଷ୍ଠା-୨୯୯) ଏ ପ୍ରଶ୍ନ ଆଜି ବି ଅସମାହିତ ।

ଶ୍ରୀହର୍ଷବାବୁ ସାଂବାଦିକ ଭାବରେ ଇଂଲଣ୍ଡ ଭ୍ରମଣରେ ଯାଇଛନ୍ତି । କିନ୍ତୁ ଏହି ଗ୍ରନ୍ଥରେ କେଉଁଠି ହେଲେ ସାମ୍ବାଦିକତାର ପ୍ରାବଲ୍ୟ ଦେଖାଯାଏ ନାହିଁ । ବରଂ ତାଙ୍କରି ରସବନ୍ତ ଉପସ୍ଥାପନା ଏହାକୁ ଏକ ଅନନ୍ୟ କୃତି ଭାବରେ ଚିହ୍ନାଇ ଦେଉଛି । ଭ୍ରମଣ ସମୟରେ ସେ ଯେଉଁଠି ପହଞ୍ଚିଛନ୍ତି, ସେଠାକାର ଇତିହାସ, ଚଳଣି, ସଂସ୍କୃତି ଏବଂ ଅତୀତର ଜୀବନଧାରା ସଂପର୍କରେ ତନ୍ନ ତନ୍ନ ଅନ୍ୱେଷଣ କରିଛନ୍ତି । ପ୍ରତ୍ୟେକ ସ୍ଥାନର ମୂଳ ଆତ୍ମାକୁ ଆବିଷ୍କାର କରିବାର ପ୍ରଚେଷ୍ଟା ଅନୁଭୂତ ହୋଇଥାଏ । ପୁସ୍ତକର ପ୍ରତି ଛତ୍ରରେ ତାଙ୍କର ଅନ୍ତର୍ଦୃଷ୍ଟିଭିତ୍ତିକ ଅନୁସନ୍ଧିତ୍ସା ଲକ୍ଷଣୀୟ ।

ସେ ବର୍ଣ୍ଣନା ଅବସରରେ ଇତିହାସକୁ ସ୍ଥାନ ଦେଇଛନ୍ତି । କିନ୍ତୁ ତାହା କେବଳ ଘଟଣାବଳୀର ସନ୍ନିବେଶ ନୁହେଁ, ପୁଣି ପରିସଂଖ୍ୟାନଭିତ୍ତିକ ଯେଉଁ ତଥ୍ୟ ସବୁ ଦେଉଛନ୍ତି ତାହା କୌଣସି ସ୍ଥାନରେ ପଠନ ଅନ୍ତରାୟ ହୁଏ ନାହିଁ । ବରଂ ଇତିହାସ ଓ ପରିସଂଖ୍ୟାନ ତଥ୍ୟ ମିଶ୍ରିତ ତାଙ୍କର ବର୍ଣ୍ଣନା ଏକ ସ୍ୱାଦ୍ୟ ପରିପାକ ରୂପେ ପରିବେଷିତ ।

ପୁସ୍ତକର ସ୍ଥାନେ ସ୍ଥାନେ ଉପନ୍ୟାସ ସୁଲଭ ବର୍ଣ୍ଣନା, ନାଟକୀୟ ସଂଳାପର ପ୍ରୟୋଗ ବ୍ୟଙ୍ଗ ଓ ହାସ୍ୟରସର ସଂଚାର ଏବଂ କାବ୍ୟିକ ଛଟାର ଉପସ୍ଥିତି ଆମେ ଲକ୍ଷ୍ୟ କରିଥାଉ । କେତୋଟି ଉଦାହରଣ ଦିଆଯାଇପାରେ

(କ) ଉପନ୍ୟାସ ସୁଲଭ ବର୍ଣ୍ଣନା ମେହେଟାଜୀ ପତ୍ର ପାଇବାପରେ ନିଜ ଅସୁସ୍ଥ ସ୍ତ୍ରୀ ପ୍ରତି ତାଙ୍କର ମନୋଭାବନାକୁ ଲକ୍ଷ୍ୟ କରି ସେ ଚାହିଁଛନ୍ତି ପଶ୍ଚିମ ଦିଗବଳୟକୁ XXX । ସେଇ ଗାଡିରୁ ଓହ୍ଲାଇ ଜଣେ ଲଣ୍ଡନ ଫେରନ୍ତା ଭଦ୍ରବ୍ୟକ୍ତି ନିଜ

Source: KC Dash, Digitized by PPRACHIN, SOA

ଘରକୁ ଫେରି ଆସିବେ । ପୁଷ୍ପାବେନ ଛାତ ଉପରୁ ସ୍ପଷ୍ଟ ଦେଖି ପାରୁଥିବେ, ସାହେବୀ ପୋଷାକରେ ସଜ୍ଜିତ ସେଇ ଲୋକଟି ଷ୍ଟେସନ ହତା ଭିତରେ ଟମଟମ ଗାଡି ଭଡା କରି ତରବର ହୋଇ ଛୁଟି ଆସୁଛନ୍ତି, ଟମଟମ ବଡରାସ୍ତା ପାର ହୋଇଗଲା । ଚାହୁଁ ଚାହୁଁ ବଡ ରାସ୍ତାକୁ ସଂଯୁକ୍ତ କରିଥିବା ଛୋଟ ଗଳିଟା ଭିତରେ ଗାଡିଟା ବୁଡିଗଲା । ଆଉ ଦେଖାଯାଉନାହିଁ । କିନ୍ତୁ ଗାଡି ଠିକ ତାଙ୍କରି ଦୁଆର ଆଡକୁ ଆସୁଛି । ଘୋଡାଖୁରାର ଟପଟପ ଶବ୍ଦ ତାଙ୍କ କାନକୁ ସ୍ପଷ୍ଟ ଶୁଣାଯାଉଛି । ଏ ଏକ ମନସ୍ତାତ୍ତ୍ୱିକ ଚିତ୍ର (ପୃଷ୍ଠା-୩୦୭-୩୦୮)

(ଖ) ନାଟକୀୟ ସଂଳାପ-"ମେହେଟାଜୀ ମୋ ଆଡକୁ ଚାହିଁ ମୁହଁଟା ଆମ୍ବିଲେଇଲା ଭଳି ପଚାରିଲେ

"ଏ ବାରିଷ ମେଁ ହଂସି କ୍ୟୋଁ ?

ମୋର ଆଉ ଉତ୍ତର ଦେବାକୁ ସାହସ ନାହିଁ ଶର୍ମାଜୀଙ୍କ ମୁହଁରୁ ଶୁଣାଗଲା ଆପକୀ ଛାତ୍ରୀକିୟାଦଗାର ମେଁ । (ପୃଷ୍ଠା-୮୧)

(ଗ) ବ୍ୟଙ୍ଗାତ୍ମକତା

ଜଣାଗଲା, ଶ୍ରୀମତିଙ୍କ ନାମ ସୁତପା, କିନ୍ତୁ ସୁତପା ସେଦିନ ପୂରାପୂରି ଉତପ୍ତା ହୋଇ ହୋଇଉଠିଥିଲେ । ବୋଧହୁଏ ଦାନଦୋଷ ।

(ଘ) ପ୍ରବନ୍ଧ ଶୈଳୀ : ଗୌରବମୟ ଓଡିଶା ଓ ଦୁର୍ଜୟ ଲଣ୍ଡନର କାହାଣୀ ଦ୍ରଷ୍ଟବ୍ୟ ।

(ଙ) ସାମ୍ବାଦିକତା/ତଥ୍ୟଭିତ୍ତିକ ବର୍ଣ୍ଣନା

ମହାନଗରୀରେ ପଥ ଓ ପାତାଳ, ସଭ୍ୟତାର ଅଭିଶାପ, ସମ୍ବାଦପତ୍ର ଜଗତର ଶ୍ରୀକ୍ଷେତ୍ର ଫ୍ଲିଟ ଷ୍ଟ୍ରୀଟରେ ଚାରିଘଣ୍ଟା ଦ୍ରଷ୍ଟବ୍ୟ ।ଏଥିସହିତ ଉପମା ପ୍ରୟୋଗରେ, ଅଧ୍ୟାୟମାନଙ୍କର ନାମକରଣରେ ଏବଂ ଅଧ୍ୟାୟ ମାନଙ୍କର ସ୍ଥାନେ ସ୍ଥାନେ ରାଧାନାଥ, ଗୋପବନ୍ଧୁ ପ୍ରଭୃତି କବିମାନଙ୍କର କାବ୍ୟର ବିଭିନ୍ନ ପଂକ୍ତିର ପ୍ରୟୋଗରେ କାବ୍ୟିକ ଛଟା ଉଦ୍ଭୁରିଛି । ଉଦାହରଣ ସ୍ୱରୂପ, ଶୀତ ଯୋଗୁଁ ଇଂଲଣ୍ଡର ଗଛପତ୍ରର ଅବସ୍ଥା ଦର୍ଶାଇବାକୁ ଯାଇ ସେ ଯେଉଁ ଉପମା ଦେଇଛନ୍ତି-

ସବୁ ଥୁଣ୍ଟା XXX କେତେକ ବଡ ବଡ ଝାମ୍ପୁରା ଝାଡୁକୁ ସଡକର ଦୁଇ କଡରେ କିଏ ଅବା ଧାଡି ବାନ୍ଧି ପୋତି ଦେଇଯାଇଛି । ଅଧ୍ୟାୟମାନଙ୍କର ଶୀର୍ଷକ ଗୁଡିକର ନାମକରଣରେ ଲାଳିତ୍ୟ ଯଥା ମାଟି କାଦୁଅର ସ୍ୱର୍ଗ ଶ୍ୱେତ ଦ୍ୱୀପର ଶ୍ୟାମଶ୍ରୀ ଶୋଭା, ମୃଦଙ୍ଗବାଦିନୀର ପ୍ରେମିକା ତନ ମେ ଉଜାଲା ମନମେ କାଲା ଇତ୍ୟାଦି ଏବଂ ବିଭିନ୍ନ ପ୍ରସିଦ୍ଧ କାବ୍ୟ ପଂକ୍ତିର ପ୍ରୟୋଗ ଯଥା-କାଳିଦାସଙ୍କ ପ୍ରସିଦ୍ଧ ପଂକ୍ତି ଧୂମଜ୍ୟୋତିଃ ସଲିଳ ମରୁତାଂ ସନ୍ନିପାତଃ କ୍ୱ ମେଘଃ । (ପୃଷ୍ଠା-୭୯)ଛାଡିବାକୁ ଗାଡି ଦେଲାଣି ସଙ୍କେତ, ବାଜେ ଶେଷ ଘଣ୍ଟି ଉଡେ ନୀଳନେତ, ଗୋପବନ୍ଧୁ କାବ୍ୟ ପଂକ୍ତିରୁ ପ୍ରଭୃତି ଏହାର ପ୍ରମାଣ ।ଏଥିସହିତ ଓଡିଆ ଭାଷାର ବହୁ ପ୍ରବାଦ, ପ୍ରବଚନ ଇତ୍ୟାଦିର ବ୍ୟବହାର ନାକ ସଳଖ ସିଧା, ମାଟି ଚକଟିଥିଲି, ଦୁଧର ସ୍ୱାଦ ଘୋଳରେ ମେଣ୍ଟାଇବା, ମଞ୍ଚାରୁ ପଡି ମାମୁଁ ମଲା, ମୋତେ ତ ଦଇବ ରଖିଲା, ମୂଳୁ ନାଇଲେ ଯିବ ସରି, ବିରିମାଡ ଦେଖି କୋଳଥ ଚେପା ପ୍ରଭୃତି ଦ୍ୱାରା ସ୍ଥଳ ବିଶେଷରେ ବର୍ଣ୍ଣନା ମନୋଜ୍ଞ ତଥା ରସୋତ୍ତୀର୍ଣ୍ଣ ହୋଇପାରିଛି । ପରିଶେଷରେ ଏତିକି କୁହାଯାଇପାରେ, ଆମ ଭ୍ରମଣ ସାହିତ୍ୟ ଭଣ୍ଡାର ଆଜି ମଧ ପରିପୁଷ୍ଟ ନୁହେଁ । ୧୯୬୦ ମସିହା କଥା ସ୍ମରଣ କରାଯାଉ । କେତେକ ମୁଷ୍ଟିମେୟ ରଚନା ବ୍ୟତୀତ ଅନ୍ୟଗୁଡିକ ସଫଳ ହୋଇପାରି ନାହାନ୍ତି । ଏଣେ ଶ୍ରୀହର୍ଷ ବାବୁ ସାହିତ୍ୟ ରଚନାର ଲକ୍ଷ୍ୟ ନେଇ ଏ ଗ୍ରନ୍ଥ ରଚନା କରିଛନ୍ତି ବୋଲି କୁହାଯିବ ନାହିଁ । ନିଜ ସାମ୍ବାଦିକ ଜୀବନରେ ବିଦେଶ ଭ୍ରମଣ କରିବାର ଯେଉଁ ସୁଯୋଗ ସେ ପାଇଛନ୍ତି, ସେଥିରେ ତାଙ୍କର ଅଭିଜ୍ଞତା ଓ ଅନୁଭୂତି ଯାହା ହୋଇଛି। ତାକୁ ସେ ଆପଣା ଦୃଷ୍ଟିରେ ଆପଣା ଠାଣିରେ ଲେଖିଦେଇ ଯାଇଛନ୍ତି, ଯାହା ଏତେ ମନୋଜ୍ଞ ତଥା ଆକର୍ଷଣୀୟ ହୋଇପାରିଛି ଏବଂ ସାହିତ୍ୟ ରସପିପାସୁମାନଙ୍କୁ ଆହ୍ଲାଦିତ କରିବା ସଙ୍ଗେ ସଙ୍ଗେ ତତାର ସ୍ରଷ୍ଟାଙ୍କୁ ମଧ ସ୍ମରଣ କରାଇଦେଉଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ପ୍ରମୋଦ କୁମାର ପଣ୍ଡା

ଓଡିଶାର ବଳିଷ୍ଠ ସାମ୍ବାଦିକ ଭାବେ ରାଧାନାଥ ରଥ ଓ ଶ୍ରୀଯୁକ୍ତ ମହତାବ ଓ ଶ୍ରୀହର୍ଷ ମିଶ୍ର ଉଲ୍ଲେଖଯୋଗ୍ୟ । ସଭା ସମିତିରେ ସେ ବହୁଳ ଭାବେ ନିଜେ ପ୍ରଚାରିତ ନହୋଇ ମଧ୍ଯ ଜଣେ ସୁଦକ୍ଷ ସଂପାଦକ ଭାବେ ଆଜି ସେ ଜନ ମାନସରେ ୍ପଟ କୁଛନ୍ତି । ସାମ୍ବାଦିକ ଭାବେ ସରଳ ଜୀବନ ଯାପନ କରି ତାଙ୍କ ବ୍ୟବହାରରେ ସେ ସମସ୍ତଙ୍କୁ ବଶୀଭୂତ କରିପାରିଥିଲେ । ଦୈନିକଆଶାରେ କର୍ମମୟ ଜୀବନର ଆରମ୍ଭ କରି ସେଇଠାରେ ହିଁ ତାଙ୍କ ଜୀବନର ପରିସମାପ୍ତି ଘଟିଲା । ମୋର ସ୍ୱର୍ଗତ ମିଶ୍ରଙ୍କ ସହ ସଂପର୍କ ସ୍ଥାପନ ହେଲା ୧୯୮୨ ମସିହାରୁ । ସେତେବେଳେ ଯୁଗଜନ୍ମା ଜନସେବକ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଉଦ୍ୟମରେ ଦୈନିକଆଶା ସଂସ୍ଥାପିତ ହେଉଥାଏ । ଦକ୍ଷିଣ ଓଡିଶାର ମୁଖପତ୍ର ରୂପେ ଏହାକୁ ପ୍ରତିଷ୍ଠିତ କରାଇବା ପାଇଁ ସେ ଏହାର ପରିଚାଳନା ଭାର ମୋତେ ଦେଇଥିଲେ ଏବଂ ସଂପାଦନା ଭାର ଶ୍ରୀ ମିଶ୍ରଙ୍କୁ ଦେଇଥିଲେ । ସମାଜ, ପ୍ରଜାତନ୍ତ୍ର ଭଳି ଦୈନିକଆଶାରେ ମଧ୍ଯ ସେ ତାଙ୍କର କର୍ତ୍ତବ୍ୟ ସୁଚାରୁ ରୂପେ ସଂପାଦିତ କରି ଆମ୍ଭମାନଙ୍କ ଚିରସ୍ମରଣୀୟ ହୋଇ ରହିଯାଇଅଛନ୍ତି । ଦୈନିକଆଶାକୁ ଶୀଘ୍ର ଆଠପୃଷ୍ଠା କରିବାରେ ସ୍ୱର୍ଗତ ନାୟକ ଓ ମିଶ୍ର ଉଦ୍ୟମ କରୁଥିଲେ କିନ୍ତୁ ବିଧିର ବିଡମ୍ବନାରେ ଉଭୟେ ଚାଲିଯାଇଛନ୍ତି ।

ସେମାନଙ୍କ ଆଦର୍ଶ ଯାହା କିଛି ରହିଛି ତାକୁ ହିଁ ପାଥେୟ କରି ଆମେ ଆଗାମୀ ସ୍ୱପ୍ନ ଦେଖିବାର ଯୋଜନା କରୁଛୁ । ପୁରାଣ ବର୍ଣ୍ଣିତ ଗୁରୁକୁଳାଶ୍ରମ ଭଳି ଶ୍ରୀହର୍ଷ ବାବୁ ପଢିବା ଅପେକ୍ଷା ଆଲୋଚନା କରି ଓ ଶୁଣି ଶୁଣି ସବୁ ମନେରଖିବାରେ ଅଭ୍ୟାସ ଥିଲେ । ସେ ସୃଷ୍ଟି କରି ଯାଇଥିବା ଅନେକ ସାମ୍ବାଦିକ ଆଜି ତାଙ୍କର ଗୁଣଗାନ କରୁଛନ୍ତି । ଜଣେ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ସାମ୍ବାଦିକ ଭାବେ ସେ ସମାଜର ଯଥେଷ୍ଟ ସେବା କରି ଯାଇଥିଲେ ମଧ୍ଯ ତାଙ୍କୁ ବା ତାଙ୍କ ପରିବାର ବର୍ଗଙ୍କୁ ବିଶେଷ ସରକାରୀ ସାହାର୍ଯ୍ୟ କିଛି ଦିଆଯାଇ ନଥିଲା । ଫଳତଃ ଜଣେ ସ୍ପଷ୍ଟବାଦୀ ଭାବେ ସେ ମୃତ୍ୟୁ ପର୍ଯ୍ୟନ୍ତ ନିଜ ରୋଜଗାରରେ ନିର୍ଭର କରୁଥିଲେ ।

ପଶ୍ଚିମ ଦିଗନ୍ତ ପାଠକଲେ ମିଶ୍ରଙ୍କର ଚିନ୍ତାଧାରା ଏବଂ ତାଙ୍କର ଓଡିଆ ଭାଷା ସରଳ ବିନ୍ୟାସ ତଥା ତତ୍କାଳୀନ ସାମ୍ବାଦିକତାର ରୂପରେଖର ଏକ ସ୍ପଷ୍ଟ ଚିତ୍ର ମିଳେ । ଆର୍ଥିକ ଅନଟନରେ ରହି ମଧ୍ଯ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନହେବା ମିଶ୍ରଙ୍କର ଏକ ମହାନ ଗୁଣ । ଦିନରେ ସେ ଅନ୍ୟୁନ ୧୪ ଘଣ୍ଟା ପରିଶ୍ରମ କରି ତାଙ୍କର ସହ ଯୋଗୀମାନଙ୍କୁ ଚକିତ କରି ଦେଉଥିଲେ । ନିଜେ ଉଚ୍ଚ ଡିଗ୍ରୀଧାରୀ ନହେଲେ ମଧ୍ଯ ତାଙ୍କର ଲେଖା ଓ ଯୁକ୍ତି ବହୁ ଡିଗ୍ରୀଧାରୀ ବିଜ୍ଞ ବ୍ୟକ୍ତିଙ୍କୁ ଟପି ଯାଇଥିଲା ।

ଏଭଳି ଜଣେ ମହାମନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ସ୍ମରଣିକା ପ୍ରକାଶ କରାଯାଇ ପାରୁଥିବା ଗୌରବର ବିଷୟ । ବିଳମ୍ବରେ ହେଲେ ମଧ୍ଯ ଗୁଣୀର ଗୁଣ କୀର୍ତ୍ତନ କରିବା ମାନବ ଧର୍ମ ବୋଲି ମୁଁ ଅନୁଭବ କରୁଛି । ସ୍ୱର୍ଗତ ମିଶ୍ରଙ୍କ ଉପରେ ଆଲୋକପାତ କରିବା ମୋର ଭଳି ଜଣେ ସୀମିତ ଜ୍ଞାନଧାରୀ ପକ୍ଷେ ଏକ ଧୃଷ୍ଟତା ମାତ୍ର । ଶେଷରେ ଶ୍ରୀହର୍ଷବାବୁଙ୍କୁ ମୁଁ ମୋର ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ପରିବାର ବିଶେଷ କରି ନିର୍ମଳବାବୁ ଯେ କି ବହୁ ପରିଶ୍ରମ କରି ଗୋଟିଏ ସ୍ମରଣିକା ପ୍ରକାଶ କରାଇବା ପାଇଁ ଉଦ୍ୟମ ଚଳାଇଛନ୍ତି ତାଙ୍କୁ ମୁଁ ସାଧୁବାଦ ଜଣାଉଛି । ସ୍ମରଣିକାଟିର ସକଳ ସଫଳତା କାମନା କରୁଛି ।

(୧୯୮୬ ମସିହାରେ ପ୍ରକାଶିତ ଶ୍ରୀହର୍ଷ ସ୍ମରଣିକାରୁ ଉଦ୍ଧୃତ)

♦♦♦

Source: KC Dash, Digitized by PPRACHIN, SOA

ଏକ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଶ୍ରୀହର୍ଷ ମିଶ୍ର

(୧୯୧୭-୧୯୮୪)

ଡ. ବିଷ୍ଣୁଚରଣ ଚୌଧୁରୀ

ଜନ୍ମ ଓ ବାଲ୍ୟଶିକ୍ଷା:

ଶ୍ରୀହର୍ଷ ମିଶ୍ର ୧୯୧୭ ମସିହା ଜୁନ୍ ମାସ ୧୬ ତାରିଖରେ ଗଂଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ନିକଟସ୍ଥ ଛାମୁଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ରାମଚନ୍ଦ୍ର ମିଶ୍ର ଥିଲେ ଜଣେ ସ୍କୁଲ ଶିକ୍ଷକ । ୧୯୨୪ ମସିହାରେ ନିଜ ଗ୍ରାମ ସ୍କୁଲରେ ତାଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା । ମାତା ଜେମାଦେବୀ ପୋଲସରା ନିକଟବର୍ତ୍ତୀ ଲୁଣିଘାଟି ଗ୍ରାମର ଝିଅ । ୧୯୨୭ ମସିହାରେ ପିତା ରାମଚନ୍ଦ୍ର ମିଶ୍ରଙ୍କର ଦେହାନ୍ତ ପରେ ସେ ଅଜା ରାମଚନ୍ଦ୍ର ଷଡ଼ନ୍ଦଙ୍କ ପାଖରେ ରହି ପୋଲସରା ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟା ଆହରଣ କଲେ । ପରବର୍ତ୍ତୀ ସମୟରେ ସେ ୧୯୨୯ ମସିହାରେ ପାରଳାଖେମୁଣ୍ଡି ନିକଟସ୍ଥ ଚାଙ୍ଗୁଡ଼ି ଗ୍ରାମରେ ରହି ପାରଳାଖେମୁଣ୍ଡିଠାରେ ଅଧ୍ୟୟନ କଲେ ଏବଂ ସେ ସମୟରେ ହିଁ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରିବାକୁ ଆଗଭର ହେଲେ ।

ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ:

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମସିହା ମାର୍ଚ୍ଚ ମାସ ୧୨ ତାରିଖ ଦିନ ସାବରମତି ଆଶ୍ରମଠାରୁ ଐତିହାସିକ ଦାଣ୍ଡିଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏହି ପଦଯାତ୍ରା ଏପ୍ରିଲ ମାସ ୫ ତାରିଖରେ ସମୁଦ୍ରତଟରେ ପହଞ୍ଚିଥିଲା । ଏପ୍ରିଲ ୬ ତାରିଖରେ ଗାନ୍ଧିଜୀ ଲବଣ ଆଇନକୁ ଭଂଗ କରିଥିଲେ । ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ୧୯୩୦ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ବାଲେଶ୍ୱର ଠାରେ ଅନୁଷ୍ଠିତ ଏହାର ବୈଠକରେ ଓଡ଼ିଶାରେ ଲବଣ ସତ୍ୟାଗ୍ରହ ସଂଗଠିତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରିଥିଲା । ଫଳସ୍ୱରୂପ ବାଲେଶ୍ୱର ଠାରୁ ୧୦ ମାଇଲ ଦୂରରେ ଥିବା ଇଞ୍ଚୁଡ଼ି ଠାରେ ଲବଣ ସତ୍ୟାଗ୍ରହ ସଂଗଠିତ ହୋଇଥିଲା । ଏହା ପରେ ପରେ ଗଂଜାମ ଜିଲ୍ଲାର କଂଗ୍ରେସ କର୍ମୀମାନେ ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ନେତୃସ୍ଥାନୀୟ ବ୍ୟକ୍ତିମାନେ ଥିଲେ ନିରଂଜନ ପଟ୍ଟନାୟକ, ବିଶ୍ୱନାଥ ଦାସ, ଶଶିଭୂଷଣ ରଥ, ନରସିଂହ ସାହୁ ଏବଂ ଦିବାକର ପଟ୍ଟନାୟକ । ଗଂଜାମ ଜିଲ୍ଲା କଂଗ୍ରେସ କମିଟି ନିଷ୍ପତ୍ତି ନେଲା ଯେ ନିରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ରମ୍ଭା ଓ ହୁମାଠାରେ ଲବଣ ଉତ୍ପାଦନ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପାରମ୍ପରିକ ଭାବେ ହୁମା ଲବଣ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ଥିଲା । ଏଠାରେ ୧୯୩୦ ମସିହା ମଇମାସ ୯ ତାରିଖ ଦିନ ପ୍ରାୟ ୧୬୦୦ ଜଣ ସତ୍ୟାଗ୍ରହୀ ଲବଣ ଉତ୍ପାଦନ କରିବା ପାଇଁ ଆଗେଇ ଆସିଥିଲେ । ଶ୍ରୀହର୍ଷ ମିଶ୍ର ସ୍କୁଲ ପଢ଼ା ଛାଡ଼ି ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ । କଂଗ୍ରେସ ସ୍ୱେଚ୍ଛାସେବୀମାନେ ହୁମାଠାରେ ଥିବା ଲୁଣ ଗୋଦାମ ଉପରେ ଆକ୍ରମଣ କରିବା ନିମନ୍ତେ ସଜବାଜ ହେଉଥିବା ଜାଣି ଗଂଜାମର ତତ୍କାଳୀନ ଜିଲ୍ଲାପାଳ ଅଷ୍ଟିନ୍ ସାହେବ ଅନେକ କଂଗ୍ରେସ ସ୍ୱେଚ୍ଛାସେବୀଙ୍କୁ ଗିରଫ କରିଥିଲେ । ଏ ସଂକ୍ରାନ୍ତରେ ୧୯୩୦ ମସିହା ଜୁନ୍ ମାସରେ ଶ୍ରୀହର୍ଷ ମିଶ୍ରଙ୍କୁ ଗିରଫ କରାଯାଇ ମାନ୍ଦ୍ରାଜର ଚିଙ୍ଗଲପେଟ ରିଫର୍ମମେଟରୀ ସ୍କୁଲ ଜେଲରେ ବନ୍ଦୀ ଭାବେ ରଖାଯାଇଥିଲା । ପରେ ୧୯୩୧ ମସିହା ଏପ୍ରିଲ ମାସରେ ସେ ଜେଲ୍‌ରୁ ଖଲାସ ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିବାରୁ ସେ ୧୯୩୨ ଓ ୧୯୩୩ ମସିହା ମଧ୍ୟରେ ଗିରଫ ହୋଇ ବ୍ରହ୍ମପୁର, କଟକ ଏବଂ ପାଟନା କେମ୍ପ ଜେଲ୍‌ରେ ବନ୍ଦୀ ରୂପେ ରହିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ସେ ବହୁବାର ଜେଲ୍ ଯାଇଥିଲେ ଏବଂ ପ୍ରାୟ ୬ ବର୍ଷ ବ୍ରହ୍ମପୁର, କଟକ, ପାଟନା ଓ କଲିକତାର ଦମ୍‌ଦମ୍ କେନ୍ଦ୍ରୀୟ ଜେଲ୍‌ମାନଙ୍କରେ ଜୀବନ କଟାଇଥିଲେ ।

ଆଶା ପତ୍ରିକାର ସହ-ସମ୍ପାଦକ:

ଖବରକାଗଜ ଜନମତକୁ ସଂଗଠିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସାପ୍ତାହିକ ପତ୍ରିକା 'ଆଶା' ଶଶିଭୂଷଣ ରଥଙ୍କ ସଂପାଦନାରେ ୧୯୧୩ ମସିହା ସେପ୍ଟେମ୍ବର ମାସରେ ବ୍ରହ୍ମପୁରଠାରୁ ପ୍ରକାଶ ପାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକତ୍ରିକରଣ କରିବା ନିମନ୍ତେ ଜନମତ ସଂଗଠିତ କରିବା । ଏହି ପତ୍ରିକା ପରବର୍ତ୍ତୀ କାଳରେ ଏକ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା । ଶ୍ରୀହର୍ଷ ବାବୁ ୧୯୩୮ ମସିହାରେ ଏହି ଖବରକାଗଜର ସହ ସମ୍ପାଦକ ଭାବରେ ଯୋଗଦାନ କରିଥିଲେ । ଏହା ତାଙ୍କର ସାମ୍ବାଦିକ ଜୀବନର ପ୍ରଥମ ପାହାଚ ଥିଲା । ପରବର୍ତ୍ତୀ କାଳରେ ସେ ନିଜକୁ ଜଣେ ଉଚ୍ଚକୋଟୀର ଏବଂ ଭିନ୍ନ ସ୍ୱାଦର ସାମ୍ବାଦିକ ଭାବେ ପ୍ରତିଷ୍ଠିତ କରିପାରିଥିଲେ । ସେ ୧୯୪୦ ମସିହାରେ ମୈଥିଳୀ ଦେବୀଙ୍କ ସହିତ ବିବାହ କରିଥିଲେ ।

ଫରୱାର୍ଡ଼ ବ୍ଲକ୍‌ରେ ଯୋଗଦାନ:

ବାମପନ୍ଥୀ ଗୋଷ୍ଠୀଗୁଡ଼ିକୁ ସଂଗଠିତ ଓ ସବଳ କରିବା ଉଦ୍ଦେଶ୍ୟରେ ସୁଭାଷ ବୋଷ ୧୯୩୯ ମସିହା ମଇମାସରେ 'ଫରୱାର୍ଡ଼ ବ୍ଲକ୍' ଗଠନ କରିଥିଲେ । ୧୯୩୩ ଅଗଷ୍ଟ ମାସ ୫ ତାରିଖ ଦିନ 'ଫରୱାର୍ଡ଼ ବ୍ଲକ୍'ର ଓଡ଼ିଶା ଶାଖା ଗଠିତ ହୋଇଥିଲା । ସେଥିରେ ବିବୁଧେନ୍ଦ୍ର ମିଶ୍ର, ଅଶୋକ ଦାସ, ଗଙ୍ଗାଧର ମହାପାତ୍ର, ସୁରଜମଲ୍ଲ ସାହା, ବଳରାମ ମହାନ୍ତି ଓ ମୋତିଲାଲ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ । ଗଂଜାମ ଜିଲ୍ଲାରୁ ଯେଉଁ କେତେଜଣ ସ୍ୱାଧୀନତା ସଂଗ୍ରାମୀ ୧୯୪୦ ମସିହାରେ ଫରୱାର୍ଡ଼ ବ୍ଲକ୍‌ରେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ

Source: KC Dash, Digitized by PPRACHIN, SOA

ଦିବାକର ପଟ୍ଟନାୟକ, ବନମାଳୀ ମହାରଣା ଓ ଯୁଗଳ କିଶୋର ପାଣିଗ୍ରାହୀ । ଦିବାକର ପଟ୍ଟନାୟକ ସର୍ବଭାରତୀୟ ସ୍ତରରେ ଫରୱାର୍ଡ଼ ବ୍ଲକ୍‌ର ଜଣେ ଉପ-ସଭାପତି ଭାବରେ ପଦଭାର ଗ୍ରହଣ କରିଥିଲେ । ଶ୍ରୀହର୍ଷ ମିଶ୍ର ୧୯୪୧ ମସିହାରେ ଫରୱାର୍ଡ଼ ବ୍ଲକ୍‌ର ସଭ୍ୟପଦ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୪୨ ମସିହା ସେପ୍ଟେମ୍ବର ମାସ ପହିଲା ଦିନ ଆଜାଦ୍ ହିନ୍ଦ୍ ଫୌଜ ଗଠନ ହେବାରୁ ଗଂଜାମ ଜିଲ୍ଲାରୁ ଅନେକ ଯୁବକ ଏଥିରେ ଯୋଗଦାନ କରିଥିଲେ

ଜଣେ ପ୍ରବୀଣ ସାମ୍ବାଦିକ:

ଶ୍ରୀହର୍ଷ ବାବୁ ବହୁବର୍ଷ ଧରି ବିଭିନ୍ନ ସାପ୍ତାହିକ ଓ ଦୈନିକ ସମ୍ବାଦ ପତ୍ର ମାନଙ୍କରେ ସହ-ସଂପାଦକ ଏବଂ ସଂପାଦକ ଭାବରେ କାର୍ଯ୍ୟ କରିବାର ଗୌରବ ହାସଲ କରିଥିଲେ । ୧୯୪୧ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସଂପାଦନାରେ କଟକରୁ ପ୍ରକାଶିତ ହେଉଥିବା ଖବରକାଗଜ 'ଜନତା'ର ସହକାରୀ ସଂପାଦକ ଭାବେ କାର୍ଯ୍ୟ କରିଥିଲେ । ତା'ପରେ ୧୯୪୨ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ନବଭାରତ' ପତ୍ରିକାରେ ସହକାରୀ ସଂପାଦକ ରୂପେ ଯୋଗ ଦେଇଥିଲେ ।

ଲୋକସେବକ ମଣ୍ଡଳର ସଭ୍ୟ ଓ 'ସମାଜ'ର ସହ-ସଂପାଦକ:

ଶ୍ରୀହର୍ଷ ବାବୁ ୧୯୪୮ ମସିହାରେ ଲୋକସେବକ ମଣ୍ଡଳର ସଭ୍ୟପଦ ଗ୍ରହଣ କରିଥିଲେ ଏବଂ 'ସମାଜ'ର ସହ ସଂପାଦକ ଭାବେ ଯୋଗଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ଡିତ ଲିଙ୍ଗରାଜ ମିଶ୍ର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଗଠିତ ସରକାରରେ ମନ୍ତ୍ରୀ ହେବା ପରେ ରାଧାନାଥ ରଥ ସମାଜର ସଂପାଦକ ହେଲେ । ସେ ସମୟରେ ସମାଜର ସହକାରୀ ସଂପାଦକ ଭାବେ ଶ୍ରୀ ବିବୁଧେନ୍ଦ୍ର ମିଶ୍ର, କୃଷ୍ଣ ବାବୁ (ରାଧାନାଥ ରଥଙ୍କ ଭାଇ), କବି ଅନନ୍ତ ପଟ୍ଟନାୟକ, ଶ୍ରୀହର୍ଷ ମିଶ୍ର ଓ ବଳରାମ ମହାନ୍ତି କାର୍ଯ୍ୟ କରିଥିଲେ । ଉଦୟନାଥ ଷଡ଼ଙ୍ଗୀ ବାର୍ତ୍ତା ସଂପାଦକ ଥିଲେ । ସମସ୍ତେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୫୮ ମସିହାରେ ସେ 'ସମାଜ' ଖବରକାଗଜର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୧୯୬୪ ମସିହା ପର୍ଯ୍ୟନ୍ତ 'ସମାଜ' ସହିତ କାର୍ଯ୍ୟ କରି ଏହି ଅନୁଷ୍ଠାନରୁ ବିଦାୟ ନେଇଥିଲେ ।

କଳିଙ୍ଗ, ଜନଶକ୍ତି ଓ ପ୍ରଜାତନ୍ତ୍ରରେ ଯୋଗଦାନ:

ଶ୍ରୀହର୍ଷ ବାବୁ 'କଳିଙ୍ଗ' ଖବରକାଗଜରେ ୧୯୬୫ ମସିହାରେ ଯୋଗଦାନ କରିଥିଲେ ଏବଂ ସାମୟିକ ଭାବେ 'ଜନଶକ୍ତି'ରେ ମଧ୍ୟ କାର୍ଯ୍ୟଭାର ତୁଲାଇଥିଲେ । ସେ ପରବର୍ତ୍ତୀ ସମୟରେ ୧୯୬୭ ମସିହା ମାର୍ଚ୍ଚ ମାସରେ ଦୈନିକ 'ପ୍ରଜାତନ୍ତ୍ର'ର ସମ୍ପାଦକ ଭାବେ ଯୋଗଦାନ କରିଥିଲେ ଏବଂ ୧୯୮୧ ମସିହା ଅକ୍ଟୋବର ମାସରେ ଏହି ଦାୟିତ୍ୱରୁ ଅବ୍ୟାହତି ନେଇଥିଲେ । ସ୍ୱର୍ଗତ ବୃନ୍ଦାବନ ନାୟକ ବ୍ରହ୍ମପୁର ଠାରେ 'ଦୈନିକ ଆଶା' ୧୯୮୨ ମସିହାରେ ପୁନଃ ପ୍ରକାଶ କରିବା ପରିକଳ୍ପନା କରିଥିଲେ ଏବଂ ଶ୍ରୀହର୍ଷ ବାବୁ ୧୯୮୨ ମସିହା ଫେବୃୟାରୀ ୧୦ ତାରିଖ ଠାରୁ ଏହାର ସଂପାଦକ ଭାବେ ଯୋଗଦାନ କରିଥିଲେ । ଏହାର ସଂପାଦକ ପଦରେ ଥାଇ ସେ ୧୯୮୪ ମସିହା ଏପ୍ରିଲ ମାସ ୮ ତାରିଖରେ ବ୍ରହ୍ମପୁରଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ:

ଶ୍ରୀହର୍ଷ ବାବୁ କିଶୋର ବୟସରୁ ପାଠ ପଢ଼ା ଛାଡ଼ି ଦେଶମାତୃକାର ସେବା କରିବା ନିମନ୍ତେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ତାଙ୍କର ଅସୀମ ତ୍ୟାଗ ଓ ଦେଶପ୍ରେମର ପଟାନ୍ତର ନାହିଁ । ଉଚ୍ଚଶିକ୍ଷାରୁ ବଞ୍ଚିତ ଥିଲେ ମଧ୍ୟ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା । ନିଜର ସଚ୍ଚୋଟତା, ନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ସେ ଓଡ଼ିଶାର ଏକ ସ୍ୱନାମଧନ୍ୟ ସାମ୍ବାଦିକ ଓ ବିଭିନ୍ନ ଖବରକାଗଜର ସହ-ସଂପାଦକ ଓ ସଂପାଦକ ଭାବେ ସୁପରିଚିତ ଥିଲେ । ସେ ଅନେକ ପ୍ରତିଷ୍ଠିତ ରାଜନେତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ ଯେଉଁମାନେ କି ବିଭିନ୍ନ ସମୟରେ କେନ୍ଦ୍ରରେ ମନ୍ତ୍ରୀ, ରାଜ୍ୟରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଏବଂ ଅନ୍ୟ ପଦପଦବିରେ ରହି କ୍ଷମତା ଉପଭୋଗ କରିଥିଲେ । ଶ୍ରୀହର୍ଷ ବାବୁ କୌଣସି କ୍ଷମତା ଓ ଉଚ୍ଚପଦବୀ ପ୍ରତି ଆକର୍ଷିତ କିମ୍ବା ଲାଳାୟିତ ନ ହୋଇ ସାମ୍ବାଦିକତାକୁ ଜୀବନର ଏକ ମହାନ୍ ଆଦର୍ଶ ଭାବେ ଗ୍ରହଣ କରିଥିଲେ । ଜଣେ ସ୍ୱାଭିମାନୀ, ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକ ଭାବେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଜଣେ ସାମ୍ବାଦିକ ଭାବରେ ତାଙ୍କର ଉତ୍ସର୍ଗୀକୃତ ଜୀବନୀ ବର୍ତ୍ତମାନ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତଙ୍କର ଅନୁକରଣୀୟ । ଅଭାବ ଅନାଟନ ମଧ୍ୟରେ ସେ କସ୍ମିନ କାଳେ ନିଜ ନୀତି, ଆଦର୍ଶ, ଅଙ୍ଗୀକାରବଦ୍ଧତା ଓ କର୍ତ୍ତବ୍ୟରୁ ପଥଚ୍ୟୁତ ହେବାର ଉଦାହରଣ ନାହିଁ । ସେ ଆଜୀବନ ସରଳ ଓ ନିରାଡ଼ମ୍ବର ଜୀବନଯାପନକୁ ପସନ୍ଦ କରିଥିଲେ । ଶ୍ରୀହର୍ଷ ବାବୁଙ୍କର ସାହିତ୍ୟ ପ୍ରତି ମଧ୍ୟ ରୁଚି ଥିଲା । ତାଙ୍କର ସାହିତ୍ୟ କୃତି ମଧ୍ୟରେ 'ପଶ୍ଚିମ ଦିଗନ୍ତ', 'ସ୍ୱାଧୀନତାର ଜୟଯାତ୍ରା', 'ଓଡ଼ିଆ ସାହିତ୍ୟରେ ସ୍ୱାଧୀନତାର ଚିତ୍ର', 'ଗଣତନ୍ତ୍ର ଭାରତ', 'ବ୍ରିଟିଶ ଶାସନର ଚକ୍ର ତଳେ' ଓ 'ବିପୁଳାଚ ପୃଥ୍ୱୀ' ଉଲ୍ଲେଖଯୋଗ୍ୟ । ଅତଏବ ସେ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ତାଙ୍କରି ଜୀବନୀ, କାର୍ଯ୍ୟାବଳୀ ଓ ବ୍ୟକ୍ତିତ୍ୱ ଓଡ଼ିଶାର ଯୁବପିଢ଼ିକୁ ଯୁଗ ଯୁଗ ଧରି ମାର୍ଗଦର୍ଶନ କରିବ ଏବଂ ପ୍ରେରଣା ଯୋଗାଇବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଉତ୍କଳମାତାର ଏ ଯୋଗ୍ୟ ସନ୍ତାନଙ୍କର ଅମ୍ଳାନ ଆତ୍ମା ପ୍ରତି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ସେବାନିବୃତ୍ତ ପ୍ରଫେସର
ରାଜନୀତି ବିଜ୍ଞାନ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
୭, ଆନନ୍ଦସରଣୀ, ବ୍ରହ୍ମପୁର-୭୬୦୦୦୧

◆◆◆

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷ ମିଶ୍ରଙ୍କ ବିଦେଶ ଭ୍ରମଣ

ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ

ଶ୍ରୀହର୍ଷ ମିଶ୍ରଙ୍କୁ ଅନେକେ ସାମ୍ବାଦିକ କିମ୍ବା ପତ୍ରିକା ସଂପାଦକ ରୂପେ ଜାଣିଥିଲେ । ତାଙ୍କର ଅନ୍ୟ ସାରସ୍ୱତ ପରିଚିତି ହେଲା ସେ ଥିଲେ ଜଣେ ଉଚ୍ଚକୋଟୀର ଲେଖକ, ଗବେଷକ ତଥା ଐତିହାସିକ ଏବଂ ଜୀବନୀକାର। ୧୯୩୪ ମସିହାରୁ ୧୯୮୪ ମସିହା ଦୀର୍ଘ ପଚାଶ ବର୍ଷ ଧରି ତାଙ୍କ ଲେଖନୀ ଚଳଚଞ୍ଚଳ ଥିଲା। ସାମ୍ବାଦିକ, ପତ୍ରିକା ସଂପାଦକ ରୂପେ ସେ ହଜାର ହଜାର ପୃଷ୍ଠା ଲେଖିଛନ୍ତି। ଅନ୍ୟତଃ ଜଣେ ଗୀର୍ବାଣ ଲେଖକ ରୂପେ ତାଙ୍କ ଲେଖନୀରୁ ଅନେକ ପୁସ୍ତକ ମଧ୍ୟ ସୃଷ୍ଟି ହୋଇଛି। ଯଥା- ପଶ୍ଚିମ ଦିଗନ୍ତ, ବିପୁଳାଚ ପୃଥ୍ୱୀ, ବ୍ରିଟିଶ ଶାସନର ଚକ୍ରତଳେ, ସ୍ୱାଧୀନତାର ଜୟଯାତ୍ରା, ସ୍ୱାଧୀନତା ଆନ୍ଦୋଳନ, ଗଣତନ୍ତ୍ର ଭାରତ, ଓଡ଼ିଆ ସାହିତ୍ୟରେ ସ୍ୱାଧୀନତାର ଚିତ୍ର ପ୍ରଭୃତି ଗଦ୍ୟ ଏବଂ ମହାତ୍ମାଗାନ୍ଧୀ, ଆଚାର୍ଯ୍ୟ କୃପାଳିନୀ, ସୁଭାଷ ଚନ୍ଦ୍ର ବୋଷ, ଲୌହ ମାନବ ସର୍ଦ୍ଦାର ପଟେଲ ଆଦି ଜୀବନୀ ଗ୍ରନ୍ଥ ରଚନା କରିଛନ୍ତି। ଓଡ଼ିଆ ଗଦ୍ୟ ସାହିତ୍ୟରେ ଜଣେ ମୂର୍ଦ୍ଧନ୍ୟ ପ୍ରତିଭା ଥିଲେ ଶ୍ରୀଯୁକ୍ତ ମିଶ୍ର। ଏହି ସବୁ ରଚନା ମଧ୍ୟରେ ପ୍ରଥମ ଦୁଇ ପୁସ୍ତକ ପଶ୍ଚିମ ଦିଗନ୍ତ, ବିପୁଳାଚ ପୃଥ୍ୱୀ ତାଙ୍କର ଭ୍ରମଣ କାହାଣୀ ବା ବିଦେଶ ଭ୍ରମଣର ଆତ୍ମଲିପି।

ଓଡ଼ିଆ ଭାଷାରେ ଭ୍ରମଣ କାହାଣୀ ତଥା ଭ୍ରମଣ ସାହିତ୍ୟର ସଂଖ୍ୟା ଆଜି ମଧ୍ୟ ସ୍ୱଳ୍ପ । ସେ କାଳରେ ଏହି ସଂଖ୍ୟା ଥିଲା ହାତ ଗଣତି ମାତ୍ର। କାରଣ ସେ କାଳକୁ ଅଧିକ ସଂଖ୍ୟକ ଓଡ଼ିଆ ବିଦେଶ ଯାତ୍ରା କରିନଥିଲେ। ଅଳ୍ପ ଯେଉଁ କେତେକ ବିଦେଶ ଭ୍ରମଣ କରିଥିଲେ ସମସ୍ତେ ଲେଖକ ନ ଥିଲେ। ଶ୍ରୀଯୁକ୍ତ ମିଶ୍ରଙ୍କ ଭ୍ରମଣ କାହାଣୀ ଗତାନୁଗତିକ ନୁହଁ କିମ୍ବା 'ଗଲି ଆଇଲି ଦେଖିଲି ଲେଖିଲି' ଶୈଳୀର ନୁହଁ। ଭ୍ରମଣ ସାହିତ୍ୟର ମାନ ଦୃଷ୍ଟିରୁ ଏହି ପୁସ୍ତକ ଦ୍ୱୟ ପ୍ରଣିଧାନଯୋଗ୍ୟ । ଶ୍ରୀଯୁକ୍ତ ମିଶ୍ରଙ୍କ ଏହି ଭ୍ରମଣ ପୁସ୍ତକ ଦ୍ୱୟରେ ରହିଛି ସାମ୍ବାଦିକ ପଣିଆର ଅନ୍ୱେଷଣ ପ୍ରବୃତ୍ତି, ସାହିତ୍ୟିକର ରଚନା ଶୈଳୀ ଏବଂ ଭ୍ରମଣକାରୀର ମନନ । ଏଣୁ ମଧ୍ୟ କୁହାଯାଇ ପାରିବ ଶ୍ରୀହର୍ଷ ବାବୁଙ୍କ ଏହି ଭ୍ରମଣ କାହାଣୀ ଓଡିଶା ଭାଷାର ଅନ୍ୟ ଭ୍ରମଣ କାହାଣୀ ଠାରୁ ଅନନ୍ୟ ତଥା ବହୁଗୁଣରେ ସ୍ୱତନ୍ତ୍ର ଏବଂ ତଥ୍ୟ ଭିତ୍ତିକ। ୧୯୬୦ ମସିହାର ଶୀତଦିନ । ସେତେବେଳକୁ ଶ୍ରୀଯୁକ୍ତ ମିଶ୍ର ଦୈନିକ ସମାଜ ପତ୍ରିକାର ମୁଖ୍ୟ ସହ ସଂପାଦକ ବ୍ୟୁରୋଚିଫ୍ ଥାଆନ୍ତି। ସେ ସମୟର ସୁଯୋଗ ପ୍ରକାରେ **British Information Service**ର ନାମକ ଇଂଲଣ୍ଡ ସରକାରଙ୍କ ଏକ ରାଷ୍ଟ୍ରୀୟ ପ୍ରତିଷ୍ଠାନର ନିମନ୍ତ୍ରଣ କ୍ରମେ ଭାରତର ବିଶିଷ୍ଟ ପାଞ୍ଚଗୋଟି ପତ୍ରିକାର ପାଞ୍ଚଜଣ ବଛା ସାମ୍ବାଦିକଙ୍କୁ ଇଂଲଣ୍ଡ ସରକାରଙ୍କ ଖର୍ଚ୍ଚରେ ଏକ ମାସ ପାଇଁ ଇଂଲଣ୍ଡ ଭ୍ରମଣର ନିମନ୍ତ୍ରଣ ମିଳିଥିଲା। ଶ୍ରୀଯୁକ୍ତ ଶ୍ରୀହର୍ଷ ମିଶ୍ର ସର୍ବଭାରତ ସ୍ତରର ଜଣେ ଦକ୍ଷ ସାମ୍ବାଦିକ ହୋଇଥିବାରୁ ଏହି ଚୟନରେ ତାଙ୍କୁ ପ୍ରଭାଳି ମହାର୍ଘ୍ୟ ସୁଯୋଗ ମିଳିଥିଲା। ଅବଶ୍ୟ ଶ୍ରୀବସ୍ତବାବୁଙ୍କ ଇଂଲଣ୍ଡ ଭ୍ରମଣର ୪ ମାସ ପୂର୍ବରୁ ଗବଵଥରକ୍ସଭ ଛସଙ୍ଗରଵର ସଂପାଦକ ରୂପେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ସୁଯୋଗ କ୍ରମେ ଇଂଲଣ୍ଡ ଭ୍ରମଣ କରିଥିଲେ। ଶ୍ରୀହର୍ଷ ବାବୁ ୧୯୬୦ ଜାନୁଆରୀ ୧୯ ତାରିଖରେ ଇଂଲଣ୍ଡ ଅଭିମୁଖେ କଲିକତାର ଦମ୍‌ଦମ୍ ବିମାନ ବନ୍ଦରରୁ ପ୍ରଥମେ ଦିଲ୍ଲୀ ଗଲେ । ଦିଲ୍ଲୀ 'ମାଡ୍ରାସ ମେଲ୍'ର ଶ୍ରୀ ମାଧବ ନାୟାର 'ବମ୍ବେ ଜନ୍ମଭୂମି'ର ଶ୍ରୀ ମେହେଟ୍ଟା, 'ଷ୍ଟେଟସ୍ ମେନ୍'ର – ଶ୍ରୀ କୃଷ୍ଣ ଭାଟିଆ ଏବଂ 'ବି.ଆଇ.ଏସ୍' ର ଯୋଗସୂତ୍ର ଅଧିକାରୀ ଶ୍ରୀଯୁକ୍ତ ଶର୍ମା ଏହି

Source: KC Dash, Digitized by PPRACHIN, SOA

ପାଞ୍ଚ ମିଶି ଦିଲ୍ଲୀ ବିମାନ ବନ୍ଦରରୁ ଇଂଲଣ୍ଡ ଅଭିମୁଖେ ଯାତ୍ରା ଅନୁକୂଳ କଲେ। ଦିଲ୍ଲୀ ବିମାନ ବନ୍ଦରରୁ ବିମାନଟି ବାହାରିନ୍, ଲେବାନନ୍, ବେରୁଟ ଦେଇ ୧୫ ଘଣ୍ଟା ପରେ ଇଂଲଣ୍ଡରେ ପହଂଚିଲା। ଇଂଲଣ୍ଡରେ ଏକ ମାସ ରହଣି ତଥା ପରିଭ୍ରମଣ ପରେ ଫ୍ରାନ୍ସ ଭ୍ରମଣ କରି ଭାରତ ଫେରିଥିଲେ।

ଏହି ଭ୍ରମଣ କାହାଣୀରେ ଅନୁଭୂତିକୁ ଲେଖକ ଅଧ୍ୟାୟ ତଥା ଦେଶ କାଳ ପାତ୍ର ସଂହତି କ୍ରମରେ ଲଣ୍ଡନ ଅଭିମୁଖେ – କଟକରୁ ଦିଲ୍ଲୀ, ନଗରୀଷ୍ଠ ଦିଲ୍ଲୀ, ଦିଲ୍ଲୀରୁ ବାହାରିନ୍, ଆରବଭୂମିର-ପୂର୍ବତୋରଣ –ବାହାରିନ୍, ଆରବ ଜାତୀୟତାର ପ୍ରାଣକେନ୍ଦ୍ର-ପଶ୍ଚିମ-ଏସିଆ, ପଶ୍ଚିମ-ଏସିଆର ପଶ୍ଚିମ-ତୋରଣ ବେରୁତ୍, ମାଟି କାଦୁଅର ସ୍ୱର୍ଗ, ୟୁରୋପରେ ପ୍ରଥମ ପ୍ରଭାତ, ଶ୍ୱେତ-ଦ୍ୱୀପର ଶ୍ୟାମଶ୍ରୀ ଶୋଭା, ମହାନଗରୀର ପ୍ରଥମ ପରିଚୟ, ଟାଭିଷ୍ଟକରେ ପ୍ରଥମ ସନ୍ଧ୍ୟା, ଜାତି ଓ ସମାଜ ଜୀବନରେ ସୁଖ-ଦୁଃଖର ଢ଼େଉ, ଇଂରେଜ ଚରିତ୍ରର କେତୋଟି ଦିଗ, ଅତୀତର ବୈଭବ-ବର୍ତ୍ତମାନର ଦୈନ-ଭବିଷ୍ୟତର ଆଶା, ସମ୍ବାଦପତ୍ର ଜଗତର 'ଶ୍ରୀକ୍ଷେତ୍ର' ଫ୍ଲିଟଷ୍ଟ୍ରୀଟରେ ଚାରିଘଣ୍ଟା,ବିଚିତ୍ର ସମାବେଶ-ବିଚିତ୍ର ପରମ୍ପରା, ବିଚିତ୍ର ଅଭିଜ୍ଞତା।

ସେ ଦେଶର ରାଜା ଓ ରଙ୍କ, ମହାନଗରୀର ପଥ ଓ ପାତାଳ, ଇଣ୍ଡିଆ ହାଉସ୍‌ର ସେଇ ଲୋକଟି, ପଥଭ୍ରାନ୍ତି ଓ ପଥପରିଚିତିର କାହାଣୀ, ବୈଜ୍ଞାନିକ ସଭ୍ୟତାର ଆବରଣରେ କୁସଂସ୍କାରର ପୂତିଗନ୍ଧ, ଗୌରବମୟ ଓଡ଼ିଶା ଓ ଦୁର୍ଜ୍ଜୟ ଲଣ୍ଡନର କାହାଣୀ, ଲଣ୍ଡନରେ ସାଧାରତନ୍ତ୍ର ଦିବସ, ମୃଦଙ୍ଗ ବାଦିନୀର, ତନ୍‌ମେ ଉଜାଲା ମନମେ କାଲା, ସେ ଦେଶର ପାର୍ଲିଆମେଣ୍ଟ, ରାଜନୈତିକ ଦଳ, ପରମ୍ପରା, 'କାଫେ ରୟାଲ'ରେ ରାତ୍ରିଭୋଜି ଓ ଶ୍ରୀ ବଟଲରଙ୍କ ବାଲ୍ୟସ୍ମୃତି, ମହାନଗରୀର ଅନ୍ୟତମ ବିସ୍ମୟ ବିପଣୀଭବନ, ଆମ ଦେଶର ଦୋଳ, ଦଶହରା ଓ ସେ ଦେଶର ଖ୍ରୀଷ୍ଟମାସ, ବିଚ୍ଛେଦ-ମିଳନର କାହାଣୀ, ସଭ୍ୟତାର ଅଭିଶାପ, ଶିକ୍ଷା ସଂସ୍କୃତି ଓ ବସ୍ତି, ବିଦାୟ ବେଳା।

ଆଲୋଚନା ଦୃଷ୍ଟିରୁ ବିଚାର କଲେ ପଶ୍ଚିମ ଦିଗନ୍ତ କେବଳ ଏକ ଭ୍ରମଣ କାହାଣୀ ନୁହଁ, ଲେଖକ ଯେଉଁସବୁ ଅଞ୍ଚଳ ଭ୍ରମଣ କରିଛନ୍ତି ସେହି ସେହି ସ୍ଥାନର ଐତିହ୍ୟ, ସଂସ୍କୃତି, ଲୋକଚଳଣୀ, ରାଜନୈତିକ ସ୍ଥିତି, ସାଂପ୍ରତିକୀ ଆଦି ପ୍ରସଙ୍ଗରେ ମଧ୍ୟ ସବିଶେଷ ବ୍ୟାଖ୍ୟା କରିଛନ୍ତି। ୟୁରୋପ, ଆରବ ଦେଶକୁ ଚିହ୍ନେଇବାରେ ଏହି ପୁସ୍ତକ ମୂଲ୍ୟବାନ୍ ଉଦ୍ୟମ। ଯେହେତୁ ଲେଖକ ଜଣେ ସାମ୍ବାଦିକ। ସାମ୍ବାଦିକର ସବ୍ ଜାନ୍‌ତା, ସର୍ବଦ୍ରଷ୍ଟା ପଣିଆ ଏହି ପୁସ୍ତକରେ ଫୁଟିଉଠିଛି।

୧୯୬୩ ମସିହାରେ କଟକର ଫ୍ରେଣ୍ଡସ୍ ପବ୍ଲିଶର୍ସ ପଶ୍ଚିମ ଦିଗନ୍ତ ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହାର ଷଷ୍ଠ ସଂସ୍କରଣ ପ୍ରକାଶ ପାଇଛି। ଭ୍ରମଣ ସାହିତ୍ୟ ରୂପେ ଅନ୍ୟ କୌଣସି ଭ୍ରମଣ ପୁସ୍ତକର ଏକାଧିକ ସଂସ୍କରଣ ପ୍ରକାଶ ହେବା କ୍ଷେତ୍ରରେ ପଶ୍ଚିମ ଦିଗନ୍ତ ପ୍ରଥମ। ଏହାର ପ୍ରଥମ ସଂସ୍କରଣରେ ଡକ୍ଟର ହରେକୃଷ୍ଣ ମହତାବ ମୁଖବନ୍ଧ ଲେଖି ଏହା ଏକ ଶ୍ରେଷ୍ଠ ପୁସ୍ତକ ବୋଲି ବର୍ଣ୍ଣନା କରିଥିଲେ। ୧୯୬୩ ମସିହାରେ ଆକାଶବାଣୀ କଟକ ବେତାର କେନ୍ଦ୍ରରୁ ଏହାର ନାଟ୍ୟରୂପ ମଧ୍ୟ ପ୍ରସାର ହୋଇଥିଲା। ୧୯୬୪ ମସିହାରେ ଭ୍ରମଣ ସାହିତ୍ୟ ହିସାବରେ ଏହି ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ହୋଇଥିଲା। ୧୯୭୯ ମସିହାରେ ତୃତୀୟ ସଂସ୍କରଣ ଏବଂ ୧୯୮୪ ମସିହାରେ ଚତୁର୍ଥ ସଂସ୍କରଣ ପ୍ରକାଶ ପାଇଥିଲା। ପଶ୍ଚିମ ଦିଗନ୍ତ କଳେବର ଦୃଷ୍ଟିରୁ ମଧ୍ୟ ଏକ ସୁଦୃଶ ପୁସ୍ତକ। ଏହା ଡ଼େମି ସାଇଜ୍‌ର ୩୫୦ ପୃଷ୍ଠା ସମ୍ବଳିତ।

ମିଶ୍ରଙ୍କ ଦ୍ୱିତୀୟ ଭ୍ରମଣ ପୁସ୍ତକଟିର ନାମ ବିପୁଳାଚ ପୃଥ୍ୱୀ। ଏହା ତାଙ୍କ ଦ୍ୱିତୀୟବାର ବିଦେଶ ଭ୍ରମଣର ଅନୁଭୂତିକୁ ନେଇ ରଚିତ। ପ୍ରଥମ ବିଦେଶ ଭ୍ରମଣର ପ୍ରାୟ ଏକ ବର୍ଷ ପରେ ପରେ ଲେଖକ ଦ୍ୱିତୀୟବାର ବିଦେଶ ଭ୍ରମଣର ସୁଯୋଗ

Source: KC Dash, Digitized by PPRACHIN, SOA

ପାଇଥିଲେ। ୧୯୬୧ ମସିହା ସେପ୍ଟେମ୍ବର ୪ ତାରିଖରେ ସେ ୟୁରୋପ ଦେଶ ଭ୍ରମଣରେ ଯାଇଥିଲେ। **United States Information Servic**ର ନାମକ ଆମେରିକୀୟ ସଂସ୍ଥା ଦ୍ୱାରା ନିମନ୍ତ୍ରିତ ହୋଇ ଶ୍ରୀହର୍ଷ ବାବୁ ଦ୍ୱିତୀୟଥର ବିଦେଶ ଭ୍ରମଣ କରିବାର ସୁଯୋଗ ପାଇଥିଲେ। ସାମ୍ବାଦିକମାନଙ୍କ ଜ୍ଞାନବୃଦ୍ଧି ଏବଂ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଂପର୍କ ସୁଦୃଢ଼ କରିବା କିମ୍ବା ସଂହତିର ବାର୍ତ୍ତା ପ୍ରଚାର ନିମନ୍ତେ ଏହିଭଳି ସାମ୍ବାଦିକ ଭ୍ରମଣ ବିନିମୟ କାର୍ଯ୍ୟକ୍ରମରେ ଶ୍ରୀହର୍ଷ ବାବୁ ବିଦେଶ ଯାଇଥିଲେ।

ବିପୁଳାଚ ପୃଥ୍ୱୀ ସଂପର୍କରେ ଲେଖକଙ୍କ ସ୍ୱୀକାରୋକ୍ତି ହେଲା- ବିପୁଳାଚ ପୃଥ୍ୱୀ କେବଳ ଭ୍ରମଣ କାହାଣୀ ନୁହେଁ, ଏଥିରେ ମୋର ଦ୍ୱିତୀୟବାର ୟୁରୋପ ଭ୍ରମଣକାଳୀନ ସମସାମୟିକ ଘଟଣାବଳୀ ଏବଂ ତାହାର ପଟ୍ଟଭୂମିର ଏକ ରେଖାଚିତ୍ର ଟାଣିବାପାଇଁ ଉଦ୍ୟମ କରାଯାଇଛି।

ସଂପୂର୍ଣ୍ଣ ବିବରଣାତ୍ମକ ଶୈଳୀରେ ବିପୁଳାଚ ପୃଥ୍ୱୀ ରଚିତ। ଏହି ପୁସ୍ତକରେ ଉଦ୍ୟୋଗପର୍ବ, ଚିହ୍ନାବାଟର ସ୍ମୃତି, ନଗର କଲିକତାର କିଞ୍ଚିତ୍, ତିମିରାଭିସାର, ଜିନ୍ନାଙ୍କ ପାକିସ୍ତାନ, ଜନତାର ପାକିସ୍ତାନ, ଆକାଶ ଯାତ୍ରା- ଏ ଯୁଗ ଓ ଆଗାମୀ ଯୁଗ, ରେଶମ ପରଦା-ଅସ୍ଥିପଞ୍ଜର ମନୁଷ୍ୟ, ଭୂମଧ୍ୟ ସାଗରର ଏ କୂଳ ସେ କୂଳ, ସକ୍ରେଟିସ୍ ପ୍ଲେଟୋଙ୍କ ଗ୍ରୀସ୍, ଲାଲ୍ ଦୁନିଆର ବିଦ୍ରୋହୀ-ଯୁଗୋସ୍ଲୋଭିଆ, ଲାଲ ପରଦାର ଅନ୍ତରାଳେ ସପ୍ତ ଅନୁଗାମୀ, ଅନିନ୍ଦ୍ୟ ଅଷ୍ଟ୍ରିଆ, ସ୍ନେହମୟୀ ମ୍ୟୁନିକ୍, ଆଶା ନିରାଶାର ସାଗର ମନ୍ଥନ, ବିଭକ୍ତ ବର୍ଲିନ୍‌ର ବ୍ୟଥା, ଇତିହାସର ସ୍ମୃତିଚାରଣ, ସେଦିନ ସକାଳ, କେତେ କେତେ ବିପତ୍ତି ପଡ଼ିଲା, କଳଙ୍କ ପ୍ରାଚୀରର କାହାଣୀ, 'ବନ' ଗ୍ରାମର ବୁଢ଼ା ଆଡ୍‌ନର, ଜର୍ମାନ ନିର୍ବାଚନର ଧାରା, ପୂର୍ବ ବର୍ଲିନରେ ତିନିଘଣ୍ଟା ଆଦି ଅଧ୍ୟାୟ ରହିଛି।

ଲେଖକଙ୍କ ପ୍ରଥମ ପୁସ୍ତକ ଭଳି ଦ୍ୱିତୀୟ ପୁସ୍ତକ ମଧ୍ୟ ଭ୍ରମଣମୂଳକ ଆଲୋଚନାରେ ସମୃଦ୍ଧ। ବିପୁଳାଚ ପୃଥ୍ୱୀ ପୁସ୍ତକରେ ଲେଖକ ମଧ୍ୟପ୍ରାଚ୍ୟ ତଥା ଆରବ ପାକିସ୍ତାନ ଆଦି ଦେଶର ଦ୍ୱିତୀୟ ଯୁଦ୍ଧୋତ୍ତର ସ୍ଥିତି, ସଂସ୍କୃତି, ସମାଜ, ଶାସନ ବ୍ୟବସ୍ଥା ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହିଥର ଲେଖକ ଆମେରିକାନ୍ ଏଆରୱେଜ୍‌ରେ କଲିକତାରୁ ପ୍ରଥମେ କରାଚି ପରେ ବେରୁଟ, ତୁର୍କୀ, ମୁନିକ୍, ପଶ୍ଚିମ ଜର୍ମାନୀ, ବର୍ଲିନ୍ ପ୍ରଭୃତି ଭ୍ରମଣ କରିଥିଲେ। ମୋଟାମୋଟି ଭାବେ କହିଲେ ଏହି ପୁସ୍ତକ ସଂକ୍ଷେପରେ ମଧ୍ୟ ପାଶ୍ଚାତ୍ୟର ଇତିହାସ ଭଳି ମନେହୁଏ। ଦ୍ୱିତୀୟ ମହାଯୁଦ୍ଧ ପରେ ବିଶ୍ୱ ରାଜନୀତିର ବିଶଦ ବ୍ୟାଖ୍ୟା ରହିଛି ଏହି ପୁସ୍ତକରେ।

ଲେଖକ ଶ୍ରୀଯୁକ୍ତ ମିଶ୍ର ବିପୁଳାଚ ପୃଥ୍ୱୀ ଦୁଇ ଭାଗରେ ପ୍ରକାଶ କରିବାର ଯୋଜନା ରଖିଥିଲେ। କିନ୍ତୁ ପ୍ରଥମ ଭାଗ ୧୯୬୪ ମସିହାରେ କଟକର ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପ୍ରକାଶ ପାଇଥିଲା। ବିପୁଳାଚ ପୃଥ୍ୱୀ ସଂପର୍କରେ ସାମାନ୍ୟ ମତ ରଖି, 'ଖଣ୍ଡିଏ ପତ୍ର' ଶିରୋନାମାରେ ଶ୍ରୀ ଗୌରୀ କୁମାର ବ୍ରହ୍ମା ଲେଖିଥିଲେ-ବିପୁଳାଚ ପୃଥ୍ୱୀ ନୁହେଁ, ସାହିତ୍ୟିକ ସରସତାର ଉପଯୋଗ୍ୟତା ବିଚାରରେ ଏହା ଏକାଧାରରେ ପୃଥୁଳାଚ ସୃଷ୍ଟି, ବିମଳାଚ ଦୃଷ୍ଟି, ବହୁଳାଚ କୃଷ୍ଟି ଓ ବିଶାଳାଚ ତୁଷ୍ଟିର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ । ଲେଖକଙ୍କ କେତେକ ଭାବନା ଅନୁକରଣୀୟ, କେତେକ କାମନା ଅନୁକରଣୀୟ, କେତେକ ଧାରଣା ଅନୁଭାବନୀୟ ରୂପେ ହୃଦ୍ୟ ଓ ସ୍ୱାଦ୍ୟ। ଯଥାର୍ଥରେ ପଶ୍ଚିମ ଦିଗନ୍ତର ଏହା ଏକ ପରିପୂରକ କୃତି। ଓଡ଼ିଆ ଭ୍ରମଣ ସାହିତ୍ୟରେ ଏହାର ତୁଙ୍ଗ ଆସନ ଅନସ୍ୱୀକାର୍ଯ୍ୟ।ଶ୍ରୀଯୁକ୍ତ ମିଶ୍ରଙ୍କ କାହାଣୀ ବୁଲିବା - ଦେଖିବା ମଧ୍ୟରେ ସୀମିତ ନୁହଁ। ଓଡ଼ିଆ ଭାଷାର ଅନ୍ୟ ଭ୍ରମଣ କାହାଣୀ ଠାରୁ ଏହା ଭିନ୍ନ ଏବଂ ସ୍ୱତନ୍ତ୍ର ଶୈଳୀର। ପ୍ରକାଶ ଥାଉକି ବିଗତ ୧୯୭୭ ମସିହା ବେଳେ ହାଇସ୍କୁଲ ପାଠ୍ୟକ୍ରମର ନବମ ଶ୍ରେଣୀ ସାହିତ୍ୟ ବହିରେ ପଶ୍ଚିମ ଦିଗନ୍ତ ଭ୍ରମଣ ପୁସ୍ତକର ଆରବଭୂମିର ପୂର୍ବତୋରଣ-ବାହାରିନ୍ ଅଧ୍ୟାୟଟି ପଢ଼ାଯାଉଥିଲା।

ନିମଖଣ୍ଡି ପେଣ୍ଠ, ଗଂଜାମ

♦♦♦

Source: KC Dash, Digitized by PPRACHIN, SOA

ସାମ୍ବାଦିକତାର ଅନନ୍ୟ ପ୍ରତିଭୂ ଶ୍ରୀହର୍ଷ ମିଶ୍ର

ନିର୍ମଳ ମିଶ୍ର

ଶ୍ରୀହର୍ଷ ମିଶ୍ର ନାମ ଉଚ୍ଚାରଣ ମାତ୍ରେ ତାଙ୍କୁ ଜାଣିଥିବା ସମସ୍ତଙ୍କ ସ୍ମୃତିପଟରେ ଉଦ୍ଭାସିତ ହୁଏ ଜଣେ ଅଦ୍ୱିତୀୟ, ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀ ବୀର ଓଡିଆ ବାଳକ ଶ୍ରୀହର୍ଷଙ୍କ କଥା ଓଡିଶା ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ ସୁସାହିତ୍ୟିକ ଶ୍ରୀହର୍ଷ ମିଶ୍ରଙ୍କ ଲିଖିତ ସୁଖପାଠ୍ୟ ପୁସ୍ତକ ଗୁଡିକର କଥା ଏବଂ ସ୍ୱାଧୀନୋତ୍ତର ଓଡିଶାରେ ସାମ୍ବାଦିକତାର ଅନନ୍ୟ ପ୍ରତିଭୂ ଶ୍ରୀହର୍ଷ ମିଶ୍ରଙ୍କ କଥା, ଏହି ବହୁମୁଖୀ ପ୍ରତିଭାଧରଙ୍କ ଜନ୍ମ ଶହେ ବର୍ଷ ତଳେ ୧୯୧୭ ଜୁନ ୧୬ ତାରିଖରେ ଗଞ୍ଜାମ ଜିଲ୍ଲା ଘୁମୁସର ଅଞ୍ଚଳର ଛାମୁଣ୍ଡା ଗ୍ରାମରେ ହୋଇଥିଲା । ପିତା ଥିଲେ ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷକ ରାମଚନ୍ଦ୍ର ମିଶ୍ର ଓ ମାତା ଜେମାଦେବୀ ଏହି ଦମ୍ପତ୍ତିଙ୍କ ଦୁଇ ପୁଅ ଓ ଦୁଇ ଝିଅଙ୍କ ମଧ୍ୟରେ ଶ୍ରୀହର୍ଷ ଥିଲେ ଜ୍ୟେଷ୍ଠ ସନ୍ତାନ କୌଣସି ଏକ ପ୍ରାଣଘାତି ଜ୍ୱରରେ ରାମଚନ୍ଦ୍ର ୧୯୨୭ରେ ମୃତ୍ୟୁବରଣ କରିଥିଲେ । ମାତା ଜେମାଦେବୀ ସବୁଦିନ ପାଇଁ ଛାମୁଣ୍ଡା ତ୍ୟାଗ କରି ପୋଲସରା ନିକଟସ୍ଥ ଲୁଣିଘାଟି ଗାଁରେ ପିତ୍ରାଳୟରେ ସପରିବାର ଆଶ୍ରୟ ନେଲେ। ଶ୍ରୀହର୍ଷଙ୍କ ଅଜା ରାମଚନ୍ଦ୍ର ନନ୍ଦ ସେମାନଙ୍କ ପ୍ରତି ପୋଷଣ ଦାୟିତ୍ୱ ନେଲେ । ଶ୍ରୀହର୍ଷୟଙ୍କୁ ୧୨ ବର୍ଷ ବୟସ ହୋଇଥିବା ବେଳେ ପ୍ରାଥମିକ ଶିକ୍ଷା ଶେଷ କରି ସେ ଅଧିକ ଶିକ୍ଷା ପାଇବା ପାଇଁ ପାରଳା ନିକଟସ୍ଥ ଚାଙ୍ଗୁଡି ଶାସନରେ ଜଣେ ଆତ୍ମୀୟଙ୍କ ଘରେ ଆଶ୍ରୟ ନେଲେ । ପାରଳାର ଗୁଣ୍ଡିଚାବାଡି ମଠରେ ଅଭ୍ୟାଗତ ଖାଇ ପାରଳା ହାଇସ୍କୁଲରେ ପଢିବା ଥିଲା ତାଙ୍କ ଉଦ୍ଦେଶ୍ୟ ମାତ୍ର ଏଥିନିମନ୍ତେ ପ୍ରସ୍ତୁତି ୬ ମାସ ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ତେବେ ପାରଳା ହାଇସ୍କୁଲ ଛାତ୍ରାବାସ ସଂଲଗ୍ନ କମନରୁମରେ ଶ୍ରୀହର୍ଷ ବିଭିନ୍ନ ପତ୍ର ପତ୍ରିକା, ସମ୍ବାଦପତ୍ର ପଢି ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ସଂପର୍କୀୟ ବିପ୍ଳବୀ ବନ୍ଦୀ ମାନଙ୍କ ଦୀର୍ଘ ବିବରଣୀ ପଢି ରୋମାଞ୍ଚିତ ହେଉଥାନ୍ତି । ହାଇସ୍କୁଲରେ ଆନୁଷ୍ଠାନିକ ଭାବେ ଶ୍ରେଣୀରେ ପଢିବା ସୁଯୋଗ ପାଇନଥିଲେ ମଧ୍ୟ ବିଦ୍ୟାନୁରାଗୀ ଶ୍ରୀହର୍ଷ ନିଜ ଉଦ୍ୟମରେ ହିନ୍ଦୀ, ବଙ୍ଗଳା ଓ ସଂସ୍କୃତ ଭାଷାଙ୍କୁ ଆୟତ୍ତ କରିପାରିଥିଲେ । ପାରଳାରେ ବିଭିନ୍ନ ଭାଷାର ପତ୍ର ପତ୍ରିକା ପଢି ସ୍ୱାଧୀନତା ସଂଗ୍ରାମ ସଂପର୍କରେ ଜାଣିବା ଶ୍ରୀହର୍ଷଙ୍କ ଥିଲା ପ୍ରଧାନ ଆକର୍ଷଣ ତତ୍କାଳୀନ ଓଡିଶାର ପ୍ରଥମ ଦୈନିକ ସମ୍ବାଦପତ୍ର ଆଶାରୁ କଟକ କାଠଯୋଡି ବାଲିରେ ଆୟୋଜିତ ସଭାର ସ୍ୱାଧୀନତା ଆନ୍ଦୋଳନ ବିବରଣୀ ପଢି ଶ୍ରୀହର୍ଷ ଉତ୍ତେଜିତ ହୋଇପଡିଲେ ।ପାଠପଢାରେ ଡୋରିବାନ୍ଧି ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ସଂକଳ୍ପବଦ୍ଧ ହୋଇ ପାରଳା ଛାଡି ବ୍ରହ୍ମପୁର ଆସିଲେ । ଏଠାରେ ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଆଶ୍ରମ ଓ ଉଦ୍ୟୋଗ ମନ୍ଦିର ମାଧ୍ୟମରେ ସଂଗ୍ରାମୀମାନଙ୍କୁ ଗ୍ରହଣ କରାଯାଉଥିବା ଜାଣିପାରିଲେ । ସେ ନିଜ ବୋଉ ଓ ଭାଇଭଉଣୀ ମାନଙ୍କୁ ଥରେ ଦେଖି ଆସିବା ପାଇଁ ଲୁଣିଘାଟି ଗଲେ ଓ କାହାକୁ କିଛି ନକହି ୧୯୩୦ ଏପ୍ରିଲ ୧୩ ତାରିଖରେ ବ୍ରହ୍ମପୁର ଆସିଲେ । ମାତ୍ର ସେଠାର ନେତୃବର୍ଗ ଶ୍ରୀହର୍ଷଙ୍କୁ ନାବାଳକ କହି ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେବା ପାଇଁ ଗ୍ରହଣ କଲେ ନାହିଁ । ମାତ୍ର ଶ୍ରୀହର୍ଷଙ୍କ ଜିଦ ଆଗରେ ସେମାନଙ୍କୁ ମୁଣ୍ଡ ନୁଆଇଁବାକୁ ହେଲା । ପ୍ରଥମେ କଂଗ୍ରେସର ବାନରସେନା ଦଳରେ ତାଙ୍କୁ ସାମିଲ କରାଗଲା । କ୍ରମେ ଗଞ୍ଜାମର ରମ୍ଭା, ହୁମ୍ମା ଲକ୍ଷ୍ମୀପୁର ଆଦିରେ ଚାଲିଥିବା ଲବଣ ସତ୍ୟାଗ୍ରହରେ ନେତୃ ସ୍ଥାନୀୟ ନିରଞ୍ଜନ ପଟ୍ଟନାୟକ ଦିବାକର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ସରଳା ଦେବୀ, ଶଶିଭୂଷଣ ରଥ, ବିଶ୍ୱନାଥ ଦାସ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ ଗିରଫ ହେଲେ । ତୃତୀୟଥର ଅନ୍ୟମାନଙ୍କ ସହ ଶ୍ରୀହର୍ଷଙ୍କୁ ସୁଯୋଗ ମିଳିଲା ସେ ବନମାଳୀ ମହାରଣାଙ୍କ ନେତୃତ୍ୱରେ ଲୁଣ ଗୋଦାମ ଚଢାଉ କରି ଗିରଫ ହେଲେ । ତାଙ୍କର ବୟସ ମାତ୍ର ୧୩ ବର୍ଷ ହୋଇଥିବାରୁ ତାଙ୍କୁ ଚିଙ୍ଗଲପୁଟ ରେଫ୍ରେମେଟାରି ଜେଲକୁ ପଠାଇ ଦିଆଗଲା ଏଠାରେ ସେ ଇଂରାଜୀ ଶିକ୍ଷା କଲେ ଓ ବିଭିନ୍ନ ଜ୍ଞାନାର୍ଜନ ସୁଯୋଗ ପାଇଲେ । ଶ୍ରୀହର୍ଷ ଜେଲରୁ ଫେରିଲେ । ସରକାରଙ୍କ ନାନା ସର୍ତ୍ତ ଓ କଟକଣାକୁ ନଡରି ବାରମ୍ବାର ଆନ୍ଦୋଳନ କରି ଜେଲ ଗଲେ । ୧୯୩୦ରୁ ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ୧୬ ବର୍ଷ ମଧ୍ୟରେ ବାରମ୍ବାର ଗିରଫ ହୋଇ ବ୍ରହ୍ମପୁର, କଟକ, ରାଜମହେନ୍ଦ୍ରୀ, କଲିକତା, ପାଟନା ଆଦି ବିଭିନ୍ନ ଜେଲରେ ବନ୍ଦୀଜୀବନ କଟାଇ ଅକଥନୀୟ ଦଣ୍ଡ ଭୋଗ କରିଥିଲେ। ମାସିକ ୬ଟଙ୍କା ବୃତ୍ତିଦେଇ ହିନ୍ଦୀ ଶିକ୍ଷା ଓ କଂଗ୍ରେସ କର୍ମୀ ତାଲିମ ନେବା ପାଇଁ ଶ୍ରୀହର୍ଷଙ୍କୁ ୧୯୩୪ରେ ଏଲ୍ଲାବାଦ ପଠାଇ ଦିଆଗଲା । ଏ ଅବସରରେ ସେ ପଣ୍ଡିତ ମୋତିଲାଲ, ପଣ୍ଡିତ ଜବାହର ଲାଲ, ଆଚାର୍ଯ୍ୟ କୃପାଳିନୀ ଲାଲ

Source: KC Dash, Digitized by PPRACHIN, SOA

ବାହାଦୁର ଶାସ୍ତ୍ରୀ, ରଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ ପ୍ରଭୃତି ନେତୃବୃନ୍ଦଙ୍କ ସାନ୍ନିଧ ଲାଭ କରିଥିଲେ । ୱାର୍ଦ୍ଧାଠାରେ ସାବରମତି ଆଶ୍ରମର କର୍ମୀରୂପେ ସେ କିଛିଦିନ ସେବାକାର୍ଯ୍ୟ କରି ମହାତ୍ମାଗାନ୍ଧିଙ୍କ ସଂସ୍ପର୍ଶରେ ଆସି ତାଙ୍କର ସହାୟତା ଓ ଆର୍ଶୀବାଦ ଲାଭ କରିଥିଲେ । ଶ୍ରୀହର୍ଷ ହିନ୍ଦୀ ଭାଷାରେ ପରିଚୟ ପର୍ଯ୍ୟନ୍ତ ପଢି ଫେରିଲେ ପରିବାର ପ୍ରତିପୋଷଣ ଦାୟିତ୍ୱ ନେବାରୁ ସେ ବ୍ରହ୍ମପୁରର ଏକ ବିଦ୍ୟାଳୟରେ ମାତ୍ର ୧୮ ଟଙ୍କା ପାରିଶ୍ରମିକରେ ହିନ୍ଦୀ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ ଏ ଅବସରରେ ଓଡିଶାର ନିର୍ଭୀକ ସାମ୍ବାଦିକ ଗୋଦାବରୀଶ ମହାପାତ୍ରଙ୍କ ସହ ସେ ପରିଚିତ ହେଲେ । ଶ୍ରୀହର୍ଷଙ୍କ ଠାରେ ଜଣେ ନୈଷ୍ଠିକ ସାମ୍ବାଦିକତାର ଲକ୍ଷଣ ଥିବା ଜାଣି ବ୍ରହ୍ମପୁରରୁ ପ୍ରକାଶିତ ହେଉଥିବା ଓଡିଶାର ପ୍ରଥମ ଦୈନିକ ସମ୍ବାଦପତ୍ର ଆଶାର ପ୍ରତିଷ୍ଠାତା ଓ ସଂପାଦକ ଶଶିଭୂଷଣ ରଥଙ୍କ ସହ ଶ୍ରୀହର୍ଷଙ୍କ ସାକ୍ଷାତକାର ବ୍ୟବସ୍ଥା କରିଦେଲେ । ଶ୍ରୀହର୍ଷଙ୍କ ମୁଖମଣ୍ଡଳରୁ କର୍ମନିଷ୍ଠାର ଛାପ କରି ହୋଇ ପଡୁଥିଲା । ଶଶିଭୂଷଣ ଶ୍ରୀହର୍ଷଙ୍କ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ପଚାରିଲେ । ଶ୍ରୀହର୍ଷ ଜଣାଇଦେଲେ ସେ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଏହ୍ଲାବାଦରେ ହିନ୍ଦୀ ପରିଚୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଓଡିଆ ଛଡା ହିନ୍ଦୀ, ବଙ୍ଗଳା, ସଂସ୍କୃତ ଓ ଇଂରାଜୀ ଭାଷା ଲେଖିପଢି ଜାଣିଛନ୍ତି । ଗୁଣଚିହ୍ନେ ଗୁଣିଆ ଭଳି ପୋଖତ ସାମ୍ବାଦିକ ଶଶିଭୂଷଣ ଶ୍ରୀହର୍ଷଙ୍କ ସ୍ପଷ୍ଟବାଦିତା ଓ ନିଷ୍କପଟ ମୁହଁ ଦେଖି କହିଲେ ହେଉ ତୁମକୁ ଆଜି ହିଁ ଅସ୍ଥାୟୀ ଭାବେ ନିଯୁକ୍ତ ଦେଲି । ସପ୍ତାହକ ଭିତରେ ତୁମର ଲେଖାଲେଖି ସନ୍ତୋଷ ଜନକ ମନେହେଲେ କାଗଜର ସହକାରୀ ସଂପାଦକ ରୂପେ ସ୍ଥାୟୀ ନିଯୁକ୍ତି ଦିଆଯିବ । ନଚେତ ଏ ଅସ୍ଥାୟୀ ନିଯୁକ୍ତିକୁ ରଦ୍ଦ କରିବାକୁ ବାଧ ହେବି । ଶ୍ରୀହର୍ଷଙ୍କ ଆତ୍ମବିଶ୍ୱାସ ଦୃଢ ଥିବାରୁ ସେ ଏଥିରେ ରାଜି ହୋଇଗଲେ । ସାମ୍ବାଦିକ ଭାବେ କାର୍ଯ୍ୟ ଆରମ୍ଭ କଲେ । ସେଦିନ ପାଟଣା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ସେଦିନ ଗୋପାଳ ପୁର ଆସୁଥାନ୍ତି । ଶଶିବବାବୁ ତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଗଲେ । ଯିବା ପୂର୍ବରୁ ଶ୍ରୀହର୍ଷଙ୍କୁ ଡକ୍ଟର ସିହ୍ନାଙ୍କ ସଂପର୍କରେ କିଛି ତଥ୍ୟ ଯୋଗାଇ ଦେଇ ଏକ ସଂପାଦକୀୟ ସ୍ତମ୍ଭ ଲେଖିବାକୁ ନିର୍ଦ୍ଦେଶ ଦେଇ ଚାଲିଗଲେ । ସୌଭାଗ୍ୟକୁ ଶ୍ରୀହର୍ଷ ପାଟଣା ଜେଲରେ ବନ୍ଦୀ ଥିବା ବେଳେ ଡକ୍ଟର ସିହ୍ନାଙ୍କ ଜୀବନୀ ଓ କାର୍ଯ୍ୟଦକ୍ଷତା ସଂପର୍କରେ ବିଭିନ୍ନ ପତ୍ରିକା ପଢି ଜାଣିଥିଲେ । ଫଳତଃ ତାଙ୍କ ସଂପର୍କରେ ଏକ ସୁନ୍ଦର ସଂପାଦକୀୟ ଲେଖିବା ସହଜସାଧ ହେଲା । ଶଶିବାବୁ ତାହା ପଢି ଖୁସି ହୋଇଗଲେ । ମନ୍ତବ୍ୟ ହେଲେ ଚମତ୍କାର । ବାଃ ତୁମେ ଭଲ ଲେଖି ପାରୁଛ । ଶ୍ରୀହର୍ଷ ତ ଆଉ ସପ୍ତାହକ ପର୍ଯ୍ୟନ୍ତ ଅପେକ୍ଷା ଅନାବଶ୍ୟକ ତୁମେ ଆଜିଠାରୁ ଦୈନିକ ଆଶାର ସହ ସଂପାଦକ ରୂପେ ସ୍ଥାୟୀ ନିଯୁକ୍ତି ପାଇ ମୋ ସହିତ କାମ କରିବ । ଶ୍ରୀହର୍ଷଙ୍କ ସାମ୍ବାଦିକତାର ଅୟମାରମ୍ଭ ଏହିଭଳି ବିସ୍ମୟଜନକ ଭାବେ ଦୈନିକ ଆଶାରୁ ହିଁ ଆରମ୍ଭ ହୋଇଥିଲା । ତାଙ୍କର ତତ୍କାଳୀନ କ୍ରାନ୍ତିକାରୀ ଲେଖାଗୁଡିକ ଯୋଗୁଁ ଆଶା ଖବର କାଗଜ ଜନପ୍ରିୟତାର ଶୀର୍ଷକୁ ଉଠିଯାଇଥିଲା । ଓଡିଶା ପ୍ରଦେଶ ଏକତ୍ରୀକରଣ, ସ୍ୱାଧୀନତା ଆନ୍ଦୋଳନ ସଂପର୍କୀୟ ଲେଖାମାନ ଜନସାଧାରଣ ଓ ବ୍ରିଟିଶ ପ୍ରଶାସକ ଉପରେ ବେଶ ପ୍ରଭାବ ପକାଉଥିଲା । ଘଟଣାକ୍ରମେ ଦୈନିକ ଆଶା କଟକକୁ ସ୍ଥାନାନ୍ତରିତ ହେଲା । ଶ୍ରୀହର୍ଷ ଯିବାକୁ ବାହାରିଲେ ମାତ୍ର ସ୍ୱାଧୀନତା ସଂଗ୍ରାମର ଏହି ବିପ୍ଲବୀ ଯୋଦ୍ଧାଙ୍କୁ ଆନ୍ଦୋଳନ ଚଳାଇ ରଖିବା ଆଳରେ ଦିବାକର ପଟ୍ଟନାୟକ ତାଙ୍କୁ ବାରଣ କଲେ । ଶ୍ରୀହର୍ଷ ୨୦ ଟଙ୍କା ଦରମାରେ ପୁନଃ ହିନ୍ଦୀ ଶିକ୍ଷକତା କଲେ ।

ସାମ୍ବାଦିକତାର ରକ୍ତ ଯାହା ଦେହରେ ପ୍ରବାହିତ ସେ ଶିକ୍ଷକ ଥାଇ ମଧ ସାମ୍ବାଦିକତା ଛାଡି ନଥିଲେ । ଗୋଦାବରୀଶ ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ଉତ୍କଳ ହିତୈଷିଣୀ ପତ୍ରିକାରେ ଲେଖା ଲେଖି କରିବା ସଙ୍ଗେ ସଦ୍ଭେଗ ସମାଲୋଚନା ପତ୍ରିକା ନିଆଁଖୁଣ୍ଟାର ସଂପାଦକ ଏ. ମିଶ୍ର ନାମରେ ସଂପାଦନା କରୁଥାନ୍ତି । ୧୯୩୮ରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ବ୍ରହ୍ମପୁର ଆସିଥିବା ବେଳେ ତାଙ୍କୁ ସାକ୍ଷାତ କରି ଶ୍ରୀହର୍ଷ ବେଶ ପ୍ରଭାବିତ ହେଲେ । କଂଗ୍ରେସ ଛାଡି ସେ ସୁଭାଷ ବୋଷଙ୍କ ରକ୍ତାକ୍ତ ବିପ୍ଲବ ଫରୱାର୍ଡ ବ୍ଲକରେ ସାମିଲ ହେଲେ । ଫରୱାର୍ଡ ବ୍ଲକର ନିର୍ଦ୍ଦେଶ କ୍ରମେ ସେ କଟକରେ ଅବସ୍ଥାନ କକରି ସ୍ୱାଧୀନତା ସଂଗ୍ରାମର ଗୁପ୍ତଚର ବୃତ୍ତିରେ ନିୟୋଜିତ ହେଲେ । ଏ ଅବଧିରେ କଟକରୁ ପ୍ରକାଶିତ ବଳରାମ ମହାନ୍ତି ଓ ଚିନ୍ତାମଣି ମିଶ୍ରଙ୍କ ସାପ୍ତାହିକ ନବଭାରତ ପତ୍ରିକାରେ ସାମ୍ବାଦିକତା କଲେ । ପରେ ଗୋଦାବରୀଶ ମିଶ୍ରଙ୍କ ପ୍ରଭାତି ଦୈନିକ ଜନତା ରେ ସହକାରୀ ସଂପାଦକରୂପେ କାର୍ଯ୍ୟ କଲେ । ଫରୱାର୍ଡ ବ୍ଲକର କଲିକତା ସ୍ଥିତ କାର୍ଯ୍ୟାଳୟରେ ଅବସ୍ଥାପିତ ହେଲେ । ସ୍ୱାଧୀନତା ସଂଗ୍ରାମ ସାଙ୍ଗକୁ ପ୍ରଖ୍ୟାତ ଟେଲିଗ୍ରାଫ ଓ ଷ୍ଟେଟସମାନ ଇଂରାଜୀ ଖବର କାଗଜର ସ୍ଥାନୀୟ ସାମ୍ବାଦିକ ରୂପେ କାର୍ଯ୍ୟ କଲେ। ସ୍ୱାଧୀନାତା ଆନ୍ଦୋଳନ ସହ ସଂପୃକ୍ତ ଶ୍ରୀହର୍ଷ ଧରାପଡି ପୁଣି କଲିକତା ଦମଦମ ଜେଲରେ ବନ୍ଦୀ ହୋଇ ରହିଲେ ୧୯୪୫ରେ ଖଲାସ ହେଲେ । ହିନ୍ଦୁସ୍ଥାନ ଷ୍ଟାଣ୍ଡାଡିର ପ୍ରତିଷ୍ଠାତା ସୁରେଶ ମଜୁମଦାରଙ୍କ

Source: KC Dash, Digitized by PPRACHIN, SOA

ସହ ଶ୍ରୀହର୍ଷଙ୍କ ଘନିଷ୍ଠତା ଜେଲରେ ବୃଦ୍ଧି ପାଇଥିଲା । ସେ ଶ୍ରୀହର୍ଷଙ୍କୁ କଟକ ସ୍ଥିତ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ ଖବର କାଗଜର ସାକ୍ଷାତକାର ସ୍ତମ୍ଭ ପ୍ରତିନିଧି ରୂପେ ନିଯୁକ୍ତ ଦେଲେ । ଏଭଳି ନାନା ଉତଥାନ ପତନ ଦେଇ ଗତିକରି ୧୯୪୭ ଅଗଷ୍ଟ ୧୫ ରେ ଭାରତ ସ୍ୱାଧୀନ ହେଲା । ନିଜର ସ୍ୱାଧୀନତା ସଂଗ୍ରାମର ଅନୁଭୂତିକୁ ନେଇ ଶ୍ରୀହର୍ଷ ବ୍ରିଟିଶ ଶାସନର ଚକ୍ର ତଳେ ଓ ସ୍ୱାଧୀନତାର ଜୟଯାତ୍ରା ନାମକଦୁଇଟି ପୁସ୍ତକ ରଚନା କରିଥିଲେ । ଇତି ମଧ୍ୟରେ ଦୈନିକ ଆଶା ବନ୍ଦ ହୋଇଗଲା ତେବେ ଏହାର ଅଭାବ ପୂରଣ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦୈନିକ ସମାଜ ପ୍ରକାଶ କଲେ । ୧୯୪୮ରେ କଲିକତାରେ ଥିବା ବେଳେ ଶ୍ରୀହର୍ଷବାବୁ ପ୍ରଖ୍ୟାତ ସାମ୍ବାଦିକ ରାଧାନାଥ ରଥଙ୍କ ଠାରୁ ଏକ ଟେଲିଗ୍ରାମ ପାଇଲେ । ସେଥିରେ ଲେଖାଥିଲା । ସେ ଟେଲିଗ୍ରାମ ମିନିଅର୍ଡରର ୨୦ ଟଙ୍କା ବାଟଖର୍ଚ୍ଚ ମଧ୍ୟ ରଥଙ୍କ ଠାରୁ ପାଇଥିଲେ । କାଳ ବିଳମ୍ବ ନକରି ଶ୍ରୀହର୍ଷ ଏ ନିମନ୍ତ୍ରଣ ଗ୍ରହଣ କଲେ ଓ ସମାଜର ସହକାରୀ ସଂପାଦକ ରୂପେ ନିଯୁକ୍ତି ପାଇଲେ । ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ସାମ୍ବାଦିକତା କରି ସାଇକେଲରେ ବୁଲି ବୁଲି ସମ୍ବାଦ ସଂଗ୍ରହ କରି, ରିଲିଫ ବଣ୍ଟନ, ରୋଗୀ ସେବା ଭଳି ସମାଜ ସେବା କରି ସେ ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ଥିବା ଦକ୍ଷତା ଲାଭ କରିଥିଲେ । ସାମଜର ଉନ୍ନତି ପାଇଁ ସେ ସବୁ ଗାଧେୟ କରି ମନପ୍ରାଣ ଢାଳି ଦେଇଥିଲେ । ଶ୍ରୀହର୍ଷଙ୍କ ଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ବୀର ଦକ୍ଷ ସାମ୍ବାଦିକ ସାହିତ୍ୟିକ ଓ ସମାଜ ଅନୁଷ୍ଠାନ ଧନ୍ୟ ହୋଇଥିଲା । ଶ୍ରୀହର୍ଷଙ୍କ କୈଶୋର ଯୁବାବସ୍ଥା ସ୍ୱାଧୀନତା ସଂଗ୍ରାମରେ କଟିଯାଇଥିଲା ଓ ଅବଶିଷ ଜୀବନ କଟି ଯାଇଥିଲା ଜଣେ ସଚ୍ଚୋଟ ନିରଳସ ନିର୍ଭୀକ ଜ୍ଞାନଗର୍ଭକ ସାମ୍ବାଦିକ ରୂପେ ସମାଜରେ ଯୋଗଦେବା ପରେ ସେ ଲୋକସେବକ ମଣ୍ଡଳର ସଭ୍ୟ ହୋଇ ସ୍ୱଳ୍ପ ପାରିଶ୍ରମିକରେ ସମାଜ ରେ କାମ କରିଥିଲେ । ୧୯୫୯ ଜାନୁୟାରୀ ୧୬ ତାରିଖରେ ବ୍ରିଟିଶ ଇନଫରମେସନ ସର୍ଭିସ ଆମନ୍ତ୍ରଣ କ୍ରମେ ସେ ବିଦେଶ ଗସ୍ତରେ ଯାଇଥିଲେ । ଚୀନ ଓ ରୁଷକୁ ଛାଡି ଦେଲେ ଦୁଇଥରରେ ସେ ବିଶ୍ୱର ଅଧିକାଂଶ ସ୍ଥାନ ପରିଭ୍ରମଣ କରିଥିଲେ । ତାଙ୍କର ଭ୍ରମଣ କାହାଣୀ ସେ ପଶ୍ଚିମ ଦିଗନ୍ତ ଓ ବିପୁଳାଚ ପୃଥିବୀ ନାମକ ଦୁଇଟି ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ପ୍ରଥମଟି ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ଦ୍ୱିତୀୟଟି କଲିକତା ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ସ୍ୱୀକୃତି ପାଇଥିଲା । ଏହାଛଡା ତାଙ୍କ ଲିଖିତ ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ଆଚାର୍ଯ୍ୟ କୃପାଳିନୀ ଲୌହମାନବ ପଟେଲ ଆଦିଙ୍କ ଜୀବନୀ ପୁସ୍ତକ ଲେଖିଥିଲେ । ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ଦେହାନ୍ତ ପରେ ଶ୍ରୀହର୍ଷ ମିଶ୍ର ସମାଜ ର ସଂପାଦକ ଦାୟିତ୍ୱ ଗ୍ରହଣ କଲେ । ଏ ଅବଧିରେ ସମାଜର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଥିଲା । ସମ୍ବାଦ ଓ ସାମ୍ବାଦିକତା ତାଙ୍କର ମଜ୍ଜାଗତ ଗୁଣ ଥିଲା । ସେ ସମୟରେ ରେଡିଓ ଷ୍ଟେସନ ଧରାଇ ସେ ସବୁଭାଷାର ସମ୍ବାଦ ଶୁଣିବାରେ ବ୍ୟସ୍ତ ରହନ୍ତି । ରାତିର ବିଶ୍ରାମ ସମୟ ବାଦ ଦେଲେ ଖବର କାଗଜ ଅଫିସରେ ହିଁ ତାଙ୍କର ସମୟ ବିତିଯାଇଥିଲା । ରାଧାନାଥ ରତ ସମାଜର ସଂପାଦକ ହେବା ପରେ ତାଙ୍କ ସହ ଏକ ଲେଖାକୁ କେନ୍ଦ୍ରକରି ତାଙ୍କର ମତଭେଦ ହେଲା । ରଥଙ୍କ କଟୂକ୍ତିରେ ସେ ବ୍ୟଥିତ ହୋଇ ଆଇସମ୍ମାନ କ୍ଷୁର୍ଣ୍ଣ ହେବାକୁ ଦେଇ ସ୍ୱତଃ ଇସ୍ତଫା ଦେଇ ସମାଜ ଅନୁଷ୍ଠାନ ତ୍ୟାଗ କରିଦେଲେ । ବିଜୁବାବୁଙ୍କ କଳିଙ୍ଗ ଓ ବୀରେନ ମିତ୍ରଙ୍କ ଜନଶକ୍ତିରେ ରାଜନୈତିକ ସମ୍ବାଦ ଦାତାରୂପେ କିଛି ଦିନ କାମ କରିବା ପରେ ଡକ୍ଟର ହରେକୃଷ୍ଣ ମହତାବ ୧୯୬୭ ରେ ପ୍ରଜାତନ୍ତ୍ରର ସଂପାଦକ ରୂପେ ନିଯୁକ୍ତି ଦେଲେ । ଶ୍ରୀହର୍ଷ ପ୍ରଜାତନ୍ତ୍ରର ପ୍ରଭୂତ ଉନ୍ନତି ସାଧନ କଲେ ଓ ଅସୁସ୍ଥତା ଯୋଗୁଁ ୧୯୮୧ରେ ପ୍ରଜାତନ୍ତ୍ର ରୁ ଅବସର ନେଲେ ୧୦।୨।୧୯୮୨ରେ କର୍ମବୀର ବୃନ୍ଦାବନ ନାୟକ ବ୍ରହ୍ମପୁର ଠାରେ ଦୈନିକ ଆଶା ପୁନଃ ସଂସ୍ଥାପିତ କଲେ ଓ ଶ୍ରୀହର୍ଷ ବାବୁଙ୍କୁ ସଂପାଦକ ରୂପେ ନିମନ୍ତ୍ରିତ କଲେ ଦୈନିକ ଆଶାରୁ ଶ୍ରୀହର୍ଷଙ୍କ ସାମ୍ବାଦିକତାର ଶ୍ରୀଗଣେଶ ହୋଇଥିଲା । ଓ ଶେଷଜୀବନରେ ସେ ଏହାର ସଂପାଦକ ରୂପେ ନିଯୁକ୍ତ ହୋଇ ସୌଭାଗ୍ୟବାନ ମଣିଲେ । ତାଙ୍କ ସୁ ସଂପାଦନାରେ ଦୈନିକ ଆଶାର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ଦୈନିକ ଆଶାର ସଂପାଦକ ଥାଇ ୧୯୮୪ ଏପ୍ରିଲ ୮ ତାରିଖରେ ଦିନ ସେ ଇହଲୀଳା ସମ୍ବରଣ କରି ଥିଲେ । ଆଜି ସେ ମରିମଧ ଓଡିଶା ସାମ୍ବାଦିକ ଜଗତରେ ପ୍ରାତଃସ୍ମରଣୀୟ ହୋଇ ରହିଛନ୍ତି । ଏହି ମହାନ ସାମ୍ବାଦିକ ଅନେକ ବହି ରଚନାର କରିଥିଲେ ମଧ ସାମ୍ବାଦିକତା ଉପରେ କୌଣସି ବହି ଲେଖିନାହାନ୍ତି ଲେଖିଥିଲେ ତାହା ସାମ୍ବାଦିକ ଜଗତର ମହାନ ସଂପଦ ହୋଇ ରହିଥାନ୍ତା। ସାମ୍ବାଦିକ ମାନଙ୍କୁ ସଚ୍ଚୋଟ, ନିର୍ଭୀକ ହେବାକୁ ଓ ମାଦକ ଦ୍ରବ୍ୟ ସେବନରୁ ଦୁରେଇ ରହିବାକୁ ପରାମର୍ଶ ଦେଇ ଆସୁଥିଲେ । ନିରପେକ୍ଷ ସମ୍ବାଦ ପରିବେଷଣ ଓ ଗ୍ରାମାଞ୍ଚଳ ସମ୍ବାଦ ସଂଗ୍ରହ ପ୍ରତି ଗୁରୁତ୍ୱ ଦେଉଥିଲେ । ଏହି ମହାନ ପ୍ରତିଭାଧରଙ୍କ ଆଦର୍ଶ ଆମ ଯୁବବର୍ଗଙ୍କୁ ପ୍ରଭାବିତ କରୁ ଓ ତାଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ ବୋଲି କାମନା । (ଆକାଶବାଣୀ ବ୍ରହ୍ମପୁର ସୌଜନ୍ୟରୁ)

ବରିଷ୍ଠ ସାମ୍ବାଦିକ, ଶ୍ରୀହର୍ଷ ମାର୍ଗ, ହିଞ୍ଜିଳିକାଟୁ

♦♦♦

Source: KC Dash, Digitized by PPRACHIN, SOA

ତରୁଣ ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର

ଡ଼ା. ଚନ୍ଦ୍ରମଣି ସ୍ୱାଇଁ

୧୯୧୭ ମସିହା ଜୁନ ୧୬ ତାରିଖରେ ଜନ୍ମଲାଭ କରି କିଶୋର ବୟସରେ ୧୯୩୦ ମସିହା ଜୁନ ମାସରେ ଯେତେବେଳେ ସେ ମାତ୍ର ତେରବର୍ଷ ବୟସର ବାଳକ, ପାଠପଢା ଓ ସ୍କୁଲଛାଡି ଦୌଡି ଆସିଥିଲେ ହୁମ୍ମା ଲବଣ ସତ୍ୟାଗ୍ରହରେ ଭାଗନେଇ ନିଜର ସଂଗ୍ରାମୀ ଜୀବନ ଆରମ୍ଭ କରିବା ପାଇଁ ସେଇ କିଶୋର ଜଣକ ଅନ୍ୟ କେହିନୁହେଁ, ଆମ ଗଞ୍ଜାମ ଜିଲ୍ଲାର କିଶୋର ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର । ସେଦିନ ଲବଣ ସତ୍ୟାଗ୍ରହରେ ଉପସ୍ଥିତ ସମସ୍ତ କର୍ମୀ ଆଶ୍ଚର୍ଯ୍ୟ ହୋଇଥିଲେ ଆଗଧାଡିରେ ଠିଆ ହୋଇଥିବା ବାଳକ ଶ୍ରୀହର୍ଷଙ୍କୁ ଦେଖି ଯେଉଁ ବୟସ ପାଠପଢାର ବୟସ, ଯେଉଁ ବୟସ ହସି ଖେଳି କଉତୁକ କରିବାର ବୟସ, ସେଇ ବୟସରେ ଦେଶର ସ୍ୱାଧୀନତା ପାଇଁ ସ୍ୱଇଚ୍ଛାରେ ଲଢେଇ କରିବା ପାଇଁ ଆଗଧାଡିରେ ଦଣ୍ଡାୟମାନ ହୋଇଥିବା ଶ୍ରୀହର୍ଷଙ୍କୁ କେହି କେହି ହିତୋତ୍ସାହିତ ବି କରିଥିଲେ, କିନ୍ତୁ ନିଜ ଜିଦରେ ଅଟଳ ରହି ସେ ସଂଗ୍ରାମରେ ଭାଗନେଲେ, ଲୁଣ ଗୋଦାମ ଚଢାଉ ଅଭିଯୋଗରେ ଗିରଫ ବି ହେଲେ ଏବଂ ନାବାଳକ ହେତୁ ବନ୍ଦୀଜୀବନ କଟାଇଲେ ମାନ୍ଦ୍ରାଜ ଚେଙ୍ଗଲପେଟ୍ଟା ସ୍ଥିତ ରିଫାର୍ମେଟରୀ ଜେଲରେ ।

ଏକାଧାରରେ ଜଣେ ବାଳ ସ୍ୱାଧୀନତା ସଂଗ୍ରାମୀ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକ ତଥା ଉଚ୍ଚ କୋଟୀର ସାହିତ୍ୟିକ ଶ୍ରୀହର୍ଷ ମିଶ୍ର ଜନ୍ମଲାଭ କରିଥିଲେ ୧୯୧୭ ମସିହା ଜୁନ ୧୬ ତାରିଖରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ନିକଟସ୍ଥ ଛାମୁଣ୍ଡା ଗ୍ରାମରେ ପିତା ରାମଚନ୍ଦ୍ର ମିଶ୍ର ଓ ମାତା ଜେମାଦେବୀଙ୍କ କୋଳମଣ୍ଡନ କରି ବାଲ୍ୟାବସ୍ଥାରେ ଗାଁ ଚାଟଶାଳୀରେ ପାଠ ପଢୁଥିବା ଅବସ୍ଥାରେ ତାଙ୍କ ପିତାଙ୍କର ଅକାଳ ବିୟୋଗ ଘଟିଲା । ଗାଁ ଛାଡି ମା'ଙ୍କ ସହିତ ଚାଲି ଆସିଲେ ଅଜା ରାମଚନ୍ଦ୍ର ନନ୍ଦଙ୍କ ପୋଲସରା ନିକଟବର୍ତ୍ତୀ ଲୁଣିଘାଟି ଗ୍ରାମକୁ । ସେତେବେଳେ ତାଙ୍କ ନିଜ ଘରର କି ଅଜାଘରର ଅବସ୍ଥା ସ୍ୱଚ୍ଛଳ ନଥିଲେ ବି ଚଳିବାର ଅସୁବିଧା ନଥିଲା । ଅଜାଙ୍କ ତତ୍ତ୍ୱାବଧାନରେ ରହି ପୋଲସରାରେ ସପ୍ତମ ଶ୍ରେଣୀ ଯାଏଁ ପାଠ ପଢିଲେ । ତା'ପରେ ପାରଳାଖେମୁଣ୍ଡି ନିକଟସ୍ଥ ଚିଗୁଡି ଗ୍ରାମରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପାଠପଢା ଅବ୍ୟାହତ ରଖିଲେ । ପାଠରେ ମନ ଲାଗିଲା ନାହିଁ । ଦେଶର ପରାଧୀନତା ତାଙ୍କୁ ବିବ୍ରତ କଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ୱଶୁର ତଥା ଆସ୍କାର ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଜାତୀୟ କଂଗ୍ରେସ ସଙ୍ଗଠନରେ ପଢା ଛାଡି ଆସି ଯୋଗଦେଲେ । ସେହିବର୍ଷ ହିଁ ଅର୍ଥାତ ୧୯୩୦ ମସିହା ଜୁନ ମାସରେ ମାତ୍ର ୧୩ ବର୍ଷ ବୟସରେ ସ୍ୱେଚ୍ଛାକୃତ ଭାବେ ଦୌଡିଯାଇ ହୁମ୍ମା ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଲେ । ତାଙ୍କ ପରି ଜଣେ କମ ବୟସର ବାଳକର ଆଗଧାଡିରେ ଉପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ଏବଂ ସମସ୍ତଙ୍କୁ ପ୍ରୋତ୍ସାହନ ବି ଯୋଗାଇ ଥିଲା । କିଛି କର୍ମୀ ତାଙ୍କୁ ପଛେଇଯିବାକୁ ଉପଦେଶ ଦେଇଥିଲେ । କିନ୍ତୁ ନିର୍ଭୀକ ଭାବେ ସେ ଆନ୍ଦୋଳନର ଅଗ୍ରଭାଗରେ ଉପସ୍ଥିତ ରହି ତାଙ୍କ ସ୍ୱାଧୀନତା ସଂଗ୍ରାମର ଅୟମାରମ୍ଭ କରିଥିଲେ । ଲୁଣ ଗୋଦାମ ଚଢାଉ ଅଭିଯୋଗରେ ତାଙ୍କୁ ଗିରଫ କରାଗଲା କିନ୍ତୁ ସେ ନାବାଳକ ଥିବାରୁ ମାନ୍ଦ୍ରାଜ ଚେଙ୍ଗଲପେଟ୍ଟା ରିଫାର୍ମେଟରୀ ଜେଲରେ ବନ୍ଦୀଜୀବନ ଆରମ୍ଭ କଲେ । ସେ ଦିନଠାରୁ ସେ ଆଉ ସ୍ୱାଧୀନତା ସଂଗ୍ରାମକୁ ଛାଡି ପଛକୁ ଫେରିନାହାନ୍ତି । ବିଭିନ୍ନ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରି ୧୯୩୦ରୁ ୧୯୪୫ ମଧ୍ୟରେ ୧୫ ବର୍ଷରୁ ଛଅ ବର୍ଷ କାଳ ଜେଲ ଦଣ୍ଡ ଭୋଗ କରିଥିଲେ । କଲିକତାର ଦମଦମ ସେଣ୍ଟ୍ରାଲ ଜେଲରେ ତାଙ୍କର ଅଧିକାଂଶ ବନ୍ଦୀଜୀବନ ଅତିବାହିତ ହୋଇଥିଲା ।

ଦେଶ ସ୍ୱାଧୀନ ହେବାପରେ ସେ କୌଣସି ପଦପଦବୀ ପାଇଁ ଲୋଭ କରି ନଥିଲେ । ଏମିତିକି ଭତ୍ତା କୌଣସି ଆର୍ଥିକ ସହାୟତା ବି ଗ୍ରହଣ କରି ନଥିଲେ । ସେଇ ସଂଗ୍ରାମୀ ଜୀବନକାଳରେ ବନ୍ଦୀଭାବେ କାଳକାଟିବା ବେଳେ ମୈଥିଳୀ ଦେବୀ ନାମକ ଜଣେ ନାରୀ ସହିତ ତାଙ୍କର ଦେଖାସାକ୍ଷାତ ଓ ପରିଚୟ ହୋଇଥିଲା । ନୈଷ୍ଠିକ ବ୍ରାହ୍ମଣ ଘରର ପୁଅ ହୋଇବି ଛୋଟ ଜାତିର ନାରୀ ମୈଥିଳୀ ଦେବୀଙ୍କୁ ବିବାହ କରିଥିଲେ । ଏ ବିବାହ ବି ଆସ୍କାର ନିରଞ୍ଜନ

Source: KC Dash, Digitized by PPRACHIN, SOA

ପଟ୍ଟନାୟକଙ୍କ ପ୍ରୋତ୍ସାହନରେ ହୋଇଥିଲା । ଆଗରୁ ତାଙ୍କ ଜୀବନ ଥିଲା ସରଳ ଓ ନିରାଡମ୍ବର ସ୍ୱାଧୀନତା ସଂଗ୍ରାମରେ ସେ ଠିକ ସେମିତି ନିରାଡମ୍ବର ଓ ସରଳ ଜୀବନ ଯାପନ କଲେ । ସାରାଜୀବନ ଖଦଡ ଲୁଗାରେ ସେ କାଟିଥିଲେ । ନିଜସ୍ୱ ବାସଗୃହ ନଥିଲା । ଦେଶ ସ୍ୱାଧୀନ ହେବାପରେ କୌଣସି ପଦପଦବୀ ବା ଚାକିରୀ ପାଇଁ ଇଛା ନକରି ସେ ସାମ୍ବାଦିକ ଜୀବନ ଆରମ୍ଭ କଲେ । ଜଣେ ସଚ୍ଚା ସାମ୍ବାଦିକ ଭାବରେ ସେ ଥିବଲେ ସ୍ପଷ୍ଟବାଦୀ ନିର୍ଭୀକ ଓ ନିରପେକ୍ଷ । କୌଣସି ରାଜନୈତିକ ସଙ୍ଗଠନ ବା ବ୍ୟକ୍ତିବିଶେଷଙ୍କ ପ୍ରତି ପକ୍ଷପାତ ନକରି ସେ ନିଛକ ସତ୍ୟ ଓ ଗଠନ ମୂଳକ ସମ୍ବାଦ ହିଁ ପରିବେଷଣ କରୁଥିଲେ । ସମ୍ବାଦପତ୍ର ମାଧ୍ୟମରେ ଚେତନଶୀଳ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସରକାରଙ୍କୁ ରାଷ୍ଟ୍ରଗଠନରେ ନିୟୋଜିତ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ସେ ପ୍ରତିଦିନ ଅନେକ ଭାଷାର ସମ୍ବାଦପତ୍ର ପଢନ୍ତି । ଓଡିଆ ସହ ଇଂରାଜୀ ହିନ୍ଦୀ ଓ ବଙ୍ଗାଳୀ ଭାଷାରେ ଲେଖିବା ପଢିବା ପାଇଁ ସେ ବେଶ ସକ୍ଷମ ଥିଲେ । ସମସ୍ତ ପ୍ରକାର ଭାଷାର ସମ୍ବାଦ ପଢି ସେ ଅନେକ ତର୍ଜମା ବି କରନ୍ତି ।

ରାଜନୀତି ବା ସ୍ୱାଧୀନତା ସଂଗ୍ରାମରୁ ଅବ୍ୟାହତି ପରେ ସେ ପ୍ରଥମେ କିଛିଦିନ ଆଶା ସମ୍ବାଦପତ୍ରର ସଂପାଦନା ଦାୟିତ୍ୱରେ ଥିଲେ । ସ୍ୱାଧୀନତା ପରେ ୧୯୪୮ ମସିହାରେ ସମାଜର ସହ ସଂପାଦକ ଭାବେ ଯୋଗଦେଲେ ସେତେବଳେ ସମାଜ ର ସଂପାଦକ ଥିଲେ ଲିଙ୍ଗରାଜ ମିଶ୍ର । ଲିଙ୍ଗରାଜ ମିଶ୍ରଙ୍କ ଦେହାନ୍ତ ପରେ ସେ ସମାଜ ର ସଂପାଦକ ଦାୟିତ୍ୱ ନେଲେ ଏବଂ ୧୯୬୪ ମସିହା ଯାଏଁ ସମାଜର ସଂପାଦକ ଥିଲେ । ତା ପରେ କିଛିଦିନ ପାଇଁ ବିଜୁପଟ୍ଟନାୟକଙ୍କ କଳିଙ୍ଗ ଓ ବୀରେନ ମିତ୍ରଙ୍କ ଜନଶକ୍ତି ପତ୍ରିକାର ସଂପାଦକ ରହିଲେ । ପରେ ୧୯୬୭ ମସିହାରେ ହରେକୃଷ୍ଣ ମହତାବଙ୍କ ପ୍ରଜାତନ୍ତ୍ର ର ସଂପାଦକ ରହିଲେ ୧୯୮୧ ମସିହା ପର୍ଯ୍ୟନ୍ତ ତା ପରେ ନିଜ ଜନ୍ମ ମାଟିକୁ ଫେରି ୧୯୮୨ ମସିହାରେ ବୃନ୍ଦାବନ ନାୟକଙ୍କ ଦ୍ୱାରା ପ୍ରକାଶିତ ଦୈନିକ ଆଶାର ସଂପାଦକ ଭାବେ ଶେଷକାଳ ପର୍ଯ୍ୟନ୍ତ କର୍ମ ସଂପାଦନ କଲେ । ତାଙ୍କ ପରି ଜଣେ ସଚ୍ଚୋଟ ନିର୍ଭୀକ ଓ ନିରପେକ୍ଷ ସଂପାଦକ ବା ସାମ୍ବାଦିକ ଏବେ ବିରଳ । ସେ ନିଜେ ହିଁ ନିଜର ଆଦର୍ଶ । ଇତି ମଧ୍ୟରେ ତାଙ୍କ ସାହିତ୍ୟ ସାଧନା ବି ଚରମ ସୀମାରେ ପହଞ୍ଚି ଥିଲା । ଜଣେ ସୁସାହିତ୍ୟକ ଭାବରେ ତାଙ୍କରି ସୁଖ୍ୟାତି ଥିଲା । ତାଙ୍କ ରଚିତ ଉଚ୍ଚକୋଟିର ସାହିତ୍ୟ ଓଡିଆ ସାହିତ୍ୟ ଜଗତକୁ ଅନେକ ସମୟ ଧରି ଦିଗଦର୍ଶନ ଯୋଗାଇ ଚାଲିଥିବ ଏବଂ ସାହିତ୍ୟାକାଶରେ ଉଜ୍ଜ୍ୱଳ ତାରକା ଭାବେ ଜାଜ୍ଜ୍ୱଲ୍ୟମାନ ହେଉଥିବ । ତାଙ୍କ ସାହିତ୍ୟ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଅନେକ ଭାଷାରେ ଲେଖିପଢି ପାରୁ ଥିବାରୁ ବହୁ ପୁସ୍ତକ ଓ ପତ୍ରିକା ପଢିପାରୁ ଥିଲେ ଓ ତାର ତର୍ଜମା କରି ନିଜର ସାହିତ୍ୟିକ ଓ ସାମ୍ବାଦିକ ଜୀବନକୁ ଉଚ୍ଚ କୋଟିର କରିପାରୁଥିଲେ । ତାଙ୍କ ଦ୍ୱାର ରଚିତ ପଶ୍ଚିମ ଦିଗନ୍ତ ଓ ବିପୁଳାଚପୃଥ୍ୱୀ ନାମକ ଦୁଇଟି ଭ୍ରମଣ ସାହିତ୍ୟ ପୁସ୍ତକ ବିପୁଳ ପାଠକୀୟ ଆଦୃତି ଲାଭ କରିଥିଲା । ଆଜି ବି ତାଙ୍କ ସାହିତ୍ୟର ଆଦର ସମାଜରେ ରହିଛି ।

ଏହିଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ନିରପେକ୍ଷ ସାମ୍ବାଦିକ ଏବଂ ସୁସାହିତ୍ୟକ କେବଳ ଓଡିଶା କାହିଁକି ସାରା ଭାରତରେ ବି ବିରଳ । ନିଜର ଲକ୍ଷ୍ୟ ଓ ଆଦର୍ଶକୁ ପାଥେୟ କରି ସେ ଜୀବନରେ ଯେଉଁ ସଫଳତା ଲାଭ କରିଥିଲେ । ତାହା ଆମ ସମସ୍ତଙ୍କ ପାଇଁ ଚିରଦିନ ଆଦର୍ଶ ହୋଇ ରହିବ । ତାଙ୍କ କିଶୋର ବୟସର ଦେଶପାଇଁ କର୍ତ୍ତବ୍ୟ ସମସ୍ତ କିଶୋରଙ୍କ ପାଇଁ ଆଦର୍ଶ ହେଉ, ତାଙ୍କ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଆଜିର ସାମ୍ବାଦିକ ମାନଙ୍କୁ ଦିଗଦର୍ଶନ ଯୋଗାଉ ଏବଂ ତାଙ୍କ ସାହିତ୍ୟ ରଚନା ଶୈଳୀରେ ଅଧୁନା ଲେଖକ ଗୋଷ୍ଠୀ ଅନୁପ୍ରାଣିତ ହୁଅନ୍ତୁ । ଏ ଓଡିଶାର ରାଜନେତା ସାମ୍ବାଦିକ ଓ ସାହିତ୍ୟିକ ମାନେ ତାଙ୍କ ଅତୁଳନୀୟ ଅବଦାନକୁ ଆଦର୍ଶ ଭାବେ ଗ୍ରହଣ କରନ୍ତୁ । ଆମ ପାଇଁ ସେ ଅନେକ ଛାଡିଯାଇଛନ୍ତି । ଆମେ ତାଙ୍କୁ କିଛି ଦେଇନେ । ଆସନ୍ତୁ ତାଙ୍କର ଏଇ ପୁଣ୍ୟ ତିଥିରେ ତାଙ୍କୁ ଖାଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

ଗେଟବଜାର, ବ୍ରହ୍ମପୁର

◆◆◆

Source: KC Dash, Digitized by PPRACHIN, SOA

ସଂଗ୍ରାମୀ ସୁପୁରୁଷ ଶ୍ରୀହର୍ଷ ସ୍ମରଣେ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ବନ୍ଦଇ ସହର୍ଷ ସଂଗ୍ରାମୀ ଶ୍ରୀହର୍ଷ ଭଞ୍ଜ ଭୂମି ସୂନୁସାର,
ପ୍ରଚଣ୍ଡ ମାର୍ତ୍ତଣ୍ଡ ଅଖଣ୍ଡ ପ୍ରଭାର ଉଦ୍ଦେ ମାଟି ଦୀପ ଛାର ।
ନୀରାଜନା ଲାଗି ହୃଦୟେ ଜାଗିଛି ଭବ୍ୟ ଭାଷା ଯା'ର ନାହିଁ,
ଯେତେବି କହିଲେ ଅଳପ ହେବ ହେ ଅଂଶ ତବ ଅଂଶୁ ପାଇଁ ।
ଦୈନିକ ଖବର କାଗଜ ସୁଯଶ ସଂପାଦକ ଭାବେ ତୁମେ,
ସୁନାମ ସ୍ୱନାମଧନ୍ୟ ପ୍ରତିଷ୍ଠିତ ରହିଛ ଉତ୍କଳ ଭୂମେ ।
କେବେ 'ସମାଜ'ରେ କେବେ 'ପ୍ରଜାତନ୍ତ୍ର' 'କଳିଙ୍ଗ'ର ସଂପାଦନେ,
ସାବ୍ୟସ୍ତ କରିଛ ସ୍ୱୀୟ ପରିଚୟ ଲେଖନୀ ସ୍ୱତନ୍ତ୍ର ସ୍ଥାନେ ।
ଶିକ୍ଷକ ସେ ରାମଚନ୍ଦ୍ର ମିଶ୍ର ପିତା ଜେମାଦେଈ ମାତା ନାଆଁ,
କିଏ ଜାଣିଥିଲା ସୁଖ୍ୟାତ ସେ ହେବ ଅଖ୍ୟାତ ଛାମୁଣ୍ଡା ଗାଆଁ ।
ଦେଲା ସେ ଜନମ ରଖିପାରିଲାନି ସମ୍ଭାଳି ତୁମ୍ଭଙ୍କୁ କୋଳେ,
ପିତାଙ୍କର ମୃତ୍ୟୁ ଅକାଳେ ହୋଇଲା ଆସିଲ ଧନେଇ କୂଳେ ।
ଅଜା ରାମଚନ୍ଦ୍ର ନନ୍ଦଙ୍କ ମାନସ କୁମୁଦ ଆନନ୍ଦ ଚନ୍ଦ୍ର,
ତୁଳସୀ ପ୍ରତୁଲ ଦୁଇପତରରୁ ବିତରିଲଟି ସୁଗନ୍ଧ ।
ମନେ ପକାଉଛି ଗାଆଁ ଲୁଣିଘାଟୀ ତବ ବାଲ୍ୟ ଲୀଳା ସ୍ଥଳୀ,
ଗ୍ରାମଦାଣ୍ଡ ସ୍ମୃତି ମଞ୍ଜୁଷା ଫିଟାଇ ଦିଏ ମୃଦୁ ପାଦ ଧୂଳି ।।
ଅଛି ଅଜାଙ୍କର ତହିଁ ତାଳପତ୍ର ବସ୍ତାନି ପଇତା ଚକି,
ଅଛି ସେ ଚନ୍ଦନୀ ବିଧବା ଜନନୀ ଫେରିବା ଦିନର ସାକ୍ଷୀ ।
ମାଇନର ଯାଏଁ ପାଠ ପଢ଼ାଇଲେ ଅଜା ପୋଲସରାଠାରେ,
ଛାଡି ଲୁଣିଘାଟୀ ଗମିଲ 'ଚିଙ୍ଗୁଡ଼ି' ଅଧିକ ଶିକ୍ଷା ଆଶାରେ ।
ବାର ଏକ ବର୍ଷ ମାତ୍ର ହୋଇଥିଲା ବାନ୍ଧିଲ ପୋଥିରେ ଡ଼ୋରି,
ସ୍ୱାଧୀନତା ରଣେ ଡେଇଁଲ କି'ହେଲା ଗଲ ହୁମା ଲୁଣ ମାରି ।
ଲୁଣ ଗୋଦାମକୁ ଛଡାଇ ନେଲହେ ବ୍ରିଟିଶ୍ ନେଲାତ ବାନ୍ଧି,
ଚିଙ୍ଗୁଡ଼ିରୁ ଯାଇ ଡେଙ୍ଗଲପେଟା ରେ ହେଲ ନାବାଳକ ବନ୍ଦୀ ।
କେବେ ପାଟଣାରେ କେବେ କଟକରେ ବ୍ରହ୍ମପୁର କାରାଗୃହେ
କେବେ କଲିକତା ଦମ ଦମ ଗଲ ଦୁଃଖ କଷ୍ଟ କହି ତୁହେଁ ।
ସଂଗ୍ରାମ କରିଲ ମାଟି ମାଆପାଇଁ ଭାରତ ହେଲା ସ୍ୱାଧୀନ,
ଘର ଖଣ୍ଡେ ବୋଲି ନଥିଲା ନିଜର ସବୁ କଲ ପ୍ରତ୍ୟାଖ୍ୟାନ ।
ଖଦଡ ପିନ୍ଧିଲ ସରଳ ଖାଇଲ ଜୀବନ ସାରା ଟି ବୀର,
ଆଡ଼ମ୍ବର ଶୂନ୍ୟ ଯାପିଲ ଜୀବନ ମୁଖେ ସ୍ୱାଭିମାନ ଗିର ।

ଓଡ଼ିଆ ଇଁରେଜୀ ହିନ୍ଦୀ ବଙ୍ଗଳାରେ ଅମିତ ଗଭୀର ଜ୍ଞାନ,
ପ୍ରବୀଣ ପ୍ରଖ୍ୟାତ ସାମ୍ବାଦିକ ମଞ୍ଚେ ବିପୁଳ ବିଶ୍ରୁତ ନାମ ।
ବିପୁଳାଚ, ପୃଥ୍ୱୀ 'ପଶ୍ଚିମ ଦିଗନ୍ତ' ପର୍ଯ୍ୟଟନ ମହାକୃତି,
ଓଡ଼ିଆ ଭାଷାରେ ସୁ ସାହିତ୍ୟିକରେ ଶ୍ରେୟ ପ୍ରଶସ୍ତି ସ୍ୱୀକୃତି ।
ପାଇଚ, ବ୍ରିଟିଶ ଚକ୍ରରତଳେ ସ୍ୱାଧୀନତା ଜୟ ଯାତ୍ରା,
ଓଡ଼ିଆ ସାହିତ୍ୟେ ସ୍ୱାଧୀନତା ଚିତ୍ର ନିଖୁଣ ବର୍ଣ୍ଣନା ମାତ୍ରା ।
ସୁଗ୍ରାହୀ ସହୃଦେ ଅଭିଭୂତକରେ ବିଚିତ୍ର ସେ ଅଭିଜ୍ଞତା,
ବିଜ୍ଞ ସଂପାଦନେ ସତ୍ୟର ସନ୍ଧାନେ ଦୁଃସାହସ ନିର୍ଭୀକତା ।
ଦେଲା ଯା' ତୁମ୍ଭଙ୍କୁ ପ୍ରତିଷ୍ଠା ସମ୍ବାଦ କ୍ଷେତ୍ରେ ମହନୀୟ ସ୍ଥାନ,
ଉତ୍କଳ ତନୟେ ଭୁଲିପାରନ୍ତିନି କରୁଥାନ୍ତି ଗୁଣଗାନ ।
ପ୍ରବୀଣ ଗୁଣଜ୍ଞ, ଗୁଣୀନ୍ଦ୍ର ସୁଧୀର 'ଆଶା'ରେ ଆରମ୍ଭ କରି,
ସାମ୍ବାଦିକତାକୁ ପୁଣି ସେ ଆଶା'ରେ ଶେଷ ଆୟୁଦେଲ ସାରି ।
'ସମାଜ' ବା 'ପ୍ରଜାତନ୍ତ୍ର' ବା 'କଳିଙ୍ଗ' ହେଉ ଅବା 'ଜନ ଶକ୍ତି',
ସବୁରେ ରଖିଛ ଅମର ସ୍ମୃତିକି ସ୍ୱଭାବ ସୁଲଭ ଶକ୍ତି ।
ଶ୍ରୋତ୍ରିୟ ଶୋଣିତେ ଶାସନୀ ବ୍ରାହ୍ମଣ କୁଳେ ଜନ୍ମ ନେଇ ପୁଣି,
ଗ୍ରହଣ କରିଲ ଅବ୍ରାହ୍ମଣ କନ୍ୟା ମଇଥିଳୀ ଦେବୀ ପାଣି ।
ସଂସ୍କାରର ବାର୍ତ୍ତା ଦେଇ ସମାଜକୁ ଆଚରଣେ ଦେଲ ଧ୍ୟାନ,
ଭାରତ ମାଟିର ଯୋଗ୍ୟତମ ସୁତ ତୁମ୍ଭଙ୍କୁ କୋଟି ପ୍ରଣାମ ।
ତିଳତଳ ଜଳିଗଲ ହେ ଜୀବନେ ଦେଶ ମାତୃକାର ପାଇଁ,
ସବୁ କିଛି ଦେଇ ଏ ଦେଶବାସୀଙ୍କୁ କିନ୍ତୁ କିଛି ନେଲ ନାହିଁ ।
ପରହିତ ତ୍ୟାଗ ସେବା ଧର୍ମ ବ୍ରତେ ତୁମ୍ଭ ପ୍ରଶଂସାକୁ ଜଣେ,
ନାହାନ୍ତି ଏ ଆମ ଭାଗ୍ୟ ବିଡ଼ମ୍ବନା ଅଶ୍ରୁ ଆସୁଚି ନୟନେ ।
ଏ ପାଖେ ଛାମୁଣ୍ଡା ସେ ପାଖେ ନୂଆ ଗାଁ ବେନିବୀର ଗାଆଁ ଘର,
ଏକ ସଂଗ୍ରାମୀର ଜୟ ଆଡ଼ମ୍ବର ଆନ କି ଅଦରକାର ।
ଦୀପଟିଏ କିଏ ଜାଳିବାକୁ ନାହିଁ ଆନ ଚିତ୍ରେ ଫୁଲମାଳ,
ଦେବାପାଇଁ ଆସୁ ନାହିଁ ହାତଟିଏ ଶୂନ୍ୟ ପୂଜ୍ୟ ପୂଜା ଥାଳ ।
ନିୟୁତ ରସନେ ନବୀନଙ୍କୁ କିନ୍ତୁ ଶୁଣାଉ ଅଭିନନ୍ଦନ
ଚାରିକୋଟି ମଧ୍ୟେ ଧନ୍ୟ ଯେ ନନ୍ଦନ କରନ୍ତି ବୀରେ ବନ୍ଦନ ।

ଲୁଣିଘାଟୀ, ପୋଲସରା (ଗଞ୍ଜାମ)

♦♦♦

Source: KC Dash, Digitized by PPRACHIN, SOA

ଅବିସ୍ମରଣୀୟ ଶ୍ରୀହର୍ଷ ମିଶ୍ର

କୈଳାସ ଚନ୍ଦ୍ର ଦାଶ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡିଶା 'ଋଓ୍ୱାର୍ଡ ବ୍ଲକର ଅନ୍ୟତମ ନେତା, ସାହିତ୍ୟିକ ତଥା ସାମ୍ବାଦିକ ଶ୍ରୀହର୍ଷ ମିଶ୍ର (୧୯୧୮-୧୯୮୪) ଓଡିଶା ଇତିହାସର ଏକ ଅବିସ୍ମରଣୀୟ ଚରିତ୍ର। ତାଙ୍କ କାର୍ଯ୍ୟପ୍ରଣାଳୀ ତଥା ଅବଦାନର ଉପଯୁକ୍ତ ଚର୍ଚ୍ଚା ହେବା ଆବଶ୍ୟକ। ସେ ଗଞ୍ଜାମ ଜିଲ୍ଲା ଘୁମୁସର ତାଲୁକା ଜଗନ୍ନାଥପ୍ରସାଦ ନିକଟସ୍ଥ ଛାମୁଣ୍ଡା ଗ୍ରାମରେ ୧୯୧୮ ଜୁନ ୧୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। କେତେକଙ୍କ ମତରେ ତାଙ୍କ ଜନ୍ମବର୍ଷ ୧୯୧୪ ଥିଲା। ତାଙ୍କ ବାଲ୍ୟ ଓ କୈଶୋର ଜୀବନର କେତୋଟି ବର୍ଷ ଘୁମୁସର ଓ କବିସୂର୍ଯ୍ୟ ସ୍ମୃତିପୂତ ଆଠଗଡ-ଖଲିକୋଟରେ ବିତିଥିଲା।ଏହାର ଚମତ୍କାର ଚିତ୍ର ତାଙ୍କ ରଚିତ ବିପୁଳାଚ ପୃଥ୍ୱୀରେ ସ୍ଥାନିତ। ତାଙ୍କ ପିତା ରାମଚନ୍ଦ୍ର ମିଶ୍ର ଓ ମାତା ଜେମାଦେବୀ। ଛାମୁଣ୍ଡା ଜିଲ୍ଲାବୋର୍ଡ ଅଧିନସ୍ଥ ପ୍ରାଇମେରୀ ସର୍କୁଲର ଶିକ୍ଷକ ଥିଲେ ତାଙ୍କ ପିତା । ଆଗଡ ନିକଟସ୍ଥ ଗୋପୀନାଥପୁର ଶାସନ(ଲୁଣଘାଟ) ଥିଲା ତାଙ୍କ ମାତୁଳାଳୟ। ୧୯୨୪ରେ ସେ ଶିକ୍ଷା ଆରମ୍ଭ କରିଥିଲେ କିନ୍ତୁ ୧୯୨୭ରେ ପିତାଙ୍କ ମୃତ୍ୟୁ ଯୋଗୁଁ ସେ ଦୁଇ ବର୍ଷ ପାଠପଢାରେ ଯୋଗ ଦେଇ ପାରିନଥିଲେ। ପରେ ୧୯୨୯ରେ ପାରଳାଖେମୁଣ୍ଡୀ ଜମିଦାରୀ ଅର୍ନ୍ତଗତ ଚିଙ୍ଗୁଡି ଶାସନରେ ନିଜର ଜଣେ ବନ୍ଧୁଘରେ ରହି ପୁଣି ଶିକ୍ଷା ପାଇଥିଲେ। ସେଠାରେ ଶିକ୍ଷାଗ୍ରହଣ କାଳରେ ତାଙ୍କ ଜୀବନର ଏକ ଭିନ୍ନ ମୋଡ ଆରମ୍ଭ ହେଲା। ୧୯୩୦ ମସିହାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଯେଉଁ ଦେଶବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା ଶ୍ରୀହର୍ଷ ଶିକ୍ଷାଲାଭ ଛାଡି ସେହି ଆନ୍ଦୋଳନରେ ଯୋଗଦେଲେ। ସେତେବେଳେ ବାଳକ ଥିବାରୁ ସେ ବାନର ସେନା ଦଳରେ ଯୋଗ ଦେଇ ସ୍ୱାଧିନତା ସଂଗ୍ରାମରେ ଭୂମିକା ଗ୍ରହଣ କଲେ।

୧୯୩୦ ମସିହାରେ ଛାତ୍ର ଶ୍ରୀହର୍ଷ ଆଇନ ଅମାନ୍ୟ ତଥା ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ଗଞ୍ଜାମର ହୁମାଠାରେ ଲବଣ ଆଇନ ଭଙ୍ଗ କରି ଗିରଫ ହୋଇ ଦୁଇବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ହେଲେ।ସେଚେଙ୍ଗଲପେଟ୍ଟା ରି ରମେଟୋରୀ ସ୍କୁଲ (ପିଲାଙ୍କ ଜେଲ)ରେ ଜୀବନ ଅତିବାହିତ କରିଥିଲେ। ହୁମା ଲବଣ ସତ୍ୟାଗ୍ରହ ବେଳେ ତାଙ୍କ ସହଯୋଗୀ ଥିଲେ ନରସୁ ଶତପଥି, ଗୌରୀଶଙ୍କର ପଟ୍ଟନାୟକ ଏବଂ ନରସିଂହ ସାହୁ। ଲିଙ୍ଗରାଜ ପାଣିଗ୍ରାହୀ, ଅନନ୍ତ ତ୍ରିପାଠୀ ଶର୍ମା ପ୍ରଭୃତି ସେମାନଙ୍କୁ ପରୋକ୍ଷରେ ସହଯୋଗ କରିଥିଲେ। ଗାନ୍ଧୀ ଇରଉଇନ ଚୁକ୍ତିପରେ ସେ ଜେଲରୁ ଖଲାସ ହେଲେ। ସୋରଡା ଏବଂ ବଡଗଡ ପ୍ରଭୃତି ସ୍ଥାନରେ ଅହିଂସା ଓ ସତ୍ୟାଗ୍ରହ ପ୍ରଚାର ମ୍ଭ ସେ କରିଥିଲେ। ସେ ପୁରୀରେ କଂଗ୍ରେସ ଅଧିବେଶନ ହେବାପାଇଁ ସ୍ୱେଚ୍ଛାସେବକ ତାଲିମ ଗ୍ରହଣ କରିଥିଲେ। ୧୯୩୨ ମସିହା ଜାନୁଆରୀ ମାସରେ ସେ ସ୍ୱେଚ୍ଛାସେବକ ବାହିନୀରେ ଥିବା ବେଳେ କଂଗ୍ରେସ ବେଆଇନ ଭୁକ୍ତ ହେବାରୁ ପୁଣି ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦାନ କରି ସୋରଡାଠାରେ ଜଙ୍ଗଲ ଆଇନ ଅମାନ୍ୟ କରି ୧୦ ମାସ ଜେଲ ଦଣ୍ଡରେ ଦଣ୍ଡିତ ହୋଇ ରାଜମହେନ୍ଦ୍ରୀ ଜେଲରେ ରହିଲେ। ୧୯୩୨ ମସିହା ଶେଷବେଳେକୁ ଖଲାସ ହୋଇ ପୁଣି କଟକ ଯାଇ ଆନ୍ଦୋଳନରେ ଯୋଗ ଦେଲେ। ୧୯୩୩ ମସିହା ଫେବୃଆରୀ ମାସରେ ଗିରଫ ହୋଇ ଛମାସ ଜେଲ ଦଣ୍ଡ ପାଇ କଟକ ଜେଲରେ ରହିଲେ। ତାପରେ ତାଙ୍କୁ ପାଟଣା କ୍ୟାମ୍ପ ଜେଲକୁ ପଠାଯାଇଥିଲା। ସେହି ପାଟଣା କ୍ୟାମ୍ପ ଜେଲରେ ପ୍ରାଣନାଥ ପଟ୍ଟନାୟକ ମଧ୍ୟ ଥିଲେ। ତାଙ୍କ ପ୍ରେରଣାରେ ଭବିଷ୍ୟତ କାର୍ଯ୍ୟପ୍ରଣାଳୀ ପାଇଁ ଗୋଟିଏ ବନ୍ଧୁ ସମିତି ନାମରେ ଅନୁଷ୍ଠାନ ଗଢାଯାଇଥିଲା। ଏହି ସମିତିରେ ଗଙ୍ଗାଧର ମିଶ୍ର, ପରଶୁରାମ ପଦାତିକରାୟ, ଜଗନ୍ନାଥ ମହାନ୍ତି, ଗୋକୁଳମୋହନ ରାୟଚୂଡାମଣୀ, ବଳରାମ ପାଇକରାୟ, ଲୋକନାଥ ରାୟ, ଗତିକୃଷ୍ଣ ସ୍ୱାଇଁ ଙ୍କ ପରି ତରୁଣ କର୍ମୀମାନଙ୍କ ସହିତ ଶ୍ରୀହର୍ଷ ମିଶ୍ର ପୁଣି ଯୋଗ ଦେଇଥିଲେ। ୧୯୩୪ ମସିହା ଅଗଷ୍ଟ ମାସରେ ଖଲାସ ହୋଇ ସେହି ବର୍ଷ ପ୍ରବଳ ବନ୍ୟାଯୋଗୁଁ କଟକ ବନ୍ୟା ସାହାଯ୍ୟ ସମିତି ପକ୍ଷରୁ ସେ କାର୍ଯ୍ୟ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଓଡିଶା ପଦଯାତ୍ରା ବେଳେ ଶ୍ରୀହର୍ଷ ମ୍ଭ ତାଙ୍କ ସଂସ୍ପର୍ଶରେ ଆସିଥିଲେ।

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷଙ୍କ ଜୀବନରେ ୧୯୩୫ ମସିହା ଥିଲା ଅବିସ୍ମରଣୀୟ। ଏହି ବର୍ଷ ସେ ଏଲାହାବାଦ ଜାତୀୟ ବିଦ୍ୟାପୀଠରେ ଯୋଗଦାନ କରି ଅଧ୍ୟୟନ କରିଥିଲେ। ସେହି ସମୟରେ ସେ ବହୁ ତୁଙ୍ଗ କଂଗ୍ରେସ କର୍ମୀ ତଥା ନେତାମାନଙ୍କ ସାକ୍ଷାତ କରିଥିଲେ, ପ୍ରେରଣା ପାଇଥିଲେ ,ସ୍ୱାଧିନତା ସଂଗ୍ରାମର ଅସଲ ପରିଚୟ ପାଇଥିଲେ। ପୁଣି ମହାତ୍ମା ଗାନ୍ଧୀ ପରିଚାଳିତ ୱାର୍ଦ୍ଧା ଆଶ୍ରମ ଦେଖିଥିଲେ-ସତ୍ୟାଗ୍ରହର ବ୍ୟାପକ ଅର୍ଥ ବୁଝିଥିଲେ। ୧୯୩୭ ମସିହାରେ ସେଠାରୁ ଫେରି ବ୍ରହ୍ମପୁରଠାରେ ଦୈନିକ ଆଶା ସମ୍ବାଦପତ୍ରର ସହକାରୀ ସମ୍ପାଦକ ହିସାବରେ କାର୍ଯ୍ୟ କରିଥିଲେ।୧୯୩୮ରେ "ନିଆଁଖୁଣ୍ଟା"ର ମଧ ସେ ସମ୍ପାଦକ ହିସାବରେ କାର୍ଯ୍ୟ କରିଥିଲେ, କାରଣ ସେଥିରେ ଲିଖିତ ଏସ.ମିଶ୍ର ପ୍ରକୃତରେ ଶ୍ରୀହର୍ଷ ମିଶ୍ର। ଗୋଦବରୀଶ ମହାପାତ୍ର ସମ୍ପାଦକ ଭାବରେ ନିଜ ନାମ ନରଖି ଏସ.ମିଶ୍ରଙ୍କ ନାମ ରଖିଥିଲେ। ସେତେବେଳେ ଦିବାକର ପଟ୍ଟନାୟକଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସକ୍ରିୟ ଥିଲା। ଶ୍ରୀହର୍ଷ ମଧ୍ୟ କଂଗ୍ରେସ କାର୍ଯ୍ୟରେ ମନ ଦେଇଥିଲେ। ତାଙ୍କ ସାମ୍ବାଦିକ ଜୀବନ ଏହିଠାରୁ ଆରମ୍ଭ ହୋଇଥିଲା। ଶ୍ରୀହର୍ଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଦୃଢ ସମର୍ଥକ ଥିଲେ। ସୁଭାଷ ଗଠିତ 'ଫରୱାର୍ଡ ବ୍ଲକ ତାଙ୍କ ଠାରୁ ପୂର୍ଣ୍ଣ ସମର୍ଥନ ପାଇଥିଲା। ପରେ ମଧ ସୁଭାଷ ପରିଚାଳିତ ଆଜାଦ ହିନ୍ଦ 'ଉଜ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ଥିଲା। ଭାରତଛାଡ ଆନ୍ଦୋଳନ ପୂର୍ବରୁ ସେ ଆତ୍ମଗୋପନ କରି ରହିଥିଲେ। ସେତେବେଳେ ବିପ୍ଳବୀ ଦଳର ବାର୍ତ୍ତା ବହନ କରି ଖଡଗପୁରରୁ ହାବଡା ଯିବା ବାଟରେ ଯାତ୍ରା କରିଥିଲେ। ୧୯୪୨ ମସିହାରେ ଭାରତ ଛାଡ ଆନ୍ଦୋଳନରେ ଶ୍ରୀହର୍ଷ ଯୋଗଦାନ କରି ସେପ୍ଟେମ୍ବର ୯ ତାରିଖରେ କଲିକତାରେ ଗିରଫ ହୋଇ ଅଟକବନ୍ଦୀ ଭାବେ ପ୍ରେସିଡେନସୀ ଜେଲ ଓ ଦମଦମ କେନ୍ଦ୍ର ଜେଲରେ ଜୀବନ ଅତି ବାହିତ କରି ୧୯୪୬ ମସିହା ଜାନୁଆରୀ ମାସରେ ମୁକ୍ତି ପାଇଥିଲେ। ଜେଲରୁ ଖଲାସ ହେବାପରେ ପୁଣି ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହେଲା। ସେ ଦୈନିକ ସମାଜର ସହକାରୀ ସମ୍ପାଦକ ଭାବରେ କାର୍ଯ୍ୟକଲେ। ଦୀର୍ଘ ୧୭ ବର୍ଷ ସେ ସମାଜରେ କାର୍ଯ୍ୟ କରିଥିଲେ। ୧୯୬୦ରେ ପ୍ରଥମ ଥର ପାଇଁ ଇଉରୋପ ଭ୍ରମଣ କରିଥିଲେ। ୧୯୬୪ ମସିହାରେ ସମାଜ ତ୍ୟାଗ କରି କଳିଙ୍ଗ, ଜନଶକ୍ତିର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୬୭ଠାରୁ ପ୍ରଜାତନ୍ତ୍ରର ସମ୍ପାଦକ ହିସାବରେ କାର୍ଯ୍ୟ କରିଥିଲେ। ୧୯୮୨ ସେ ମଧ ଦୈନିକ ଆଶାର ସମ୍ପାଦକ ଥିଲେ। ସେ ଜଣେ ସୁସାହିତ୍ୟିକ ହିସାବରେ ପରିଚିତ। ବନ୍ଦୀ ଅବସ୍ଥାରେ "ବ୍ରିଟିଶ ଶାସନର ଚକ୍ରତଳେ"ସେ ରଚନା କରିଥିଲେ ଯାହା ପରେ ୧୯୪୮ରେ ପ୍ରଥମେ ପ୍ରକାଶ ପାଇଥିଲା। ତାଙ୍କ ରଚିତ ପଶ୍ଚିମ ଦିଗନ୍ତ, ବିପୁଳାଚ ପୃଥ୍ୱୀ, ସ୍ୱାଧିନତାର ଜୟଯାତ୍ରା, ଲୌହମାନବ ସର୍ଦ୍ଦାର ପଟେଲ, ଆଚାର୍ଯ୍ୟ କୃପାଳିନୀ ପ୍ରଭୃତି ଓଡିଆ ସାହିତ୍ୟର ଅନବଦ୍ୟ ସୃଷ୍ଟି। ମୃତ୍ୟୁ ପୂର୍ବରୁ ସେ ଓଡିଶା ସାହିତ୍ୟ ଏକାଡେମୀ ଅନୁରୋଧ କ୍ରମେ "ଓଡିଆ ସାହିତ୍ୟରେ ସ୍ୱାଧିନତାର ଚିତ୍ର"ଲେଖା ସମ୍ପୂର୍ଣ୍ଣ କରିଥିଲେ।ଶ୍ରୀହର୍ଷ ମିଶ୍ର ଗଡଜାତ ଶାସନ ଉପରେ ଏକ ଚମତ୍କାର ଆଲେଖ୍ୟ ପ୍ରସ୍ତୁତ କରିଥିଲେ। ସେହି ସ୍ମରଣୀୟ ଆଲୋଚନାରେ ସେ ଓଡିଶା ଗଡଜାତର ଚିତ୍ର ଉପସ୍ଥାପନ କରିଥିଲେ। ଏହି ପ୍ରସଂଗରେ ସେ ଲେଖିଥିଲେ-"କହିବା ବାହୁଲ୍ୟ ଯେ ପଲିଟିକାଲ ଏଜେ[ମାନଙ୍କୁ ହାତବାରିସୀ କରି ରାଜାମାନେ ଅକଥନୀୟ ଅତ୍ୟାଚାର ଚଳାଇବା ପ୍ରମାଣିତ ହୋଇଗଲା। ମୋଗଲବନ୍ଦୀରେ ସ୍ୱାଧିନତା ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବା ସଂଗେସଂଗେ ଅନ୍ଧାରୀମୂଳକ ନାମରେ ଖ୍ୟାତ ଛୋଟ ବଡ ସମସ୍ତ ଗଡଜାତରେ ମଧ୍ୟ ଏହା ଭୟାବହ ହେବାକୁ ଲାଗିଲା। ମୋଗଲବନ୍ଦୀରେ ଜାତୀୟ କଂଗ୍ରେସ ଭଳି ଗଡଜାତରେ ପ୍ରଜା ଆନ୍ଦୋଳନ ସମାନ ପରିମାଣ ବ୍ୟାପିଗଲା। ଏପରିକି ଭାରତର ୬୦୦ରୁ ଅଧିକ ଗଡଜାତ ମଧ୍ୟରୁ ରଣପୁର ଓ ନୀଳଗିରି ଅପେକ୍ଷାକୃତ କ୍ଷୁଦ୍ରତମ ହେଲେହେଁ ସ୍ୱାଧିନତା ଆନ୍ଦୋଳନକୁ ସାର୍ଥକ କରିବା ଦିଗରେ କ୍ଷୁଦ୍ର ସର୍ପର ବିଷ ଉତ୍କଳଟତର ପ୍ରମାଣିତ ହୋଇଗଲା। ସେତିକିବେଳେ ତତକାଳିନ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ସାହେବଙ୍କୁ ରଣପୁରବାସୀ ଠେଙ୍ଗାମାଡରେ ହତ୍ୟା କରିଥିଲେ। ଏହି ଘଟଣାର ଆଠବର୍ଷ ନପୁରୁଣୁ ସମଗ୍ର ଭାରତବର୍ଷରୁ ଗଡଜାତ ଅଞ୍ଚଳ ବିଲୁପ୍ତ ହୋଇଯାଇଛି।"(ସଂଗ୍ରାମୀ, ରାମଚନ୍ଦ୍ର ରାମ,୧୯୮୬,ନବଯୁଗ ଗ୍ରନ୍ଥାଳୟ, କଟକ) ଏପରି ଚର୍ଚ୍ଚାରେ ଶ୍ରୀହର୍ଷ ମିଶ୍ରଙ୍କର ପ୍ରସାରିତ ରାଜନୀତିକ ଦୃଷ୍ଟିକୋଣସ୍ଥାନିତ। ଶ୍ରୀହର୍ଷ ମିଶ୍ରଙ୍କ ଅନବଦ୍ୟ ରଚନା ବିପୁଳାଚ ପୃଥ୍ୱୀ(୧୯୬୪) କେବଳ ଆମେରିକା ଭ୍ରମଣ କାହାଣୀ ନୁହେଁ ,ଏହା ଏକ ପକ୍ଷରେ ଆତ୍ମଜୀବନ କାହାଣୀ, ଅନ୍ୟପକ୍ଷରେ

Source: KC Dash, Digitized by PPRACHIN, SOA

ଭାରତ-ପାକିସ୍ଥାନର ଚମତ୍କାର ଇତିହାସ। ଏଥିରେ ୧୯୬୧ ମସିହା ପୂର୍ବର ଓଡିଶା ସହିତ ଭାରତର ରାଜନୀତିକ ତଥା ସାମାଜିକ ଅବସ୍ଥାର ଚିତ୍ର ପ୍ରତିଫଳିତ। ପ୍ରକୃତରେ ପୃଥିବୀ ପରିକ୍ରମାର ଏହା ଥିଲା ତାଙ୍କ ପାଇଁ ପ୍ରଥମ ସୁଯୋଗ। ଗଲାବେଳେ ନିଜ ଜନ୍ମଭୂମିଠାରୁ ଆରମ୍ଭ କରି ଓଡିଶା ଭାରତ କଥା ଭାବିଭାବି ପୂର୍ବ ପରିଚିତ ୟୁରୋପ ରାସ୍ତାରେ ଆଟଲାଣ୍ଟିକ ପାରହେଲେ। ଫେରିଲା ବେଳେ ପ୍ରଶାନ୍ତ ମହାସାଗର ଅତିକ୍ରମ କରି ଦୂର ପ୍ରାଚ୍ୟ ରାସ୍ତାରେ ପହଞ୍ଚିଲେ। ବାସ୍ତବରେ କବି ଭବଭୂତିଙ୍କର ବିପୁଳାଚ ପୃଥ୍ୱୀର ସ୍ୱରୂପ ଦର୍ଶନ କଲେ।

ତାଙ୍କ ମୃତ୍ୟୁ ପରେ ପ୍ରଜାତନ୍ତ୍ରରେ ୧୯୮୪, ୧୦ ଏପ୍ରିଲ ସଂଖ୍ୟାରେ "ଗୋଟିଏ ଉତ୍ସର୍ଗୀକୃତ ଜୀବନର ସମାପ୍ତି"ଶୀର୍ଷକରେ ହରେକୃଷ୍ଣ ମହତାବ ଲେଖିଥିଲେ-"ସ୍କୁଲ କଲେଜରେ ଉଚ୍ଚଶିକ୍ଷା ନପାଇ ମଧ୍ୟ ଜଣେ ଯେ ଉଚ୍ଚଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଲାଭ କରିପାରେ ତାହାର ଏକ ଜ୍ୱଳନ୍ତ ଉଦାହରଣ ଶ୍ରୀହର୍ଷ ମିଶ୍ର।ପିଲାଦିନେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ବାରଂବାର ଜେଲ ଗଲେ। ଏପରିକି ସୁବାସ ବାବୁଙ୍କ ନେତୃତ୍ୱରେ କଲିକତାରେ ଆନ୍ଦୋଳନ କରି ସେଠି ମଧ୍ୟ ଜେଲ ଯାଇଥିଲେ। ପରେ ଗଞ୍ଜାମ ଜିଲ୍ଲାବୋର୍ଡ ଚେୟାରମେନ ଦିବାକର ପଟ୍ଟନାୟକଙ୍କ ଜଣେ ସହାୟକ ବା ସାହାଯ୍ୟପ୍ରାପ୍ତ କର୍ମୀ ହୋଇରହିଲେ। ଏହି ଅବସରରେ ସମ୍ବାଦପତ୍ର ଓ ପତ୍ରିକାମାନ ପଢିପଢି ସେ ଜଣେ ବିଶିଷ୍ଟ ସାମ୍ବାଦିକ ହେଲେ। ଏ ଦିଗରେ ସେ ତତକାଳୀନ ଦୈନିକ ଆଶାର ସମ୍ପାଦକ ଶଶିଭୂଷଣ ରଥଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ। ସେ ନିଜ ଲେଖାରେ କାହାରି କୁତ୍ସାରଟନା କରିନାହାନ୍ତି ବା କୌଣସି ବ୍ୟକ୍ତିର ଘରୋଇ ଜୀବନକୁ ଚର୍ଚ୍ଚା କରିନାହାନ୍ତି। ସେ ଥିଲେ ଜଣେ ଉଚ୍ଚକୋଟିର ସମ୍ବାଦିକ। ଆଜି ସୁସ୍ଥ ସାମ୍ବାଦିକତାର ଯେପରି ଅଭାବ ଘଟିଛି ଏବଂ ନୂତନ ଓ ପୁରାତନ ସାମ୍ବାଦିକମାନେ ଯେପରି ଅଯଥା ସମ୍ବାଦପତ୍ରର ସ୍ତମ୍ଭମାନଙ୍କର ଅପଚୟ କରୁଛନ୍ତି ସେଥିରେ ଜଣେ ଉତ୍ସର୍ଗୀକୃତ ସାମ୍ବାଦକଙ୍କର ମୃତ୍ୟୁ ଗଭୀର ଦୁଃଖଦାୟକ। ସେ ଯେଉଁ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ତାଙ୍କୁ ଚିରକାଳ ଜନଶ୍ରୁତିରେ ଜାଗରୁକ ରଖିଥିବ। ତାଙ୍କର ଆଦର୍ଶ ନୂତନ ସାମ୍ବାଦିକମାନଙ୍କ ଦ୍ୱାରା ଅନୁସୃତ ହେଉ।"

ପୂର୍ବତନ ଇତିହାସ ପ୍ରାଧ୍ୟାପକ, ବିଜେବି ନଗର, ସି-୩/୨, ଭୁବନେଶ୍ୱର-୧୪

♦♦♦

Adinarayan Khandualo
Murari Prasad Khandualo

9437114651
9238592277
9861434866

SRIRAM SALES AGENCY
Late Kasinatha Khandualo (Founder)

TIMBER MERCHANT & ORDER SUPPLIER

ALL KINDS OF ROUND, SIZE WOOD, PLY, LAMINETS, HI-LAM, MDF, HARDWARE & FITTINGS, PAINTS, CHANNELS, WOODEN BITTO, PIPES, READY MADE PLY, WOODEN & PVC DOORS ETC.

RAMACHANDRAPUR BAZAR, R.M.C. OFFICE SIDE
JATNI-752050 (Dist. Khordha) Odisha.

SSA
ESTD-1971

Source: KC Dash, Digitized by PPRACHIN, SOA

ବକିଂହମ୍ ରାଜପ୍ରାସାଦ ଓ ଛାମୁଣ୍ଡା ବ୍ରାହ୍ମଣ ପୁତ୍ର

ଇଂ ମାନସ ରଂଜନ ତ୍ରିପାଠୀ

ଯେଉଁ ବ୍ରାହ୍ମଣ ପୁତ୍ରକୁ ସହର୍ଷ ଜନ୍ମଦେଇ ଜଗନ୍ନାଥ ପ୍ରସାଦ ଛାମୁଣ୍ଡାଗାଁର ଦ୍ୱିଜ ଦମ୍ପତି ରାମଚନ୍ଦ୍ର ମିଶ୍ର- ହେମାଦେବୀ ନିଜକୁ ଭାଗ୍ୟବାନ ମନେ କରିଥିଲେ ଏବଂ ଯାହାର ଜନ୍ମରେ ଘୁମୁସର ଓ ଆଠଗଡ଼ ଗର୍ବିତ ଓ ଗୌରବାନ୍ୱିତ ସେ ହେଉଛନ୍ତି ଐତିହାସିକ ପୁରୁଷ ଅବିସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ ପ୍ରବୀଣ ସାମ୍ବାଦିକ ତଥା ଓଡ଼ିଆ ଭାଷାର ସୁଖ୍ୟାତ ସାହିତ୍ୟିକ ଶ୍ରୀହର୍ଷ ମିଶ୍ର । ସେଇ ଶ୍ରୀହର୍ଷ ଲୁଣିଘାଟି ଗୋପୀନାଥପୁର ଶାସନ ଦ୍ୱିଜରାଜ ରାମଚନ୍ଦ୍ର ନନ୍ଦଙ୍କ ଆଦରଣୀୟ ଦୋହିତ୍ର ଭାଗ୍ୟଚକ୍ରରେ ଛାମୁଣ୍ଡାରୁ ଲୁଣିଘାଟି ଓ ଲୁଣିଘାଟିରୁ ଚିଙ୍ଗୁଡ଼ି ଶାସନ (ଗଜପତି) ଏବଂ କିଶୋର ଅବସ୍ଥାରେ ଚିଙ୍ଗୁଡ଼ି ଶାସନରୁ ଚେଙ୍ଗଲ୍‌ପେଟସ୍ଥିତ ରିଫର୍ମେଟେରୀ ଜେଲ୍‌କୁ ଯାଇଥିଲେ । ନିଜର ମାତୃଭାଷା ବ୍ୟତୀତ ଏଇ ନୈଷ୍ଠିକ ବ୍ରାହ୍ମଣ ପୁତ୍ର ହିନ୍ଦି, ଇଂରାଜୀ, ବଙ୍ଗଳା ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଆଦର୍ଶ ସମାଜ ସଂସ୍କାରକ ଭାବରେ ଅବ୍ରାହ୍ମଣ ପୁତ୍ରୀ ମୈଥିଳୀଙ୍କ ପାଣିଗ୍ରହଣ କରିଥିଲେ । ସାମ୍ବାଦିକ ଭାବରେ ଦୈନିକ ଆଶାରେ ସଂପାଦକ ଜୀବନ ଆରମ୍ଭକରି ୧୯୪୮ ମସିହାରେ ସମାଜର ସହ-ସମ୍ପାଦକ ଓ ପରେ ସମ୍ପାଦକ ଥିଲେ । ୧୯୬୪ ମସିହା ପର୍ଯ୍ୟନ୍ତ ସମାଜ ସଂପାଦକ ଭାବରେ ନିଜର ପରିଚୟ ପ୍ରତିଷ୍ଠା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡ ସରକାରଙ୍କ ନିମନ୍ତ୍ରଣ ପାଇ ୧୯୬୦ ଜାନୁୟାରୀରେ ପଶ୍ଚିମ ଦିଗନ୍ତ ଭ୍ରମଣରେ ଯାଇ ଲଣ୍ଡନ ସହରରେ ଉପସ୍ଥିତ ହେଲେ ଏବଂ ସୂକ୍ଷ୍ମ ଦୃଷ୍ଟିରେ ପଶ୍ଚିମ ପୃଥିବୀର ସମସ୍ତ ସତ୍ୟ ତଥ୍ୟ ଭ୍ରମଣ ବୃତ୍ତାନ୍ତ ସାହିତ୍ୟରେ ଓଡ଼ିଆ ପାଠକଙ୍କୁ ଉତ୍ସର୍ଗ କଲେ । ତାଙ୍କର ବକିଂହମ ରାଜପ୍ରସାଦକୁ ଦେଖିବାପାଇଁ ପ୍ରବଳ ଇଛା ହେଲା ଯାହାର କୀର୍ତ୍ତି କାହାଣୀ ପିଲାଦିନରୁ ଶୁଣିଥିଲେ ଓ ବାଳସୁଲଭ କଳ୍ପନା ରାଜ୍ୟରେବୁଲି ଭାବିଥିଲେ ଯେଉଁ ରାଜପ୍ରସାଦମୟ ଦାନବ ଇନ୍ଦ୍ରପ୍ରସ୍ଥଠାରୁ ବିରାଟ ଓ ଅଦ୍ଭୁତ ହୋଇଥିବା କିନ୍ତୁ ଆଖିରେ ଯାହା ଦେଖିଲେ ଆମର ରାଷ୍ଟ୍ରପତି ଭବନଠାରୁ ଅତ୍ୟନ୍ତ ଛୋଟ । ଏହି ରାଜପ୍ରାସାଦ ୧୭୦୩ ଖ୍ରୀ. ଅରେ ବକିଂହମର ଜମିଦାର ଡ଼ି.ୟୁ.କ୍ ନିଜର ପରିବାର ପାଇଁ ଘର ତିଆରି କରିଥିଲେ । ୧୭୬୨ ଖୀ.ଅରେ ଲଣ୍ଡନ ରାଜା ଦ୍ୱିତୀୟ ଜର୍ଜ ଡ଼ି.ୟୁକ୍ ପରିବାରରୁ କିଣିନେଇ ଯାଇଥିଲେ । ୧୮୨୫ ରେ ଚତୁର୍ଥ ଜର୍ଜ ଏହାକୁ ଭାଙ୍ଗି ୧୧୦୦ ବଖରା ବିଶିଷ୍ଟ ନୂଆ ରାଜପ୍ରସାଦ ତିଆରି କଲେ । ମହାରାଣୀ ଭିକ୍ଟୋରିଆ ରାଜବଂଶର ସରକାରୀ ବାସଭବନ ହେବାର ମର୍ଯ୍ୟାଦା ତାକୁ ଦେଲେ । ବକିଂହମ ରାଜପ୍ରସାଦ ସମ୍ମୁଖରେ ଠିଆ ହୋଇ ଶ୍ରୀହର୍ଷ ମିଶ୍ର କିଶୋର ଜୀବନର ସେଇ କରୁଣ ଓ ଦାରୁଣ ଦୃଶ୍ୟକୁ ମନେ ପକାଇଥିଲେ । ୧୯୩୦ ମସିହାରେ ୧୨ ବର୍ଷ ବୟସରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ପ୍ରଥମ ଥର ପାଇଁ କାରାଦଣ୍ଡରେ ଦଣ୍ଡିତ ହେଲେ । ମାନ୍ଦ୍ରାଜ ନିକଟବର୍ତ୍ତି ଚେଙ୍ଗଲପୁଟ୍‌ର ରିଫର୍ମିଟେରୀ ଜେଲ୍‌ରେ ବନ୍ଦୀ ଭାବରେ ଜୀବନ କଟାଇଥିଲେ । ସେହି ବନ୍ଦୀବାଳକ ଶ୍ରୀହର୍ଷଙ୍କୁ ଗୋଟାଏ ବିରାଟ କୋଠରୀକୁ ନିଆଯାଇଥିଲା ସେଠାରେ ୫ମ ଜର୍ଜଙ୍କ ବିଶାଳ ପ୍ରତିକୃତି ଥିଲା, ସେଇ ପ୍ରତିକୃତି ଆଗରେ ଏକ ଗୀତଗାନ କରାଯାଇଥିଲା । ଜଣେ ଗାଉଥିଲା ଓ ଅନ୍ୟମାନେ ପାଳି ଧରୁଥିଲେ କିନ୍ତୁ ଶ୍ରୀହର୍ଷ ମିଶ୍ର ଏହି ଗୀତ ଗାଇବାପାଇଁ ସମ୍ମତ ହେଲେ ନାହିଁ କାରଣ ସେ ରାଜ ଭକ୍ତିର ସଂପୂର୍ଣ୍ଣ ବିରୋଧୀ ଥିଲେ ଜେଲ୍ ସୁପରଣ୍ଟେଣ୍ଡ ଡିକ୍ରୋଜ ସାହେବ ତାଙ୍କୁ ବହୁତ ବୁଝାଇଲେ ମଧ ୧୨ ବର୍ଷର ବାଳକ ଶ୍ରୀହର୍ଷ ରୋକଠୋକ୍ ଭାବରେ ପ୍ରତ୍ୟାଖାନ କରି କଠୋର ଶାସ୍ତି ଭୋଗ କଲେ । ତାହାଙ୍କୁ ନିର୍ମମ ବେତ୍ର ଘାତ ସହ୍ୟ କରିବାକୁ ପଡ଼ିଲା । ମାସକରୁ ଅଧିକ କାଳ ଗୋଡ଼ହାତରେ ବେଡ଼ି ପିନ୍ଧିବାକୁ ପଡ଼ିଲା । ଛୋଟ କୋଠରୀରେ ଆବଦ୍ଧ ରହି କଠୋର ଦଣ୍ଡ ଭୋଗ କଲେ । ଦିନେ ଦ୍ୱିପହରରରେ ବେତ୍ର / ଘାତ ଯୋଗୁଁ ଯଥେଷ୍ଟ କଷ୍ଟ ପାଉଥିବା ବେଳେ ଗୋଡ଼ ହାତରେ ବେଡ଼ି ପଡ଼ିଥିବା ସ୍ଥଳେ ବହୁତ ପୀଡ଼ାରେ ଜ୍ୱର ଆକ୍ରମଣ କଲା । ଏହି ସମ୍ବନ୍ଧରେ ଶ୍ରୀହର୍ଷ ମିଶ୍ର ପଶ୍ଚିମ ଦିଗନ୍ତ ଗ୍ରନ୍ଥରେ ସେହି ଦେଶର ରାଜା ଓ ରଙ୍କ ପ୍ରବନ୍ଧରେ ଉଲ୍ଲେଖ କରି ଯେଉଁ କ୍ଷୋଭ ପ୍ରକାଶ କରିଛନ୍ତି ତାହା ଏଠାରେ ଉଦ୍ଧାର କରାଗଲା । "ଭାଗ୍ୟର ବିଡ଼ମ୍ବନା ଯେ ଚେଙ୍ଗଲପୁଟ ରିଫର୍ମଟେରୀ ସ୍କୁଲରେ ଯେଉଁ ଗୀତଟିରେ ରାଜ ଭକ୍ତି ଗନ୍ଧବାରି ଆମେ ଦେଶଭକ୍ତ ସତ୍ୟାଗ୍ରହୀ ବୀରମାନେ ଜୀବ ପଛେ ଦେବୁ ତାକୁ ମୁଖରେ ଉଚ୍ଚାରଣ କରିବୁ ନାହିଁ ବୋଲି ନିର୍ମମ ନିର୍ଯ୍ୟାତନା ଭୋଗିଥିଲୁ । ୧୯୪୭ ଅଗଷ୍ଟ ୧୫ ତାରିଖ ପରେ ସେହି ଗୀତଟି ହିଁ ସାର୍ବ ଭୌମ କ୍ଷମତା ସମ୍ପନ୍ନ ସ୍ୱାଧୀନ ଭାରତ ରାଷ୍ଟ୍ରର ଜାତୀୟ ସଙ୍ଗୀତ ହୋଇଛି । ବିଶ୍ୱ କବି ଜନଗଣ ମନ ରଚନା ବେଳେ କାହାକୁ ଲକ୍ଷ୍ୟ କରିଥିଲେ ସେ କଥା ଏବେ କିଏ ବା କହିବ ।" ଶ୍ରୀହର୍ଷ ମିଶ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ ସାହିତ୍ୟିକ, ସମାଜ ସଂସ୍କାରକ । ସେ ଗଞ୍ଜାମ ଜିଲ୍ଲାରେ ଭଞ୍ଜଭୂମି

Source: KC Dash, Digitized by PPRACHIN, SOA

ଛାମୁଣ୍ଡାରେ ଜନ୍ମଗ୍ରହଣ କରିଥିଲେ । ସେହି ଭଞ୍ଜନଗର ନିକଟ ନୂଆଗାଁରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କର ପୈତୃକ ଗ୍ରାମ । ଆନନ୍ଦର ବିଷୟ ବିଜୁବାବୁଙ୍କର ଜନ୍ମ ଶତବାର୍ଷିକ ବହୁତ ଆଡ଼ମ୍ବର ପ୍ରକାରେ ରାଜ୍ୟସ୍ତରୀୟ ପାଳନ କରାଗଲା କିନ୍ତୁ ଶ୍ରୀହର୍ଷ ମିଶ୍ର ଯିଏକି ୧୨ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଏହିପରି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ବିରଳ । ସେଇ ବୀର ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକ ପାଳନ କରିବାପାଇଁ ରାଜ୍ୟ ସରକାର କାହିଁକି କୁଣ୍ଠିତ ? ଏହା ଗଞ୍ଜାମ ଜିଲ୍ଲା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ରାଜ୍ୟ ସରକାର ଶୀହର୍ଷଙ୍କୁ ଭୁଲିଯାଇ ପୂଜ୍ୟ ପୂଜାର ପରମ୍ପରାକୁ କୁଠାରଘାତ କରିଛନ୍ତି । ଓଡ଼ିଶାର ଭବିଷ୍ୟତ ପିଢ଼ିଙ୍କ ନିକଟରେ ଏକ ଭୁଲ ବାର୍ତ୍ତା ନିଶ୍ଚିତ ଭାବରେ ପହଞ୍ଚିବ । ଏଣୁ ରାଜ୍ୟ ସରକାରଙ୍କୁ ମୋର ବିନମ୍ର ନିବେଦନ ଆସନ୍ତା ବର୍ଷ ଠାରୁ ଶ୍ରୀହର୍ଷ ମିଶ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବରେ ପାଳନ କରି ସଂସ୍କୃତି ବିଭାଗ ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖନ୍ତୁ । ଜୟନ୍ତୀ ଆଉ ଦେହାନ୍ତ ତିଥିରେ ତାଙ୍କ ପ୍ରତିକୃତିରେ ଫୁଲମାଳଟିଏ ଦିଆଯାଉ, ଦୀପଟିଏ ଜଳାଯାଉ, ଶ୍ରୀହର୍ଷ ମିଶ୍ରଙ୍କ ତ୍ୟାଗ ପୂତ ଜୀବନ କାବ୍ୟରୁ- କେତୋଟି ବାକ୍ୟ ବଡ଼ ବଡ଼ ମୁହଁରେ ଅଣାଯାଉ । ନିଜ ପାଇଁ ଘର ଖଣ୍ଡିଏ ନ ରଖି ବୀର ପୁରୁଷ ଧରାରୁ ବିଦାୟ ନେଇଥିଲେ ଏହା ମଧ୍ୟ ଆମେ ମନରୁ ପୋଛି ଦେବା ଉଚିତ ନୁହେଁ ।

ଖୋଡ଼ାସିଙ୍ଗି, ବ୍ରହ୍ମପୁର (ଗଞ୍ଜାମ)

♦♦♦

ଚାଷୀ ଭାଇ ଭଉଣୀ ମାନଙ୍କ ସେବାରେ ରାୟଗଡ଼ ଆର.ଏମ.ସି

- ଚାଷି ଓ ବ୍ୟବସାୟୀମାନଙ୍କ ନିମନ୍ତେ ଜେ.କେ.ପୁର ଠାରେ ଏକ କୃଷକ ବଜାର ପ୍ରତିଷ୍ଠା କରାଯାଇଛି, ଏଠାରେ ଆଠଗୋଟି ଦୋକାନ ଗୃହ, ଖୋଲାପିଣ୍ଡି, ପାନୀୟଜଳ ଓ ଆଲୋକର ବ୍ୟବସ୍ଥା କରାଯାଇଛି ।
- ରାୟଗଡ଼ ଠାରେ ଉନ୍ନତମାନର କପା ବଜାର ପ୍ରତିଷ୍ଠା କରାଯାଇଛି ।
- ମଣ୍ଡିମାନ ପ୍ରତିଷ୍ଠା କରାଯାଇ ଧାନ ଓ କପାର କ୍ରୟ ବିକ୍ରୟରେ ସାହାଯ୍ୟ କରାଯାଉଛି ।
- କୋଲନରା ଏବଂ କଲ୍ୟାଣସିଙ୍ଗପୁର ଠାରେ ଚାଷୀମାନଙ୍କ ସୁବିଧା ପାଇଁ ଉନ୍ନତମାନର ମାର୍କେଟ ୟାର୍ଡ ପ୍ରତିଷ୍ଠା କରାଯାଇଅଛି ଏବଂ ଚଳିତ ବର୍ଷ କାଶିପୁର, ଟିକିରି ଓ ଜେମାଦେଇପେଣ୍ଠ ଠାରେ ଚାଷିମାନଙ୍କ ସୁବିଧା ପାଇଁ ଉନ୍ନତମାନର ମାର୍କେଟ ୟାର୍ଡ ପ୍ରତିଷ୍ଠା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଏବଂ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇଛି ।
- କୋଲନରା, କଲ୍ୟାଣସିଙ୍ଗପୁର ଓ କାଶିପୁର ଠାରେ ୱେବ୍ରିଜ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।
- ରାୟଗଡ଼ ଉପଖଣ୍ଡରେ ସମୁଦାୟ ୨୪ ଗୋଟି ଧାନଖଳା ନିର୍ମାଣ କରାଯାଇ କୃଷିଜାତ ଦ୍ରବ୍ୟ ଅମଳରେ ସାହାଯ୍ୟ କରାଯାଉଛି ।
- କଲ୍ୟାଣସିଙ୍ଗପୁର ଠାରେ ଡ଼ଙ୍ଗରିଆ କନ୍ଧମାନଙ୍କ ଆର୍ଥିକ ଉନ୍ନତି ସକାଶେ ଏକ ଉନ୍ନତମାନର ଆଦିବାସୀ ବଜାର ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।
- ଜାତୀୟ କୃଷି ବଜାର (ଇ-ନାମ୍) ପ୍ରତିଷ୍ଠା କରାଯାଇ ଏହି ବଜାର ମାଧ୍ୟମରେ କପା, କାନ୍ଦୁଲ, ଆତ, ପଣସ, ସପୁରି ଇତ୍ୟାଦି ବିକ୍ରି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଶ୍ରୀ ଭବାନୀ ଶଙ୍କର ଦାଶ
ସମ୍ପାଦକ

ଶ୍ରୀ ପ୍ରବୀର କୁମାର ନାୟକ, (ଓ.ପ୍ର.ସେ-୧)
ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ

Source: KC Dash, Digitized by PPRACHIN, SOA

ମାର୍ଗଦର୍ଶକ ଶ୍ରୀହର୍ଷ ମିଶ୍ର

ନବୀନାନନ୍ଦ ଗନ୍ତାୟତ

ସାମ୍ବାଦିକତା କରିବା ପୂର୍ବରୁ ୧୯୭୩ ସାଲରେ ଥରେ ସୀତାକାନ୍ତ ରାଜଗୁରୁ (ସ୍ୱରାଜ୍ୟର ସାମ୍ବାଦିକ)ଙ୍କ ସହ କଟକରେ ପ୍ରଜାତନ୍ତ୍ର କାର୍ଯ୍ୟାଳୟରେ ପ୍ରଥମଥର ପାଇଁ ଶ୍ରୀହର୍ଷ ମିଶ୍ରଙ୍କୁ ଦେଖିବାର ସୁଯୋଗ ପାଇଥିଲି ।

୧୯୭୦ରେ ପାରଳାଖେମୁଣ୍ଡିରେ ମୁଁ ଗୋଟିଏ କୁକୁଡ଼ା ଫାର୍ମ ଆରମ୍ଭ କରିଥିଲି । ଏହା ସହ ସେହି ଅଞ୍ଚଳର (ବାଟଗୌଡ଼ ସାହି ୮ନଂ ୱାର୍ଡ) କେତୋଟି ଉନ୍ନତିମୂଳକ କାମ କରୁଥାଏ । ୧୯୭୩ ସାଲରେ ପାରଳାଖେମୁଣ୍ଡି ମୁନିସିପାଲିଟି ଇଲେକ୍ସନ ହୁଏ । ସାହି ଲୋକଙ୍କ ଅନୁରୋଧରେ ୱାର୍ଡ ନଂ ୮ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲି । ଯାଞ୍ଚ ବେଳେ ପରୋକ୍ଷ ଭାବରେ ମୁନିସିପାଲିଟି ସହ ସମ୍ପର୍କ ରହିଥିବା କାରଣ ଦର୍ଶାଇ ପ୍ରାର୍ଥୀପତ୍ର କଟାଇ ଦିଆଗଲା (ମୋର ସ୍ତ୍ରୀ ନାମରେ ମୁନିସିପାଲିଟି ଠାରୁ ଗୋଟିଏ ଦୋକାନ ଘର ନିଆଯାଇଥିଲା) । ସୀତାକାନ୍ତ ରାଜଗୁରୁଙ୍କ ବି ସେହିଭଳି ପ୍ରାର୍ଥୀପତ୍ର କଟି ଯାଇଥିଲା । ଏହାକୁ ନେଇ ଦୁହେଁ ହାଇକୋର୍ଟ ଯାଇଥିଲୁ ଓ ତାହା ଗ୍ରହଣ କରାଯାଇଥିଲା । ପରେ ତାହା ପ୍ରତ୍ୟାହାର କରିବାକୁ ପଡ଼ିଥିଲା ।

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀ ଜାଣିବା ପରେ ମତେ ଡ଼ାକି ଆଲୋଚନା କରି ଜନସେବା ରାଜନୀତି ମାଧ୍ୟମ ଅପେକ୍ଷା ସାମ୍ବାଦିକ ମାଧ୍ୟମରେ କରିବାକୁ ଉପଦେଶ ଦେଇଥିଲେ । କହିଥିଲେ-ତୁମର ବାପା ଜନସେବା କରିଥିବାରୁ ତାଙ୍କର ଅକାଳ ବିୟୋଗ ପରେ ମଧ୍ୟ ତାଙ୍କର ସ୍ମୃତି ଲୋକଙ୍କ ମନରେ ରହିଯାଇଛି । ସେହି ସମୟରେ ଉତ୍କଳ ହିତୈଷିଣୀ ସମାଜ ଦ୍ୱାରା ପରିଚାଳିତ ସଙ୍ଗୀତ ସ୍କୁଲକୁ ପୁନଃଉଦ୍ଧାର କାର୍ଯ୍ୟ ଚାଲିଥାଏ । (ଭାଗିରଥି ପାଢ଼ୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ସଙ୍ଗୀତ ସ୍କୁଲ ବନ୍ଦ ହୋଇଯାଇଥାଏ) । ଗୋରାଚାନ୍ଦ ରଥ, ସତ୍ୟ ନାରାୟଣ ରାଜଗୁରୁ, ସଦାନନ୍ଦ ପାଢ଼ୀ, ସତ୍ୟ ନାରାୟଣ ପଣ୍ଡା, ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀଙ୍କ ଉଦ୍ୟମରେ ପୁନଃ କାର୍ଯ୍ୟକାରୀ ହୋଇପାରିଥିଲା । ମୁଁ ସେଥିରେ ଜଣେ କର୍ମୀ ଭାବରେ ଯୋଗ ଦେଇଥିଲି ।

ଝିଅପିଲାମାନଙ୍କୁ ସଙ୍ଗୀତ ନୃତ୍ୟ ତାଲିମ ଦେବା ସହ ପାଠଚକ୍ରମାନ ଅନୁଷ୍ଠିତ ହେଉଥିଲା । ସତ୍ୟ ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶରେ ପୁଷ୍ପାବେଣୀ ପଟ୍ଟନାୟକ, ଜୟା ପଟ୍ଟନାୟକ ଓ ରାଜୁ ସଙ୍ଗୀତ ଓ ନୃତ୍ୟ ତାଲିମ ଦେଉଥିଲେ ।

ସେହି ସମୟରେ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଜୟନ୍ତୀ ଉତ୍ସବ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥାଏ । ୧୯୭୫ ସାଲରେ ପାରଳାଖେମୁଣ୍ଡି ସଙ୍ଗୀତ ସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଏଥିସକାଶେ ଶ୍ରୀହର୍ଷ ମିଶ୍ର, ନୃସିଂହ ଚରଣ ସାହୁ ଓ ଅନ୍ୟ ଜଣେ କଟକରୁ ଆସି ଉତ୍କଳ ହିତୈଷିଣୀ ସମାଜ ଆନୁକୂଲ୍ୟରେ ସଭାର ଆୟୋଜନ ହୋଇଥିଲା ।

ସେଠାରେ ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀ ମତେ ଶ୍ରୀହର୍ଷ ମିଶ୍ରଙ୍କ ସହ ପରିଚୟ କରାଇ ସଂକ୍ଷିପ୍ତ ବିବରଣୀ ଦେଇଥିଲେ ଏବଂ ପ୍ରଜାତନ୍ତ୍ରର ପାରଳାଖେମୁଣ୍ଡି ଅଞ୍ଚଳର ସାମ୍ବାଦିକ ଭାବେ ନିଯୁକ୍ତି କରାଇବାକୁ କହିଥିଲେ । ଏହାର କେତେଦିନ ପରେ ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀ ପ୍ରଜାତନ୍ତ୍ରର ନିଯୁକ୍ତି ପତ୍ର ଶ୍ରୀହର୍ଷ ମିଶ୍ରଙ୍କ ଠାରୁ ଆଣି ଦେଇଥିଲେ । ଏହା ଥିଲା ୧୯୭୫ ସାଲ ମଇ ମାସ । ସମ୍ବାଦ କିପରି ସଂଗ୍ରହ କରାଯାଇ ଏବଂ କେଉଁ ପ୍ରକାରେ ଲେଖିବାକୁ ହୁଏ ବୁଝାଇଥିଲେ । ସେହିବର୍ଷ ଲେଭିଧାନ ସଂଗ୍ରହ ନେଇ ଗୁରାଣ୍ଡି ଠାରେ ଗୁଳିକାଣ୍ଡ ହୋଇଥିଲା । ଏହାଦ୍ୱାରା କେତେ ଜଣଙ୍କ ମୃତ୍ୟୁ ହୋଇଥିଲା । ସମ୍ବାଦ ସଂଗ୍ରହ କରିବା ସକାଶେ ସାମ୍ବାଦିକ ରବି ନାରାୟଣ ମହାନ୍ତି, କଟକରୁ ମୋଟର ସାଇକେଲରେ ପହଞ୍ଚିଥିଲେ । ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀ ରବି ବାବୁଙ୍କ ସହ ମତେ ପରିଚୟ କରାଇ ଦେଲେ । ଆମେ ସବୁ ସମ୍ବାଦ ସଂଗ୍ରହ କରିବାକୁ ଗୁରାଣ୍ଡି ଯାଇ ତଥ୍ୟ ସଂଗ୍ରହ କରିଥିଲୁ । ଏହା ମୋର ପ୍ରଥମ ଅନୁଭୂତି ।

ପ୍ରଥମଥର କରି ସାମ୍ବାଦିକ ଭାବେ ପ୍ରଜାତନ୍ତ୍ର ଅଫିସକୁ ଯାଇଥାଏ । ଶ୍ରୀହର୍ଷ ମିଶ୍ର ଅଫିସରେ ବସି ସମ୍ପାଦକୀୟ

Source: KC Dash, Digitized by PPRACHIN, SOA

ଲେଖୁଥାନ୍ତି । ପରେ ମତେ ଡ଼ାକି ଆଳାପ କରିବା ଭିତରେ ମୋର ତଥ୍ୟ ସଂଗ୍ରହ କରିଥିଲେ । ଦେଖିଲି ତାଙ୍କର ସମ୍ପାଦକୀୟ ଲେଖା ବେଶି କମ ଲେଖାରେ ସମ୍ପୂର୍ଣ୍ଣ ବିବରଣୀ ତଥ୍ୟ ରହିଥାଏ । ତୁରନ୍ତ ସମ୍ବାଦ ପ୍ରେରଣ ପାଇଁ ପ୍ରୟାଶ କରିଥାନ୍ତି । ଟେଲିପ୍ରିଣ୍ଟର ପାଖକୁ ଯାଇ ଘନ ଘନ ଯାଞ୍ଚ କରନ୍ତି ଏବଂ ମୁଖ୍ୟ ଖବର ବାହାର କରି ନିଜେ ଲେଖି ଦେଉଥିବା ଅନୁଭବ କଲି । ପ୍ରଜାତନ୍ତ୍ରର ପ୍ରସାର ଦିଗରେ ମଧ୍ୟ ତାଙ୍କର ଦୃଷ୍ଟି ରହିଥାଏ । ସମ୍ବାଦ ସଂଗ୍ରହ କରି ତୁରନ୍ତ ପଠାଇବାକୁ ସାମ୍ବାଦିକମାନଙ୍କୁ କହିଥାନ୍ତି । ଜରୁରୀ ସମ୍ବାଦ ଟେଲିଗ୍ରାମ ଦ୍ୱାରା ଓ ଅତି ଜରୁରୀ ସମ୍ବାଦ ହୋଇଥିଲେ ଟେଲିଫୋନ କରିବାକୁ କହିଥାନ୍ତି । ସାମ୍ବାଦିକମାନଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥାନ୍ତି । ସେମାନଙ୍କର କୌଣସି ଅସୁବିଧା ହେଲେ ଯଥା ସମ୍ଭବ ଆଶ୍ୱାସନା ଦେଇ ପ୍ରତିକାର ବ୍ୟବସ୍ଥା କରିଥାନ୍ତି ।

୧୯୭୫ର ଜରୁରୀକାଳୀନ ସମୟରେ ପ୍ରଜାତନ୍ତ୍ର ବହୁ ସଙ୍କଟ ଦେଇ ଗତି କରୁଥିଲା । ସମ୍ବାଦ ଗୁଡ଼ିକକୁ ଯାଞ୍ଚ କରି ଆପତ୍ତିଜନକ ବାକ୍ୟ କାଟି ଦେଉଥିଲେ । ସେହି ସମୟରେ ବହୁ ସାବଧାନତା ସହ ସମ୍ବାଦ ଲେଖିବାର କୌଶଳ ଅବଲମ୍ବନ କରିଥିଲେ । ଯେଉଁ ଲେଖା ଗୁଡ଼ିକରୁ ପାଠକମାନେ ଘଟଣା ନେଇ ଜାଣିପାରୁଥିଲେ କିନ୍ତୁ ଯାଞ୍ଚରେ କଟାଯାଇ ପାରୁନଥିଲା । ଜରୁରୀକାଳୀନ ସମୟରେ ପ୍ରଜାତନ୍ତ୍ରର ପ୍ରସାରଣ ବହୁଗୁଣ ବଢ଼ି ଯାଇଥିଲା । ତାଙ୍କର ଲେଖାର ଶୈଳୀ ଓ ସହ ସମ୍ପାଦକମାନଙ୍କ ସହଯୋଗରେ ଖବରମାନ ପ୍ରକାଶ କରି ସେହି ସମୟର ସଠିକ ଖବର ପ୍ରଜାତନ୍ତ୍ରରେ ପ୍ରକାଶ ପାଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆଦର ଲାଭ କରିଥିଲା ।

ବ୍ୟକ୍ତିଗତ ଭାବେ ମୋ ସହ ସୁସମ୍ପର୍କ ଥିଲା । ପଣ୍ଡିତ ଯୁଗଳ କିଶୋର ପାଣିଗ୍ରାହୀଙ୍କ ଅନୁରୋଧରେ ବହୁବାର ପାରଳାଖେମୁଣ୍ଡିକୁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଏଠିକାର ସମସ୍ୟା ନେଇ ପ୍ରଜାତନ୍ତ୍ରରେ ପ୍ରକାଶ କରୁଥିଲେ । ପ୍ରଜାତନ୍ତ୍ର ପରିସର ଭିତରେ ଥିବା ତାଙ୍କରି ଘରକୁ ଯାଇଛି । ଥରେ ପାରଳାଖେମୁଣ୍ଡି ଆସିଥିବା ବେଳେ ମୋ ଘରେ ଆତିଥ୍ୟ ଗ୍ରହଣ କରିଥିଲେ ।

୧୯୭୮ ସାଲରେ ପାରଳାଖେମୁଣ୍ଡି ଆସିଥିବା ଅବସରରେ ଆନ୍ଧ୍ରପ୍ରଦେଶର ଓଡ଼ିଆ ଶିକ୍ଷା ବ୍ୟବସ୍ଥା ଜାଣିବା ସକାଶେ ସୋମପେଣ୍ଠ ଯାଇଥିଲେ । ତାଙ୍କ ସହ ମୁଁ ଯାଇଥାଏ । ସେଠିକାର ଅଧ୍ୟାପିକା ପଟ୍ଟନାୟକ (ପୂରାନାମ ମନେ ପଡୁନି)ଙ୍କ ସହ ଆଲୋଚନା କରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଲୋକମାନଙ୍କ ଶିକ୍ଷା ବ୍ୟବସ୍ଥା ନେଇ ବିବରଣୀ ସଂଗ୍ରହ କରିଥିଲେ । ସେହି ବର୍ଷ ମତେ ପ୍ରଜାତନ୍ତ୍ରର ପାରଳାଖେମୁଣ୍ଡି ଉପଖଣ୍ଡର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ମନୋନୀତ କରାଇଥିଲେ ।

ସେ ସମୟରେ ସମ୍ବାଦ ପ୍ରେରଣ ପାଇଁ କେତେ ଜଣ ସାମ୍ବାଦିକଙ୍କୁ ମାସିକ ନିର୍ଦ୍ଦିଷ୍ଟ ଟଙ୍କା ଦେଉଥିଲେ । ମୋ ସକାଶେ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲି । ଡ. ହରେକୃଷ୍ଣ ମହତାବଙ୍କୁ ଦେଖା କରିବାକୁ କହିଲେ । ଭୁବନେଶ୍ୱର ଯାଇ ଏକାମ୍ର ନିବାସରେ ଡ଼ଃ. ମହତାବଙ୍କ ସହ ସାକ୍ଷାତ କରିଥିଲି ।

ତାଙ୍କର ଉତ୍ତର ଥିଲା ଆମେ ଭାରତର ସ୍ୱାଧିନତା ପାଇଁ ସଂଗ୍ରାମ କରୁଥିଲୁ । ଏଥିରେ କାହାଠାରୁ ଅର୍ଥ ପାଇବା ଆଶା କରୁନଥିଲୁ । ତୁମେ ତୁମ ଅଞ୍ଚଳ କାର୍ଯ୍ୟ କରିବାକୁ ବାହାରିଛ । ନିଃସ୍ୱାର୍ଥ ଭାବେ ଅଞ୍ଚଳ ସକାଶେ କାମ କର ଜନସାଧାରଣ ସହାୟତା କରିବେ । ପ୍ରଜାତନ୍ତ୍ରର ଏଜେଣ୍ଟ ଭାବେ ବିଜ୍ଞାପନର କମିଶନ ଜୀବନ ବୀମା ଏଜେଣ୍ଟ ଓ ମୋର ପେନସନ ଟଙ୍କାରେ ଭଲ ଭାବେ ଚଳି ସାମ୍ବାଦିକତା କରୁଥିଲି । ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଖବର ପ୍ରକାଶ କରାଇବା ଦ୍ୱାରା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାମ ହୋଇପାରୁଥିଲା ।

୧୯୮୨ ବ୍ରହ୍ମପୁରରୁ ଦୈନିକଆଶା ପ୍ରକାଶ ପାଇଲା । ଶ୍ରୀହର୍ଷ ମିଶ୍ର ସମ୍ପାଦକ ଭାବେ ଯୋଗ ଦେଲେ । ଦୈନିକଆଶାକୁ ସମ୍ବାଦ ଲେଖିବାକୁ କହିଲେ । ମୁଁ ନିୟମିତ ଭାବେ ସମ୍ବାଦ ପ୍ରେରଣ କରୁଥିଲି । ଦୈନିକଆଶାର ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ସମୟରେ ହୃଦଘାତ ଜନିତ ରୋଗରେ ପ୍ରାଣତ୍ୟାଗ କରିଥିଲେ ।

ପାରଳାଖେମୁଣ୍ଡି, **ଗଜପତି**

◆◆◆

Source: KC Dash, Digitized by PPRACHIN, SOA

ସ୍ୱାଧୀନଚେତା ଶ୍ରୀହର୍ଷ ମିଶ୍ର

ଡ. ବିମଳ ପ୍ରସାଦ ପଟ୍ଟନାୟକ

ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱାଧୀନଚେତା ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ପରାଧୀନତାର ଗ୍ଲାନିରେ ଜର୍ଜରିତ ଓଡ଼ିଆ ଜାତିର ବୁକୁଫଟା ଚିତ୍କାର ଭିତରେ ଶ୍ରୀର୍ଷବାବୁଙ୍କ ଜନ୍ମଜାତକ ପ୍ରସ୍ତୁତ ହୁଏ । ଅଶାନ୍ତି ଅନୁତପ୍ତ, ହା-ହୁତାଶ ସମୟ ଜାତୀୟତାର ପ୍ରଚ୍ଛନ୍ନ ପ୍ରଭାବ ସେ ବାଲ୍ୟାବସ୍ଥାରେ ଉପଲବ୍ଧି କରିଥିଲେ । ତାଙ୍କ ଚେତନାର ସ୍ତରମାନ ଘୋର ଦୁର୍ବିପାକ ଦେଇ ନିଷ୍ଠା ଓ ଆଦର୍ଶର ବ୍ରତ ନେଇଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ଦେଶ ସ୍ୱାଧୀନତାରେ ଯେଉଁ ମହାନ ବ୍ୟକ୍ତିମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ନିଜ ମାତୃକାକୁ ବିଦେଶ କବଳରୁ ମୁକ୍ତ କରିବା ପାଇଁ ଶପଥ କରିଥିଲେ । ସେମାନଙ୍କ ମଧ୍ୟରେ ବିଂଶ ଶତାବ୍ଦୀର ପ୍ରାକ୍ କାଳରେ ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ଅଞ୍ଚଳର ଚାମୁଣ୍ଡା ନାମକ ଏକ ନିପଟ ମଫସଲ ଗ୍ରାମରେ ୧୬ ଜୁନ ୧୯୧୭ ମସିହାରେ ପିତା ରାମଚନ୍ଦ୍ର ମିଶ୍ର ଓ ମାତା ଜେମା ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ଶ୍ରୀହର୍ଷଙ୍କ ଜନ୍ମ ଥିଲା ଏକ ଆଦର୍ଶ ବ୍ରାହ୍ମଣ ପରିବାରରେ । ୧୯୨୪ ମସିହାରେ ଏକ ଗ୍ରାମ୍ୟ ପାଠଶାଳାରେ ନାମ ଲେଖାଇଥିଲେ । ମାତ୍ର ଦୁର୍ଭାଗ୍ୟକୁ ୧୯୨୭ ମସିହାରେ ଶ୍ରୀହର୍ଷ ବାବୁ ତାଙ୍କ ପିତାଙ୍କୁ ହରାଇଥିଲେ । ସେ ଥିଲେ ପରିବାରର ଜ୍ୟେଷ୍ଠ ସନ୍ତାନ, ତା ସହ ଦୁଇ କନିଷ୍ଠ ଭଉଣୀ ଏକ ଭ୍ରାତା ମଧ୍ୟ ଯେହେତୁ ପରିବାରର ମୁଖ୍ୟ ହିସାବରେ ସବୁକିଛି ତାଙ୍କରି ଉପରେ ନ୍ୟସ୍ତ ରହିଲା । ତେଣୁ ୧୯୨୭ ମସିହାରେ ଶ୍ରୀହର୍ଷବାବୁ ଶିକ୍ଷାଲାଭରୁ ବଞ୍ଚିତ ହେଲେ । ପୁଣି ୧୯୨୯ ମସିହାରେ ଶ୍ରୀହର୍ଷ ବାବୁ ପୁନଃ ଶିକ୍ଷାଲାଭ ପାଇଁ ପାରଳାଖେମୁଣ୍ଡି ନିକଟସ୍ଥ ଚିଙ୍ଗୁଡ଼ି ଶାସନରେ ଅବସ୍ଥାନ କରି ପୁଣି ଏକ ମଠରେ ଖାଦ୍ୟ ଗ୍ରହଣ କରି ନିକଟ ସମ୍ପର୍କୀୟକଙ୍କ ସହଯୋଗରେ ପୁଣି ଶିକ୍ଷାକୁ ଆଦରି ନେଇଥିଲେ । ମାତ୍ର ୧୩ ବୟସରେ ପାରଳାଖେମୁଣ୍ଡିରେ ଶିକ୍ଷାଲାଭ କରିବା ସମୟରେ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ସେହି ଦିନଟି ଥିଲା ୧୩ ଏପ୍ରେଲ ୧୯୩୦ ମସିହା ପବିତ୍ର ମକର ସଂକ୍ରାନ୍ତି । ସେତେବେଳେ ଶ୍ରୀହର୍ଷବାବୁ ପ୍ରାପ୍ତବୟସ୍କ ହୋଇନଥିବାରୁ ସେ ବାନରସେନା ଗଠନ କରିଥିଲେ । ଏହି ସଂଗଠନକୁ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀମାନେ ସହଯୋଗ କରୁଥିଲେ । ସେମାନେ ହେଲେ ନିରଞ୍ଜନ ପଟ୍ଟନାୟକ, ବିଶ୍ୱନାଥ ଦାସ, ଶଶିଭୂଷଣ ରଥ, ସରଳା ଦେବୀ, ବନମାଳୀ ମହାରଣା, ଅନ୍ତର୍ଯ୍ୟାମୀ ପଣ୍ଡା, ଗୌରୀ ଶଙ୍କର ପଟ୍ଟନାୟକ ଇତ୍ୟାଦି । ଆନ୍ଦୋଳନକାରୀମାନେ ହୁମାର ଲୁଣ ଗୋଦାମ ଲୁଟ କରିବା ପାଇଁ ଯୋଜନା କରି ବରିଷ୍ଠ ନେତା ବିଶ୍ୱନାଥ ଦାସ ଏବଂ ନିରଞ୍ଜନ ପଟ୍ଟନାୟକ ପ୍ରଥମେ ବ୍ରିଟିଶ ପୋଲିସ ଦ୍ୱାରା ଗିରଫ ହେଲେ । ତା ପରେ ବନମାଳୀ ମହାରଣାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଚାଲୁ ରହିଲା । ଉକ୍ତ ସତ୍ୟାଗ୍ରହକୁ ଅନ୍ୟ ଭାବରେ ବିଚାର କରୁଥିଲେ ଲିଙ୍ଗରାଜ ପାଣିଗ୍ରାହୀ ଓ ଅନନ୍ତ ତ୍ରିପାଠୀ ଶର୍ମା । ପ୍ରାୟ ପାଞ୍ଚ ହଜାର ସତ୍ୟାଗ୍ରହୀ ମଧ୍ୟରେ ଏକ ହଜାର ଥିଲେ କେବଳ ମହିଳା ସତ୍ୟାଗ୍ରହୀ । ପୋଲିସ ଦ୍ୱାରା ଦଳପତି ସହ ଶ୍ରୀହର୍ଷବାବୁଙ୍କୁ ମଧ୍ୟ ଗିରଫ କରି ଚିଙ୍ଗଲପେଟା ରିଫାରମେଟରୀ ଜେଲକୁ ଦୁଇ ବର୍ଷ ପାଇଁ ପଠାଇ ଦିଆଗଲା । ମାତ୍ର ଚାରିଶହ ସତ୍ୟାଗ୍ରହୀ ଗାନ୍ଧିଜୀଙ୍କ ଆରଓ୍ୱିନ ସନ୍ଧି ଅନୁଯାୟୀ ମୁକ୍ତି ପାଇଥିଲେ । ୧୪ ଜାନୁଆରୀ ୧୯୩୧ ମସିହାରେ ଶ୍ରୀହର୍ଷବାବୁ ଜେଲରେ ଥିବା ବେଳେ ତାଙ୍କୁ ନିର୍ଦ୍ଦେଶ ହୋଇଥିଲା ଯେ ମିସ୍ ମେରୀ ଏବଂ ରାଜା ୫ମ ଜର୍ଜଙ୍କ ଆଗମନ ସମୟରେ ରାଜାଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ମାତ୍ର ଜେଲର ମହୋଦୟଙ୍କ ନିର୍ଦ୍ଦେଶ ଅବମାନନା କରିବାରୁ ତାଙ୍କୁ ହୋଇଥିଲା ପ୍ରବଳ ପ୍ରହାର । ତତ୍ ସଙ୍ଗେ ସଙ୍ଗେ ତାଙ୍କୁ ଲୁଣ ନ ପଡ଼ିଥିବା ଖାଦ୍ୟ ଏବଂ ପିନ୍ଧିବା ପାଇଁ ଝୋଟ ଅଖା କପଡ଼ା ଯୋଗାଇ ଦିଆଯାଇଥିଲା । ତା ସହ ହୋଇଥିଲା ପୋଲିସର ଅତ୍ୟାଚାର । ବନ୍ଦୀଶାଳାରୁ ମୁକ୍ତ ହେବା ପରେ ଶ୍ରୀହର୍ଷବାବୁ ବଡ଼ଗଡ଼ ଓ ସୋରଡ଼ାରେ ଆଇନ ଅମାନ୍ୟର ନେତୃତ୍ୱ ନେଇଥିଲେ । ତା ପରେ ପୋଲିସ ଦ୍ୱାରା ଗିରଫ ହୋଇ ବ୍ରହ୍ମପୁର ଜେଲରେ ୧୪ ଜାନୁଆରୀ ୧୯୩୨ ମସିହାରେ ୬ ମାସ ପାଇଁ ବନ୍ଦୀ ହେଲେ ଏବଂ ଜୋରିମାନା ହେଲା ୨୦୦ (ଦୁଇଶହ) ଟଙ୍କା । ଶ୍ରୀହର୍ଷ ମିଶ୍ର ବନ୍ଦୀରୁ ମୁକ୍ତ ହେବା ପରେ ଆନ୍ଦୋଳନକୁ ଜୋରସୋରରେ ତ୍ୱରାନ୍ୱିତ କଲେ । ଫଳରେ ୨୬ ଅଗଷ୍ଟ ୧୯୩୨ ମସିହାରେ ପୁଣି ବନ୍ଦୀ ହୋଇ କଟକ ଜେଲରେ ରହିଲେ । ପୁନଶ୍ଚ ପାଟନା ଜେଲକୁ ସ୍ଥାନାନ୍ତରିତ ହୋଇଥିଲେ । ଦକ୍ଷିଣ ଓଡ଼ିଶାର ନେତୃତ୍ୱର କର୍ଣ୍ଣଧାର ଶ୍ରୀହର୍ଷ ହେଲେ ବ୍ରିଟିଶ ସରକାର ଏବଂ ପୋଲିସର ମୁଣ୍ଡବ୍ୟଥାର କାରଣ । ବ୍ରିଟିଶ ସରକାର

Source: KC Dash, Digitized by PPRACHIN, SOA

ଏହି ଆନ୍ଦୋଳନକୁ ଚପାଇ ଦେବା ପାଇଁ ଚେଷ୍ଟା କଲେ । ପୁଣି ୨୩ ଜାନୁଆରୀ ୧୯୩୩ ମସିହାରେ ପୁଣି ବନ୍ଦୀ ହେଲେ ଶ୍ରୀହର୍ଷବାବୁ । ମାତ୍ର ମାତା ଜେମାଦେବୀ ଯେତେବେଳେ ସର୍ତ୍ତମୂଳକ ନିବେଦନ କଲେ । ବ୍ରିଟିଶ ସରକାର ମା'ଙ୍କ ନିବେଦନ ରକ୍ଷାକରି ମୁକ୍ତି କଲା । ସେତେବେଳେ ସ୍ୱାଧୀନ ଚେତା ଶ୍ରୀହର୍ଷ ତ୍ରିରଙ୍ଗା ପତାକା ସହ ବନ୍ଦେ ମାତରମ ଧ୍ୱନି ସହ ରାସ୍ତା ଅତିକ୍ରମ କରି ନିଜ ଗାଁରେ ପହଞ୍ଚିଥିଲେ । ପୋଲିସର ବାରଣକୁ ତିଳେମାତ୍ର ଭ୍ରୂକ୍ଷେପ କରୁନଥିଲେ । ସେ ଗଞ୍ଜାମ ଜିଲାରେ ବ୍ରିଟିଶ ସରକାର ବିରୋଧି କାର୍ଯ୍ୟକଳାପ, ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ବ୍ରିଟିଶ ସରକାର ପୁନଶ୍ଚ ବନ୍ଦୀ କରି କଟକ ଜେଲକୁ ପଠାଇ ଦେଇଥିଲେ । ସେଠାରୁ ପୁଣି ରାଜମହେନ୍ଦ୍ରୀକୁ ସ୍ଥାନାନ୍ତରିତ ହୋଇ ୧୯୩୪ ମସିହାରେ ମୁକ୍ତ ହେଲେ । ଶ୍ରୀହର୍ଷବାବୁ ଥିଲେ ଜଣେ ବିଶିଷ୍ଟ ସମାଜସେବୀ । ଯେତେବେଳେ ସେ ବନ୍ଦୀଶାଳାରୁ ମୁକ୍ତ ହୋଇଥିଲେ ସେ ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ ସହ ସମାଜସେବାରେ ତଥା ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟରେ ବହୁ ସମୟ ବିତାଉଥିଲେ ଏବଂ ତହିଁରୁ ପାଉଥିଲେ ପରମ ଆନନ୍ଦ । ଏହି କାର୍ଯ୍ୟରେ ତାଙ୍କରି ସହଯୋଗୀ ଥିଲେ ଲିଙ୍ଗରାଜ ମିଶ୍ର, ପ୍ରାଣକୃଷ୍ଣ ପଢ଼ିଆରୀ, ସତ୍ୟନାରାୟଣ ସେନାପତି, ଆଦିତ୍ୟ ବଲ୍ଲଭ ରାଏ ଇତ୍ୟାଦି । କିଛିଦିନ ପାଇଁ ଶ୍ରୀହର୍ଷବାବୁ ଆଲ୍ଲାହାବାଦ ଠାରେ କଂଗ୍ରେସ କାର୍ଯ୍ୟାଳୟରେ ଜାତୀୟତା ଭାବର ଜ୍ଞାନ ଆହରଣ କରିବାର ସୁଯୋଗ ମିଳିଲା । ସେ ରହିଲେ ନେହେରୁଙ୍କ ଆନନ୍ଦ ଭବନରେ । ସେଠାରେ ବହୁ ଜାତୀୟ ସ୍ତରୀୟ ନେତା ମୋତିଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଲାଲ ବାହାଦୁର ଶାସ୍ତ୍ରୀ ଓ ସରୋଜିନୀ ନାଇଡୁ ଇତ୍ୟାଦିଙ୍କ ସଂସ୍ପର୍ଶରେ ଆସିଥିଲେ । ଆନନ୍ଦ ଭବନରେ ରହଣି ସମୟରେ ସେ "ଓ୍ୱାର୍ଦ୍ଧା" ଯାଇ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରିବା ସୁଯୋଗ ପାଇଥିଲେ ଏବଂ ସାବରମତୀ ଆଶ୍ରମରେ ସନ୍ଥ ବିନୋବା ଭାବେଙ୍କୁ ମିଶି ନିଜ ଜୀବନକୁ ଧନ୍ୟ ମନେ କରିଥିଲେ । ଶ୍ରୀହର୍ଷବାବୁ ଆଲ୍ଲାହାବାଦରୁ ଫେରିବା ପରେ ଗଞ୍ଜାମ ଜିଲା କଂଗ୍ରେସ କମିଟିର ସଭାପତି ଦିବାକର ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ । ସେତେବେଳେ ଶ୍ରୀହର୍ଷବାବୁ ଜାତୀୟତାବାଦ ଉପରେ ବହୁତ ଅନୁଭୂତି ଓ ତାଲିମ ପାଇଥିଲେ । ତାହାକୁ ଗ୍ରାମାଞ୍ଚଳରେ ଉପସ୍ଥାପନ କରି ଲୋକମାନେ ଯେପରି ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଅବଗତ ପାଇଁ ପ୍ରେରିତ ହୋଇଥିଲେ । ପ୍ରକୃତରେ ଶ୍ରୀହର୍ଷବାବୁ ଥିଲେ ଜଣେ ଜ୍ଞାନୀ, ଗୁଣୀ ତଥା ମନୁଷ୍ୟମାନଙ୍କୁ ଭଲ ପାଉଥିବା ବ୍ୟକ୍ତିତ୍ୱଟିଏ । ସେ ବହୁ ଭାଷା ଯଥା ଇଂରାଜୀ, ହିନ୍ଦୀ, ବଙ୍ଗଳା, ସଂସ୍କୃତ, ତେଲୁଗୁ ଇତ୍ୟାଦି ଭାଷାର ଅଧିକାରୀ ଥିଲେ । ସେହି ଭାଷାଗୁଡ଼ିକୁ ସେ ବନ୍ଦୀ ଜୀବନ କଟାଇବା ସମୟରେ ଶିକ୍ଷାଲାଭ କରିଥିଲେ । ଏତଦବ୍ୟତୀତ ସ୍ୱତନ୍ତ୍ର ଓଡ଼ିଆ ଭାଷା ଭିତ୍ତିକ ରାଜ୍ୟ ଗଠନରେ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଓଡ଼ିଆ ଭାଷାକୁ ଜୀବନର ବ୍ରତ ରୂପେ ବିବେଚନା କରୁଥିବା ବ୍ୟକ୍ତି ଥିଲେ ଶଶିଭୂଷଣ ରଥ । ଯାହାଙ୍କ ଚେଷ୍ଟାରେ ପ୍ରକାଶ ପାଉଥିଲା ପ୍ରଥମ ଓଡ଼ିଆ ଖବରକାଗଜ ଆଶା । ତାଙ୍କରି ସହ ସାକ୍ଷାତ ଘଟିଥିଲା ୧୯୧୩ ମସିହା ବ୍ରହ୍ମପୁର ସହରରେ । ସେହି ପତ୍ରିକାରେ ଶ୍ରୀହର୍ଷବାବୁଙ୍କ ବହୁ ଉପାଦେୟ ଲେଖାମାନ ପ୍ରକାଶ ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସ ପୁରା ସାମରିକ ସାହାଯ୍ୟ ଇଂଲଣ୍ଡକୁ ଦେଇଥିଲା । ଏହି କାର୍ଯ୍ୟକୁ ଶ୍ରୀହର୍ଷ ବାବୁଙ୍କର ପସନ୍ଦ ନଥିଲା । ଯେତେବେଳେ ନେତାଜୀ ସୁଭାଷ ଘୋଷଣା କଲେ ଯେ- 'Give me blood, I will give freedom.' ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଗଞ୍ଜାମ ଜିଲା ଜାତୀୟ କଂଗ୍ରେସର ସଭାପତି ଦିବାକର ପଟ୍ଟନାୟକ ନିଜ ପଦବୀରୁ ଇସ୍ତଫା ଦେଇ ନେତାଜୀଙ୍କ ଫାରୱାର୍ଡ ବ୍ଲକରେ ଯୋଗଦାନ କଲେ ଶ୍ରୀହର୍ଷବାବୁଙ୍କ ପ୍ରଚେଷ୍ଟାରେ ଗୋପାଳପୁର ଠାରେ ୧୯୩୮ ମସିହାରେ ଆଜାଦ ହିନ୍ଦ ବାହିନୀ ଗଠନ କରାଯାଇଥିଲା । ନିଜର ବିଧବା ମା'ଙ୍କ ଅନୁରୋଧ ରକ୍ଷା କରି ଶ୍ରୀହର୍ଷବାବୁ ମୈଥିଳୀ ଦେବୀ ନାମ୍ନୀ ଜଣେ ମହିଳାଙ୍କୁ ୧୯୪୦ ମସିହାରେ ବିବାହ ହୋଇଥିଲେ । ଶ୍ରୀହର୍ଷବାବୁ ଜଣେ ଉଚ୍ଚକୋଟୀର ଲେଖକ ଥିଲେ । ସେ ଲେଖିବାକୁ ବହୁ ସମୟ ପାଉଥିଲେ ବନ୍ଦୀଶାଳାରେ । ସେ ଦୁଇଗୋଟି ଶ୍ରେଷ୍ଠ ପୁସ୍ତକ ଯଥା-ପଶ୍ଚିମ ଦିଗନ୍ତ ଏବଂ ବିପୁଳାଚ ପୃଥିବୀ । ବହି ଗୁଡ଼ିକ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନର ସ୍ନାତକ ଶ୍ରେଣୀରେ ପଢ଼ା ଯାଉଛି । ଏତଦବ୍ୟତୀତ ଅନେକଗୁଡ଼ିଏ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ଯଥା-ସ୍ୱାଧୀନତାର ଜୟଯାତ୍ରା, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ବ୍ରିଟିଶ ଶାସନର ଚକ୍ର ତଳେ ଇତ୍ୟାଦି । ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଶଶିଭୂଷଣ ରଥଙ୍କ ଆଶା ପତ୍ରିକାରେ ସହ ସମ୍ପାଦକ ପରେ ୧୯୪୮ ମସିହାରେ ସମାଜର ସହ ସମ୍ପାଦକ ପଦବୀ ସହ ୧୯୫୮-୧୯୬୪ ମସିହା ଯାଏଁ ସମାଜର ସମ୍ପାଦକ ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୬୭-୧୯୮୧ ଯାଏଁ ପ୍ରଜାତନ୍ତ୍ରର

Source: KC Dash, Digitized by PPRACHIN, SOA

ସମ୍ପାଦକ ଭାବେ ପଦ ମଣ୍ଡନ କରିଥିଲେ । ସେ ବିଜୁବାବୁଙ୍କ କଳିଙ୍ଗ ଓ ଝଙ୍କାର ପତ୍ରିକାରେ ମଧ୍ୟ ମୁଖ୍ୟ ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ପୁନଶ୍ଚ ଦୈନିକଆଶା ପତ୍ରିକାର ସମ୍ପାଦକ ରୂପେ କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ୮ ଏପ୍ରିଲ ୧୯୮୪ ମସିହା ଦିନ ୨ ଘଣ୍ଟ ୩୦ ମିନିଟରେ ବ୍ରହ୍ମପୁରସ୍ଥ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହାସପାତାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେ ସମୟରେ ମଧ୍ୟ ଶ୍ରୀହର୍ଷବାବୁ ବହୁ ବିଦେଶୀ ରାଷ୍ଟ୍ରକୁ ପରିଭ୍ରମଣରେ ଯାଇଥିଲେ ଯଥା- ଇଂଲଣ୍ଡ, ବାହମିନ, ଇରାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦି । ଶ୍ରୀହର୍ଷ ବାବୁ ଉଜ୍ଜ୍ୱଳ ଦୀପ-ଶିଖାଟି ଦୀର୍ଘ ୬୮ ବର୍ଷ ଆଲୋକ ରଶ୍ମି ପ୍ରଦାନ କରି ଓଡ଼ିଆ ଭାଷା, ଓଡ଼ିଆ ଜାତିର ଏକ ମାଇଲ ଖୁଣ୍ଟ ସଦୃଶ । ପୁଣି ଥିଲେ ଓଡ଼ିଆ ଜାତି ପାଇଁ ଏକ ପ୍ରେରଣାର ଉତ୍ସ । ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାମ୍ବାଦିକ, ଦେଶପ୍ରେମୀ, ଜାତିପ୍ରେମୀ ତଥା ସୁସାହିତ୍ୟିକ, ସ୍ତମ୍ଭକାର ଏବଂ ଜଣେ ନିର୍ଭୀକ ସମାଲୋଚକ । ତାଙ୍କରି ମୃତ୍ୟୁରେ ଓଡ଼ିଆ ଜାତି ଏକ ବଳିଷ୍ଠ କର୍ଣ୍ଣଧାରଙ୍କୁ ସବୁଦିନ ପାଇଁ ହରାଇଲା ।

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବଜାର ସାହି, ଧରାକୋଟ, ଗଞ୍ଜାମ

♦♦♦

ସଂଗ୍ରାମୀ ତଥା ବରିଷ୍ଠ ସମ୍ପାଦକ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ

ରାୟଗଡ଼ ପୌରପରିଷଦର ଅଭିନନ୍ଦନ

- ପୌର ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣାରେ କରନ୍ତୁ ।
- ପରିବେଶର ସୁରକ୍ଷା ପାଇଁ ଗୃହ ସମ୍ମୁଖରେ ବୃକ୍ଷରୋପଣ କରନ୍ତୁ ।
- ଜନ୍ମମୃତ୍ୟୁ ଓ ବିବାହ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ ।
- ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ନିଜ ନିଜର ସେପଟିକ ପାଇଖାନା ନିର୍ମାଣ ନିମନ୍ତେ ପଞ୍ଜିକୃତ ହୋଇ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପାଆନ୍ତୁ ଏବଂ ରାୟଗଡ଼ ସହରକୁ ଓଡିଏଫ ଘୋଷଣାରେ ସାହାଯ୍ୟ କରନ୍ତୁ ।
- ପାଇଖାନାର ବର୍ଜ୍ୟବସ୍ତୁ (ମାନବ ସୟଳ) ସର୍ବସାଧାରଣ ନର୍ଦ୍ଦମାରେ ଛାଡ଼ନ୍ତୁ ନାହିଁ । ଏହାଦ୍ୱାରା ଆଇନୁଯାୟୀ ଦଣ୍ଡିତ ହେବେ ।
- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶମୂଳକ କାର୍ଯ୍ୟରେ ଲଗାଯାଇଥାଏ, ଏଣୁ ଟିକସ ଆଦାୟକାରୀକୁ ସାହାଯ୍ୟ କରନ୍ତୁ । ୦୧.୦୪.୧୮ ଠାରୁ ୩୦.୪.୧୮ ପର୍ଯ୍ୟନ୍ତ ଏବଂ ୦୧.୦୫.୧୮ ଠାରୁ ୩୧.୦୫.୧୮ ମଧ୍ୟରେ ଟିକସ ଡିପୋଜିଟ କରି ଯଥାକ୍ରମେ ୧୫% ଓ ୭% ଟିକସ ରିହାତି ପାଆନ୍ତୁ ।
- ପଲିଥିନ ବ୍ୟବହାର ନ କରି ପ୍ରଦୂଷଣ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ ।
- ରାସ୍ତାଘାଟରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନରେ ପକାନ୍ତୁ । ରାସ୍ତାରେ ବାଲି ଓ ଇଟା ରଖନ୍ତୁ ନାହିଁ ।

ଶ୍ରୀମତୀ ଶାନ୍ତିପ୍ରଭା ପ୍ରଧାନ	ଡ଼ଃ. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର	ଶ୍ରୀମତୀ ଭି. ଗୌରୀ ଜୟନ୍ତୀ
କାର୍ଯ୍ୟନିର୍ବାହୀ ଅଧିକାରୀ	ଉପାଧ୍ୟକ୍ଷ	ଅଧ୍ୟକ୍ଷା
ରାୟଗଡ଼ ପୌରପରିଷଦ	ରାୟଗଡ଼ ପୌରପରିଷଦ	ରାୟଗଡ଼ ପୌରପରିଷଦ

ଏବଂ ସମସ୍ତ ପାରିଷଦର ବୃନ୍ଦ, ରାୟଗଡ଼ ପୌରପରିଷଦ, ରାୟଗଡ଼ା

Source: KC Dash, Digitized by PPRACHIN, SOA

ଶ୍ରୀହର୍ଷମିଶ୍ରଙ୍କ ସୃଷ୍ଟିଥିଲା ଅଲୌକିକ ଓ ଜୀବନ ଅବିନଶ୍ୱର

ଉମାଶଙ୍କର ପ୍ରସାଦ

ବର୍ଷ ପରେ ବର୍ଷ କାଳର କରାଳ କବଳରେ ଗ୍ରାସ ହୋଇଯାଏ । ସମୟର ଅପ୍ରତିହିତ ନିରବିଚ୍ଛିନ୍ନ ଗତିଧାରାର ପ୍ରଖର ସ୍ରୋତରେ ଏହି କ୍ଷଣଭଙ୍ଗୁର ଜଡ ଜଗତର ସମସ୍ତ ସୃଷ୍ଟି ବସ୍ତୁତାର ସ୍ଥୁଳସତ୍ତା ହରାଇବସେ; କିନ୍ତୁ ତ୍ୟାଗୀ, ନିଷ୍ପାପର ଦେଶ ସେବକ, ତପସ୍ୱୀ ଓ ମହାତ୍ମା ପୁରୁଷର ନିଷ୍ପାପ ନିତ୍ୟଶୁଦ୍ଧମୁକ୍ତ ଅମର ଆତ୍ମାରମହାନ ତେଜଚିରକାଳ ଦେଶର ଓ ସମାଜର ପ୍ରତି ଅଣୁ ପରମାଣୁରେ ମଧ୍ୟ ପରିବ୍ୟାପ୍ତ ହୋଇ ଚିର ଭାସ୍ୱରାଲୋକରେ ସୃଷ୍ଟିକୁଉ ଭାସିତକରେ। ସଂସ୍କୃତରେ ସେଇଥିପାଇଁ କଥିତ ଅଛି "କୀର୍ତ୍ତିର୍ଯସ୍ୟସଃଜୀବତି" । ଉକ୍ତ ବିଷୟର ପୃଷ୍ଠଭୂମୀକୁ ଉପଜୀବ୍ୟ କରି ଏକଦା ପାଶ୍ଚାତ୍ୟ ମନୀଷୀଲଙ୍ଗ ଫେଲୋ ଲେଖିଥିଲେ: "LIVES OF GREAT MAN ALL REMI ND US, WE CAN MAKE OUR LIVE SUBLIME"

ମହାନ ବ୍ୟକ୍ତିମାନଙ୍କର ଜୀବନ ଧାରାର ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରି ଆମେ ଆମର ଜୀବନକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବା। ସୃଷ୍ଟିର ଅନାଦି କାଳରୁ ସାହିତ୍ୟ ଚିରଜାଜ୍ଜୁଲ୍ୟମାନ, ସୃଷ୍ଟିର ନିରନ୍ଧ୍ର ଅନ୍ଧକାରକୁ ବିଦୁରିତ କରି ମାନବ ଜୀବନକୁ ସରସ, ସୁନ୍ଦର, ସାବଲୀଳ କରି ଗଢିତୋଳିବା ହିଁଏହାର ପରମ ତଥା ଚରମଲକ୍ଷ। ଏକଦା ଡକ୍ଟରଜନ୍‌ସନ୍ ଗଦ୍ୟ ସାହିତ୍ୟକୁ ବାଖ୍ୟା କରିବାକୁ ଯାଇ କହିଥିଲେ"ଗଦ୍ୟ ହିଁ ହୁଗୁଳାମନର ଏକ ଅନିୟମିତ ଅଭିବ୍ୟକ୍ତି"। ଅର୍ଥାତ "A LOSE SALLY OF MIND, AN IRREGULAR INDIGESTED PIECE NOR A REGULAR OR ORDERLY COMPOSITION"

ଚଳମାନ ସମୟର କ୍ରମବିକାଶକ୍ରମେ ବହୁ ଯୋଗଜନ୍ମାଙ୍କର ଲେଖନୀ ସ୍ପର୍ଶରେ ସାହିତ୍ୟ ହୋଇଥାଏ ରସାଳ। ତୁଷାର ପିଣ୍ଡରୁ ଯେପରି କଳକଳ ନିନାଦିନୀ ନିର୍ଝରିଣୀର ସୃଷ୍ଟି, ଶାମୁକାନ୍ତରାଳରୁ ଯେପରି ମୁକ୍ତାରତ୍ନର ସପ୍ତତ୍ତି, ସିଦ୍ଧାନ୍ତ ମଧ୍ଯରୁ ଯେପରି ଉପପାଦ୍ୟ ପରିସ୍ଫୁଟ ସେହିପରି ଶ୍ରୀହର୍ଷମିଶ୍ରଙ୍କର ଲେଖନୀ ଭ୍ରମଣ ସାହିତ୍ୟ କ୍ଷେତ୍ରରେ ବିଶ୍ୱପ୍ରେମ ଉଦ୍ଭାସିତ ଓ ଝଙ୍କୃତ।

ଓଡିଆ ଜାତି ପ୍ରତି ସେହି ସ୍ୱଚ୍ଛ ସାହିତ୍ୟ ଏକ ଚିର ଦୀପ୍ତିମନ୍ତ ଆଲୋକବର୍ତ୍ତିକା। ସେହି କୃତିରେ କେବଳ ଦୀପ୍ତି ନାହିଁ, ଅଛି ନୂତନତ୍ୱର ଦିଗ୍ ଦର୍ଶନ, ଅଛି ଅହିଂସା ଧର୍ମୀବୀର ପୁରୁଷର ରଣହୁଙ୍କାର, କର୍ମଯୋଗର ପ୍ରବୃଦ୍ଧ ସ୍ପନ୍ଦନ ଓ ଜାଗରଣ। ସାମ୍ପ୍ରଦିକତା ସହିତ ଚିରନ୍ତନ ସାହିତ୍ୟର ସମ୍ମେଳନ ଅଛି, ଆଶା ନୈରାଶର ଆଲୋକ ଛାୟା ଅଛି। ଜାତିର ସର୍ବତୋମୁଖୀଶ୍ରେୟବୋଧର କଲ୍ୟାଣ ଶ୍ରୀମଣ୍ଡିତ ଅଭିପ୍ରକାଶ ଅଛି ଏବଂ ଅଛି ଏକ ସୂତ୍ରରେ ଗ୍ରଥିତ ମଣିଗଣ ପରିମହାକାଳର ପ୍ରବହମାନ ଗତିଶୀଳତା। ଏହିଯୋଗଜନ୍ମା ଶ୍ରୀହର୍ଷ ମିଶ୍ର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ନିକଟସ୍ଥ ଏକ ପଲ୍ଲୀ ଗ୍ରାମ ଚାମୁଣ୍ଡା ମାଟିକୁ ପୁତ ପବିତ୍ର କରିବା ସହ ମାତା କ୍ଷେମା ଦେବୀ ଓ ପିତା ରାମଚନ୍ଦ୍ର ମିଶ୍ରଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ତାଙ୍କର ସ୍ୱାଧୀନ ଚେତା ମନୋଭାବର ଉଦ୍ଭାସିତ ହୋଇଥିଲା। ବାଲ୍ୟାବସ୍ଥାରେ ପିତାଙ୍କ ମୃତ୍ୟୁ ପରେ ସେ ନିଜର ମାମୁଁ ଘରେ ରହି ନିଜର ବିଦ୍ୟାଳୟ ଜୀବନ ଆରମ୍ଭ କରିଥିଲେ। ପାରଳାଖେମୁଣ୍ଡି ନିକଟବର୍ତ୍ତୀ ଚାଙ୍ଗୁଡି ଗ୍ରାମ ବିଦ୍ୟାଳୟରେ ଅଧ୍ୟୟନ ସମୟରେ ଦେଶ ପ୍ରିତୀର ଚରମ ନିଦର୍ଶନ ତାଙ୍କ ପାଖରେ ପ୍ରସ୍ଫୁଟିତ ହୋଇଥିଲା। ଦେଶର ସ୍ୱାଧୀନତା ଆହ୍ୱାନକୁ ଏଡାଇ ନପାରି ସେ ଶୈଶବାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ। ଆସ୍କାର ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନରେ ବ୍ରହ୍ମପୁରରେ ଯୋଗଦେଇ ୧୯୩୦ ମସିହା ଜୁନ ମାସରେ ହୁମା ଲୁଣ ଗୋଦାମରେ ଚଢଉ କରିବା ଅଭିଯୋଗରେ ଗିରଫ ହୋଇ ମାନ୍ଦ୍ରାଜର ଚିଙ୍ଗଲପେଟସ୍ଥିତ ରିଫର୍ମେଟରୀ ଜେଲରେ ବନ୍ଦୀଜୀବନ ବିତାଇଥିଲେ। ୧୯୩୦ ରୁ ୧୯୪୫ ଦୀର୍ଘ ୧୫ ବର୍ଷ ଭିତରେ ସେ ଦେଶ ପାଇଁ ଛଅଥର ଜେଲ ଜୀବନ କଟାଇଥିଲେ। ସେ କଦାକାଳକୁ କ୍ଷମତା ଲିପ୍ସୁ ନଥିଲେ ବାସ୍ୱାଧୀନତା ସଂଗ୍ରାମୀ ଭାବରେ ସେକେଭେହେଲେ ସରକାରଙ୍କ ଠାରୁ ରାଜନୈତିକ ଓ ଅର୍ଥନୈତିକ ଫାଇଦା ନ ନେଇଥିବା ବିରଳ ବ୍ୟକ୍ତିତ୍ୱ।

ସମାଜର ଦୁଇଟି ଆଗଧାଡିର ସମ୍ବାଦପତ୍ର"ସମାଜ" ଓ "ପ୍ରଜାତନ୍ତ୍ର"ର ସଂପାଦକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାସହିତ ଦେଶର ମହାନ ନେତା ତଥା ଓଡିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିଷ୍ଠିତ 'କଳିଙ୍ଗ' ଓ ବୀରେନମିତ୍ରଙ୍କର ପ୍ରତିଷ୍ଠିତ 'ଜନଶକ୍ତି'ରେ

Source: KC Dash, Digitized by PPRACHIN, SOA

ସଂପାଦକର କାର୍ଯ୍ୟକୁ ସୁଚାରୁ ଭାବେ ତୁଲାଇଥିଲେ। ଗଞ୍ଜାମର ବିଶିଷ୍ଟ ସାମ୍ବାଦିକ ତଥା ସ୍ୱାଧୀନତା ସଂଗ୍ରାମୀ ଶଶୀରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶା ପତ୍ରିକାରେ କାର୍ଯ୍ୟ ଆରମ୍ଭ କରି ପରେ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ଆଶାର ସଂପାଦକ ଭାବେ କାର୍ଯ୍ୟ ନିର୍ବାହ କରି ଉକ୍ତ ଖବରକାଗଜକୁ ଓଡ଼ଶାରେ ଲୋକପ୍ରିୟ କରାଇ ପାରିଥିଲେ। ସେ ଦେଶର ତଥା ବିଦେଶର ବିଭିନ୍ନ ସ୍ଥାନ ଭ୍ରମଣ ସମୟରେ ସେଠାକାର ଐତିହାସିକ ଓ ଭୌଗଳିକ ପରିବେଷର ନିଖୁଣ ଚିତ୍ର ସେ ତାଙ୍କର ସାହିତ୍ୟକୃତି "ପଶ୍ଚିମ ଦିଗନ୍ତ" ଓ "ବିପୁଳଚ ପୃଥ୍ୱୀ" ପୁସ୍ତକ ଦ୍ୱୟରେ ଚିତ୍ରଣ କରିଛନ୍ତି। ଅନ୍ୟାନ୍ୟ ସାହିତ୍ୟ କୃତି ତାଙ୍କର ଥିଲା। ବ୍ରିଟିଶ ଶାସନର ଚକ୍ରତଳେ, ସ୍ୱାଧୀନତାର ଜୟଯାତ୍ରା ଇତ୍ୟାଦି କାଳଜୟୀ ରଚନା। ନିଜ ମାତୃଭାଷା ଓଡିଆ ସହ ସେ ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ତେଲୁଗୁଭାଷାକୁ ମଧ୍ୟ କରାୟତ କରିଥିଲେ। ଅନେକ ପୁରସ୍କାର ପାଇବା ସହ ସେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ନୈଷ୍ଠିକ ବ୍ରାହ୍ମଣ ହୋଇ ମଧ୍ୟ ସେ ଜାତିବାଦକୁ ଭ୍ରୁକ୍ଷେପ ନକରି ମୈଥିଳୀ ଦେବୀ ନାମ୍ନି ଏକ କରଣ କନ୍ୟାକୁ ବିବାହ କରି ଏକ ଆଦର୍ଶ ସୃଷ୍ଟି କରିଥିଲେ। ଏହି ଯୋଗଜନ୍ମା କିମ୍ବଦନ୍ତୀ ପୁରୁଷ ୧୯୮୪ ମସିହା ଏପ୍ରଲ ୮ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ପରିଶେଷରେଏତିକି କହିବି ଶ୍ରୀହର୍ଷମିଶ୍ରଙ୍କର ସୃଷ୍ଟିଥିଲା ଅଲୌକିକ ଓ ଜୀବନ ଥିଲା ଅବିନଶ୍ୱର।

ବରିଷ୍ଠ ସମ୍ବାଦିକ ନବୀନ ତଥା ସଂପାଦକ ମାର୍ଗଦର୍ଶୀ, ଭଗତ ଲେନ, ଖୋର୍ଦ୍ଧା

♦♦♦

ପୌର ପରିଷଦ କାର୍ଯ୍ୟାଳୟ ହିଞ୍ଜିଳିକାଟୁ, ଗଞ୍ଜାମ

ତରୁଣ ସ୍ୱାଧୀନତା ସଂଗ୍ରାମୀ, ଶ୍ରେଷ୍ଠ ସାମ୍ବାଦିକ ଓ ସୁସାହିତ୍ୟିକ ସ୍ୱର୍ଗତ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଉଦଯାପନ ଉତ୍ସବ ଅବସରରେ ହିଞ୍ଜିଳିକାଟୁ ନୂତନ ପୌର ପରିଷଦ ପକ୍ଷରୁ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ସ୍ମୃତି ରକ୍ଷା ପାଇଁ ପୁରାତନ ବ୍ଲକ କଲୋନୀକୁ ଶ୍ରୀହର୍ଷ ମାର୍ଗ ନାମରେ ବହୁପୂର୍ବରୁ ନାମିତ କରିଥିବାର ଗୌରବାନ୍ୱିତ ।

ସମ୍ପ୍ରତି ହିଞ୍ଜିଳିକାଟୁ ପୌର ପରିଷଦ ଜନସେବା ପାଇଁ ୨୨ ଗୋଟି ନୂତନ ଯୋଜନାକୁ ରୂପାୟିତ କରିବା ନିମନ୍ତେ ସଂକଳ୍ପବଦ୍ଧ ଓ ଯଥାଶୀଘ୍ର ଭେଟି ଦେବା ପାଇଁ ଯାଉଛି....

୧. ନୂତନ ବସ ଟର୍ମିନାଲ ୨. ଅତ୍ୟାଧୁନିକ ଆମିଷ ବଜାର ୩. ପୋଖରୀ ହୁଡ଼ା ମାନଙ୍କରେ ଗୋଷ୍ଠୀ ଶୌଚାଳୟ ୪. ମାର୍କେଟ କମ୍ପ୍ଲେକ୍ସ ୫. ବାସହୀନ ମାନଙ୍କ ପାଇଁ ରାତ୍ରି ବିଶ୍ରାମାଗାର ୬. ଶ୍ମଶାନର ଉନ୍ନତିକରଣ ୭. ବୁଲା ବିକାଳିଙ୍କ ପାଇଁ ଭେଣ୍ଡିଙ୍ଗ ଜୋନ ୮. ୩ ଗୋଟି ମିନି କଲ୍ୟାଣ ମଣ୍ଡପ ୯. ବାସହୀନଙ୍କ ପାଇଁ ୨୦୦ ବାସଗୃହ ଯୋଗାଣ ୧୦. ପାଇଖାନା ନଥିବା ବାସଗୃହ ପାଇଁ ପାଇଖାନା ବ୍ୟବସ୍ଥା ୧୧. ସମସ୍ତ ଗୃହରୁ ଅଳିଆ, ଆବର୍ଜ୍ଜନା ଉଠାଣ ବ୍ୟବସ୍ଥା ୧୨. ସମସ୍ତ ରାସ୍ତା ଓ ନାଳ ନର୍ଦ୍ଦମା ପାଇଁ କଂକ୍ରିଟ କଭର ପ୍ଲେଟ ବ୍ୟବସ୍ଥା ୧୩. ଚାରିଗୋଟି ନୂତନ ଶିଶୁ ପାର୍କ ନିର୍ମାଣ ୧୪. ପରିତ୍ୟକ୍ତ ଆବର୍ଜ୍ଜନା ଓ ଅଳିଆକୁ କମ୍ପୋଷ୍ଟ ମେସିନ ଦ୍ୱାରା ଚାଷ ଉପଯୋଗୀ ସାରରେ ପରିଣତ ଓ ଉପଯୋଗୀ ୧୫. ବରିଷ୍ଠ ନାଗରିକ ମାନଙ୍କ ପାଇଁ ଚିତ ବିନୋଦର କେନ୍ଦ୍ର ନିର୍ମାଣ ୧୬. ଅତ୍ୟାଧୁନିକ ଅତିଥିଭବନ ନିର୍ମାଣ ୧୭. ନୂତନ କାର୍ଯ୍ୟାଳୟ ଓ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ୧୮. ଚାରିଗୋଟି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ୧୯. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ଥଇଥାନ ପାଇଁ ଋଣ ବ୍ୟବସ୍ଥା ୨୦ ଶିକ୍ଷିତ ବେକାର ମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ତାଲିମ ପ୍ରଦାନ ବ୍ୟବସ୍ଥା ୨୧. ବିଦ୍ୟୁତ ସଂଚୟ ପାଇଁ ସର୍ବତ୍ର ଏଲଇଡି ଲାଇଟ ପ୍ରବର୍ତ୍ତନ ୨୨. ପୌର ପରିଷଦ ପ୍ରବେଶ ଓ ନିର୍ଗମନ ପଥରେ ଚିତାକର୍ଷକ ତୋରଣ ପ୍ରତିଷ୍ଠା ।

ପରିଷଦର ବିକାଶରେ ଆପଣ ମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।

ସମସ୍ତ ପାରିଷଦଙ୍କ ସମେତ

ଶ୍ରୀସୁବାଷ ପଲେଇ
ଉପାଧକ୍ଷ
ପୌରପରିଷଦ, ହିଞ୍ଜିଳିକାଟୁ

ଶ୍ରୀମତୀ ଗୌରୀ ପାଣିଗ୍ରାହୀ
ଅଧକ୍ଷା
ପୌରପରିଷଦ, ହିଞ୍ଜିଳିକାଟୁ

Source: KC Dash, Digitized by PPRACHIN, SOA

ନିଷ୍କାମ କର୍ମଯୋଗୀ

ଡ. ମୃଣାଳ ଚାଟାର୍ଜୀ

ନିଷ୍କାମ କର୍ମଯୋଗୀ । ଏଇ ବିଶେଷଣଟି ଶ୍ରୀହର୍ଷ ମିଶ୍ରଙ୍କୁ ଯେମିତି ସାଜେ, ଓଡ଼ିଶାର ଆଉ କିଛିତ ଲୋକଙ୍କୁ ସେମିତି ମାନିବ ।

୧୯୩୦ରୁ ୧୯୪୫- ଏ ପନ୍ଦର ବର୍ଷ ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ସଂଶ୍ଲିଷ୍ଟ ଥିଲେ । ଏଥିରୁ ଛ ବର୍ଷ ତାଙ୍କର ବିଭିନ୍ନ ଜେଲ୍‌ରେ କଟିଛି । ବ୍ରହ୍ମପୁର, କଟକ, ପାଟନା ଓ ଦମ୍‌ଦମ୍ (କୋଲକାତା) ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିଲେ ସେ ।

୧୯୩୮ରେ ଶଶୀଭୂଷଣ ରଥଙ୍କ ପ୍ରତିଷ୍ଠିତ ଆଶା ଖବରକାଗଜରୁ ତାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ । ୧୯୩୮ରୁ ୧୯୮୪ରେ ତାଙ୍କର ଦେହାନ୍ତ ଯାଏଁ ୪୭ ବର୍ଷ ଧରି ଓଡ଼ିଶାର ପ୍ରମୁଖ ଖବରକାଗଜ ଗୁଡ଼ିକର ସମ୍ପାଦନା ସହିତ ଜଡ଼ିତ ଥିଲେ ସେ । ଏ ସମୟଖଣ୍ଡ ଭିତରେ ସେ ଆଶା, ସମାଜ, କଳିଙ୍ଗ, ଜନଶକ୍ତି, ପ୍ରଜାତନ୍ତ୍ର ଆଦି ପ୍ରମୁଖ ଓଡ଼ିଆ ଖବର କାଗଜ ଗୁଡ଼ିକର ସମ୍ପାଦକ ହୋଇଥିଲେ ।

ଶଶୀଭୂଷଣ ରଥ ଥିଲେ ଜଣେ କୁଶଳୀ ସାମ୍ବାଦିକ ଏବଂ ଆଦର୍ଶ ସମ୍ପାଦକ, ନିର୍ଭୀକ, ସ୍ପଷ୍ଟଭାଷୀ । କିନ୍ତୁ ନିନ୍ଦୁକ ନୁହନ୍ତି । ଗଠନମୂଳକ ସମାଲୋଚନା କେମିତି କରାଯାଏ ତାଙ୍କ ଲେଖା ତାର ଉଦାହରଣ । ଭାଷା ସାହିତ୍ୟରେ ଧୁରୀଣ ଥିଲେ ସେ କିନ୍ତୁ ଲେଖା ଥିଲା ସରଳ ।

ସାହିତ୍ୟ, ଇତିହାସ ଓ ଭ୍ରମଣ ସାହିତ୍ୟ କ୍ଷେତ୍ରରେ ସେ ବେଶ କେତେଖଣ୍ଡ ଉପାଦେୟ ବହି ଲେଖିଛନ୍ତି ।ଆଉ ଗୋଟେ କଥା । ସେ ଯାହା କହୁଥିଲେ ତାହା ନିଜ ଜୀବନରେ କରୁଥିଲେ । ତାଙ୍କର ବିଚାର ଆଉ ଆଚାର ଭିତରେ ପ୍ରଭେଦ ନଥିଲା । ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ସାମିଲ ଥିଲେ ବି ସ୍ୱାଧୀନତା ପରେ ସେ କ୍ଷମତାରେ ରହିବାକୁ ପସନ୍ଦ କରିନାହାନ୍ତି । ତାଙ୍କର ଘର ଖଣ୍ଡେ ବି ନଥିଲା । ସାରା ଜୀବନ ସେ ଖଦଡ଼ ଲୁଗା ପିନ୍ଧୁଥିଲେ । ଏକ ସରଳ, ନିରାଡ଼ମ୍ବର ଜୀବନ କଟାଉଥିଲେ । ଜାତିପ୍ରଥାର ବିରୋଧ କରୁଥିଲେ । ବ୍ୟକ୍ତିଗତ ଜୀବନରେ ମଧ୍ୟ ସେ ଏ ପ୍ରଥାର ବିରୋଧ କରି ବିବାହ କରିଥିଲେ ।ଶ୍ରୀହର୍ଷ ମିଶ୍ରଙ୍କୁ ଏ ଜାତି ଯେମିତି ଭାବେ ଯେତିକି ସମ୍ମାନର ସହିତ ମନେ ରଖିବା କଥା, ତାହା କରିପାରିନି । ଏହା ଏକ ଦୁର୍ଭାଗ୍ୟ । ତେବେ ଆଶ୍ୱସ୍ତିର କଥା ତାଙ୍କ ଜନ୍ମ ଶତବାର୍ଷିକୀ ଓଡ଼ିଶାର ସର୍ବପୁରାତନ ସାପ୍ତାହିକ ସମ୍ବାଦପତ୍ର 'ନବୀନ' ପକ୍ଷରୁ ପାଳନ କରାଯାଉଛି । ଏହି ଅବସରରେ ନବୀନ ପକ୍ଷରୁ ଶ୍ରୀହର୍ଷବାବୁଙ୍କ ଜନ୍ମ ଶତବାର୍ଷିକୀ ବିଶେଷାଙ୍କ ପ୍ରକାଶିତ ହେଉଛି । ଉଦ୍ୟୋକ୍ତା ମାନଙ୍କୁ ମୁଁ ଏଥିପାଇଁ ସାଧୁବାଦ ଜଣାଉଛି । ଜନ୍ମ ଶତବାଷିର୍କୀ ଅବସରରେ ଶ୍ରୀହର୍ଷ ମିଶ୍ରଙ୍କ ନାଁରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ବିଭାଗରେଏକ ଚେୟାର ପ୍ରତିଷ୍ଠା କରାଯିବା ଉଚିତ ହେବ ବୋଲି ମନେକରୁଛି ।

ଭାରତୀୟ ଜନସଂଚାର ସଂସ୍ଥାନର ପୂର୍ବାଞ୍ଚଳ ଶାଖା ନିର୍ଦ୍ଦେଶକ, ଢେଙ୍କାନାଳ, ଓଡ଼ିଶା

♦♦♦

'ନବୀନ'ର ୮୯ତମ ସ୍ୱନକ୍ଷତ୍ର ଦିବସ ଓ ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଆମର ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀ ଗଣପତି ସାହୁ

ବରିଷ୍ଠ ସମାଜସେବୀ

ପ୍ରତିଷ୍ଠାତା ସଙ୍କଟ ତାରାତାରିଣୀ ରାଇସ୍ ମିଲ

ରଘୁନାଥପୁର, ଜଗନ୍ନାଥପୁର, ଗଞ୍ଜାମ

Source: KC Dash, Digitized by PPRACHIN, SOA

Shreeharsa Mishra: A Freedom Fighter

Dr. P.C. Mohanty

Odisha is rich in giving birth to some of the eminent persons who create history in and outside the country. Shreeharsa Mishra was one among them Shreeharsa was born in a remote village named Chhamunda near Jagannath Prasad of Ganjam District on 16th June, 1917. Both the place of birth and the date of birth became remarkable for the baby who fought for the country in the war of independence of India. Ram Chandra Mishra and Jema Devi was his father and mother. The dedicated culture, disciplined behavior of the very conservative Brahmin family taught Shreeharsa to work selflessly for the motherland. Shreeharsa was admitted in the village school in 1924. But the misfortune came to him that he lost his father in 1927. Shreeharsa Mishra was the eldest son of his father and other two sisters and a brother also there in the family. On the demise of the *kartta,* the father of the family, all were shocked and so Shreeharsa left his schoo 1 studies for two years. Again in 1929, Shreeharsa was sent to Chingudi Sasan of Paralakhemundi Zamindari to continue his rest of school education, residing at one of the distant relations and taking food in a Math freely. During the study, on a response to the call of Mahatma Gandhi, he joined in the freedom struggle. He was only 13 years of age. He left the house on the Mahavishuba Sankranti i.e. on the 13th April, of 1930. Due to his tender age, he was not taken in the team of freedom fighter but Shreeharsa was taken in "Banar Sena" who were to assist the senior stragglers of independence. Shreeharsa Mishra at the first instance along with the team leaded by Niranjan Patnaik, Biswanath Das, Shashi Bhusan Rath, Sarala Devi, Banamali Moharana, Antaryami Panda, Gouri Sankar Patnaik all veteran congress workers Chalked out a plan to loot the salt godowns of Huma. Police arrested some of the leaders like Biswanath Das and Niranjan Patnaik in the first round. Then Balaram Maharana took the lead and continued Satyagraha of looting the Huma salt godown on June, 1930. Shreeharsa Mishra, Narsu Satapathy, Gouri Sankar Patnaik and Narasingh Sahu were in the team. The group was given indirect support by Lingaraj Panigrahi and Ananta Tripathy Sharma. Near about five thousand Satyagrahis including one thousand women strikers joined the rally. Police arrested the team members and sent to the Jail. Shreeharsa Mishra, Narsu Satapathy were sent them to Chingal Peta Reformatory Jail for two years. There were about four hundred such Satyagrahis who were released on Gandhi-Irwin pact after ten months of imprisonment on 14th Jan. 1931. In the Chingal Peta Reformatory Jail, Shreeharsa was asked to bow down his head and show respect to the images of Merry and King George Vth. Shreeharsa disobeyed the jailer, and for the disobedience he was beaten like anything, given food without salt and compelled to wear Jute gunny bag without the usual dress. After freed from the jail, Shreeharsa was sent to spread the message of freedom struggle, civil-disobedience in

Source: KC Dash, Digitized by PPRACHIN, SOA

Sorada and Badagada. During his visit, police again caught him and sent to Berhampur for six month on 14th Jan 1932, with a tine of Rs. 200/-. After released he worked with double spirit and such again arrested on 26th Aug 1932, and sent to Cuttackjail and then shifted to Patana camp jail to avoid local unrest. The Satyagrahis of South Orissa, especially the activities of Shreeharsa became the headache for the British Govt, as well as to the local police. The Government wanted to surpress the movement by torturing the activists in different ways. Police had listed many false allegations against Shreeharsa and again arrested him on 23 Jan, 1933. Shreeharsa had to spend this time in Cuttackjail. Once at the beginning of his carreer in freedom struggle, police arrested Shreeharsa and when requested by his mother Jema Devi to release the boy, police agreed to free the boy on the condition not to join the freedom fighters and to go silently without the slogan of "Bande Mataram". Mother Jemadevi agreed with the term and signed and got Shreeharsa with her after release. Shreeharsa after freed get a tri colour flag in his hand, uttered the national *mantra* of freedom fighters "Bande Mataram... Bande Mataram" throughout the way to his village without caring the police. Shreeharsa was very courageous. He was organizing many anti-government activities, civil disobedience movements and Satyagrahas in different regions of Ganjam and also in the State. So, police had an eye on his every activity. Government again arrested him and imprisoned him in Cuttackjail. But being pressurized on the local anti-government protest for release of their dear Shreeharsa, police shifted him secretly to Rajmahendry jail in the night. He was released from the said jail in 1934.

Shreeharsa was also a social worker. After release he went to serve the flood affected destitutes. He was a close associate of Lingaraj Mishra, Pran Krushna Padhiary, Satyanarayan Sengupta, Adwait Ballava Ray while serving the severe flood affected families of north and central Odisha. After some days Shreeharsa was sent to Allahabad congress office to work there and to gain lot of experience. The Allahabad Congress office was working at that time in the "Ananda Bhaban" the ancestral house of Nehru Family. This gave him a chance to work with all veteran congress men like Motilal Nehru, Jawaharlal Nehru, Sardar Ballavbhai Patel, Acharya Kripalini, Lalbahadur Shastri, SarojiniNaidu and others. Shreeharsa was feeling quite satisfied by coming in contact with these central leaders of the forum of Indian Congress. During stay at Allahabad, he got an opportunity to go to Wardha and came in direct contact with Mahatma Gandhi, Santha Vinoba Bhabe while he was staying at Sabarmati Ashram.

Shreeharsa returned from Allahabad and directed to work with the President, Ganjam District Congress Committee Dibakar Patnaik. Shreeharsa had profound experience, training and patriotism to reorganize the freedom struggle mostly in the rural India. Shreeharsa was a very intelligent, genius and loving person. He had utilized the time in the jail in learning different languages. He got mastery over the languages like English, Hindi, Telugu, Bengali and Sanskrit along with his own Odia language. He had also lot of love and affection towards his mother tongue and so worked for the unification of Odia

Source: KC Dash, Digitized by PPRACHIN, SOA

speaking areas for the formation of separate Odisha province. To explore both the purposes of Odia language and to spread the messages of freedom struggle, he joined with the senior freedom fighter Shashi Bhusan Rath and his weekly first Odia newspaper published from 1913. He wrote many articles on war of independence which were published in the Asha, Niankhunta etc. Shreeharsa had his foresight on the non-violence struggle slogan of Mahatma Gandhi which was very torturous and passive. Again the Indian Congress was giving full military support to England in the Second World War which was against the will of Shreeharsa. Some of the leaders support the theme of Subhas Chandra Bose "Give me blood I will give freedom". The policy was tit for tat. There was the difference of opinion in between Mahatma Gandhi and Subhas Bose. Dibakar Patnaik resigned from Congress and joined in Forward Bloc and became one of the National Vice Presidents of Forward Bloc. Shreeharsa joined with the forward Bloc and started the work for establishment of a transmission centre and a military base of Ajad Hind Bahini based at Gopalpur-on-sea in 1938. At that time Shreeharsa was about twenty one years of age. He left his house and his mother since the day of Mahabishuba Sankranti of 1930. The widow mother was alone to maintain the family. On the request of his mother Shreeharsa married Maithili Devi of nearby village in 1940. As an activist of Forward Bloc along with Dibakar Babu, they had a plan to attack the British Government by a troop of Ajad Hind Bahini. To make this plan fruitful he i Shreeharsa Mishra was a writer. He utilized his precious time in the jails in writing the experience ofhis struggling. He worked as a sub-editor of the reputed "Samaja" in 1948 and then the editor of this most popular daily. During his editorship he went to the countries like England, Baharin, Iran, Italy, France etc. Out of the experience he wrote two books named "Paschima Diganta and Bipulach Prithibi". The book Bipulach Prithibi is now a course piece for P.G Students of Biswabharati University of Shanti Niketan. He had other books like "Swadhinatara jayajatra, Lauha Manaba Sardar Patel, Acharya Kripalini, British Sasanara Chakratale. During the war of independence, he joined as Sub-editor in Sashibhusan Rath's weekly Asha, again as sub-editor in "Samaja" in 1948 and as an editor from 1958 to 1964. He was the editor of Biju Babu's Kalinga and Janashakti. In the year 1967 he became editor of "Prajatantra" and continued in the post till 1981. Again he joined his first piece of Odia daily newspaper "Dainika Asha" and continued as such till his last breath at 2.30PM of 8th April 1984 at Maharaja Krushna Chandra Gajapati Medical College Hospital of Berhampur.

At the demise of Shreeharsa Mishra a light which starts lighting since 1917 came to an end after 68th year ofhis illuminating journey. Shreeharsa will be remembered as symbol of dedicated personality for the county men who gave boundless happiness (Harsa) to all others living in the desert of sufferings as a true hero in the Indian war o f independence.

Dr. P.C. Mohanty, Sanskruti Sadan, Bayali (Mantridi) Ganjam-761008, E-mail: Dr.pcmohanty51@gmail.com.

♦♦♦

Source: KC Dash, Digitized by PPRACHIN, SOA

ସଂଗ୍ରାମୀ ଶ୍ରୀହର୍ଷ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହ
ସ୍ମୃତି ସମ୍ମାନ ପ୍ରତିଭାଧର -୨୦୧୮

ରାସ ବିହାରୀ ବେହେରା
ସମ୍ପାଦକ ଅର୍ଜି,
ଭବାନୀପାଟଣା, କଳାହାଣ୍ଡି

ପ୍ରଭୁଦାନ ଭତ୍ରା
ବରିଷ୍ଠ ସାମ୍ବାଦିକ
ଜୟପୁର, କୋରାପୁଟ

ପ୍ରଦୀପ୍ତ କୁମାର ପରିଡ଼ା
ସମ୍ପାଦକ କଳିଙ୍ଗ ପ୍ରଭା,
କଟକ

ଉମା ଶଙ୍କର ପ୍ରସାଦ
ବରିଷ୍ଠ ସାମ୍ବାଦିକ,
ଖୋର୍ଦ୍ଧା

ହେମନ୍ତ କୁମାର ମହାପାତ୍ର
ବରିଷ୍ଠ ସାମ୍ବାଦିକ,
ସମ୍ବଲପୁର

ହୃଷିକେଶ ମହାନ୍ତି
ସାମ୍ବାଦିକ ଟାଇମସ୍ ଅଫ ଇଣ୍ଡିଆ,
ବ୍ରହ୍ମପୁର

ଦୀପକ କୁମାର ପୃଷ୍ଟି
ବରିଷ୍ଠ ସାମ୍ବାଦିକ,
ରାୟଗଡ଼ା

ଅରେନ କୁମାର ପାଣି
ସମ୍ପାଦକ ଶ୍ରମିକ ବାର୍ତ୍ତା,
ତାଲଚେର

ନାରାୟଣ ସାହୁ
ଆନ୍ତର୍ଜାତୀୟ ଭାରୋତ୍ତଳନ କ୍ରୀଡ଼ାବିତ,
ବ୍ରହ୍ମପୁର

ପ୍ରଭାକର ପଣ୍ଡା
ବରିଷ୍ଠ ସମାଜସେବୀ,
ପୋଲସରା

ସଞ୍ଜିତ ପଟ୍ଟନାୟକ
ସମାଜସେବୀ ତଥା ସମ୍ପାଦକ ଶୋଭା,
କୋରାପୁଟ

Source: KC Dash, Digitized by PPRACHIN, SOA

RNI NO. 4007/57 SSPOs/BG-06/2016-18

Sri Kumud Chandra Sahu

Managing Director

MAA SANTOSHI EARTH MOVERS

ENGINEERS & CONTRACTORS

Regd. Office : Mapuni Street,
At/Po-Kabisurya Nagar, Dist-Ganjam, Odisha
E-mail : prabhatkiran07@gmail.com
simanchal.babita1981@gmail.com

Mob.: +91 94387 22160, +91 99375 21124

Printed, Published & Owned by Smt. Manju Rath, & Edited by Sri Rabi Rath. Published from Nabeen Bhawan, Engineering School Road, Berhampur- 760 010 (Ganjam), Odisha, Phone: (0680) 2291454, Printed at Trimurty Graphics, Canal Street, Gate Bazar, Berhampur-1, Mob.: 9861013780 , Email : rabi.nabeen@gmail.com, thenabeen.weekly@gmail.com Editor : Rabi Rath

ସଂପାଦକ : ରବି ରଥ

Source: KC Dash, Digitized by PPRACHIN, SOA